# ଧରିତ୍ରୀ
# DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୯/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, January 9/2023 | Page 16 ₹ 7.00

୪୯ଶ ଭାଗ ୪୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 47 ମୂଲ୍ୟ ₹୭/-







ପୂର୍ବତନ ଆର୍ମି ମୁଖ୍ୟ ଜେନେରାଲ ଦୀପକ କପୁର (ଡାହାଣରୁ ଚତୁର୍ଥ) ଏବଂ କେତେଜଣ ଅବସରପ୍ରାପ୍ତ ବରିଷ୍ଠ ସେନା ଅଧିକାରୀ ହରିଆଣାର କୁରୁକ୍ଷେତ୍ରରେ ରବିବାର 'ଭାରତ ଯୋଡ଼ ଯାତ୍ରା'ରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ସାମିଲ ହୋଇଛନ୍ତି। ଉପସ୍ଥିତ ଅନ୍ୟ ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ମଧ୍ୟରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଆର୍.କେ.ହୁଡ୍ଡା, ଭି.କେ. ନରୁଲା, ଏୟାର ମାର୍ଶଲ ପି.ଏସ୍. ଭାଙ୍ଗୁ, ମେଜର ଜେନେରାଲ ସତବୀର ସିଂ ଚୌଧାରୀ, ଧର୍ମେନ୍ଦ୍ର ସିଂ, କୋଲନେଲ୍ ଜିତେନ୍ଦ୍ର ଗିଲ୍, ପୁଷ୍ପେନ୍ଦର ସିଂ, ଲ୍ୟୁଟ୍‌ନାଣ୍ଟ ଜେନେରାଲ ଡି.ଡି.ଏସ୍. ସାନ୍ଧୁ, ମେଜର ଜେନେରାଲ ବିଶମ୍ଭର ଦୟାଲ ଏବଂ କୋଲାନେଲ ରୋହିତ ଚୌଧାରୀ।

# ବିଜେଡି-ଭାଜପା ମଧ୍ୟରେ ବିଜ୍ଞାପନ ରାଜନୀତି ତେଜିଲା

ଭୁବନେଶ୍ୱର,୮।୧(ବ୍ୟୁରୋ)

- କେନ୍ଦ୍ର ବିଜ୍ଞାପନରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ କାହିଁକି ରହିଲାନି: ଅଶୋକ
- ଯୋଜନା ସମ୍ପୂର୍ଣ୍ଣ କେନ୍ଦ୍ରର, ତେଣୁ ଆବଶ୍ୟକତା ନ ଥିଲା: ଧର୍ମେନ୍ଦ୍ର

ରାଜଧାନୀ ଭୁବନେଶ୍ୱରରୁ ରାଉରକେଲାକୁ ଶନିବାର ବିମାନ ସେବା ଆରମ୍ଭ ହେବା ସହିତ ଏହାକୁ ନେଇ ଶ୍ରେୟ ରାଜନୀତି ଜୋର୍ ଧରିଛି। ଲୋକାର୍ପଣ ଉତ୍ସବରେ ଲାଗିଥିବା ବ୍ୟାନର ଓ ରାଜ୍ୟ ସରକାର ଦେଇଥିବା ବିଜ୍ଞାପନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ନ ଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ୍ଷୋଭ ପ୍ରକାଶ କରିଥିଲେ। ଏନେଇ ସେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ତେବେ ରବିବାର କେନ୍ଦ୍ର ସରକାର ଏହି କାର୍ଯ୍ୟକ୍ରମକୁ ନେଇ ବିଜ୍ଞାପନ ଦେଇଥିବାବେଳେ ସେଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ନ ରହିବା ନେଇ ବିଜେଡି ପାଲଟା କେନ୍ଦ୍ରକୁ ଟାର୍ଗେଟ କରିଛି। ତେବେ ଏହି ଯୋଜନା ସମ୍ପୂର୍ଣ୍ଣ କେନ୍ଦ୍ରର ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲାଗିବାର କିଛି ଆବଶ୍ୟକତା ନ ଥିବା ଭାଜପା ଯୁକ୍ତି ରଖିଛି।

ଶନିବାର ଧର୍ମେନ୍ଦ୍ର ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ରାଜ୍ୟର ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି, କେନ୍ଦ୍ର ସରକାର ଦେଇଥିବା ବିଜ୍ଞାପନରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ କାହିଁକି ରହିଲା ନାହିଁ। କେନ୍ଦ୍ର କାର୍ଯ୍ୟକ୍ରମରେ କାହିଁକି ବିଜେଡି ପ୍ରତିନିଧିଙ୍କୁ ଅଣଦେଖା କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତର ଦେଇ ଧର୍ମେନ୍ଦ୍ର କହିଛନ୍ତି, ଉଡ଼ାଣ ସମ୍ପୂର୍ଣ୍ଣ କେନ୍ଦ୍ର ସରକାରଙ୍କ ଯୋଜନା। ବିମାନର ପଇସା କେନ୍ଦ୍ର ସରକାର ଦେଲେ। ଏୟାରପୋର୍ଟ ଅଥରିଟିରୁ ବିମାନ ଗଲା। ସେଲ୍ ବିମାନ ଆଡ୍ଡାରେ ବିମାନ ଓହ୍ଲାଇଲା। ଉଡ଼ାଣ ଯୋଜନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଆ ଲୋକଙ୍କ ପାଇଁ ବିମାନ ସେବା ଯୋଗାଇ ଦେଲେ। ମାଛ ତେଲରେ ମାଛ ଭାଜିବାରେ ରାଜ୍ୟ ସରକାର ପାରଙ୍ଗମ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଉଡାନ୍ ଯୋଜନାରେ କେନ୍ଦ୍ର ସରକାରଙ୍କ ଅର୍ଥରେ ରାଉରକେଲାକୁ ବିମାନ ଉଡ଼ିଲା। ହେଲେ ରାଜ୍ୟ ସରକାରଙ୍କ ବିଜ୍ଞାପନରେ ନବୀନ ବାବୁଙ୍କ ଫଟୋ ଛପାଗଲା। ଓଡ଼ିଶାରେ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏନେଇ ଓଡ଼ିଶାର ଗଣମାଧ୍ୟମଠାରୁ ଆରମ୍ଭ କରି ରୋଡ ପାଖରେ ବିଜ୍ଞାପନ ମାଧ୍ୟମରେ ଜୋରଦାର ରାଜ୍ୟ ସରକାର ପ୍ରଚାର ପ୍ରସାର କରୁଛନ୍ତି। କିନ୍ତୁ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମ ଓଡ଼ିଶା ମାଟିର ଝିଅ ଦେଶର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନିମନ୍ତ୍ରଣ କରିନାହାନ୍ତି। ଏଥିରୁ ନବୀନ ବାବୁଙ୍କ ହୀନ ମାନସିକତା ସ୍ପଷ୍ଟ ପ୍ରତିପାଦିତ ହେଉଛି ବୋଲି ଜୟନାରାୟଣ କହିଛନ୍ତି।

# ମନୋଜ ମିଶ୍ରଙ୍କ ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

ଭୁବନେଶ୍ୱର,୮।୧(ବ୍ୟୁରୋ)

- ବିନା ବିଜ୍ଞାପନରେ ନିଯୁକ୍ତି ଦେଲେ କିଭଳି: ଭାଜପା
- ମନୋଜଙ୍କ ପୁନଃନିଯୁକ୍ତିକୁ ନେଇ ଭାଜପା ଭୟଭୀତ କାହିଁକି: ବିଜେଡି

ରାଜ୍ୟ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ସଚିବ ଭାବେ ମନୋଜ ମିଶ୍ରଙ୍କ ନିଯୁକ୍ତିକୁ ନେଇ ଭାଜପା-ବିଜେଡି ମଧ୍ୟରେ ଦୋଷ ଲଦାଲଦି ଆରମ୍ଭ ହୋଇଯାଇଛି। ଏହି ନିଯୁକ୍ତିକୁ ଅଣସାମ୍ବିଧାନିକ ବୋଲି କହିବା ସହ ଅମଲାଙ୍କୁ ସରକାର ସ୍ୱାର୍ଥ ସାଧନ ନିମନ୍ତେ ବ୍ୟବହାର କରୁଥିବା ଭାଜପା ଅଭିଯୋଗ କରିଛି। ଅନ୍ୟପକ୍ଷରେ ବିଜେଡି ଏହାର ଜବାବରେ ପ୍ରଶାସନିକ ଅଧିକାରୀଙ୍କୁ ନେଇ ରାଜନୀତି କରିବା ଠିକ୍ ନୁହେଁ ବୋଲି କହିଛି।

ରବିବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ସୁଦର୍ଶନ ନାୟକ କହିଛନ୍ତି, ରାଜ୍ୟ ସରକାର ବିନା ବିଜ୍ଞାପନରେ କିଭଳି ମନୋଜ ମିଶ୍ରଙ୍କୁ ସଚିବ ଭାବେ ନିଯୁକ୍ତି ଦେଲେ। ସରକାର ତୁରନ୍ତ ଏହାର ଜବାବ୍ ରଖନ୍ତୁ। ମନୋଜ ମିଶ୍ର ପୂର୍ବରୁ ଭାରତୀୟ ରେଲୱେ ଟ୍ରାଫିକ ସର୍ଭିସରେ ଜଣେ ଅଧିକାରୀ ରହିଥିଲେ। ତାଙ୍କର ଡେପୁଟେଶନ ଅବଧି ସରିବା ପରେ ସେ ଇଣ୍ଡିଆନ ରେଲୱେରେ ଯୋଗ ନ ଦେଇ ଇସ୍ତଫା ଦେଲେ। କେନ୍ଦ୍ର ସରକାର ତାଙ୍କ ଇସ୍ତଫା ଗ୍ରହଣ କରିବାର ପରଦିନ ଅର୍ଥାତ୍ ୨୯ ଡିସେମ୍ବର ୨୦୨୨ରେ ବେଆଇନ ଭାବେ ତାଙ୍କୁ ପ୍ରମୁଖ ସଚିବ ପଦବୀରେ ନିଯୁକ୍ତି ଦିଆଗଲା। ଏହା ଭାରତୀୟ ପ୍ରଶାସନିକ ଇତିହାସରେ ବିରଳ। ମନୋଜ ମିଶ୍ରଙ୍କୁ ସଚିବ ପଦବୀରେ ଅଳଂକୃତ କରି ରାଜ୍ୟ ସରକାର ସମ୍ବିଧାନର ଧାରା ୧୪ ଓ ୧୬କୁ ବିରୋଧ କରିବା ସହ ଅସାମ୍ବିଧାନିକ କାର୍ଯ୍ୟ କରିଛନ୍ତି। ଓଡ଼ିଶା ଆଇଏଏସ୍ କ୍ୟାଡର୍‌ରେ ୯ଟି ପ୍ରମୁଖ ସଚିବ ପଦବୀ ରହିଛି। ପ୍ରଶାସନର ଆବଶ୍ୟକତାକୁ ନେଇ ରାଜ୍ୟ ସରକାର ଚାହିଁଲେ ଆଉ ୯ଟି ଏକ୍ସ କ୍ୟାଡର ପଦବୀରେ ଏଭଳି ନିଯୁକ୍ତି ଦେଇପାରନ୍ତି। କିନ୍ତୁ ଓଡ଼ିଶାରେ ଏସବୁ କ୍ୟାଡର ଓ ଏକ୍ସ କ୍ୟାଡର ପଦବୀ ପୂରଣ ହୋଇସାରିଥିଲା। କୌଣସି ପଦବୀ ନ ଥାଇ ମନୋଜ ମିଶ୍ରଙ୍କୁ କିଭଳି ପ୍ରମୁଖ ସଚିବ ପଦବୀରେ ନିଯୁକ୍ତି ଦିଆଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଚୁକ୍ତିଭିତ୍ତିରେ ସରକାର ନିଯୁକ୍ତି ଦେଇ ଅମଲାତନ୍ତ୍ରକୁ ବିଜେଡିର ସ୍ୱାର୍ଥ ସାଧନ ନିମନ୍ତେ ବ୍ୟବହାର କରିବା ଗଣତନ୍ତ୍ର ପ୍ରତି ବିପଦ ବୋଲି ସୁଦର୍ଶନ କହିଛନ୍ତି।

ଭାଜପାର ଏହି ଆକ୍ଷେପ ଉପରେ ପ୍ରତିକ୍ରିୟା ରଖି ବିଜେଡି ପ୍ରବକ୍ତା ଗୌତମବୁଦ୍ଧ ଦାସ କହିଛନ୍ତି, ମନୋଜ ମିଶ୍ର ଦୀର୍ଘଦିନ ଧରି ଆଇଟି ସଚିବ ଭାବେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଅନେକ ନାମୀଦାମୀ ଆଇଟି କମ୍ପାନୀ ଓଡ଼ିଶାକୁ ଆସିବା ଫଳରେ ଓଡ଼ିଆ ଯୁବତୀ, ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସେତେବେଳେ କିନ୍ତୁ ଭାଜପା ପଦୁଟିଏ ହେଲେ ପ୍ରଶଂସା କରୁ ନ ଥିଲା। ବର୍ତ୍ତମାନ ତାଙ୍କ ପୁନଃନିଯୁକ୍ତିକୁ ନେଇ ଭାଜପା କାହିଁକି ଭୟଭୀତ। ମନୋଜ ମିଶ୍ର ରାଜ୍ୟ ସରକାରଙ୍କ ଅନ୍ୟ ଅଧିକାରୀମାନଙ୍କ ଭଳି ଜଣେ ହୋଇଥିବା ବେଳେ ତାଙ୍କୁ ଭାଜପା କାହିଁକି ନିଶାଣ କରୁଛି ବୋଲି ଗୌତମ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାର ଏକାଧିକ ଅଧିକାରୀଙ୍କୁ ନିଯୁକ୍ତି ଦେଉଥିବାବେଳେ ବିଜେଡି କିନ୍ତୁ ଥରୁଟିଏ ହେଲେ ଏ ନେଇ ପ୍ରଶ୍ନ କରିନାହିଁ। କାରଣ ଏସବୁ ହେଉଛି ପ୍ରଶାସନିକ ବିଷୟ। ତେଣୁ ସରକାରୀ କର୍ମଚାରୀଙ୍କୁ ନିଶାଣ କରିବା ଏବଂ ଅଧିକାରୀ ନିଯୁକ୍ତି ଉପରେ ରାଜନୀତି ଖେଳ ବନ୍ଦ କରି ଓଡ଼ିଶାର ବିକାଶ ପ୍ରସଙ୍ଗରେ ଭାଜପା ରାଜନୀତି କରିବା ଆବଶ୍ୟକ ବୋଲି ଗୌତମ କହିଛନ୍ତି।

# ହିମାଚଳରେ କ୍ୟାବିନେଟ୍ ସମ୍ପ୍ରସାରଣ

ଶିମ୍ଲା,୮।୧



ହିମାଚଳ ପ୍ରଦେଶ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ରବିବାର ବିକ୍ରମାଦିତ୍ୟ ସିଂଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଉଛନ୍ତି।

୪ ସପ୍ତାହର ପ୍ରତୀକ୍ଷା ପରେ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବୀନ୍ଦର ସିଂ ସୁଖୁ ରବିବାର ନିଜ କ୍ୟାବିନେଟ୍ ସମ୍ପ୍ରସାରଣ କରିଛନ୍ତି। ସୁଖୁଙ୍କ ମନ୍ତ୍ରିମଣ୍ଡଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୀରଭଦ୍ର ସିଂ ଏବଂ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାନେତ୍ରୀ ପ୍ରତିଭା ସିଂଙ୍କ ପୁଅ ବିକ୍ରମାଦିତ୍ୟ ସିଂଙ୍କ ସମେତ ୭ ନୂଆ ସଦସ୍ୟ ସାମିଲ ହୋଇଛନ୍ତି। ରାଜଭବନରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ୭ ନୂଆ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହା ପୂର୍ବରୁ ଡିସେମ୍ବର ୧୧ରେ ସୁଖୁ ମୁଖ୍ୟମନ୍ତ୍ରୀ ଓ ମୁକେଶ ଅଗ୍ନିହୋତ୍ରୀ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏହାକୁ ମିଶାଇ ସୁଖୁ କ୍ୟାବିନେଟରେ ମନ୍ତ୍ରୀଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ମୋଟ ମନ୍ତ୍ରୀଙ୍କ ସଂଖ୍ୟା ୧୨ରୁ ଅଧିକ ହୋଇପାରିବ ନାହିଁ। ଅର୍ଥାତ୍ ଆଉ ସର୍ବାଧିକ ୩ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ନେଇପାରିବେ।

କଂଗ୍ରେସ ହାଇକମାଣ୍ଡ ସୁଖୁଙ୍କ ବିଦ୍ରୋହୀ ଶିବିରରୁ ବିକ୍ରମାଦିତ୍ୟ ସିଂଙ୍କୁ ନେଇ ଗୋଷ୍ଠୀକନ୍ଦଳକୁ ଶାନ୍ତ କରିବା ପାଇଁ ଉଦ୍ୟମ କରିଥିବା କୁହାଯାଉଛି। ବିକ୍ରମାଦିତ୍ୟ ଶିମ୍ଲା ରୁରାଲରୁ ଦ୍ୱିତୀୟ ଥର ନିର୍ବାଚିତ ହୋଇଛନ୍ତି। ନୂଆକରି ଶପଥ ନେଇଥିବା ଅନ୍ୟ ମନ୍ତ୍ରୀମାନେ ହେଲେ ହର୍ଷବର୍ଦ୍ଧନ ଚୌହାନ, କସୁମ୍ପତି ଅନିରୁଦ୍ଧ ସିଂ, ରୋହିତ ଠାକୁର, ଧାମି ରାମ ଶାଣ୍ଡିଲ, ଚନ୍ଦ୍ର କୁମାର ଏବଂ ଜଗତ ସିଂ ନେଗୀ। ଏଥିସହ ମୁଖ୍ୟମନ୍ତ୍ରୀ ସୁଖୁ ୬ ଜଣ ମୁଖ୍ୟ ସଂସଦୀୟ ସଚିବଙ୍କୁ ମଧ୍ୟ ନିଯୁକ୍ତ କରିଛନ୍ତି, ଯେଉଁମାନେ ମନ୍ତ୍ରୀ ପାହ୍ୟାର ସୁବିଧା ପାଇବେ।

# 'ଆପଣ ମୋ ଚା'ରେ ବିଷ ଦେଇଥିବେ'

## ୟୁପି ପୋଲିସ ମୁଖ୍ୟାଳୟରେ ଚା' ପିଇବାକୁ ମନାକଲେ ଅଖିଳେଶ



**ଲକ୍ଷ୍ନୌ,୮।୧:** ସମାଜବାଦୀ ପାର୍ଟି (ଏସ୍‌ପି)ର ସୋସିଆଲ ମିଡିଆ ଆକାଉଣ୍ଟ ହ୍ୟାଣ୍ଡଲର୍ ମନୀଷ ଜଗନ ଅଗ୍ରୱାଲଙ୍କ ଏକ ଟୁଇଟର ପୋଷ୍ଟକୁ ନେଇ ରବିବାର ସକାଳେ ଉତ୍ତର ପ୍ରଦେଶର ହଜରତଗଞ୍ଜରୁ ପୋଲିସ ତାଙ୍କୁ ଗିରଫ କରିଛି। ଏହାର ପ୍ରତିବାଦରେ ଲକ୍ଷ୍ନୌସ୍ଥିତ ପୋଲିସ ମହାନିର୍ଦ୍ଦେଶକଙ୍କ ମୁଖ୍ୟାଳୟ ସମ୍ମୁଖରେ ଦଳ ପକ୍ଷରୁ ବିକ୍ଷୋଭ କରାଯାଉଥିବାବେଳେ ଅଧ୍ୟକ୍ଷ ଅଖିଳେଶ ଯାଦବ ଅଫିସ ଭିତରକୁ ଯାଇଥିଲେ। ପୋଲିସ ଅଧିକାରୀମାନେ ତାଙ୍କୁ ଚା' ଦେଇଥିଲେ, ଯାହାକୁ ପିଇବାକୁ ସେ ମନା କରିଦେଇଥିଲେ। ଅଖିଳେଶ କହିଥିଲେ, ଆପଣମାନେ ମୋ ଚା'ରେ ବିଷ ମିଶାଇଦେଇଥିବେ। ଆପଣଙ୍କ ଉପରେ ଭରସା ନାହିଁ। ଏହି ଚା' ପିଇବି ନାହିଁ। ବାହାରକୁ ଯାଇ ପିଇବି। ଏଥିସହ ନିଜ ସମର୍ଥକମାନଙ୍କୁ ମଧ୍ୟ ବାହାର ଚା' ପିଇବାକୁ ଏସ୍‌ପି ମୁଖ୍ୟ ପରାମର୍ଶ ଦେଇଥିଲେ। ପ୍ରକାଶ ଯେ, ଆପତ୍ତିଜନକ ପୋଷ୍ଟିଂ କରିବା ଅଭିଯୋଗରେ ମନୀଷଙ୍କୁ ୩ଟି ମାମଲାରେ ଗିରଫ କରାଯାଇଛି। ପୋଲିସ ତାଙ୍କୁ ତୁରନ୍ତ ମୁକ୍ତ କରୁ ବୋଲି ଏସ୍‌ପି ପକ୍ଷରୁ ଦାବି କରାଯାଇଛି।

# 'କର୍ମୀମାନେ ନିର୍ଭୀକଭାବେ ସ୍ୱର ଉତ୍ତୋଳନ କରନ୍ତୁ'

ନିଶ୍ଚିନ୍ତକୋଇଲି, ୮।୧(ସ୍ୱ.ପ୍ର.)

## ଭାଜପା ସଂକଳ୍ପ ଯାତ୍ରା, କର୍ମୀ ସମାବେଶ



କର୍ମୀ ସମାବେଶରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ନେତୃମଣ୍ଡଳୀ।

ନିଶ୍ଚିନ୍ତକୋଇଲି କଲ୍ୟାଣୀ ମଣ୍ଡପରେ ଭାଜପା ପକ୍ଷରୁ ସଙ୍କଳ୍ପ ଯାତ୍ରା ଓ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ରାଜ୍ୟ ସରକାର ଦୁର୍ନୀତିରେ ଲିପ୍ତ ଥିବାରୁ ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟରେ ମହିଳାମାନେ ସୁରକ୍ଷିତ ନୁହନ୍ତି। ଏଠାରେ ନାରୀ ନିର୍ଯାତନା ଓ ଅପରାଧ ଚରମ ସୀମାରେ ପହଞ୍ଚିଛି। ଆଗାମୀ ବର୍ଷ ରାଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ। ଏନେଇ ଭାଜପା କର୍ମୀମାନେ ଐକ୍ୟବଦ୍ଧଭାବେ ସଂଗ୍ରାମ ଜାରି ରଖନ୍ତୁ। ସେମାନେ ନିର୍ଭୀକଭାବେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ପ୍ରଧାନ ଆହ୍ୱାନ ଦେଇଛନ୍ତି। ମନ୍ତ୍ରୀ ପ୍ରଧାନ ପ୍ରଥମେ ପଣିସପଡିଆରେ ଥିବା ଏକ ମଣ୍ଡପରେ ପହଞ୍ଚି ୨୬ ନଂ. ଜୋନର କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧନ କରିଥିଲେ। ପରେ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କ ସହ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଫିଲ୍ମ ହଲ ନିକଟରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ସ୍ଥାନୀୟ ମଣ୍ଡପରେ ୨୪ ନମ୍ବର ଜୋନର କର୍ମକର୍ତ୍ତାଙ୍କୁ ନେଇ ନିର୍ବାଚନୀ କର୍ମଶାଳା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଗୋଲଖି ମହାପାତ୍ର, କଟକ ନଗର ସମ୍ପାଦକ ଲଲାଟେନ୍ଦୁ ବଡୁ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା, ଭାଜପା ନେତା ନୟନ କିଶୋର ମହାନ୍ତି, ଜିଲା ସମ୍ପାଦକ ବିବେକାନନ୍ଦ ବେହେରା, ଅଲେଖ ଜେନା, ତେଜେଶ୍ୱର ପରିଡା ପ୍ରମୁଖ ଯୋଗଦେଇଥିଲେ।

# 'ଗରିବଙ୍କ ଦରଦୀ ବନ୍ଧୁ ବିଜେଡି କର୍ମୀ'



କାର୍ଯ୍ୟକ୍ରମରେ ମନ୍ତ୍ରୀ ଉଷାଦେବୀ, ବିଧାୟକ ପ୍ରତାପ ଜେନାଙ୍କ ସହ ଦଳୀୟ ନେତୃମଣ୍ଡଳୀ।

ନିଶ୍ଚିନ୍ତକୋଇଲି, ୮।୧(ସ୍ୱ.ପ୍ର.)

ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ କ୍ଷମତାକୁ ଆସିବା ପରଠାରୁ ଅନ୍ତୁଡିଶାଳରୁ ଶ୍ମଶାନ ଭୂଇଁ ପର୍ଯ୍ୟନ୍ତ ୫୦ରୁ ଊର୍ଦ୍ଧ୍ୱ ଜନକଲ୍ୟାଣ ଯୋଜନା କରି ଲୋକାଦୃତ ହୋଇଛି। କେନ୍ଦ୍ରର ଅବହେଳା ସତ୍ତ୍ୱେ ଗରିବଙ୍କ ଦରଦୀ ବନ୍ଧୁ ପରି ଦଳର କର୍ମୀମାନେ ଜନ ସେବାରେ ନିଜକୁ ନିୟୋଜିତ କରିଛନ୍ତି ବୋଲି ବିଜେଡିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ପ୍ରକାଶ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ପଞ୍ଚାୟତ ଅନ୍ତର୍ଗତ ଆର୍‌ଏମସି ପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ପ୍ରମୁଖ ଯୋଗଦେଇ ଦଳର ସାଙ୍ଗଠନିକ ଦକ୍ଷତା, ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ଆଲୋକପାତ କରିବା ସହ ଆସନ୍ତା ନିର୍ବାଚନ ପାଇଁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ମାହାଙ୍ଗା ବିଧାୟକ ପ୍ରତାପ ଜେନା ନିଜ ଅଭିଭାଷଣରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀକୁ ବିକାଶ କରିବାକୁ ସେ ସମର୍ପିତ ବୋଲି କହିଥିଲେ। ମାହାଙ୍ଗାରେ ୨୦୭ କୋଟି ଟଙ୍କାରେ ମେଗା ପାନୀୟ ଜଳ ପ୍ରକଳ୍ପ, ୨୦କୋଟି ବ୍ୟୟରେ ବାଜପୁରା ଦୋବନ୍ଧି ପୋଲ, ୨୦କୋଟି ବ୍ୟୟରେ କୁସୁପୁର ପୋଲ, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରେ ୨ଟି ଆଦର୍ଶ ବିଦ୍ୟାଳୟ, କୁଳିଆରେ ଓମ୍‌ଫେଡ ଚିଲିଂ ପ୍ଲାଣ୍ଟ, ମିଶନ ଶକ୍ତି ଗୃହ, ଅସୁରେଶ୍ୱରରେ ୨ଟି ବିଦ୍ୟୁତ ଗ୍ରୀଡ, ନିଶ୍ଚିନ୍ତକୋଇଲି ହାଟକୁ ମଡେଲ ହାଟରେ ପରିଣତ କରାଯାଇଛି। ଆଗକୁ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲିରେ ୨ଟି କୋର୍ଟ ସହ ଅସୁରେଶ୍ୱର ନିକଟରେ ୪୨କୋଟି ଟଙ୍କା ବ୍ୟୟରେ ଏକ ପୋଲ ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବିଧାୟକ ଜେନା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଜିଲାପରିଷଦ ସଭ୍ୟ ବିପ୍ଲବ କେଶରୀ କାପ, ଭୂପତି ଭୂଷଣ ଷଣ୍ଢ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଜିଲା ସାଧାରଣ ସମ୍ପାଦକ ଗିରୀଶ ରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ମହିଳା ବିଜେଡି ସଭାନେତ୍ରୀ କବିତା ସେନାପତି, ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତ, ଜିଲା ଛାତ୍ର ବିଜେଡି ଉପସଭାପତି ସତ୍ୟଜିତ ମହାପାତ୍ର, ଛାତ୍ର ବିଜେଡି ସଭାପତି ସୁଶାନ୍ତ ନାୟକଙ୍କ ସମେତ ଜ୍ୟୋତି ପ୍ରକାଶ ସ୍ୱାଇଁ, ପ୍ରମୋଦ ସ୍ୱାଇଁ ଓ ପତିତପାବନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୯/୨୦୨୩ | Bhubaneswar, Monday, January 9/2023 | ପୃଷ୍ଠା-୧




**ଜୋକୋଭିଚ୍‌ଙ୍କୁ ଟାଇଟଲ**

ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ଆଡିଲେଡ୍ ଇଣ୍ଟରନ୍ୟାଶନାଲ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି।

୧୨

୦୮

**ପୁଅ ପାଇଁ ଛାଡ଼ିଲେ ସିଗାରେଟ୍**

ଟିଭି ଅଭିନେତା ଅର୍ଜୁନ ବିଜ୍‌ଲାନି ତାଙ୍କ ପୁଅ ପାଇଁ ସ୍ମୋକିଂ ଛାଡ଼ିଦେଇଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି।



# ଜୋଷୀମଠ ଭୂସ୍ଖଳନପ୍ରବଣ

**ଡେରାଡୁନ୍/ନୂଆଦିଲ୍ଲୀ,୮।୧**

ଦେବଭୂମି ରୂପେ ପରିଚିତ ଉତ୍ତରାଖଣ୍ଡର ଛୋଟ ସହର ଜୋଷୀମଠ ଉପରେ ବଡ଼ ବିପଦ ଦେଖାଦେଇଛି। ଚମୋଲି ଜିଲାର ଏହି ଅଞ୍ଚଳରେ ଲଗାତର ଭାବେ ଘର କାନ୍ଥ ଭାଙ୍ଗିବା ସହ ରାସ୍ତା ଧସିବାରେ ଲାଗିଥିବାରୁ ରବିବାର ଏହାକୁ 'ଭୂସ୍ଖଳନ ପ୍ରବଣ ଜୋନ୍' ଘୋଷଣା କରାଯାଇଛି। ହିମାଳୟ ପାଦରେ ତଥା ସମୁଦ୍ର ପତ୍ତନଠାରୁ ୬,୧୫୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ ଜୋଷୀମଠ ପ୍ରତି ବିପତ୍ତି ମାଡ଼ିଆସିଥିବାରୁ ଲୋକେ ଆତଙ୍କିତ ହୋଇ ଘରଦ୍ୱାର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ୬୦ ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ଆହୁରି ଅନ୍ୟୂନ ୯୦ ପରିବାରକୁ ଅସ୍ଥାୟୀ ରିଲିଫ୍ କ୍ୟାମ୍ପକୁ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ହାଡ଼ଭଙ୍ଗା ଶୀତରେ ଲୋକଙ୍କ ପାଇଁ ବଞ୍ଚିବା ଦୁର୍ବିଷହ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଉଚ୍ଚସ୍ତରୀୟ ବୈଠକ କରାଯାଇଛି।



ଜୋଷୀମଠ ସହରରେ ରାସ୍ତା ଫାଟିଯାଇଛି।

- **ରାସ୍ତା, କାନ୍ଥ ଫାଟି ଆଁ କଲାଣି**
- **ଫାଟ ବ୍ୟବଧାନ ବଢ଼ିବା ଚିନ୍ତାର କାରଣ**
- **ଅସ୍ଥାୟୀ ଶିବିରରେ ୧୫୦ ପରିବାର**
- **ମୁଖ୍ୟମନ୍ତ୍ରୀଙ୍କୁ ସହାୟତା ପ୍ରତିଶ୍ରୁତି ଦେଲେ ମୋଦି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କୁ ଫୋନ୍ କରି ସବୁ ପ୍ରକାର ସହାୟତା ପ୍ରଦାନର ପ୍ରତିଶ୍ରୁତି ଦେଇଛନ୍ତି। ବିଶେଷଜ୍ଞ ଦଳ ବାରମ୍ବାର ଭୂସ୍ଖଳନ ଓ ଫାଟ ସୃଷ୍ଟିର କାରଣ ଖୋଜିବା ଅଭିଯାନକୁ ଜୋରଦାର କରିଛନ୍ତି। ଇତିମଧ୍ୟରେ ସ୍ଥାନୀୟ ଲୋକଙ୍କ ଧନଜୀବନ ରକ୍ଷା ଲାଗି ଅଦାଲତଙ୍କ ☞ପୃଷ୍ଠା-୨

## ପିଏମ୍‌ଓ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା

**ନୂଆଦିଲ୍ଲୀ,୮।୧**

ଉତ୍ତରାଖଣ୍ଡର ଜୋଷୀମଠରେ ଦେଖାଦେଇଥିବା ସଙ୍କଟର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ରବିବାର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ


ପି.କେ. ମିଶ୍ର

- **କେନ୍ଦ୍ରୀୟ ଏଜେନ୍ସି ତତ୍ପର**
- **ଆଜି ଜୋଷୀମଠ ଯିବ ଏନ୍‌ଡିଏମ୍‌ଏ ଟିମ୍**

ହୋଇଯାଇଛି। ସାମ୍ପ୍ରତିକ ସଙ୍କଟର ସମାଧାନ ପାଇଁ ସ୍ୱଳ୍ପ, ମଧ୍ୟମ ଏବଂ ଦୀର୍ଘ ମିଆଦୀ ଯୋଜନା ☞ପୃଷ୍ଠା-୨

# ୨ ଡିଗ୍ରୀରେ ଥରୁଛି ସେମିଳିଗୁଡ଼ା

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

କିଛିଦିନର ବ୍ୟବଧାନ ପରେ ରାଜ୍ୟରେ ପୁଣି ଶୀତ ବଢ଼ିଛି। ତିନିଦିନ ହେବ ତାପମାତ୍ରା ଆହୁରି କମିବା ସହ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଦିନରେ ଉତ୍ତରା ପବନ ଦେହମୁହଁ ଶୁଖାଇ ଦେଉଥିବାବେଳେ ସୂର୍ଯ୍ୟତାପ କମିବାକ୍ଷଣି ହାଡ଼ଥରା ଜାଡ଼ ମାଡ଼ି ଆସୁଛି। ରବିବାର ରାଜ୍ୟର ୨୧ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। କୋରାପୁଟ ଜିଲାର ସେମିଳିଗୁଡ଼ା ସବୁଠୁ ଥଣ୍ଡା ସହରରେ ପରିଣତ ହୋଇଥିଲା। ସେଠାରେ

### ୧୦ଡିଗ୍ରୀ ତଳେ ୨୧ ସହର

ସର୍ବନିମ୍ନ ତାପମାତ୍ରା ୨ ଡିଗ୍ରୀକୁ ଖସି ଆସିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି କିରେଇରେ ସର୍ବନିମ୍ନ ତାପମାତ୍ରା ୪.୪ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଜି. ଉଦୟଗିରି ୪.୬, ଫୁଲବାଣୀ ୫, ରାଉରକେଲା ୬.୪, ସୁନ୍ଦରଗଡ଼ ୬.୫, କୋରାପୁଟ ୬.୫, ଝାରସୁଗୁଡ଼ା ୬.୬, ଦାରିଙ୍ଗବାଡ଼ି ୬.୭, କେନ୍ଦୁଝର ୭.୨, ଭବାନୀପାଟଣା ୭.୨, ଢେଙ୍କାନାଳ ୮, ସୋନପୁର ୮.୫, ଅନୁଗୋଳ ୮.୬, ବାରିପଦା ୯, ନବରଙ୍ଗପୁର ୯, ସମ୍ବଲପୁର ୯.୩, ରାଣୀତାଲ ୯.୪, ଭଦ୍ରକ ୯.୫, ମହିଷାପାଟ ୯.୫ ଓ ହୀରାକୁଦରେ ୯.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

ଏଥିସହ ଆସନ୍ତା ୨୪ ଘଣ୍ଟା ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତ ଲହରି ଜାରି ରହିବ। ବିଶେଷକରି ଝାରସୁଗୁଡ଼ା, ଦେବଗଡ଼ ଓ ଅନୁଗୋଳ ଜିଲାରେ ଏହା ଅଧିକ ଅନୁଭୂତ ହେବ। ଏଥିପାଇଁ ଏହି ତିନି ଜିଲାକୁ ଶୀତ ଲହରି ନେଇ ୟେଲୋ ୱାର୍ନିଂ ଜାରି ☞ପୃଷ୍ଠା-୨

# ଟ୍ୟାଙ୍କର ଧକ୍କାରେ ଚାଲିଗଲା ୩ ସାଙ୍ଗଙ୍କ ଜୀବନ

**ଭବାନୀପାଟଣା,୮।୧(ସ୍ୱ.ପ୍ର.)**

### କ୍ରିକେଟ ଖେଳି ଫେରିଲାବେଳେ ଦୁର୍ଘଟଣା

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅଧୀନ ବେଲାମାଲ ଛକ ନିକଟ ୨୬ ନମ୍ବର ଜାତୀୟ ରାଜପଥ ଉପରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଉତ୍‌କେଲାଠାରେ କ୍ରିକେଟ୍ ଖେଳି ଏକ ବାଇକ୍‌ରେ ଆସୁଥିବା ୩ ଜଣ ସାଙ୍ଗଙ୍କୁ ଗ୍ୟାସ ବୋଝେଇ ଟ୍ୟାଙ୍କର ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଡକାବାହାଲି ଗ୍ରାମର ଅକ୍ଷୟ ଗୌଡ଼ (୨୧), ରତ୍ନାକର ଗୌଡ଼ (୨୩) ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଧର୍ମ ନୁହେଁ, ଜାତି**

**ଆଜିର ମନ୍ତବ୍ୟ**

"ଦେଶର ମେରୁଦଣ୍ଡ କୁହାଯାଉଥିବା କୃଷକଙ୍କୁ କେନ୍ଦ୍ର ପ୍ରତ୍ୟେକ କ୍ଷେତ୍ରରେ ଅଣଦେଖା କରୁଛି। ତୈଳ ଓ ସାର ଦର ବୃଦ୍ଧି ଦ୍ୱାରା ଚାଷୀ ପ୍ରଭାବିତ ହେଉଛନ୍ତି। ସେମାନଙ୍କୁ ସୁରକ୍ଷା ଦେବା ଆମ ଦାୟିତ୍ୱ।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**




**ରବିବାର ମଧ ଯାତ୍ରୀଙ୍କୁ ମିଳିବ ବିମାନସେବା**

ଜୟପୁର, ୮।୧ (ନି.ପ୍ର.): ଜୟପୁର ବିମାନବନ୍ଦରରୁ ଏଣିକି ସପ୍ତାହର ସବୁଦିନ ବିମାନ ଉଡ଼ିବ। ରବିବାର ମଧ ଭୁବନେଶ୍ୱର-ଜୟପୁର-ବିଶାଖାପାଟଣାକୁ ବିମାନ ଚଳାଚଳ କରିବ ବୋଲି ଇଣ୍ଡିଆ ୱାନ୍ ଏୟାର ପକ୍ଷରୁ କୁହାଯାଇଛି। ଅନ୍ୟ ଦିନ ଭଳି ରବିବାର ପୂର୍ବାହ୍ନ ୧୧ଟା୧୦ରେ ବିମାନ ଭୁବନେଶ୍ୱରରୁ ବାହାରି ଜୟପୁରରେ ୧୨ଟା ୫୫ରେ ପହଞ୍ଚିବ। ଅପରାହ୍ନ ୧ଟା୧୫ରେ ବିଶାଖାପାଟଣା ଅଭିମୁଖେ ଉଡ଼ାଣ କରି ୨ଟା୫ରେ ସେଠାରେ ପହଞ୍ଚିବ। ୨ଟା ୩୫ରୁ ବିଶାଖାପାଟଣାରୁ ବାହାରି ଜୟପୁରରେ ୩ଟା୧୫ରେ ପହଞ୍ଚିବ। ଜୟପୁର ବିମାନବନ୍ଦରରୁ ୩ଟା୪୦ରେ ବାହାରି ଭୁବନେଶ୍ୱରରେ ୫ଟା୨୫ରେ ପହଞ୍ଚିବ। ଏନେଇ ରବିବାର ଜୟପୁର ବିମାନବନ୍ଦରରୁ ସିଡ୍ୟୁଲ ଅନୁଯାୟୀ ଯାତ୍ରୀ ଧରି ବିମାନ ଯାତ୍ରା କରିଥିବା ଅଧୀକ୍ଷଣ ଯନ୍ତ୍ରୀ ଭାସ୍କର ସାମନ୍ତରାୟ ପ୍ରକାଶ କରିଛନ୍ତି।

# ଭିତରକନିକାରେ ୧,୮୫୨ ବିଦେଶୀ ପକ୍ଷୀ ବଢ଼ିଲେ

## ୧୪୦ ପ୍ରଜାତିର ୧,୩୯,୯୫୯ ବିଦେଶୀ ପକ୍ଷୀ



**ରାଜନଗର, ୮।୧(ଡି.ଏନ.ଏ.)**

ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଚଳିତ ମାସ ୬ ତାରିଖରେ ବନ ବିଭାଗ ପକ୍ଷରୁ ହୋଇଥିବା ଗଣନାରୁ ଏହା ଜଣାପଡ଼ିଛି। ଗତବର୍ଷ ଭିତରକନିକାକୁ ୧ ଲକ୍ଷ ୩୮ ହଜାର ୧୦୭ଟି ପକ୍ଷୀ ଆସିଥିବା ବେଳେ ଚଳିତବର୍ଷ ୧ ଲକ୍ଷ ୩୯ ହଜାର ୯୫୯ ପକ୍ଷୀ ଆସିଛନ୍ତି। ଅର୍ଥାତ୍ ଗତବର୍ଷଠାରୁ ଚଳିତବର୍ଷ ଭିତରକନିକାକୁ ୧୮୫୨ ପକ୍ଷୀ ଅଧିକ ଆସିଥିବା ଜଣାପଡ଼ିଛି। ଗତବର୍ଷ ଭିତରକନିକାକୁ ୧୪୪ ପ୍ରଜାତିର ପକ୍ଷୀ ଆସିଥିବା ବେଳେ ଚଳିତବର୍ଷ ୧୪୦ ପ୍ରଜାତିର ପକ୍ଷୀ ଆସିଛନ୍ତି। ଚଳିତବର୍ଷ ଗ୍ରେବସ, ପେଲିକାନସ, କରମୋରାନ୍‌ଟସ ଆଣ୍ଡ ଡାର୍ଟର, ହେରନସ, ଏଗ୍ରେଟ୍ସ ଏବଂ ବିଟର୍ସ, ଷ୍ଟୋର୍କସ, ଇବିସେସ ଏବଂ ସ୍ପୁନବିଲ, ଫ୍ଲାମିଙ୍ଗସ, ଗିଜ ଏବଂ ଡକସ, କ୍ରେନଓ, ରେଲସ ଏବଂ ଗାଲିନଲସ ଏବଂ କୁଟ, ଫିନଫୁଟ ଏବଂ ଜାକାନାସ, ସୋରବାର୍ଡ ୱାଡର୍ସ, ଗଲ୍‌ସ, ଟରନଓ ଏବଂ ସ୍କିନରସ ଏବଂ ଅନ୍ୟାନ୍ୟ ବିଦେଶୀ ପକ୍ଷୀ ଗଣନା ବେଳେ ଚିହ୍ନଟ କରାଯାଇଛି। ଗିଜ ଆଣ୍ଡ ଡକ୍‌ସ ଜାତୀୟ ୧୫ ପ୍ରଜାତିର ୮୧,୯୩୦ ପକ୍ଷୀ ଭିଡ ଜମାଇଛନ୍ତି। ଏହି ପକ୍ଷୀଗୁଡ଼ିକ ପ୍ରଚଣ୍ଡ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ହିମାଳୟ ପାଦଦେଶ ଓ ଲଦାଖ, ସାଇବେରିଆ ଓ ଉତ୍ତର ଗୋଲାର୍ଦ୍ଧରୁ ଆସିଥିବା ରାଜନଗର ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତମାସ ୬ ତାରିଖରେ ୧୭ଟି ଟିମ୍ ପକ୍ଷରୁ ଭିତରକନିକା ଅଭୟାରଣ୍ୟର ମହାନଦୀ ଡେଲଟା ସମେତ ରାଇପାଟିଆ, ସାତଭାୟା ଘେରି, ସାତଭାୟାର ବିସ୍ତୀର୍ଣ୍ଣ ଆର୍ଦ୍ରଭୂମି, ଜମ୍ବୁ, ବଡ଼ୀଘର, ବରୁଣେଇ ମୁହାଣ, ପ୍ରହରାଜପୁର, କଂସାରିପାଟିଆ, ଖୋଲା, ନଳିତାପାଟିଆ, ଦୁର୍ଗାପୁରମୁହାଣ, ଲକ୍ଷ୍ମୀପ୍ରସାଦଡିଆଁ, କାଳିଭଞ୍ଜଡିଆଁ, ମଗରକନ୍ଦା, ଚିଞ୍ଚିରି ମାଉଥ, ଚିତଉକୋଲ୍ଲା, ଭିତରକନିକା ମାଉଥ, ଏକମାଣିଆ, ରାଜଗଡ ପ୍ରଭୃତି ସ୍ଥାନଗୁଡ଼ିକରେ ଏହି ଗଣନା କାର୍ଯ୍ୟ କରାଯାଇଥିଲା। ଅଞ୍ଚଳରେ ଭିଡ ଜମାଇଥିବା ବିଦେଶାଗତ ପକ୍ଷୀଙ୍କ ଗଣନା କରାଯାଇଥିଲା। ସାଧାରଣତଃ ଖୋଲା ଜାଗା, ଧାନବିଲ, ନଦୀପଠା ଓ ଜଳାଶୟଗୁଡ଼ିକରେ ଅଧିକ ସଂଖ୍ୟକ ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଗତ ୧୫ ବର୍ଷର ଭିତରକନିକାରେ ଭିଡ ଜମାଇଥିବା ବିଦେଶୀ ପକ୍ଷୀଙ୍କ ଗଣନା ରିପୋର୍ଟ ଅନୁସାରେ ଚଳିତବର୍ଷ ସର୍ବାଧିକ ବିଦେଶୀ ପକ୍ଷୀ ଭିଡ ଜମାଇଛନ୍ତି। ୨୦୧୬-୧୭ରେ ୭୬,୨୬୮, ୨୦୧୭-୧୮ରେ ୧,୧୨,୯୩୭, ୨୦୧୮-୧୯ରେ ୧,୦୯,୦୫୯, ୨୦୧୯-୨୦ରେ ୧,୧୮,୩୨୬, ୨୦୨୦-୨୧ ବର୍ଷରେ ୧,୩୬,୦୯୨ ବିଦେଶାଗତ ପକ୍ଷୀ ଆସିଥିବା ଜଣାପଡ଼ିଥିଲା।

# ଶିଶୁପୁତ୍ର ଯୌନାଙ୍ଗ କାଟିଦେଲେ ଦୁର୍ବୃତ୍ତ

## କଟକ ଗଲା ସ୍ୱତନ୍ତ୍ର ପୋଲିସ ଟିମ୍

**କେନ୍ଦୁଝର/ପାଟଣା,୮।୧(ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଧୀନ ଚେମଣା ପଞ୍ଚାୟତ ଭୃଙ୍ଗରାଜପଶି ଗ୍ରାମରେ ଶନିବାର ଜଣେ ଶିଶୁପୁତ୍ରଙ୍କ ଯୌନାଙ୍ଗକୁ ଦୁର୍ବୃତ୍ତମାନେ କାଟିଦେଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏନେଇ ଶିଶୁଙ୍କ ଜେଜେମା' ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ. ୩/୨୨)ରୁଜୁକରି ତଦନ୍ତ ଜାରି ରଖିଛି। ଏକ ଟିମ୍ କଟକ ଯାଇ ଘଟଣାର ଅନୁଧ୍ୟାନ କରୁଥିବା ପୋଲିସ କହିଛି।

ସୂଚନା ମୁତାବକ, ଉକ୍ତ ଗ୍ରାମର ଟୁନା ମୁଣ୍ଡାଙ୍କ ୨ ବର୍ଷର ପୁଅ ରଞ୍ଜନ ଘରପାଖେ ଖେଳୁଥିଲେ। ସେହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ଯୌନାଙ୍ଗକୁ କାଟି ଦେଇଥିଲେ। ଘଟଣା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ରବିବାର ଶିଶୁଙ୍କ ଅସ୍ତ୍ରୋପଚାର କରାଯାଇଥିବା ପୋଲିସ ସୂଚନା ଦେଇଛି। ପୂର୍ବଶତ୍ରୁତାରୁ ଏଭଳି ଅମାନବୀୟ ଘଟଣା ଘଟିଥିବା ଶିଶୁପୁତ୍ରର ଜେଜେମା' କୁନି ମୁଣ୍ଡା କହିଛନ୍ତି। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ତୁରୁମୁଙ୍ଗା ଥାନାଧିକାରୀ ମଦନ ମୋହନ ନାଏକ କହିଛନ୍ତି। ତେବେ ଏପରି ଘଟଣାକୁ ନେଇ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଥିବା ବେଳେ ଏଭଳି କାଣ୍ଡ ଭିଆଇଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।




# ଅରାଚଣ୍ଡୀପାଟରେ ୧୧୧ ପ୍ରଜାତିର ୧୬ ହଜାର ପକ୍ଷୀ

**ଭୁବନେଶ୍ୱର,(ବ୍ୟୁରୋ)/ବାଙ୍କୀ, ୮।୧ (ସ୍ୱ.ପ୍ର.)**

ବାଙ୍କୀ ଅରାଚଣ୍ଡୀ ମନ୍ଦିର ନିକଟରେ ଥିବା ବଡ଼ ପାଟରେ ରବିବାର ବିଦେଶାଗତ ପକ୍ଷୀଙ୍କ ଗଣନା କରାଯାଇଛି। ସେଣ୍ଟର ଫର୍ ରୁରାଲ ଟୁରିଜମ୍ ଡେଭଲପ୍‌ମେଣ୍ଟ (ସିଆର୍‌ଟିଡି)ର ସମ୍ପାଦକ ଲଳିତ ମୋହନ ପଣ୍ଡାଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ନିର୍ଦ୍ଦେଶାନୁଯାୟୀ ୪ଟି ଟିମ୍ ପକ୍ଷୀ ଗଣନା କରିଥିଲେ। ଚଳିତ ବର୍ଷ ଏହି ଜଳାଶୟକୁ ପ୍ରାୟ ୧୧୧ ପ୍ରଜାତିର ୧୬,୧୦୭ରୁ ଊର୍ଦ୍ଧ୍ୱ ପକ୍ଷୀ ଆସିଥିବା ସିଆର୍‌ଟିଡି ପକ୍ଷରୁ କୁହାଯାଇଛି। ଏହି ପକ୍ଷୀଗୁଡ଼ିକ ମଧ୍ୟରେ ନର୍ଦର୍ନ ପିନ୍ ଟେଲ, ରୁଡି ସେଲ୍ ଡକ୍, ନର୍ଦର୍ନ ଶୋଭଲର, ଇରେଷିଆନ ଉଇଜନ, ରେଡ୍ କ୍ରେଷ୍ଟେଡ୍ ପୋଚାର୍ଡ, ସ୍ୱଟ ବିଲ ଡକ, ଗାର୍ଗାନି, ପେଣ୍ଟେଡ ଷ୍ଟର୍କ, ବ୍ଲାକ ଟେଲ ଗଡ୍‌ଉଇଟ, କମନ



କୁଟ, ଲିଟିଲ ଗ୍ରିବ, ଗ୍ରେ ହେଡେଡ ଲାପ୍‌ଉଇଙ୍ଗ, ବ୍ଲାକ ହେଡେଡ୍ ଆଇବିସି ଆଦି ରହିଛନ୍ତି। ତେବେ ଗତବର୍ଷ ଅପେକ୍ଷା ଚଳିତବର୍ଷ କମ୍ ସଂଖ୍ୟାର ପକ୍ଷୀ ଦେଖାଯାଇଛନ୍ତି। ଗତ ବର୍ଷ ୧୭ ହଜାରରୁ ବିଦେଶାଗତ ପକ୍ଷୀ ଉକ୍ତ ଜଳାଶୟରେ ଗଣନା କରାଯାଇଥିଲା। ଏଥର ପକ୍ଷୀ ସଂଖ୍ୟା କମ୍ ହେବାର କାରଣ ସମ୍ପର୍କରେ ଲଳିତ କହିଛନ୍ତି, ଏଥର ଶୀତଋତୁ ଆରମ୍ଭରୁ କ୍ରମାଗତ ଭାବେ ବଙ୍ଗୋପସାଗରରେ ଆସିଥିବା ବାତ୍ୟା ଓ ଜଳାଶୟରେ ପାଣିର ସ୍ତର ଅଧିକ ଥିବାରୁ ବିଦେଶାଗତ ପକ୍ଷୀ ପାଖାପାଖି ଚାଷଜମିରେ ବସିଥିବା ଦେଖାଯାଉଛନ୍ତି। ଏହି ଗଣନା କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଛାତ୍ର, ବାଙ୍କୀ କଲେଜର ରୋଭର ରେଞ୍ଜର ମୁଖ୍ୟ ଭୂପତି ଭୂଷଣ ପ୍ରଧାନ ଓ ୭ଜଣ ସଦସ୍ୟ, ଅରାଚଣ୍ଡୀ ପକ୍ଷୀ ସୁରକ୍ଷା ସମିତିର ୪ଜଣ ସଦସ୍ୟା, ସିଆର୍‌ଟିଡିର ସଭାପତି ମିନତି ସାହୁ, ସଂଯୋଜକ ଅମିତ ସାହୁ, ସଦସ୍ୟ ଦୁଗା ମାଧବ ମହାପାତ୍ର, ଇକୋ ୱାଇଲ୍ଡଲାଇଫ୍ ଟୁର୍‌ର ଅଧକ୍ଷା ବିଷ୍ଣୁପ୍ରିୟା କର, ପକ୍ଷୀପ୍ରେମୀ ରାହୁଲ କୁମାର ମହାନ୍ତି, ପ୍ରକୃତିପ୍ରେମୀ ନାରାୟଣ ମିଶ୍ର, ଅଧ୍ୟାପକ ବୀରବର ହରିଚନ୍ଦନ ସମେତ ବହୁ ପକ୍ଷୀ ବିଶାରଦ ଯୋଗଦେଇଥିଲେ।

# ହୀରାକୁଦ ଜଳଭଣ୍ଡାରରେ ପକ୍ଷୀଗଣନା

**ସମ୍ବଲପୁର,୮।୧(ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ଜଳଭଣ୍ଡାରରେ ରବିବାର ଦିନିକିଆ ବିଦେଶୀ ପକ୍ଷୀ ଗଣନା ଶେଷ ହୋଇଛି। ଅନୁକୂଳ ପାଗ ଯୋଗୁ ବିଶେଷଜ୍ଞ ଟିମ୍‌କୁ ପକ୍ଷୀଗଣନା କରିବା ସହଜ ହୋଇଥିଲା। ଜାନୁୟାରୀ ୧୦ ତାରିଖରେ ପକ୍ଷୀଗଣନା ରିପୋର୍ଟ ପ୍ରକାଶ ପାଇବ। ଗତବର୍ଷ ଅପେକ୍ଷା ଚଳିତବର୍ଷ ହୀରାକୁଦ ଜଳଭଣ୍ଡାରକୁ ଅଧିକ ପକ୍ଷୀ ଆସିଥିବା ଆଶା କରାଯାଉଛି। ସମ୍ବଲପୁର ସମେତ ବରଗଡ଼ ଓ ଝାରସୁଗୁଡ଼ା ଜିଲା ପଟରୁ ମଧ ପକ୍ଷୀ ଗଣନା ପାଇଁ ଟିମ୍ ଜଳଭଣ୍ଡାରକୁ ପ୍ରବେଶ କରିଥିଲେ। ସକାଳ ୬ଟାରେ ୩୫ଟି ଡଙ୍ଗାରେ ବନ ବିଭାଗ କର୍ମଚାରୀଙ୍କ ସହ ୬୦ ବିଶେଷଜ୍ଞ ଜଳଭଣ୍ଡାର ଭିତରକୁ ଯାଇ ପକ୍ଷୀଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ। ଏଥିପାଇଁ ୩୦ଟି ଟିମ୍ ଗଠନ କରାଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତ ଟିମ୍ ଗଣନା ସାରି କୂଳକୁ ଫେରି ଆସିଥିବା ଜଣାପଡ଼ିଛି। ପକ୍ଷୀଗଣନା ପାଇଁ ୩ ଦିନ ପୂର୍ବରୁ ଜଳଭଣ୍ଡାରରେ ମାଛ ମାରିବା ଉପରେ ରୋକ୍ ଲଗାଯାଇଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ ଜଳଭଣ୍ଡାରକୁ ଡକ୍ ପ୍ରଜାତିର ରେଡ କ୍ରେଷ୍ଟେଟ ପୋଚାଡ, ଟୁଫେଡ ଡକ, ବ୍ରାମିନି ଡକ, ନରଦେନ ପିନଷ୍ଟେଲ, ୟୁରୋ ଏସିଆନ, ଏସିଆନ ୱିଗନ, ଏସିଆନ ଓପନବିଲ, ଗ୍ରେ ହୀରୋନ, ପରପଲ ହୀରୋଜେନ, କେଟେଲ ଗ୍ରେଡ, ଲିଟିଲ ଗ୍ରେଡ, ଇଣ୍ଟର ମିଡିଏଟ ରି-ଗ୍ରେଟ, ସେଣ୍ଟ ପ୍ଲୋଭର, ସ୍ନିପ, ଷ୍ଟିୟୁଟ, ଗୁଲସ, କିଙ୍ଗଫେସର, ରିଭର ଟ୍ରଷ୍ଟ, ବ୍ଲେକ ବେଲିଆଟ ଟ୍ରଫ୍ଟ ଆଦି ପ୍ରଜାତିର ପକ୍ଷୀ ଆସିଥିବା ଜଣାପଡ଼ିଛି। ଶୀତ ଋତୁରେ ପ୍ରତିବର୍ଷ ହୀରାକୁଦ ଜଳଭଣ୍ଡାରକୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ।

# ଗଜପତିଙ୍କ ଅଭିଷେକ ନୀତି

**ପୁରୀ ଅଫିସ, ୮।୧:** ଶ୍ରୀନଅର ପରିସରରେ ରବିବାର ପୁଷ୍ୟା ନକ୍ଷତ୍ର ତିଥିରେ ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଭିଷେକ ନୀତି ସମ୍ପନ୍ନ ହୋଇଛି। ଏହି ଅବସରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଅଭିଷେକ ନୀତି ପୂର୍ବରୁ ବରୁଣ ପୂଜା, ପଞ୍ଚଦେବତା ପୂଜା, ବର୍ଦ୍ଧନି କଳସୀ ପୂଜା ଏବଂ



ରାମାଭିଷେକ ପଟିପୂଜା କରାଯାଇଥିଲା। ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ, ସୁଧାଂଶୁ ରାଜଗୁରୁ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ଗଜପତି ଓ ମହାରାଣୀଙ୍କୁ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯିବା ପରେ ବନ୍ଦାପନା କରାଯାଇ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଗଜପତି ତାଙ୍କର ପାରମ୍ପରିକ ବେଶରେ ଗାଦିକୁ ବିଜେ କରିବା ପରେ ଷୋଳଶାସନ ବ୍ରାହ୍ମଣ ଏବଂ ପଣ୍ଡିତମାନେ ତାଙ୍କୁ ନଡ଼ିଆ ଓ ପଇତା ପ୍ରଦାନ କରିବା ସହିତ ରାଜ୍ୟ ଶାସନ ମଙ୍ଗଳରେ ଚାଲୁ ତଥା ଜଗତର କଲ୍ୟାଣ ହେଉ ବୋଲି ଆଶୀର୍ବାଦ କରିଥିଲେ। ଏହି ଅବସରରେ ବୀର କାହାଳୀ, ତେଲିଙ୍ଗି ବାଜା ଓ ଝାଞ୍ଜ ଆଦି ବାଦ୍ୟରେ ଶ୍ରୀନଅର ପ୍ରକମ୍ପିତ ହୋଇଉଠିଥିଲା।

# ପ୍ରଫେସର ବିଧୁଭୂଷଣ ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟ ନୂଆ କୁଳପତି

**ଭୁବନେଶ୍ୱର/ସମ୍ବଲପୁର, ୮।୧(ବ୍ୟୁରୋ)**



ପ୍ରଫେସର ବିଧୁଭୂଷଣ ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତ ହୋଇଛନ୍ତି। କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କୁ ୪ ବର୍ଷ ପାଇଁ ଏହି ନିଯୁକ୍ତି ଦେଇଛନ୍ତି। ଏ ନେଇ ରବିବାର ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି। ଅଧ୍ୟାପନା କ୍ଷେତ୍ରରେ ପ୍ରଫେସର ମିଶ୍ରଙ୍କର ୩୪ ବର୍ଷର ଅଭିଜ୍ଞତା ରହିଛି। ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଡିପାର୍ଟମେଣ୍ଟ ଅଫ୍ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନର ମୁଖ୍ୟ ଭାବେ ଅବସର ଗ୍ରହଣ କରିଥିଲେ। ପ୍ରଫେସର ମିଶ୍ର ୯ଟି ପୁସ୍ତକ ରଚନା କରିଛନ୍ତି। ଏହାସହ ଏକାଧିକ ପ୍ରମୁଖ ଜର୍ନାଲରେ ତାଙ୍କର ୧୨୨ଟି ଲେଖା ପ୍ରକାଶିତ ହୋଇଛି। ତାଙ୍କ ମାର୍ଗଦର୍ଶନରେ ୩୯ଜଣ ପିଏଚ୍‌ଡି, ୩ଜଣ ଏମ୍‌ଫିଲ୍ ଓ ଜଣେ ଡିଲିଟ୍ ଡିଗ୍ରୀ ପାଇଛନ୍ତି। ନୂଆ ନିଯୁକ୍ତି ପରେ ପ୍ରଫେସର ମିଶ୍ର କହିଛନ୍ତି, ମା'ଙ୍କ ଆଶୀର୍ବାଦ ନେଇ କାମ କରିବି। ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ସମସ୍ତଙ୍କ ସହ ଆଲୋଚନା କରି ପରାମର୍ଶ ନେବି। ବିଶ୍ୱବିଦ୍ୟାଳୟର ରହିଥିବା ସୁନାମକୁ ଆଗେଇ ନେବା ସହ ଉତ୍ତମ ଶିକ୍ଷାଦାନ, ଗୁଣାତ୍ମକ ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା ଆଦି ସମସ୍ତ କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିବାଦୀୟ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ଇସ୍ତଫା ଦେବାପରେ ପ୍ରାୟ ୧୦ ମାସ ହେବ ଏହି ପଦବୀ ଖାଲି ପଡ଼ିଥିଲା। ପ୍ରଫେସର ମିତ୍ତଲ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ଦାୟିତ୍ୱ ନେବା ଦିନଠାରୁ ନାନା ପ୍ରକାର ବିବାଦରେ ଛନ୍ଦିହୋଇପଡ଼ିଥିଲେ। ଗତ ଅଗଷ୍ଟ ୨୮ରେ କୁଳାଧିପତି ତଥା ରାଜ୍ୟପାଳଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ସେପ୍ଟେମ୍ବର ୩ରେ କୁଳାଧିପତି ତାଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିବା ସହିତ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଚେୟାରମ୍ୟାନ ଡ. ସଞ୍ଜୁକ୍ତା ଦାସଙ୍କୁ ଭାରପ୍ରାପ୍ତ କୁଳପତି ଭାବେ ନିଯୁକ୍ତି ଦେଇଥିଲେ।

# ୧୧ରୁ ରାଜ୍ୟରେ ସଡ଼କ ସୁରକ୍ଷା ଅଭିଯାନ

**ଭୁବନେଶ୍ୱର,୮।୧(ବ୍ୟୁରୋ):** ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ପ୍ରତ୍ୟେକ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯେତେ ପ୍ରକାର ସଚେତନତା କାର୍ଯ୍ୟକ୍ରମ ବା ଚେକିଂ କଲେ ମଧ ଏହି ସଂଖ୍ୟା ହ୍ରାସ ପାଇବାର ନାଁ ଧରୁନି। ତେବେ ଗତ ୨ ବର୍ଷ ହେଲା କୋଭିଡ ମହାମାରୀ କାରଣରୁ ରାଜ୍ୟରେ ସଡ଼କ ସୁରକ୍ଷା ଅଭିଯାନ ବନ୍ଦ ରହିଥିଲା। ଆସନ୍ତା ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ କରିବାକୁ ସମସ୍ତ ଆର୍‌ଟିଓଙ୍କୁ ଚିଠି ଜରିଆରେ ଜଣାଇ ଦିଆଯାଇଛି। ତେବେ କାର୍ଯ୍ୟକ୍ରମ ବେଳେ ଟ୍ରକ ଡ୍ରାଇଭରମାନଙ୍କ ଆଖି ପରୀକ୍ଷା କରାଯିବାର କାର୍ଯ୍ୟକ୍ରମ ଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମ ନେଇ ସୋମବାର କିମ୍ବା ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକ ପରିବହନ କମିଶନରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଅନ୍ୟପଟେ ନିକଟରେ ରାଜ୍ୟ ସରକାରଙ୍କ ରୋଡ୍ ସେଫ୍ଟି କାଉନସିଲ୍ ମିଟିଂ ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇସାରିଛି। ସୁପ୍ରିମକୋର୍ଟ କମିଟି ନିର୍ଦ୍ଦେଶକ୍ରମେ ଏହି ବୈଠକ ବର୍ଷକୁ ଦୁଇ ଥର ଅନୁଷ୍ଠିତ ହେବା କଥା। ତେବେ ନିକଟରେ ଶେଷ ହୋଇଥିବା ବୈଠକରେ ଦୁର୍ଘଟଣା ରୋକିବାକୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଉକ୍ତ ନିଷ୍ପତ୍ତିଗୁଡ଼ିକ ନେଇ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳି ସାରିଥିବାବେଳେ ନିଷ୍ପତ୍ତି ସମ୍ପର୍କିତ କିଛି ତଥ୍ୟ ସାର୍ବଜନୀନ କରାଯାଇ ନାହିଁ।






ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି- କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର। —ଶ୍ରୀମା

# ଧର୍ମ ନୁହେଁ, ଜାତି

ବାସ୍ତବରେ ଭାରତ ପାଇଁ ଜାତି ଗୁରୁତ୍ୱ ରଖିଥାଏ। ଆଜି ମଧ୍ୟ ଉଚ୍ଚଜାତିର ମାତାପିତା କେବେହେଲେ ଚାହିଁବେ ନାହିଁ ସେମାନଙ୍କ ସନ୍ତାନ ନୀଚଜାତିରେ ବିବାହ କରୁ। ସେଥିପାଇଁ ଜଣାଶୁଣା ଅନେକ ହିନ୍ଦୁ ପ୍ରଚାରକ ସଙ୍ଗଠନର ଗତିବିଧି ଦେଖିଲେ ସ୍ପଷ୍ଟ ଜଣାପଡ଼େ, ସେମାନେ ଅଣହିନ୍ଦୁଙ୍କ ତୁଳନାରେ ନୀଚଜାତିର ହିନ୍ଦୁମାନଙ୍କୁ ଅଧିକ ଘୃଣା କରନ୍ତି। ହୁଏତ ସେଥିପାଇଁ ୨୦୧୪ ମସିହା ପରଠାରୁ ଭାରତରେ ଏକ ବିରାଟ ସାମାଜିକ ପରିବର୍ତ୍ତନ ଦେଖାଯାଉଛି। ଜଣେ ଅଖଲାକ୍ କେଉଁ ମାଂସ ଖାଇଲେ ତାହା ସମ୍ପର୍କରେ ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ ହେଉଛି। କିନ୍ତୁ ଅନେକ ଶହ ଦଳିତ ଯୁବତୀଯୁବକଙ୍କୁ ବଜାରରେ ମାଡ଼ମାରି ଓ ଉଲଗ୍ନ କରି ଚଲାଉଥିବା ଘଟଣା ସେହି ପରିମାଣର ଦୃଷ୍ଟି ଆକର୍ଷଣ କରୁନାହିଁ। ଭାରତରେ ଧର୍ମନିରପେକ୍ଷତାକୁ ଯେଉଁଭଳି ଗୁରୁତ୍ୱ ଦିଆଯାଉଛି, ତାହାଠାରୁ ଜାତିଆଣ ଭେଦଭାବର ଗଭୀରତା ଯଥେଷ୍ଟ ଅଧିକ ରହିଥିଲେ ମଧ୍ୟ ସେସବୁ ଦୃଷ୍ଟିଗୋଚର ହେଉନାହିଁ। ଏଠାରେ ଉତ୍ତର ଭାରତର ଉଦାହରଣ ଦେଖାଯାଇପାରେ। ସାଧାରଣ ହିନ୍ଦୁ ପୁରୁଷ ଜଣେ ଦଳିତ ଝିଅର ବଳାତ୍କାର ଖବରରେ ବିଚଳିତ ହୁଏ ନାହିଁ। ଧରିନିଆଯାଇଛି ଯେ, କେତେକ ତଥାକଥିତ ନୀଚଜାତିକୁ ଅତ୍ୟାଚାରିତ କରି ରଖିବା ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ। ଭିନ୍ନ ଧର୍ମର ମହିଳାଙ୍କୁ ଅସଦ୍‌ବ୍ୟବହାର କଲେ ତାହା ଏକପ୍ରକାର ଯୁଦ୍ଧ ଘୋଷଣା ହେଉଥିବାବେଳେ ଦଳିତଙ୍କୁ ନିଷ୍ପେଷିତ କରି ରଖିବା ସତେ ଯେମିତି ଉଚ୍ଚଜାତି ହିନ୍ଦୁଙ୍କ କର୍ତ୍ତବ୍ୟ ବୋଲି ଗଣାଯାଉଛି।

ଏଭଳି ପ୍ରଚ୍ଛଦପଟରେ ଦେଖିଲେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ୯ ଅଗଷ୍ଟ ୨୦୨୨ରେ ତାଙ୍କ ସରକାରରୁ ଭାଜପାକୁ ବିଦା କରିବା ପରେ ଜାତୀୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଥିଲା। ଆଲୋଚନା ହୋଇଥିଲା ଯେ, ନରେନ୍ଦ୍ର ମୋଦିଙ୍କୁ ଟକ୍କର ଦେବା ଲାଗି ନୀତୀଶଙ୍କ ଭଳି ରାଜନେତା ଏଭଳି ନିଷ୍ପତ୍ତି ନେଇଥାଆନ୍ତି। ବିହାର ସରକାରରୁ ଅଚାନକ ଭାଜପା ବାଦ୍ ପଡ଼ିବା ପରେ ଏହାର ବରିଷ୍ଠ ନେତାମାନେ ହତବମ୍ଭ ହୋଇପଡ଼ିଥିଲେ। ଏହି ଘଟଣାକୁ ୬ ମାସ ପୂରି ନ ଥିବା ବେଳେ ୭ ଜାନୁୟାରୀ ୨୦୨୩ରେ ନୀତୀଶ ପୁଣି ଏକ ଗୁଗୁଲି ଫିଙ୍ଗିଛନ୍ତି। ବିହାରରେ ଜାତିଭିତ୍ତିକ ଜନଗଣନା କାର୍ଯ୍ୟ ଆରମ୍ଭକରି ନୀତୀଶ ସିଧାସଳଖ ଭାଜପାର ହିନ୍ଦୁତ୍ୱ ଭୋଟ ବ୍ୟାଙ୍କ ପ୍ରତି ଆହ୍ୱାନ ସୃଷ୍ଟି କରିଛନ୍ତି। ଯେହେତୁ କେନ୍ଦ୍ର ପୂର୍ବରୁ କହିଥିଲା ରାଜ୍ୟଗୁଡ଼ିକ ଚାହିଁଲେ ଜାତିଭିତ୍ତିକ ଜନଗଣନା କରିପାରିବେ, ସେହେତୁ ବିହାର ମୁଖ୍ୟମନ୍ତ୍ରୀ ଆଗୁଆ ରାଜନୈତିକ ଲାଭ ଉଠାଇବାକୁ ଯାଇ ଏପରି ପଦକ୍ଷେପ ନେଇଥିବା କୁହାଯାଉଛି।

> **ଏବେ ରାଜନୈତିକ ଦଳଗୁଡ଼ିକ କାହିଁକି ଜାତିଭିତ୍ତିକ ଜନଗଣନା ପାଇଁ ଅଧିକ ଆଗ୍ରହ ଦେଖାଉଛନ୍ତି, ତାହା ବୁଝିବା କଷ୍ଟକର ନୁହେଁ। ନିର୍ବାଚନରେ ଧର୍ମର ଗୁରୁତ୍ୱ ବୃଦ୍ଧି ପାଇବା ପରେ ଏବେ ଜାତି ସମ୍ପର୍କିତ ବିକଳ୍ପ ଆଲୋଚନା ଓ ପଦକ୍ଷେପ ନିଆଯିବା ଆରମ୍ଭ ହୋଇଛି।**

ଜାତିକୁ ନେଇ ଯଦି ରାଜନୀତି କଥା ଦେଖାଯାଏ, ତେବେ ଲାଲୁ ପ୍ରସାଦ ଯାଦବ ଥିଲେ ଏହି ଚିନ୍ତାଧାରାର ନାୟକ। ନୀତୀଶ ୨୦୦୫ରେ ଯେତେବେଳେ ବିହାର ମୁଖ୍ୟମନ୍ତ୍ରୀ ହେଲେ ସେତେବେଳେ ଜାତି ଅପେକ୍ଷା ଗଣ ବା ମାସ୍‌ଙ୍କୁ ନେଇ ରାଜନୀତି କରିବାକୁ ପସନ୍ଦ କରିଥିଲେ। ହେଲେ ଧୀରେ ଧୀରେ ସେ ଜାତିର ଗୁରୁତ୍ୱକୁ ବୁଝି ସେହି ଆଡ଼କୁ ଢଳିଥିଲେ। ଗତ ୬ ମାସ ପୂର୍ବରୁ ଭାଜପା ବିହାର ସରକାରରେ ଭାଗୁଆଳି ରହିଥିବାବେଳେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବ ଥିଲେ ବିରୋଧୀ ଦଳ ନେତା। ତେବେ ୨୦୨୧ ଅଗଷ୍ଟରେ ସର୍ବଦଳୀୟ ଟିମ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଜାତିଭିତ୍ତିକ ଜନଗଣନାକୁ ଅନୁମତି ଦେବାକୁ କହିଥିଲେ। କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନା କରିବାକୁ ଚାହାନ୍ତି ନାହିଁ, କିନ୍ତୁ ରାଜ୍ୟ ସରକାର ଚାହିଁଲେ କରିପାରିବେ ବୋଲି କୁହାଯାଇଥିଲା। ସମ୍ଭବତଃ ଭାଜପା ବିହାର ସରକାରରେ ଥିବାରୁ କେନ୍ଦ୍ର ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିଲା। ଏବେ ନୀତୀଶ ଏ କ୍ଷେତ୍ରରେ ଆଗୁଆ ପଦକ୍ଷେପ ନେଇଥିବାରୁ ସେ ଜାତୀୟ ରାଜନୀତି ବିଶେଷକରି ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଏକ ନୂଆ ସମୀକରଣ ସୃଷ୍ଟି କରିଦେଇଛନ୍ତି। ଏଠାରେ ମନେପଡ଼େ ୧୯୮୯ ସାଧାରଣ ନିର୍ବାଚନ ବେଳକୁ ବିଶ୍ୱନାଥ ପ୍ରତାପ ସିଂ ଅନ୍ୟାନ୍ୟ ପଛୁଆ ଜାତି (ଓବିସି) ପାଇଁ ମଣ୍ଡଳ କମିଶନ ବିଷୟ ଉଠାଇ ଜାତୀୟ ରାଜନୀତିକୁ ଚଳଚଞ୍ଚଳ କରିଦେଇଥିଲେ। ଏପରି କି ସେହିବର୍ଷ ଭାଜପା ସହ ମିଶି ଜନତା ଦଳ କେନ୍ଦ୍ରରେ କ୍ଷମତାସୀନ ହେବା ପରେ ସିଂ ମଣ୍ଡଳ କମିଶନ ରିପୋର୍ଟକୁ କାର୍ଯ୍ୟକାରୀ କରାଇଥିଲେ। ଫଳରେ ଦେଶବ୍ୟାପୀ ଗଣବିକ୍ଷୋଭ ହୋଇଥିଲା। ସେତେବେଳେ କେତେ ଛାତ୍ର ଆତ୍ମାହୁତି ମଧ୍ୟ ଦେଇଥିଲେ। ଏବର ସମୟରେ ଜାତିଭିତ୍ତିକ ଜନଗଣନା କରୁଥିବା ନୀତୀଶଙ୍କ ଉଦ୍ଦେଶ୍ୟ ହେଉଛି ଭାଜପାର ହିନ୍ଦୁତ୍ୱ ଭୋଟ୍‌କୁ ଭାଗକରି ସେଥିରୁ ଫାଇଦା ନେବା। ଧର୍ମକୁ ନେଇ ଗୈରିକ ଦଳ ନିର୍ବାଚନ ଜିତୁଥିବାରୁ ଜାତିକୁ ନୀତୀଶ ଅସ୍ତ୍ର କରିବାକୁ ପସନ୍ଦ କରିଛନ୍ତି। ଏଭଳି ପରିପ୍ରେକ୍ଷୀରେ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ସୁଶୀଲ ମୋଦି ସବୁ ଦଳ ଜାତିଭିତ୍ତିକ ଜନଗଣନାକୁ ସମର୍ଥନ କରୁଥିବାବେଳେ ନୀତୀଶ କିଭଳି ଫାଇଦା ଉଠାଇ ପାରିବେ ବୋଲି ପ୍ରଶ୍ନ କରିଛନ୍ତି।

କୁହାଯାଉଛି ଯେ, ଦୁର୍ବଳ ଶ୍ରେଣୀଙ୍କ ନିମନ୍ତେ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ଜାତିଭିତ୍ତିକ ଜନଗଣନାରୁ ବାସ୍ତବ ତଥ୍ୟ ମିଳିପାରିବ। ଏଭଳି ଚିନ୍ତାଧାରା ପୂର୍ବରୁ ଦେଶରେ ହୋଇଥିବା ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ଜାତୀୟ ଜନଗଣନାରୁ ସମ୍ଭବ ହୋଇପାରୁଥିଲା। ଏବେ ରାଜନୈତିକ ଦଳଗୁଡ଼ିକ କାହିଁକି ଜାତିଭିତ୍ତିକ ଜନଗଣନା ପାଇଁ ଅଧିକ ଆଗ୍ରହ ଦେଖାଉଛନ୍ତି, ତାହା ବୁଝିବା କଷ୍ଟକର ନୁହେଁ। ନିର୍ବାଚନରେ ଧର୍ମର ଗୁରୁତ୍ୱ ବୃଦ୍ଧି ପାଇବା ପରେ ଏବେ ଜାତି ସମ୍ପର୍କିତ ବିକଳ୍ପ ଆଲୋଚନା ଓ ପଦକ୍ଷେପ ନିଆଯିବା ଆରମ୍ଭ ହୋଇଛି। ବିଶେଷକରି ଦେଶର ଜନସଂଖ୍ୟାବହୁଳ ରାଜ୍ୟ ଉତ୍ତର ପ୍ରଦେଶ ଓ ବିହାରରେ ଜାତି ପ୍ରାଧାନ୍ୟ ଲାଭ କରୁଛି। ଏଭଳି ସନ୍ଧିକ୍ଷଣରେ ନୀତୀଶ ଯେଉଁ ଜାତିଭିତ୍ତିକ ଜନଗଣନା ଆରମ୍ଭ କରିଦେଇଛନ୍ତି, ତାହା ନିଶ୍ଚୟ ମୋଦିଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ନୀତୀଶ ଆରମ୍ଭ କରିଥିବା ଏହି ଜାତିଭିତ୍ତିକ ଡାକକୁ ଅଣଦେଖା କରିବା କଷ୍ଟକର।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | 1 | | 5 | | |
| | | | | 8 | | | | 7 |
| 7 | | 3 | | 9 | | 2 | | |
| 1 | | | | 2 | | 3 | | |
| | | | | | 9 | 8 | | |
| | | | 1 | 3 | | | | 6 |
| 8 | | | | | | | | |
| 6 | | | 2 | | | 7 | | |
| | | 9 | | | 7 | 6 | 8 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 5 | 9 | 2 | 8 | 3 | 4 | 6 |
| 4 | 3 | 8 | 7 | 6 | 1 | 2 | 9 | 5 |
| 2 | 9 | 6 | 4 | 5 | 3 | 8 | 1 | 7 |
| 9 | 6 | 1 | 5 | 3 | 7 | 4 | 2 | 8 |
| 5 | 7 | 2 | 8 | 1 | 4 | 9 | 6 | 3 |
| 8 | 4 | 3 | 2 | 9 | 6 | 7 | 5 | 1 |
| 1 | 5 | 4 | 3 | 7 | 9 | 6 | 8 | 2 |
| 6 | 8 | 7 | 1 | 4 | 2 | 5 | 3 | 9 |
| 3 | 2 | 9 | 6 | 8 | 5 | 1 | 7 | 4 |

ଗତ କାଲିର ଉତ୍ତର

# ପରିବେଶର ସାବତ ମା'



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଆମ ପରିବେଶ ଏବେ ଯେଉଁ ରୂପ ଧାରଣ କରି ଜୀବଜଗତ ସହାୟକ ହୋଇପାରିଛି, ସେଥିକୁ ଅବଶ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ସୂର୍ଯ୍ୟଠାରୁ ଆରମ୍ଭ କରି ନଦନଦୀ, ପାହାଡ଼ ପର୍ବତ ଓ ସମୁଦ୍ର ପର୍ଯ୍ୟନ୍ତ ଅନେକଙ୍କର। ତେବେ ତନ୍ମଧ୍ୟରୁ ତା'ର ନିକଟତମ ସମ୍ପର୍କ ଅରଣ୍ୟ ସହିତ, ପରିବାର ମଧ୍ୟରେ ମା' ଭଳି। ଏହା କ୍ରମାଗତ ଭାବେ ତା'ର ପ୍ରତିଟି ଅଂଗ, ଜଳ, ବାୟୁ ଏବଂ ମୃତ୍ତିକାକୁ ସମୃଦ୍ଧ କରିଥାଏ। ଫଳରେ ପରିବେଶ ଜୀବମାନଙ୍କ ପାଇଁ ଉପାଦେୟ ହୁଏ ଏବଂ ତହିଁରେ ଜୈବ ବିଭିନ୍ନତା ଓ ପରିସଂସ୍ଥା ବିକଶିତ ହୁଏ। କିନ୍ତୁ ବିଗତ ଦୁଇ ଶତାବ୍ଦୀରୁ ଅଧିକ କାଳ ଧରି, ଶିଳ୍ପ ବିପ୍ଳବର ଆରମ୍ଭ ପରଠାରୁ ଆମେ ପ୍ରଗତିର ଦ୍ୱାହି ଦେଇ ପ୍ରାକୃତିକ ସମ୍ପଦର ଅସହନୀୟ ଉପଯୋଗ କରିଚାଲିଛୁ ଏବଂ ତାହାର ପ୍ରଥମ ଓ ପ୍ରଧାନ ଶିକାର ହୋଇଛି ଏହି ମହାନ୍ ଜନନୀ। ପରିଣାମସ୍ୱରୂପ, ''ଷ୍ଟେଟ୍ ଅଫ୍ ଓ୍ୱାଲଡସ୍ ଟ୍ରି ରିପୋର୍ଟ-୨୦୨୧'' ଅନୁସାରେ ବିଗତ ୩୦୦ ବର୍ଷ ମଧ୍ୟରେ ବିଶ୍ୱର ପ୍ରାୟ ୪୦% ଅରଣ୍ୟ ବିଲୁପ୍ତ ହୋଇଛି ଏବଂ ବର୍ତ୍ତମାନ ଥିବା ପ୍ରାୟ ୬୦ ହଜାର ପ୍ରଜାତିର ବୃକ୍ଷମାନଙ୍କ ମଧ୍ୟରୁ ୩୦ ଶତାଂଶ ଏବେ ବିଲୁପ୍ତିର ସମ୍ମୁଖୀନ। ବିଶେଷକରି ବିଗତ ୫୦ ବର୍ଷ ମଧ୍ୟରେ ଏ ପ୍ରକ୍ରିୟା ଦ୍ରୁତରୁ ଦ୍ରୁତତର ହୋଇ ଚାଲିଛି। ପରିବେଶ ଉପରେ ପଡୁଥିବା ଏହାର ପ୍ରଭାବର ଏବେ ଅନ୍ୟତମ ଭୟାବହ ପରିପ୍ରକାଶ ହୋଇଛି ଜାଗତିକ ଉଷ୍ମତା ବୃଦ୍ଧି ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନ, ଯାହାକି ଆମନ୍ତ୍ରଣ କରୁଛି ବିବିଧ ପ୍ରାକୃତିକ ବିପର୍ଯ୍ୟୟକୁ। ଏହି ସମୟ ମଧ୍ୟରେ ଏଗୁଡ଼ିକ ପ୍ରାୟ ୫ ଗୁଣ ବୃଦ୍ଧି ପାଇଛି। ଅତଏବ ୧୯୭୦ରୁ ୧୯୭୯ ମଧ୍ୟରେ ପ୍ରାୟ ୭୦ଟି ପ୍ରଳୟଙ୍କରୀ ବନ୍ୟା ଓ ବାତ୍ୟାଭଳି ଘଟଣା ଘଟିଥିଲାବେଳେ ୨୦୧୦ରୁ ୨୦୧୯ ମଧ୍ୟରେ ତାହା ପ୍ରାୟ ୩,୫୦୦ରେ ପହଞ୍ଚିଛି (ଜାତିସଂଘର ଓ୍ୱାର୍ଲ୍ଡ ମେଟେରୋଲୋଜିକାଲ୍ ରିପୋର୍ଟ ୨୦୨୧)। ଏହାର ଅର୍ଥନୈତିକ କ୍ଷୟକ୍ଷତି ସେହି ସମୟ ମଧ୍ୟରେ ବୃଦ୍ଧି ପାଇଛି ପ୍ରାୟ ୧୦ ଗୁଣ- ୧୫୦ ବିଲିୟନ ଡଲାରରୁ ୧୫୦୦ ବିଲିୟନ୍ ଡଲାରକୁ। ପରିଣାମସ୍ୱରୂପ, ଏବେ ଆମଠାରେ କିଛି ମାତ୍ରାରେ ଚେତନାର ଉଦୟ ଘଟିଛି। ତେବେ ଏହି ଅପକର୍ମ ବନ୍ଦ ରଖିବା ପରିବର୍ତ୍ତେ ଆମେ ନିଜ ସୀମିତ ଜ୍ଞାନ ଖଟାଇ ଏହାର ବିକଳ୍ପମାନ ସନ୍ଧାନ କରୁଛୁ। ଏଗୁଡ଼ିକ ମଧ୍ୟରେ ପ୍ରଥମ ଓ ପ୍ରଧାନଟି ହେଲା ପୁନଃ ବନୀକରଣ। ଏହା ବାୟୁରୁ ଅଙ୍ଗାରକାମ୍ଳ ଶୋଷଣ କରିବା ସଙ୍ଗେ ସଙ୍ଗେ ଜଳଚକ୍ରକୁ ସୁସଂଗତ କରିବା ମାଧ୍ୟମରେ ପରିବେଶକୁ ଶୀତଳ ଓ ସମୃଦ୍ଧ କରି ଜାଗତିକ ଉଷ୍ମତାର ଧ୍ୱଂସକାରୀ ପ୍ରଭାବକୁ ପ୍ରଶମିତ କରିବ ବୋଲି ଆଶା କରୁଛୁ। ତେବେ ଏହା ଏକ ଭ୍ରାନ୍ତଧାରଣା ବୋଲି ଏବେ କହିଲେଣି ଅନେକ ପରିବେଶ ବିଜ୍ଞାନୀ। ସେମାନଙ୍କ ମତରେ ଏହି ନୂତନ ଭାବେ ସୃଷ୍ଟ ଅରଣ୍ୟ କଦାପି ପ୍ରାକୃତିକ ଅରଣ୍ୟର ବିକଳ୍ପ ହୋଇପାରିବ ନାହିଁ।



୨୦୨୧ରେ ଜାତିସଂଘ ଆରମ୍ଭ କରିଛି ପରିସଂସ୍ଥା ପୁନରୁଦ୍ଧାର ଦଶକ (୨୦୨୧-୨୦୩୦)। ଏହି କାର୍ଯ୍ୟକ୍ରମର ପୁରୋଭାଗରେ ରହିଛି ବ୍ୟାପକ ବୃକ୍ଷରୋପଣ। ଏହା ଜାଗତିକ ଉଷ୍ମତା ଏବଂ ଜଳବାୟୁ ପରିବର୍ତ୍ତନଜନିତ ପ୍ରାକୃତିକ ବିପର୍ଯ୍ୟୟ ବିରୋଧରେ 'ରୌପ୍ୟ ବୁଲେଟ୍' ରୂପେ କାର୍ଯ୍ୟକରିବ ବୋଲି ମନେକରାଯାଇଛି। ସାରା ବିଶ୍ୱ ଏହାକୁ ହିଁ ସେଥିପାଇଁ ନୀତିଗତ ଭାବେ ଗ୍ରହଣ କରିଛି। ଯଦିଓ ଅଙ୍ଗାରକାମ୍ଳ ଶୋଷଣ ଲାଗି ଅନ୍ୟାନ୍ୟ ପ୍ରାକୃତିକ ଉପାୟମାନ ରହିଛି, କିନ୍ତୁ ଏଭଳି ଅବିଚାରିତ ବୃକ୍ଷରୋପଣକୁ ଜାତିସଂଘ ଆନୁକୂଲ୍ୟରେ ବିଗତ ବିଶ୍ୱ ପରିବେଶ ଦିବସ ପାଳନ (୬.୬.୨୦୨୨) ଅବସରରେ ବହୁ ପରିବେଶବିତ୍ ବିରୋଧ କରିଛନ୍ତି। ସେମାନଙ୍କ ମତରେ, କେବଳ ଅଧିକ ସଂଖ୍ୟକ ବୃକ୍ଷରୋପଣ ଓ କୃତ୍ରିମ ଅରଣ୍ୟ ସୃଷ୍ଟି କଦାପି ପରିବେଶ ସହାୟକ ହୋଇପାରିବ ନାହିଁ। କାରଣ, ଏହାଦ୍ୱାରା ପ୍ରାକୃତିକ ନିବାସଗୁଡ଼ିକର ପୁନରୁଦ୍ଧାର ସମ୍ଭବ ନୁହେଁ। ସେଥିପାଇଁ ଉପଯୁକ୍ତ ସ୍ଥାନରେ ପ୍ରାକୃତିକ ଅରଣ୍ୟରେ ଥିବା ସ୍ଥାନୀୟ ପ୍ରଜାତିଗୁଡ଼ିକୁ ଉପଯୁକ୍ତ ସାନ୍ଦ୍ରତାରେ ରୋପଣ କରାଯିବା ଦରକାର। ନଚେତ୍ ତାହା ବିପରୀତ ଫଳଦାୟୀ ହୋଇପାରେ। ଉଦାହରଣ ସ୍ୱରୂପ, ତୃଣଭୂମି ଓ ନିମ୍ନଭୂମି ଯଥେଷ୍ଟ ପରିମାଣରେ ଅଙ୍ଗାର ଗଚ୍ଛିତ କରି ରଖିଥା'ନ୍ତି। ଏଭଳି ଅଙ୍ଗାର-ସମୃଦ୍ଧ ଭୂମିରେ ଯଦି ଆମେ ବୃହତ୍‌କାୟ ବୃକ୍ଷ ରୋପଣ କରୁ, ତା'ହେଲେ ବୃକ୍ଷ ଶୋଷଣ କରୁଥିବା ଅଙ୍ଗାରଠାରୁ ଏହା ଅଧିକମାତ୍ରାରେ ମୃତ୍ତିକାରୁ ନିର୍ଗତ ହେବ। ଅନ୍ୟପକ୍ଷରେ, ଏହି ପ୍ରଜାତିଗୁଡ଼ିକ ସ୍ଥାନୀୟ ହୋଇ ନ ଥିବାରୁ ସେଠାର ଜୀବଜନ୍ତୁ ବା ପକ୍ଷୀ ଆଦିକୁ ଆବାସ ଯୋଗାଇବାକୁ ଅକ୍ଷମ ହେବେ। ଏହା ବ୍ୟତୀତ ଏଭଳି ବହିରାଗତ ପ୍ରଜାତି ବୃକ୍ଷମାନଙ୍କର ପରିବେଶ ଉପରେ ଅନ୍ୟାନ୍ୟ ନକାରାତ୍ମକ ପ୍ରଭାବ ମଧ୍ୟ ରହିଛି। ଉଦାହରଣ ସ୍ୱରୂପ, ୨୦୧୮ରେ ଘୋର ଜଳ ସଂକଟର ସମ୍ମୁଖୀନ ହୋଇଥିବା କେପ୍‌ଟାଉନଠାରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏଠାରେ ଆକାଶିଆ ଏବଂ ପାଇନ୍ ଭଳି ବହିରାଗତ ବୃକ୍ଷରୋପଣ ଏ ସମସ୍ୟାକୁ ଅଧିକ ଜଟିଳ କରିଥିଲା। ଏହି ମାତ୍ରାଧିକ ଜଳ ଶୋଷଣକାରୀ ବୃକ୍ଷଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଶୋଷଣ କରୁଥିଲେ ବାର୍ଷିକ ପ୍ରାୟ ୫୫ ନିୟୁତ ଲିଟର ଜଳ। ଫଳରେ ବିପଜ୍ଜନକ ଭାବେ ଖସି ଚାଲିଥିଲା ଭୂତଳ ଜଳସ୍ତର।

ସେହିପରି ପୁନଃ ବନୀକରଣରେ ପ୍ରାକୃତିକ ଅରଣ୍ୟରେ ଥିବା ସବୁ ପ୍ରଜାତିର ଉଦ୍ଭିଦ ରୋପଣ କରିବା କଦାପି ସମ୍ଭବ ନୁହେଁ। ତେଣୁ ତାହା ଜୈବ ବିଭିନ୍ନତାର ସୁରକ୍ଷା ଦୃଷ୍ଟିରୁ ଆଦୌ ଉପାଦେୟ ହୋଇ ନ ପାରେ। କାରଣ ତାହା ସ୍ଥାନୀୟ ପକ୍ଷୀ, ଜୀବଜନ୍ତୁ, କୀଟପତଙ୍ଗ ଇତ୍ୟାଦିଙ୍କୁ ଉପଯୁକ୍ତ ଆବାସ ଯୋଗାଇ ପାରିବ ନାହିଁ। ଏଥିଯୋଗୁ ଆମ ଦେଶର ଅନେକ ସ୍ଥାନରେ ସୃଷ୍ଟି କରାଯାଇଥିବା ନୂତନ ଅରଣ୍ୟ ଜୈବ ବିଭିନ୍ନତା ସମୃଦ୍ଧ ହୋଇପାରୁ ନାହିଁ। ପୁନଶ୍ଚ ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଯେ, ପ୍ରଚୁର ଅର୍ଥ ବିନିଯୋଗରେ କରାଯାଇଥିବା ବ୍ୟାପକ ଚାରାରୋପଣ ପରବର୍ତ୍ତୀ ଯତ୍ନ ଅଭାବରୁ ନଷ୍ଟ ହୋଇଯାଉଛି। କେତେକ ସ୍ଥାନରେ ଏଗୁଡ଼ିକର ବଞ୍ଚିରହିବା ହାର ୧୦ରୁ ୨୦ ଶତାଂଶ ଏବଂ ଆଉ କେତେକ ସ୍ଥାନରେ ସର୍ବୋଚ୍ଚ ୫୦ରୁ ୬୦ ଶତାଂଶ ମଧ୍ୟରେ ସୀମିତ ରହୁଛି।

ଅବିଚାରିତ ଭାବେ ଚାଲିଥିବା ପୁନଃ ବନୀକରଣ ସମୟରେ ସ୍ଥାନଟିର ପରିସଂସ୍ଥୀୟ ଏବଂ ସାମାଜିକ ପରିସ୍ଥିତିକୁ ପ୍ରାୟତଃ ବିଚାରକୁ ନିଆଯାଉ ନାହିଁ। ଉଦାହରଣ ସ୍ୱରୂପ, ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସ କରୁଥିବା ପଶୁପକ୍ଷୀ ଓ କୀଟପତଙ୍ଗ ଜୀବନଧାରଣ ପାଇଁ ସେଠାର ପ୍ରାକୃତିକ ବୃକ୍ଷଲତା ଓ ଗୁଳ୍ମ ଆବଶ୍ୟକ କରନ୍ତି। ସ୍ଥାନୀୟ ଲୋକେ ମଧ୍ୟ ଜୀବିକା ଅର୍ଜନ ପାଇଁ ତାହାରି ଉପରେ ନିର୍ଭରଶୀଳ ହୋଇଥା'ନ୍ତି। ସେଠାରେ ନୂତନ ବହିରାଗତ ବୃକ୍ଷରୋପଣ କରାଗଲେ ଏସବୁ ଗଭୀର ଭାବେ ବ୍ୟାହତ ହେବା ସ୍ୱାଭାବିକ।

ଏହା ବ୍ୟତୀତ ଗୋଟିଏ ପ୍ରାକୃତିକ ଜଙ୍ଗଲ କାଟି ବିକଳ୍ପ ରୂପେ ପୁନଃ ବନୀକରଣ କରାଗଲେ ସେଥିପାଇଁ ରୋପଣ ହେଉଥିବା ଚାରାଗଛଗୁଡ଼ିକ ବଢ଼ି ଏହାକୁ ତା'ର ସମକକ୍ଷ କରିବା ଲାଗି ଆବଶ୍ୟକ ହୋଇଥାଏ ୨୫ରୁ ୩୦ ବର୍ଷ। ଏହି ସମୟ ମଧ୍ୟରେ ଏହା ପରିବେଶ ଓ ପରିସଂସ୍ଥାନକୁ ଖୁବ୍ କମ୍ ସହାୟତା କରିଥାଏ। ଅତଏବ ତାହାରି ଭିତରେ ସେ ସ୍ଥାନର ପରିସଂସ୍ଥୀୟ ରୂପରେଖ ତଥା ଜଳବାୟୁ ଅଣଲେଉଟା ଭାବେ ବଦଳିଯିବା ସ୍ୱାଭାବିକ।

ଏସବୁ ଦୃଷ୍ଟିରୁ ବିଚାର କଲେ ପରିବେଶ ଓ ପରିସଂସ୍ଥାର ସୁରକ୍ଷା ଲାଗି ଏକମାତ୍ର ନିର୍ଭରଯୋଗ୍ୟ ମାର୍ଗ ହେଲା ପ୍ରାକୃତିକ ଅରଣ୍ୟର ସୁରକ୍ଷା। ବାଡ଼ବାଗ୍ନୀ କିମ୍ବା ଅନ୍ୟ କୌଣସି କାରଣରୁ କୌଣସିଠାରେ ତାହା ଧ୍ୱଂସପ୍ରାପ୍ତ ହେଲେ ତାହାକୁ ସେଠାରେ ପ୍ରାକୃତିକ ଭାବେ ପୁନର୍ବାର ବିକଶିତ ହେବାକୁ ଦିଆଯିବା ଉଚିତ। ପ୍ରାକୃତିକ ଅରଣ୍ୟ ପ୍ରକୃତିର ଏକ ଅନନ୍ୟ ସୃଷ୍ଟି। ତାହା ପ୍ରକୃତରେ ପରିବେଶର ଜନନୀ। ଅତଏବ ତାହାର ବିକଳ୍ପ ରୂପେ ପୁନଃ ବନୀକରଣ ତାକୁ କେବଳ ଦେଇପାରିବ ସାବତ ମା'ଟିଏ।

ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

# ମାନସିକତାରେ ପରିବର୍ତ୍ତନ ଲୋଡ଼ା



ଇବ୍ରାର ଖାଁ

ବର୍ତ୍ତମାନ ମଣିଷ ନିଜକୁ ସଭ୍ୟ, ଶିକ୍ଷିତ ଓ ପରିମାର୍ଜିତ ରୂପେ ଉପସ୍ଥାପିତ କରି ସବୁ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ପାଇଁ ଅହରହ ଉଦ୍ୟମ କରୁଛି। ଯୋଗ୍ୟତା ଥାଉ ବା ନ ଥାଉ ନିଜର ଚାତୁରୀପୂର୍ଣ୍ଣ କଥାବାର୍ତ୍ତା, ଆଚାର ବ୍ୟବହାର ଏବଂ ବେଶପୋଷାକରେ ପରିବର୍ତ୍ତନ ଆଣି ଅନେକଙ୍କର ଆସ୍ଥାଭାଜନ ହେବା ପରେ ଭୌତିକ ସୁଖ ସୁବିଧାକୁ ହାତେଇବା ପାଇଁ କୁତ୍ସିତ ମାନସିକତାର ଯେପରି ଅପପ୍ରୟୋଗ କରୁଛି, ତାହା ଯେତିକି ନିନ୍ଦନୀୟ, ସେତିକି ସମାଜ ପାଇଁ କ୍ଷତିକାରକ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଦୃଷ୍ଟିରୁ ଆଜି ସମାଜରେ ଜଣେ ନୀତିନିଷ୍ଠ, ସଦାଚାରୀ ମଣିଷକୁ ଖୋଜି ପାଇବା କାଠିକର ପାଠ। କ୍ଷମତା, ପ୍ରତିପତ୍ତି, ଧନସମ୍ପଦ ସହ ବିଳାସମୟ ଜୀବନର ଅକଳ୍ପନୀୟ ଚିନ୍ତାରେ ନିମଗ୍ନ ମଣିଷ ଜୀବନାଦର୍ଶକୁ ଭୁଲି ବିବେକକୁ ବଳି ଦେଇ ଯେଉଁ ଅମାନବୀୟ କାର୍ଯ୍ୟମାନ ସଂପାଦନ କରିଚାଲିଛି, ସେଥିରେ ସାମାଜିକ ସ୍ଥିତାବସ୍ଥା ପୂରାପୂରି ଦୋହଲିବାରେ ଲାଗିଛି। ଏହି ଦୃଷ୍ଟିରୁ ହିଂସା, ଦ୍ୱେଷ, ଭ୍ରଷ୍ଟାଚାର, ଅନୀତି ଦୁର୍ନୀତି ସହ ହତ୍ୟା, ଲୁଣ୍ଠନ, ଅପହରଣ, ଯୌନ ଉତ୍ପୀଡ଼ନ ଏବଂ ବଳାତ୍କାର ପରି ଜଘନ୍ୟ ଅପରାଧସବୁ ବୃଦ୍ଧି ପାଇବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହେଲାଣି। ବୈଦ୍ୟୁତିକ ଗଣମାଧ୍ୟମ ହେଉ କିମ୍ବା ପ୍ରିଣ୍ଟ ମିଡିଆରେ ପରିବେଷିତ ପ୍ରତିଦିନର ସମାଚାର ସବୁକୁ ଅନୁଧ୍ୟାନ କଲେ ଯେଉଁସବୁ ବୀଭତ୍ସ ଦୃଶ୍ୟ ଦେଖିବାକୁ ପାଉଛୁ ତାହା ନିଶ୍ଚୟ ଉଦ୍‌ବେଗଜନକ, ଏହା ଯେହେକି ସ୍ୱୀକାର କରିବେ।

ଦିନ ଥିଲା, ସମାଜରେ ସବୁବର୍ଗର ଲୋକମାନେ ଏକାଠି ମିଳିମିଶି ଚଳୁଥିଲେ। ଭେଦଭାବ କିମ୍ବା ହୀନମନ୍ୟତା ସାମାଜିକ ଜୀବନରେ ପରିଦୃଷ୍ଟ ହେଉନଥିବାରୁ ସମାଜରେ ଶାନ୍ତି ସହାବସ୍ଥାନ ସମ୍ଭବ ହେବା ସହ ପ୍ରତିବେଶୀ ଓ ପଡ଼ୋଶୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା, ଗଭୀର ଆସ୍ଥା ଏବଂ ଅତୁଟ ବିଶ୍ୱାସ ସ୍ଥାପନ ହୋଇପାରୁଥିଲା। ସେତେବେଳ ଶିକ୍ଷାର ପ୍ରସାର ସମାଜର ସବୁସ୍ତରରେ ପହଞ୍ଚି ପାରିନଥିଲେ ମଧ୍ୟ ଶାନ୍ତ, ସରଳ, ନିଷ୍କପଟ ମଣିଷ ଛନ୍ଦକପଟରୁ ଊର୍ଦ୍ଧ୍ୱରେ ରହି ଦୟା, କ୍ଷମା, ସ୍ନେହ, ମମତା, ଭକ୍ତି, ଶ୍ରଦ୍ଧା, ଶିଷ୍ଟାଚାର ଆଉ ଶାଳୀନତାକୁ ଜୀବନର ଉପଜୀବ୍ୟ ରୂପେ ବିବେଚନା କରି ସାମାଜିକ ଜୀବନରେ ଯେଉଁ କାର୍ଯ୍ୟମାନ ସମ୍ପାଦନ କରୁଥିଲା, ସେଥିରେ ଜନସମୂହଙ୍କ କଲ୍ୟାଣ ହେବା ସହ ସମାଜରେ ଭାଇଚାରାର ଏକ ସୁସ୍ଥ ବାତାବରଣ ସୃଷ୍ଟି ହେଉଥିଲା। ଦୈବୀଦୁର୍ବିପାକ ହେଉ କିମ୍ବା ବିପଦ ଆପଦରେ ଜାତି, ଧର୍ମ ସମ୍ପ୍ରଦାୟର ଭେଦଭାବ ଭୁଲି ସଭିଏଁ ପରସ୍ପରକୁ ଯେପରି ସାହାଯ୍ୟ ସହଯୋଗ କରୁଥିଲେ ତାହା ଥିଲା ଅପୂର୍ବ। ଶୃଙ୍ଖଳିତ ସମାଜରେ ନାରୀମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଏବଂ ସମ୍ମାନବୋଧ ରହୁଥିବାରୁ ନାରୀ ସବୁରି ଦୃଷ୍ଟିରେ ଆଦରଣୀୟା ଓ ଚିରନମସ୍ୟା ହୋଇ ପାରୁଥିଲେ। କିନ୍ତୁ ଆଜି ମଣିଷର ଚରିତ୍ର ଏବଂ ମାନସିକତାରେ ପରିବର୍ତ୍ତନ ଆସିଯାଇଥିବାରୁ ଉତ୍ତମ ମଣିଷକୁ ଚିହ୍ନିବା ଦୁରୂହ ବ୍ୟାପର ହେଲାଣି। ଭଦ୍ରମୁଖାପିନ୍ଧା ଅନେକ ସଇତାନ ସମାଜରେ ସର୍ବତ୍ର ପରିବ୍ୟାପ୍ତ ହୋଇ ଜନଗଣଙ୍କୁ ତତେଇ ମତେଇ ସମାଜରେ ଶାନ୍ତିଭଙ୍ଗ ପାଇଁ ଯେପରି ଉଦ୍ୟମ କରୁଛନ୍ତି; ସେଥିରେ ଧର୍ମ, ସମ୍ପ୍ରଦାୟକୁ ନେଇ ହେଉ କିମ୍ବା ଜାତିଗତ ବିଷମତାକୁ ନେଇ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତିମାନ ସୃଷ୍ଟି ହେଉଛି। ତାହା ଦେଶର ଏକତା ଏବଂ ଅତୁଟ ଭାଇଚାରାକୁ ଅନେକାଂଶରେ କ୍ଷୁଣ୍ଣ କରିବାରେ ଲାଗିଛି।



ମଦ ଏବଂ ମାଦକ ଦ୍ରବ୍ୟର ପ୍ରାବଲ୍ୟ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଯୁବପିଢ଼ିର ହିତାହିତ ଜ୍ଞାନକୁ ନିଷ୍କ୍ରିୟ କରିଦେଉଥିବାରୁ ଅନେକ ପାରିବାରିକ ଜୀବନ କଳହ ସର୍ବସ୍ୱ ହୋଇ ସମାଜରେ କେତେଯେ ସୁନାର ସଂସାର ଉଜୁଡ଼ି ଯାଉଛି ତାହା କଳନା କରିବା ଅସମ୍ଭବ। ରାତାରାତି ବଡ଼ଲୋକ ହେବାର ସ୍ୱପ୍ନ ଦେଖୁଥିବା ଯୁବସମାଜ ନୈତିକ ମୂଲ୍ୟବୋଧରୁ ଓହରି ହାତରେ ଭୟର ବାତାବରଣ ସୃଷ୍ଟି କରି ଚାଲିଛି। କେବଳ ଏତିକି ନୁହେଁ, ସାମାନ୍ୟ କଥାକୁ ନେଇ କିଏ କେତେବେଳେ କାହାକୁ ହାଣି ହତ୍ୟା କରୁଛି ତ ଆଉ କିଏ ପ୍ରେମ ନାଁରେ ପ୍ରତାରଣା କରି ନିଜ ସଙ୍ଗିନୀକୁ ଖଣ୍ଡ ଖଣ୍ଡ କରି ହାଣି ବଣ ଜଙ୍ଗଲରେ ଫିଙ୍ଗି ଦେଉଛି। ନାରୀମାନଙ୍କ ବିରୋଧରେ ଘଟୁଥିବା ଆପରାଧିକ ମାମଲାଗୁଡ଼ିକର ବିଶ୍ଳେଷଣ କଲେ ସମାଜରେ ଏହା ଦିନକୁଦିନ ବୃଦ୍ଧି ପାଉଥିବାର ପରିଲକ୍ଷିତ ହୁଏ। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ, ୨୦୨୦ରେ ମହିଳା ବିରୋଧୀ ଅପରାଧ ୩,୭୧,୫୦୩ ମାମଲା ପଞ୍ଜୀକୃତ ହୋଇଥିବାବେଳେ ୨୦୨୧ରେ ତାହା ୧୫.୩% ବୃଦ୍ଧି ପାଇ ୪,୨୮,୨୭୮ରେ ପହଞ୍ଚିଛି। ଏତଦ୍‌ବ୍ୟତୀତ ସମାଜରେ ନାରୀ ବିରୋଧୀ ଆହୁରି ଅନେକ ଅପରାଧ ସଂଘଟିତ ହେଉଥିଲେ ମଧ୍ୟ ଲୋକଲଜ୍ଜା ଜନିତ କାରଣରୁ ହେଉ କିମ୍ବା ମାନମର୍ଯ୍ୟାଦା କ୍ଷୁଣ୍ଣ ହେବା ଭୟରେ ସେଗୁଡ଼ିକ ଲୋକଲୋଚନକୁ ଆସିପାରୁନାହିଁ। ନାରୀମାନଙ୍କ ପ୍ରତି ହେଉଥବା ଅପରାଧକୁ ନିୟନ୍ତ୍ରଣ ପାଇଁ ଦେଶରେ ପ୍ରଭୂତ ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ତାହା ନାରୀ ବିରୋଧୀ ଅପରାଧକୁ ପ୍ରତିହତ କରିବା ପାଇଁ ସକ୍ଷମ ହେଉନଥିବା ପରି ମନେହୁଏ। କାରଣ ନ୍ୟାୟିକ ଲଢ଼େଇରେ ଅନେକ ବଳାତ୍କାରୀ ଆଇନର ଗଳାବାଟ ଦେଇ ଖସିଯାଉଥିବାରୁ ସେମାନଙ୍କ ହୃଦୟରେ ଆଇନକାନୁନ ପ୍ରତି ସେତେଟା ଡର, ଭୟ ରହୁ ନ ଥିବାରୁ ସମାଜରେ ନାରୀ ବିରୋଧୀ ଅପରାଧ ବଢୁଛି। ସମାଜରେ ବର୍ତ୍ତମାନ ଯୁବତୀ ଯୁବକମାନଙ୍କ ମଧ୍ୟରେ ଅବାଧ ମିଳାମିଶା ଯୋଗୁ କୁମାରୀ ମାତୃତ୍ୱ ହାର ବଢ଼ିବାରେ ଲାଗିଛି। ଏହାକୁ ନେଇ କେତେବେଳେ ଅନର୍‌କିଲିଂ ପରି ଘଟଣା ସଂଘଟିତ ହେଉଛି ତ ଆଉ କେତେବେଳେ ତ୍ରିକୋଣୀୟ ପ୍ରେମକୁ ନେଇ ହତ୍ୟା ପରି ଜଘନ୍ୟ ଅପରାଧ ଘଟୁଥିବାର ଅନେକ ଦୃଷ୍ଟାନ୍ତ ରହିଛି।

ସମାଜକୁ ଅପରାଧମୁକ୍ତ କରିବା ପାଇଁ ପ୍ରଭୂତ ଆଇନଗତ ବ୍ୟବସ୍ଥା ସହ ପୋଲିସ ପ୍ରଶାସନକୁ ପର୍ଯ୍ୟାପ୍ତ କ୍ଷମତା ପ୍ରଦାନ କରାଯାଇଛି। ନ୍ୟାୟାଳୟରେ ଅପରାଧୀମାନଙ୍କ ତ୍ୱରିତ ବିଚାର କରାଯାଇ ଅପରାଧର ଗୁରୁତ୍ୱ ଦୃଷ୍ଟିରୁ କଠିନରୁ କଠିନ ଦଣ୍ଡ ପ୍ରଦାନ କରାଯିବାର ପ୍ରାବଧାନ ରହିଥିଲେ ମଧ୍ୟ ସମାଜରୁ ଅପରାଧ ପ୍ରବଣତା ଦୂର ହେବା ପରିବର୍ତ୍ତେ ଯେପରି ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି ତାହା ନିଶ୍ଚୟ ଉଦ୍‌ବେଗଜନକ, ଏଥିରେ ସନ୍ଦେହ ନାହିଁ। ଅପରାଧୀମାନଙ୍କ ମାନସିକତାରେ ପରିବର୍ତ୍ତନ ନ ଆସିଲେ ଯେତେ ଯାହା କଲେ ମଧ୍ୟ ସମାଜକୁ ଅପରାଧମୁକ୍ତ କରାଯାଇପାରିବ ନାହିଁ। ଆଧ୍ୟାତ୍ମିକ ଚିନ୍ତାରେ ଜନଗଣଙ୍କୁ ଉଦ୍‌ବୁଦ୍ଧ କରାଇ ସମାଜର ସବୁସ୍ତରରେ ଲୋକଙ୍କ ମାନସିକତାରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଲାଗି ବଳିଷ୍ଠ ପଦକ୍ଷେପ ନେବା ଜରୁରୀ। ମାଦକଦ୍ରବ୍ୟ ସବୁ ଅନର୍ଥର ମୂଳକାରଣ ହୋଇଥିବାରୁ ସମାଜରେ ମଦ ସହିତ ମାଦକ ଦ୍ରବ୍ୟର ପ୍ରାବଲ୍ୟକୁ ନିୟନ୍ତ୍ରଣ କରାଯାଇପାରିଲେ ସମାଜରୁ ଅନେକାଂଶରେ ଅପରାଧକୁ ପ୍ରତିହତ କରିହେବ, ଏଥିରେ ସନ୍ଦେହ ନାହିଁ।

ବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଚ, ଖୋର୍ଦ୍ଧା
ମୋ:୯୩୩୭୬୦୧୭୦୫

## ଏଇ ଭାରତରେ

ସମସ୍ତେ ଜାଣନ୍ତି ଯେ ଗୋବରରୁ ଖତ ହୁଏ, ଗୋବରରୁ ଉତ୍ପନ୍ନ ଗ୍ୟାସ୍‌ରେ ରୋଷେଇ କରାଯାଏ। କିନ୍ତୁ ଏ ବିଷୟ କେବେ ଶୁଣିଛନ୍ତି କି ଗୋବରରୁ କାଗଜ ପ୍ରସ୍ତୁତ ହୁଏ। ହଁ, ଏମିତି କାର୍ଯ୍ୟ କରୁଛନ୍ତି ରାଜସ୍ଥାନ ଜୟପୁରର ଭୀମ ରାଜ୍ ଶର୍ମା। ଭୀମ ଗୋବରରୁ କାଗଜ ପ୍ରସ୍ତୁତ କରି ବର୍ଷକୁ ୧ କୋଟି ଟଙ୍କାରୁ ଅଧିକ ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ୨୦୧୪ରେ ସେ ହାତୀ ମଳରୁ କାଗଜ ତିଆରି ହେବା ଜାଣିବା ପରେ ଗୋବରରୁ କାଗଜ ପ୍ରସ୍ତୁତ କରିବା ପାଇଁ ଯୋଜନା କରିଥିଲେ। ପରେ ଏଥିସକାଶେ କାମ ଆରମ୍ଭ କରିବା ଲାଗି ସାଙ୍ଗସାଥୀ ଓ ପରିବାର ଲୋକଙ୍କଠାରୁ ଅର୍ଥ ଯୋଗାଡ଼ କରିବା ସମୟରେ ତାଙ୍କୁ 'ପାଗଳ' ବୋଲି ସମସ୍ତେ କହିଲେ। ହେଲେ ସେ ସବୁ ପ୍ରତିକୂଳ ସ୍ଥିତିକୁ ଏଡ଼ାଇଯାଇ ୨୦୧୭ରେ ୩୦ ଲକ୍ଷ ଟଙ୍କା ନିବେଶ କରି 'ଗୋକୃତି' ସଂସ୍ଥା ପ୍ରତିଷ୍ଠା କରି କାଗଜ ଉତ୍ପାଦନ ଆରମ୍ଭ କରିଥିଲେ। ସେ ଗୋବର, ଗୋମୂତ୍ର ଓ ବର୍ଜ୍ୟ ସୂତାକପଡ଼ା ବ୍ୟବହାର କରି କାଗଜ ତିଆରି କରୁଛନ୍ତି। ପ୍ରତିଦିନ ୩୦୦୦ ସିଟ୍ କାଗଜ ବିକ୍ରି କରୁଛନ୍ତି। ଭୀମ ବର୍ତ୍ତମାନ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ ଆଦି ସହରକୁ କାଗଜ ପଠାଉଛନ୍ତି। କାଗଜ ପାଇଁ ଗୋବର ଓ ଗୋମୂତ୍ର ଆଖପାଖ ଅଞ୍ଚଳର କୃଷକମାନଙ୍କଠାରୁ ସଂଗ୍ରହ କରୁଛନ୍ତି ଓ ସେମାନଙ୍କୁ ପ୍ରାପ୍ୟ ମଧ୍ୟ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଜାନୁୟାରୀ ୧୯୯୮

- କେନିୟାର କେନ୍ଦ୍ରୀୟ ମେରୁ ଜିଲାରେ ଏକ ବସ୍ ନଦୀ ଭିତରକୁ ଖସିପଡ଼ିବା ଫଳରେ ୫୪ ମୃତ।
- ଦେଶରେ ପାର୍ଲାମେଣ୍ଟ ଭଙ୍ଗ ପାଇଁ ନେପାଳର ପ୍ରଧାନମନ୍ତ୍ରୀ ସୂର୍ଯ୍ୟବାହାଦୁର ଥାପ୍ପାଙ୍କ ସୁପାରିସ୍।
- ସିଧାସଳଖ ବିଦେଶୀ ବିନିଯୋଗ (ଏଫ୍‌ଡିଆଇ) ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ କଟକଣା କୋହଳ।
- ଫେରା ଉଲ୍ଲଂଘନ ମାମଲାରେ ଅଶୋକ କୁମାର ଜୈନଙ୍କ ଆଗୁଆ ଜାମିନ ଆବେଦନ ସୁପ୍ରିମ୍‌କୋର୍ଟରେ ଖାରଜ।

## ଚିରନ୍ତନୀ

ଫାଟି ପଡ଼ିଥିଲା ନାଲି ଅନ୍ତର କା'ର
ସେ ବ୍ୟଥା ପରଶେ ତ୍ରିଭୁବନ ନାରଖାର
ଲୋହିତ ସେ ବ୍ୟଥା ଭାସଇ ପବନେ,
ଅରୁଣ ରାଗିଣୀ ଗଗନେ ଗଗନେ,
ସେ ବ୍ୟଥା ଏ ପ୍ରାଣେ ଉଠାଇଛି ହାହାକାର
ସକଳ ଅଙ୍ଗେ ରକତ-ଚୁମ୍ବ ତା'ର।
(ଲୋହିତ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଖାଦ୍ୟ ଅପଚୟ ରୋକାଯିବା ଜରୁରୀ

ମହାଶୟ,
ବିଶ୍ୱରେ ଆବଶ୍ୟକ ପରିମାଣର ଖାଦ୍ୟ ଉତ୍ପାଦନ ହେଉଥିଲେ ସୁଦ୍ଧା ଅନେକ ଦେଶ ଖାଦ୍ୟାଭାବ ସଙ୍କଟ ଦେଇ ଗତିକରୁଛି। ଏହାର ପ୍ରମୁଖ କାରଣ ଖାଦ୍ୟ ନଷ୍ଟ ଦ୍ୱାରା ଖାଲି ଯେ ବିଶ୍ୱ ଅର୍ଥନୀତି ବାଧାପ୍ରାପ୍ତ ହେଉଛି ତାହା ନୁହେଁ, ଜଳବାୟୁ ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡୁଛି। ଏହା ପ୍ରକାଶିତ (W.F.P)ଡବ୍ଲ୍ୟୁଏଫ୍‌ପି ରିପୋର୍ଟରୁ ଜଣାପଡ଼ିଛି। ଏହି ବର୍ଜ୍ୟ ଖାଦ୍ୟଦ୍ରବ୍ୟ ଦୂଷିତ ହୋଇ ବାୟୁମଣ୍ଡଳରେ କାର୍ବନ ପରିମାଣ ବୃଦ୍ଧିପାଇଁ ଦାୟୀ। ସେଥିପାଇଁ ଜଳର ଅପଚୟ ମଧ୍ୟ ଘଟିଥାଏ। ଏକ ଆକଳନରୁ ଜଣାପଡ଼ିଛି ଯେ, ବିଶ୍ୱରେ ପ୍ରତିବର୍ଷ ୧.୩ ବିଲିୟନ ଟନ୍ ଖାଦ୍ୟ ନଷ୍ଟ ହେଉଛି। ଏହାର ହାରାହାରି ମୂଲ୍ୟ ଏକ ଟ୍ରିଲିୟନ ଡଲାର। ଏତଦ୍‌ବ୍ୟତୀତ ଉତ୍ପାଦନ ହେଉଥିବା ମୋଟ ଖାଦ୍ୟର ୩ ପ୍ରତିଶତ ପ୍ରତ୍ୟେକ ବର୍ଷ ନଷ୍ଟ ହେଉଛି ବୋଲି ଓ୍ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ (ଡବ୍ଲ୍ୟୁଏଫ୍‌ପି) ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଖାଦ୍ୟର ଅପଚୟ ରୋକାଯିବା ପାଇଁ ପ୍ରାୟ ସବୁ ବର୍ଗର ଜନସାଧାରଣ ସଚେତନ ହେବା ନିହାତି ଆବଶ୍ୟକ।

**- ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ସଙ୍ଗୀତା



@ ଅମୀୟ



@ ଶୁଭେନ୍ଦୁ



@ ଶ୍ରାବଣୀ



@ ଜନ୍ମେଜୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଭୁବନେଶ୍ୱର ଉତ୍କଳ ରଙ୍ଗମଞ୍ଚରେ ରବିବାର ଗୁରୁ କେଳୁଚରଣ ମହାପାତ୍ରଙ୍କ ୯୭ତମ ଜୟନ୍ତୀ ଉତ୍ସବରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀର ସୂର୍ଯ୍ୟ

ଭୁବନେଶ୍ୱର,୮।୧(ବ୍ୟୁରୋ)

ଓଡ଼ିଶୀ ଅନେକ ଶିଖାଉଛନ୍ତି। କିନ୍ତୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀକୁ ବିଶ୍ୱବିଦିତ କରିଛନ୍ତି। ସେ ଥିଲେ ଓଡ଼ିଶୀର ସୂର୍ଯ୍ୟ। ତାଙ୍କ ଦ୍ୱାରା ଓଡ଼ିଶୀର କିରଣ ପ୍ରଖର ହୋଇଥିଲା ବୋଲି ଆମେରିକାର ଇଣ୍ଡିଆନ ପର୍‌ଫର୍‌ମିଙ୍ଗ ଆର୍ଟ ପ୍ରମୋଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ଦାସ ମତବ୍ୟକ୍ତ କରିଛନ୍ତି। ରବିବାର ଉତ୍କଳ ରଙ୍ଗମଞ୍ଚଠାରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ୯୭ତମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଏହି ଅବସରରେ ସୃଜନ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ଅନ୍ତଃଦୃଷ୍ଟି' ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ସ୍ନେହପ୍ରଭା ସାମନ୍ତରାୟ, ସିଙ୍ଗାପୁରରେ ଅବସ୍ଥିତ ଟେମ୍ପୁଲ ଅଫ୍ ଫାଇନ୍ ଆର୍ଟର ମୁଖ୍ୟ ଦୀପା ଶ୍ରୀବାସ୍ତନ ଓ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଡିନ୍ ଗୁରୁ ରତିକାନ୍ତ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଦାରୁବ୍ରହ୍ମ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନୃତ୍ୟଶିଳ୍ପୀ ଐଶର୍ଯ୍ୟା ସିଂହଦେବ, ସିପ୍ରା ସ୍ୱାଇଁ, ପ୍ରୀତିଶା ମହାପାତ୍ର, ସଞ୍ଜୟକୁମାର ବେହେରା, ଜିସୟ, ମାଧବୀ ରାଉତ, ଆଲିଶା ଧଳ ଓ ଡାଏନା ଘୋଷ ଏହାକୁ ପରିବେଷଣ କରିଥିଲେ। ପରେ ରାଜଶ୍ରୀ ପ୍ରହରାଜଙ୍କ ଦ୍ୱାରା ପରିବେଷିତ ହୋଇଥିଲା ମନ୍ଥରା। ରାମାୟଣରେ ରାଣୀ କୈକେୟୀଙ୍କ ସାଥୀ ମନ୍ଥରାର ମନ୍ଦ ଉଦ୍ଦେଶ୍ୟ ଆଜି ମଧ୍ୟ ଦର୍ଶକଙ୍କୁ ସ୍ତିତ ଓ ସ୍ତମ୍ଭୀଭୂତ କରିଦେଇଥିଲା। ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ସଂରଚିତ ଏହି ନୃତ୍ୟ ରାମଚରିତ ମାନସ ଦ୍ୱାରା ଅନୁପ୍ରାଣିତ।

### ୯୭ତମ ଜୟନ୍ତୀ ପାଳିତ

ଏହାର ଶବ୍ଦ ସଂଯୋଜନା ଉମା ଡ଼ୋଗରା ଓ ସଙ୍ଗୀତ ସଂଯୋଜନା ଆଲାପ ଦେଶାଇ କରିଥିଲେ। ପରବର୍ତ୍ତୀ ପ୍ରସ୍ତୁତିଟି ଥିଲା ସାବରୀ ପଲ୍ଲବୀ, ଯାହା ରାଗ ଚନ୍ଦ୍ରକୋଶ ଓ ତାଳ ପଞ୍ଚମ ସାବରୀ ଉପରେ ନିବଦ୍ଧ ଥିଲା। ଏହା ପରେ ଶାରନ ଲୋଏନଙ୍କ ଦ୍ୱାରା ଅଭିନୟ ଯାହି ମାଧବ, ଅଷ୍ଟପଦୀ ପରିବେଷିତ ହୋଇଥିଲା। ସନ୍ଧ୍ୟାର ଅନ୍ତିମ ପରିବେଷଣରେ ଥିଲା ଦୁଇଜଣ ଉଦୀୟମାନ ଯୁବ କଳାକାର ସନ୍ତୋଷରାମ ଓ ସମୀର କୁମାର ପାଣିଗ୍ରାହୀଙ୍କ ଦ୍ୱାରା ଆଦି ଶଙ୍କରାଚାର୍ଯ୍ୟଙ୍କ ଲିଖିତ ଅର୍ଦ୍ଧନାରୀଶ୍ୱର ସ୍ତୋତ୍ରମ୍। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ଉପସ୍ଥାପନା କରିଥିବାବେଳେ ଦେବୀପ୍ରସାଦ ମିଶ୍ର ପରିଚାଳନା କରିଥିଲେ।

## ଷ୍ଟେଶନ ପ୍ଲାଟଫର୍ମରେ ପଡ଼ି ମହିଳା ମୃତ

ପୁରୀ ଅଫିସ,୮।୧

ପୁରୀ ରେଲୱେ ଷ୍ଟେଶନରେ ରବିବାର ଏକ ଅଘଟଣ ଘଟିଛି। ଷ୍ଟେଶନର ୬ନଂ. ପ୍ଲାଟଫର୍ମରେ ଠେଲାପେଲାରେ ତଳେ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅଞ୍ଚଳର କୁନିମଣି ନାୟକ। ଏ ନେଇ ରେଲୱେ ପୋଲିସ ପକ୍ଷରୁ ଏକ ମାମଲା (ନଂ.୩/୨୩) ରୁଜୁକରି ତଦନ୍ତ ଚଳାଇଛି। ଜିଆର୍‌ପି ଥାନା ପୋଲିସ ଅଧିକାରୀ ସନ୍ତୋଷ ବାହାନୀପତି ଏବଂ ଆର୍‌ପିଏଫ୍ ଥାନା ଅଧିକାରୀ ଅପରେଶ ବେହେରାଙ୍କ ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟା ପ୍ରାୟ ୭ଟା ୫ମିନିଟ ସମୟରେ କୁନିମଣି ପୁରୀ-ଦୁର୍ଗ ଟ୍ରେନ୍ ଯୋଗେ ତାଙ୍କ ଝିଅ ଘର ସମ୍ବଲପୁରକୁ ଯିବା ପାଇଁ ପ୍ଲାଟଫର୍ମ ନଂ.୬ରେ ଥିବା ଟ୍ରେନକୁ ତାଙ୍କ ସାନ ଝିଅ ଓ ପରିବାର ଲୋକଙ୍କ ସହ ଯାଉଥିଲେ। ତେବେ ରବିବାର ଥିବାର ରେଲୱେ ଷ୍ଟେଶନରେ ଲୋକଙ୍କ ପ୍ରବଳ ଗହଳି ରହିଥିଲା। ଫଳରେ ଲୋକଙ୍କ ମଧ୍ୟରେ ଠେଲାପେଲାରେ କୁନିମଣି ଟ୍ରେନ ପାଖକୁ ଯିବାବେଳେ ହଠାତ୍ ତଳେ ପଡିଯାଇ ଅଚେତ ହୋଇଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ପୁରୀ ଜିଲା ସଦର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ରେଲୱେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ରେଲୱେ ଅଧିକାରୀ ସୂଚନା ଦେଇଛନ୍ତି।

# ପେଟ୍ରୋଲ ରି-ଫାଇନ ଲାଗି ପହଞ୍ଚିଲା ୧୧ ମେଶିନ





ଗୋପ,୮।୧(ଡି.ଏନ୍.ଏ.)

ପୁରୀ ଜିଲା ଗୋପ ନିକଟସ୍ଥ କୁଶୁପୁରରେ ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ, ଡିଜେଲ ବାହାରିବା ନେଇ ରବିବାର ୪ଟି ରାଜ୍ୟରୁ ୧୧ଟି ଅତ୍ୟାଧୁନିକ ମେଶିନ ପହଞ୍ଚିଛି। ଏହି ଅତ୍ୟାଧୁନିକ ମେଶିନ ଦ୍ୱାରା ପ୍ରାୟ ୯ ଶହ ଫୁଟ ତଳୁ ବାହାରିବା ପଙ୍କ ଓ ମାଟି ବାଲିକୁ ନିଆଯାଇ ରି- ଫାଇନ କରାଯିବା ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ସୂଚନା ମିଳିଛି। କିନ୍ତୁ ଏହା କେଉଁଠିକୁ କିପରି ବିଶୋଧନ କରାଯିବ ସେ ସମ୍ପର୍କରେ କୌଣସି ଠିକ୍ ତଥ୍ୟ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇ ନାହିଁ। ମାତ୍ର ବିଶୋଧିତ ଲାଗି ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, ମହାରାଷ୍ଟ୍ର ସହିତ ଆଉ କେତେକ ରାଜ୍ୟରୁ ଏହି ଅତ୍ୟାଧୁନିକ ମେଶିନ ଆସିଥିବା ବେଳେ ଆହୁରି ଅତ୍ୟାଧୁନିକ ଯନ୍ତ୍ରାଂଶ ଆସିବାର ମଧ୍ୟ ସୂଚନା ମିଳିଛି। କିନ୍ତୁ ଏହି କାର୍ଯ୍ୟ ୪/୫ ମାସ ଲାଗିବ। ପ୍ରକାଶ ଯେ, ଗୋପ ବ୍ଲକ କୁଶୁପୁରୁ, ମହଲପଡା ପଞ୍ଚାୟତର ଚିତ୍ରା ଗ୍ରାମରେ ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ, ଡିଜେଲ ବାହାରିବା ନେଇ ସନ୍ଧାନ ମିଳିବା ପରେ ୨ଟି ପର୍ଯ୍ୟାୟରେ ଖୋଳିବା କାମ ଶେଷ ହୋଇଥିଲା। ପରେ କୁଶୁପୁରୁ ଅଞ୍ଚଳର ୮ ଏକର ଜମି ଚିହ୍ନଟ କରାଯାଇ ୩୭ ଜଣ ଚାଷୀଙ୍କ ଜମିକୁ ଲିଜ୍ ଆକାରରେ ନିଆଯାଇ ୯୭ ଲକ୍ଷ ଟଙ୍କା ବ୍ୟାଙ୍କ ଚେକ୍ ମାଧ୍ୟମରେ ଚୁକ୍ତିପତ୍ର ସ୍ୱାକ୍ଷରିତ କରାଯାଇ ଦିଆଯାଇ ଥିଲା। ହେଲେ ମହଲପଡ଼ା ପଞ୍ଚାୟତର ଚିତ୍ରା ଗ୍ରାମରେ ଏବେ ସୁଦ୍ଧା କୌଣସି କାର୍ଯ୍ୟ ଆରମ୍ଭ ହୋଇ ନାହିଁ। କୁଶୁପୁରରେ ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ, ଡିଜେଲ ବାହାରିବା ନେଇ କମ୍ପାନୀ ପକ୍ଷରୁ କାର୍ଯ୍ୟ ଚାଲିଥିଲାବେଳେ ପ୍ରଥମେ ୩ଟି ଅସ୍ଥାୟୀ ପୋଖରୀ ଭିତରେ କେମିକାଲ ଷ୍ଟକ ଗୃହ ମେଶିନ ପିଣ୍ଡି ଶେଷ ହେବା ପରେ ଏହି ମେଶିନ ମାଧ୍ୟମରେ ରି- ଫାଇନ କାର୍ଯ୍ୟ ଆରମ୍ଭ ହେବ। ସୂଚନାଯୋଗ୍ୟ, ୨୦୨୦ ମସିହାରୁ ଅଏଲ ଏଣ୍ଡିଆ କମ୍ପାନୀ ପକ୍ଷରୁ ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତର ଗାଁ,ଚାଷ ଜମିଗୁଡ଼ିକରେ ବୋରିଂ କରାଯାଇ କାର୍ଯ୍ୟ ହୋଇଥିଲା। ପରେ ସାଟଲାଇଟ ସର୍ଭେ ସହିତ ପରୀକ୍ଷା କରିବାରୁ ପର୍ଯ୍ୟାପ୍ତ ପରିମାଣର ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ, ଡିଜେଲ ଏହି ଦୁଇଟି ସ୍ଥାନରେ ଥିବା ଜଣାପଡିଥିଲା। ଅତ୍ୟାଧୁନିକ ଯନ୍ତ୍ରାଂଶ ଓ ମେଶିନ ଦ୍ୱାରା ଏହି କାର୍ଯ୍ୟ ଆରମ୍ଭ କରାଯିବାକୁ ନେଇ ଅଏଲ ଇଣ୍ଡିଆ କମ୍ପାନୀ କର୍ତ୍ତୃପକ୍ଷ ବି.ଏନ୍. ସାହୁଙ୍କୁ ଯୋଗାଯୋଗ କରାଯାଇଥିବାବେଳେ ଫୋନ ସୁଇଚ୍ ଅଫ ରହିଥିଲା।

### ଗୋପରେ ଗ୍ୟାସ, ତୈଳ ସନ୍ଧାନ ପ୍ରସଙ୍ଗ

## ନନ୍ଦନକାନନକୁ ଆସିଲା ଉଦ୍ଧାର ଗାଡ଼ଭାଲୁ

ବାରଙ୍ଗ,୮।୧(ଡି.ଏନ୍.ଏ.)

ଢେଙ୍କାନାଳ ଡିଭିଜନ କପିଳାସ ରେଞ୍ଜରୁ ଉଦ୍ଧାର ମାଇ ଗାଡ଼ଭାଲୁ ରବିବାର ଅପରାହ୍ନରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଆସିଛି। ଭାଲୁର ଦେହ ଓ ଗୋଡ଼ରେ ଶକ୍ତ ଆଘାତ ଲାଗିଥିବାରୁ ସେ ଠିକରେ ଚାଲି ପାରୁନାହିଁ। ସେ ଅସୁସ୍ଥ ଥିବାରୁ କର୍ତ୍ତୃପକ୍ଷ ପ୍ରଥମେ ବନ୍ୟପ୍ରାଣୀ ଚିକିତ୍ସାଳୟରେ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ କ୍ୱାରେଣ୍ଟାଇନ୍‌ର ପୃଥକୀକରଣ ଏନ୍‌କ୍ଲୋଜରରେ ଭାଲୁକୁ ଛଡାଯାଇଛି। ସାଧାରଣତଃ ଏହି ପ୍ରଜାତିର ଗାଡ଼ଭାଲୁ ଭାରତ, ଦକ୍ଷିଣ ପଶ୍ଚିମ ଏସିଆ ଓ ଆଫ୍ରିକାରେ ଦେଖାଯାଆନ୍ତି। ଏମାନଙ୍କ ଶରୀର ଭାଲୁପରି, ଗୋଡ଼ଗୁଡ଼ିକ ଛୋଟ, ଶରୀର ରଙ୍ଗ କଳା ଓ ଏକ ଧଳା ରଙ୍ଗର ଚଉଡ଼ା ପଟି ଆଖିର ଠିକ୍ ଉପରୁ ବାହାରି ଲାଞ୍ଜ ପର୍ଯ୍ୟନ୍ତ ଲମ୍ବିଥାଏ।



ଫର୍ମ ନଂ.୩
[ବିନିୟମ-୧୫(୧)(କ)/୧୬(୩) ଦେଖନ୍ତୁ]

**ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ କୋଲକାତା (ଡିଆର୍‌ଟି ୧)**

୯ମ ମହଲା, ଜୀବନ ସୁଧା ବିଲ୍ଡିଂ, ୪୨-ସି, ଜବାହାରଲାଲ ନେହେରୁ ରୋଡ୍, କୋଲକାତା-୭୦୦୦୭୧

ମାମଲା ନଂ.: ଓଏ/୧୮୦/୨୦୧୭

ଅଧିନିୟମର ଧାରା ୧୯ର ଉପ-ଧାରା (୪) ସହିତ ପଠନପୂର୍ବକ ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ (ପଦ୍ଧତି) ନିୟମାବଳୀ, ୧୯୯୩ର ନିୟମ ୫ର ଉପ-ନିୟମ (୨ଏ) ଅଧୀନରେ ସମନ ଇଏକ୍ସଏର୍. ନଂ.: ୨୨୨୦

**ଭାରତୀୟ ଷ୍ଟେଟ ବ୍ୟାଙ୍କ**
**ବନାମ**
**ଶ୍ରୀ ଅବିନାଶ ମହାନ୍ତି**

ପ୍ରାପ୍ତେଷୁ,
(୧) ଶ୍ରୀ ଅବିନାଶ ମହାନ୍ତି
ପିତା- ଉମାକାନ୍ତ ମହାନ୍ତି, ଅରୁଣୋଦୟ ନଗର, ଅରୁଣୋଦୟ ମାର୍କେଟ୍ ପଛ, ବାଦାମବାଡ଼ି, କଟକ, ଓଡ଼ିଶା-୭୫୩୦୧୨

ସମନ

ଯେହେତୁ, ଓଏ/୧୮୦/୨୦୧୭ ମାନ୍ୟବର ପ୍ରିଜାଇଡିଂ ଅଫିସର/ରେଜିଷ୍ଟ୍ରାରଙ୍କ ସମ୍ମୁଖରେ ତା୦୨।୦୫।୨୦୧୭ରିଖରେ ତାଲିକାଭୁକ୍ତ ହୋଇଥିଲା।
ଯେହେତୁ, ମାନ୍ୟବର ନ୍ୟାୟାଧିକରଣ ଅଧିନିୟମ (ଓଏ)ର ଧାରା ୧୯(୪) ଅଧୀନରେ ଆପଣଙ୍କ ବିରୁଦ୍ଧରେ ଦାଏର ହୋଇଥିବା କଥିତ ଆବେଦନ ଉପରେ ଆପଣଙ୍କ ବିରୁଦ୍ଧରେ ଟ.୧୨,୪୮,୯୪୮.୦୦ର ଦେୟ ଅସୁଲି ଲାଗି ସମନ/ନୋଟିସ ଜାରି କରୁଛନ୍ତି (ଆବେଦନ ସହିତ ଦସ୍ତାବିଜଗୁଡ଼ିକର ନକଲ ସଂଲଗ୍ନ)।
ଅଧିନିୟମର ଧାରା ୧୯ର ଉପ-ଧାରା (୪) ଅନୁଯାୟୀ ପ୍ରତିବାଦୀମାନଙ୍କୁ ନିମ୍ନ ଅନୁଯାୟୀ ନିର୍ଦ୍ଦେଶ ଦିଆଯାଉଛି:-
(i) ସମନ ପାଇବାର ନିବେଦିତ ଉପଶମ କାହିଁକି ମଞ୍ଜୁର କରା ନ ଯିବ ସେ ସମ୍ପର୍କରେ କାରଣ ଦର୍ଶାଇବା;
(ii) ମୂଳ ଦରଖାସ୍ତର କ୍ରମିକ ସଂଖ୍ୟା ୩ଏ ଅଧୀନରେ ଆବେଦନକାରୀଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ସମ୍ପତ୍ତି ଏବଂ ସମ୍ପତ୍ତି ବ୍ୟତୀତ ଅନ୍ୟାନ୍ୟ ପରିସମ୍ପତ୍ତିଗୁଡ଼ିକର ସବିଶେଷ ବିବରଣୀକୁ ପ୍ରକଟ କରିବା;
(iii) ସମ୍ପତ୍ତିର ବାଜ୍ୟାପ୍ତି ଦରଖାସ୍ତର ଶୁଣାଣି ଓ ରାୟ ବିଚାରାଧୀନ ରହିବା ସମୟରେ ମୂଳ ଆବେଦନର କ୍ରମିକ ସଂଖ୍ୟା ୩ଏ ଅଧୀନରେ ପ୍ରକଟିତ ବନ୍ଧକଯୁକ୍ତ ପରିସମ୍ପତ୍ତି କିମ୍ବା ଅନ୍ୟାନ୍ୟ ପରିସମ୍ପତ୍ତି ଓ ସମ୍ପତ୍ତି ସହ କାରବାର କରିବା କିମ୍ବା ବିକ୍ରୟ କରିବାରୁ ଆପଣ ପ୍ରତିବନ୍ଧିତ;
(iv) ବ୍ୟବସାୟର ସାଧାରଣ କାର୍ଯ୍ୟପଦ୍ଧତିକୁ ଛାଡ଼ି, ନ୍ୟାୟାଧିକରଣର ଆଗୁଆ ଅନୁମୋଦନ ବିନା ଆପଣ ଅମାନତ ସୁଧ ସୃଷ୍ଟି କରାଯାଇଥିବା କୌଣସି ପରିସମ୍ପତ୍ତି ଏବଂ/କିମ୍ବା ଅନ୍ୟାନ୍ୟ ପରିସମ୍ପତ୍ତି ଏବଂ କ୍ରମିକ ସଂଖ୍ୟା ୩ଏ ଅଧୀନରେ ବିନିର୍ଦ୍ଦିଷ୍ଟ କିମ୍ବା ପ୍ରକଟିତ ପରିସମ୍ପତ୍ତିକୁ ଆପଣ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ହସ୍ତାନ୍ତର କରିପାରିବେ ନାହିଁ;
(v) ବ୍ୟବସାୟର ସାଧାରଣ କାର୍ଯ୍ୟଧାରାରେ ବନ୍ଧକ ପରିସମ୍ପତ୍ତି କିମ୍ବା ଅନ୍ୟାନ୍ୟ ପରିସମ୍ପତ୍ତିର ବିକ୍ରୟ ଦ୍ୱାରା ଲବ୍ଧ ବିକ୍ରୟ ରାଶିର ହିସାବ ପ୍ରଦାନ କରିବା ତଥା ଏପରି ବିକ୍ରି ଲବ୍ଧ ରାଶିକୁ ଉକ୍ତ ପରିସମ୍ପତ୍ତିର ଅମାନତ ସ୍ୱାର୍ଥଧାରୀ ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନରେ ଜମା କରିବା ପାଇଁ ଆପଣ ଉତ୍ତରଦାୟୀ ରହିବେ।
ଆପଣଙ୍କୁ ମଧ୍ୟ ଆବେଦନକାରୀଙ୍କ ନିକଟରେ ଲିଖିତ ବିବୃତି ଫାଇଲ୍ କରିବା ଏବଂ ତାହାର ଏକ ନକଲ ଆବେଦନକାରୀଙ୍କୁ ପ୍ରଦାନ କରିବା ତଥା ରେଜିଷ୍ଟ୍ରାରଙ୍କ ଇଜିଲାସରେ ତା୦୯।୦୧।୨୦୨୩ରିଖ ୧୦.୩୦ ଘଟିକା ସୁଦ୍ଧା ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଉଛି, ଅନ୍ୟଥା ଦରଖାସ୍ତକୁ ଆପଣଙ୍କ ଅନୁପସ୍ଥିତିରେ ଶୁଣାଣି ତଥା ନିର୍ଣ୍ଣୟ କରାଯିବ।

**ମୋ ହସ୍ତାକ୍ଷର ଓ ମୋହରରେ ଏହି ନ୍ୟାୟାଧିକରଣର ମୋହର ଅଧୀନରେ ଏହି ତାରିଖରେ ପ୍ରଦତ୍ତ: ୦୧।୦୮।୨୦୨୨।**

ସମନ ଜାରି କରିବା ପାଇଁ ପ୍ରାଧିକୃତ ଅଧିକାରୀଙ୍କ ଦସ୍ତଖତ।
ସ୍ୱା./- ଭାରପ୍ରାପ୍ତ ରେଜିଷ୍ଟ୍ରାର
ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ-୧, କୋଲକାତା
ଅର୍ଥ ମନ୍ତ୍ରଣାଳୟ
ଭାରତ ସରକାର

# ଉଦ୍ଧାର ନାବାଳିକା ବର୍ଷେ ପରେ ଫେରିଲେ ନାଗାଲାଣ୍ଡ

ଖୋର୍ଦ୍ଧା ଅଫିସ,୮।୧

### ପାରିବାରିକ ସମସ୍ୟା ଯୋଗୁ ଘରୁ ଚାଲିଆସିଥିଲେ ଭୁବନେଶ୍ୱର

ବର୍ଷେ ତଳେ ଭୁବନେଶ୍ୱର ରେଳଷ୍ଟେଶନରୁ ଉଦ୍ଧାର ହୋଇଥିବା ନାବାଳିକା ଖୋର୍ଦ୍ଧା ଜିଲା ପ୍ରଶାସନର ସହଯୋଗକ୍ରମେ ନିଜ ରାଜ୍ୟ ନାଗାଲାଣ୍ଡକୁ ଫେରିଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଗତବର୍ଷ ଫେବୃୟାରୀ ୫ରେ ଭୁବନେଶ୍ୱର ରେଲୱେ ଷ୍ଟେଶନରେ ରେଲୱେ ଚାଇଲ୍ଡ ଲାଇନ ନାଗାଲାଣ୍ଡର ଜଣେ ନାବାଳିକାଙ୍କୁ ଏକ ଟ୍ରେନରେ ଏକାକୀ ବସିଥିବାବେଳେ ଉଦ୍ଧାର କରିଥିଲେ। ତାଙ୍କୁ ରେଳ ବିଭାଗ ଚାଇଲ୍ଡଲାଇନ ଖୋର୍ଦ୍ଧା ଜିଲା ଅତିରିକ୍ତ ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରିଥିଲେ। ନାବାଳିକା ଜଣକ ସେଠାରେ ପ୍ରାୟ ୧ ବର୍ଷ ରହିଥିଲେ। ସେ ନାଗାଭାଷାରେ କଥାବାର୍ତ୍ତା କରୁଥିବାରୁ କିଛି ବୁଝି ହେଉ ନ ଥିଲା। ତେଣୁ ତାଙ୍କ ପରିଚୟ ମିଳିବା ପର୍ଯ୍ୟନ୍ତ ଶିଶୁ ମଙ୍ଗଳ ସମିତିରେ ରଖାଯାଇଥିଲା। ତେବେ ଖୋର୍ଦ୍ଧା ଶିଶୁ ସୁରକ୍ଷା ୟୁନିଟର ଶିଶୁ ପରାମର୍ଶଦାତ୍ରୀ ମନସ୍ୱିନୀ ମହାପାତ୍ର ଏହି ନାବାଳିକାଙ୍କ ସମସ୍ତ ଦାୟିତ୍ୱ ନେଇଥିଲେ। ତାଙ୍କ ସହ ବିଭିନ୍ନ ସମୟରେ ଓଡ଼ିଆରେ କଥା ହେବା ଦ୍ୱାରା ଧୀରେ ଧୀରେ ସେ ଓଡ଼ିଆ ଭାଷା ବୁଝିଥିଲେ। ବର୍ଷକ ପରେ ଅର୍ଥାତ ଏବେ ଜଣାପଡ଼ିଲା, ସେ ନାଗାଲାଣ୍ଡର ଝିଅ। ତାଙ୍କ ପରିବାର ମଧ୍ୟରେ ମନୋମାଳିନ୍ୟ ଯୋଗୁ ସେ ଏକାକୀ ରହିବାକୁ ମନସ୍ଥ କରିଥିଲେ। ଜଣେ ବନ୍ଧୁଙ୍କ ସହଯୋଗରେ ଘରୁ ବାହାରି ଆସିଥିଲେ। ତାଙ୍କ ପାଇଁ ବନ୍ଧୁଜଣକ ଦିମାପୁରରୁ କେରଳ ଆସିବା ଲାଗି ଟ୍ରେନ ଟିକେଟ କରିଦେଇଥିଲେ। ଗତବର୍ଷ ଫେବୃୟାରୀ ୫ରେ ସେ ଭୁବନେଶ୍ୱର ରେଳ ଷ୍ଟେଶନରେ ପହଞ୍ଚିଥିଲେ। କିନ୍ତୁ ତାଙ୍କର ଏହି ଅଞ୍ଚଳ ପ୍ରତି କୌଣସି ଜ୍ଞାନ ନ ଥିବାରୁ ସେ ବିଭିନ୍ନ ଲୋକଙ୍କୁ ବାଙ୍ଗାଲୋର ଯିବାକୁ କେଉଁ ଟ୍ରେନରେ ଯିବେ ବୋଲି ପଚାରିଥିଲେ। ନାବାଳିକାଙ୍କ ଗତିବିଧି ଲକ୍ଷ୍ୟ କରି ସନ୍ଦେହ ହେବାରୁ ରେଲୱେ ଚାଇଲ୍ଡ ଲାଇନ ତାଙ୍କୁ ସେଠାରୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରିଥିଲେ। ନାବାଳିକାକୁ ପରାମର୍ଶଦାତ୍ରୀ ମହାପାତ୍ର କାଉନସେଲିଂ କରିବାରୁ ସବୁ କଥା ଜାଣିବାକୁ ପାଇଥିଲେ। ତେବେ ସେ ପୁରୁଣା କଥାକୁ ଭୁଲି ଘରକୁ ଫେରିବାକୁ ଚାହୁଁଥିବା ମହାପାତ୍ରଙ୍କ ଆଗରେ ପ୍ରକାଶ କରିଥିଲେ। ମହାପାତ୍ର ଏନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇବାରୁ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ନାବାଳିକାଙ୍କୁ ଶନିବାର ନାଗାଲାଣ୍ଡ ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରାଯାଇଛି। ସେଠାର ଶିଶୁ ମଙ୍ଗଳ ସମିତି ତାଙ୍କ ପିତାମାତାଙ୍କ ସହିତ ଆଲୋଚନା କରି ନାବାଳିକାଙ୍କୁ ହସ୍ତାନ୍ତର କରିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି।



## ୨୮,୯୭୦ ପର୍ଯ୍ୟଟକ ନନ୍ଦନକାନନ ବୁଲିଲେ

**ବାରଙ୍ଗ,୮।୧(ଡି.ଏନ୍.ଏ.):** ପାଗ ଭଲଥିବାରୁ ଚଳିତ ବର୍ଷ ଦ୍ୱିତୀୟ ରବିବାରରେ ୨୮,୯୭୦ଜଣ ପର୍ଯ୍ୟଟକ ନନ୍ଦନକାନନ ବୁଲିବାକୁ ଆସିଛନ୍ତି। ସେଥି ମଧ୍ୟରେ ଅଫ୍‌ଲାଇନରେ ୨୭୦୯ ଓ ଅନ୍‌ଲାଇନରେ ୧୮୧୯ ଜଣ ପର୍ଯ୍ୟଟକ ଟିକେଟ ସଂଗ୍ରହ କରିଥିଲାବେଳେ ୬୦ ଜଣ ଦିବ୍ୟାଙ୍ଗ ବିନା ଦେୟରେ ପ୍ରବେଶ କରିଥିଲେ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶ ସଞ୍ଜିତ କୁମାର କହିଛନ୍ତି।

**ସମ୍ବଲପୁରୀ ବସ୍ତ୍ରାଳୟ**

ପବିତ୍ର ମକର ଓ ପୋଙ୍ଗଲ ଉପଲକ୍ଷେ
ବିଶେଷ ସରକାରୀ ରିହାତି
**୧୦%+୨୦%**
ତା୦୯।୦୧।୨୦୨୩ରୁ ତା୧୪।୦୧।୨୦୨୩ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.

## ଯତ୍ନକେନ୍ଦ୍ରରେ ଶିଶୁ ସମାରୋହ

ବାଙ୍କୀ,(ସ୍ୱ.ପ୍ର.): ଡାକ୍ତର ସ୍ୱର୍ଗତ ମହାମାୟା ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବସୁନ୍ଧରା ଚାଇଲ୍ଡ ଲାଇନ ତରଫରୁ ଶିଶୁ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କଟକ ଜିଲାର ସମସ୍ତ ଶିଶୁଯତ୍ନ ଅନୁଷ୍ଠାନ ଶିଶୁମାନେ ଏଥିରେ ଭାଗ ନେଇଥିଲେ। ସମାରୋହରେ ବାଙ୍କୀ ଗୋପାଳପୁର ଲୋକନାୟକ କ୍ଲବର ଶିଶୁଯତ୍ନ ଅନୁଷ୍ଠାନର ଶିଶୁମାନେ ଭାଗନେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିଲେ। ଏହି ଅବସରରେ କୁଇଜ, ଗ୍ରୁପ୍ ଡ୍ୟାନ୍ସ ଓ ଗୀତ ଆଦି ପ୍ରତିଯୋଗିତା ହୋଇଥିଲା।



# 'ଦମନ', 'ଶେଷରାତି'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର

## 'ଚଳଚ୍ଚିତ୍ର ଜଗତ'ର ୪୭ତମ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ

ପୁରୀ ଅଫିସ,୮।୧

ଓଡ଼ିଶାର ପୁରାତନ ଚଳଚ୍ଚିତ୍ର ପତ୍ରିକା 'ଚଳଚ୍ଚିତ୍ର ଜଗତ'ର ୪୭ତମ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ରବିବାର ପୁରୀ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଶାର ମୁଖ୍ୟ ମହାଡାକପାଳ ଶୁଭେନ୍ଦୁ ସ୍ୱାଇଁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ନାଲ୍‌କୋର ବାଣିଜ୍ୟ ନିର୍ଦ୍ଦେଶକ ସଦାଶିବ ସାମନ୍ତରାୟ, ପୁରୀ ସଦର ଚିକିତ୍ସାଳୟର ଯୁଗ୍ମ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ଶୁଭେନ୍ଦୁ କୁମାର ମହାନ୍ତି, ପୁରୀର ପୂର୍ବତନ ଜିଲାପାଳ ପଦ୍ମନାଭ ସାମଲ ପ୍ରମୁଖ ଯୋଗଦେଇ ସମାଜର ବିଭିନ୍ନ ବର୍ଗର କୃତୀ ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ 'ଚଳଚ୍ଚିତ୍ର ଜଗତ'ର ଉପଦେଷ୍ଟା ପ୍ରଫେସର ଡାକ୍ତର ଶକ୍ତି ପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ସହସମ୍ପାଦକ ସ୍ଥିତପ୍ରଜ୍ଞ ରାଉତ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ଦିବଂଗତ ଚଳଚ୍ଚିତ୍ର ବ୍ୟକ୍ତିତ୍ୱମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା ପରେ ସହସମ୍ପାଦକ ବିଜୟ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଆଦିକନ୍ଦ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଜୟ ମଲ୍ଲ ମଞ୍ଚ ପରିଚାଳନା କରିଥିବା ବେଳେ ରଞ୍ଜନ ରାଉତ, ରଞ୍ଜିତ ଚୌଧୁରୀ, ମୋହନ ସେଠୀ, ରସାନନ୍ଦ ସାହୁ, ଧୀରେନ୍ଦ୍ର ସାହୁ, ଶାରଦା ସାହୁ, ଗୁରୁପ୍ରସାଦ ରାଉତ ଉତ୍ସବ ପରିଚାଳନା କରିଥିଲେ। ୨୦୨୨ ମସିହାରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର ଓ ବିଭିନ୍ନ ଚ୍ୟାନେଲରେ ପ୍ରସାରିତ ଧାରାବାହିକଗୁଡ଼ିକ ମଧ୍ୟରୁ ୩୦ଟି ବିଭାଗରୁ କୃତୀ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୬ ବ୍ୟକ୍ତି ବିଶେଷଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା ସ୍ୱତନ୍ତ୍ର ସମ୍ମାନରେ ନିରୁପମା ସ୍ୱାଇଁଙ୍କୁ ଅନ୍ନପୂର୍ଣ୍ଣା ଦ୍ୱିବେଦୀ ସ୍ମାରକୀ ସାହିତ୍ୟ ସମ୍ମାନ, ଶିଳ୍ପୋଦ୍ୟୋଗୀ ସ୍ୱତନ୍ତ୍ର ସମ୍ମାନ ମଧୁସୂଦନ ସିଂହାରୀ, ଶମ୍ଭୁନାଥ ଖୁଣ୍ଟିଆ ସ୍ୱତନ୍ତ୍ର ସମ୍ମାନ, ନବ କିଶୋର ଦାସ ଚଳଚ୍ଚିତ୍ର ଫ୍ଲାଗ୍, ଅନୁପମ ପଟ୍ଟନାୟକ ଚଳଚ୍ଚିତ୍ର ପ୍ରତୀକ୍ଷା ପାଇଁ ସ୍ୱତନ୍ତ୍ର ସମ୍ମାନ, ଲୋକନାଥ ଲେଙ୍କାଙ୍କୁ ସୀତା ଦେବୀ ସ୍ମାରକୀ ଅପେରା କଳାକାର ସମ୍ମାନ, ଶକ୍ତି ସିନେମା ପ୍ରୋପ୍ରାଇଟର କେ. ହାଡୁ ସୁବୁଦ୍ଧି ଆଶୁତୋଷ ମହାପାତ୍ର ସ୍ମାରକୀ ପ୍ରେକ୍ଷାଳୟ ସମ୍ମାନ, ସଙ୍ଗୀତ ନିର୍ଦ୍ଦେଶକ ଓ ତବଲା ବାଦକ ଆଲୋକ କୁମାର ମହାପାତ୍ରଙ୍କୁ ସତ୍ୟନାରାୟଣ ଅଗ୍ରୱାଲ ସ୍ମାରକୀ ସମ୍ମାନ, ଜଗନ୍ନାଥ ସ୍ୱାଇଁ ମହାପାତ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ, କୃଷି ବୈଜ୍ଞାନିକ ଭାବେ ସିଫା ନିର୍ଦ୍ଦେଶକ ପ୍ରଫେସର ପ୍ରମୋଦ କୁମାର ସାହୁଙ୍କୁ ସ୍ୱତନ୍ତ୍ର ସମ୍ମାନ, ଚିକିତ୍ସକ ଭାବେ ପ୍ରଫେସର ଘନଶ୍ୟାମ ବିଶ୍ୱାସ ଓ ପ୍ରଫେସର ଜ୍ୟୋତି ରଞ୍ଜନ ପରିଡ଼ା, ଅଭିନେତା ଓ ନିର୍ଦ୍ଦେଶକ ନବ କିଶୋର ଆଚାର୍ଯ୍ୟଙ୍କୁ ଭୀମ ସିଂ ସ୍ମାରକୀ ସମ୍ମାନ, ଏବଂ ଶ୍ରୀନିବାସ ମହାପାତ୍ରଙ୍କୁ ନିତାଇ ପାଲିତ ପୁରସ୍କାର ଏବଂ ସମାଜସେବୀ ଯଜ୍ଞାଶିଷ ମହାପାତ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ପ୍ରତିଭା ସମ୍ମାନରେ ୩୨ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଲିପାକ୍ଷି ଦାସଙ୍କୁ ବଟକୃଷ୍ଣ ନାୟକ ଶିଶୁ ପ୍ରତିଭା ସମ୍ମାନ (ମହାବାହୁ ଚଳଚ୍ଚିତ୍ର), ଶ୍ରେଷ୍ଠ କାହାଣୀକାର ଭାବେ ରଞ୍ଜନ କୁମାର ଦାସ (ମାୟାଦର୍ପଣ), ପ୍ରିୟନାଥ ସୁବୁଦ୍ଧି ପ୍ରତିଭା ସମ୍ମାନ ଶ୍ରେଷ୍ଠ ନବଗତ ନାୟକ ଲୁବୁନ୍ ସେନ (କହିବିନି ଆଇ ଲଭ୍ ୟୁ), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ଓ ଅଭିନେତ୍ରୀ ଭାବେ ଶୁସିଲ ମିଶ୍ର, ରବି ମିଶ୍ର, ମନସ୍ୱିନୀ ଟାକ୍ରି, ଐଶ୍ୱର୍ଯ୍ୟା ବେହେରାଙ୍କୁ ଯଥାକ୍ରମେ ପ୍ରତୀକ୍ଷା, ତୃଷ୍ଣା, ଦମନ ଏବଂ ମିଷ୍ଟର କହ୍ନେୟା ଚଳଚ୍ଚିତ୍ର ପାଇଁ ପୁରସ୍କୃତ କରାଯାଇଛି। ଶ୍ରେଷ୍ଠ ସଂଳାପକାର ଭାବେ ଶରଣାରବିନ୍ଦ ଓଝା (ମହାବାହୁ), ଶ୍ରେଷ୍ଠ ଅଭିନେତା ଜୀବନ ପଣ୍ଡା (ମାୟାଦର୍ପଣ), ଶ୍ରେଷ୍ଠ ଚରିତ୍ର ଅଭିନେତ୍ରୀ ସ୍ମିତା ମହାନ୍ତି (ବାଳୀ), ଶ୍ରେଷ୍ଠ ଚିତ୍ରୋତ୍ତୋଳନକାରୀ ଧ୍ରୁବାନନ୍ଦ ପଣ୍ଡା(ମାୟାବୀ) ସ୍ୱତନ୍ତ୍ର ଜୁରୀ ପୁରସ୍କାର ପ୍ରତିଭା ପଣ୍ଡା (ମାୟାଦର୍ପଣ), ଶ୍ରେଷ୍ଠ ଚଳଚ୍ଚିତ୍ର (ପପୁରାଲ) ଦମନ ପାଇଁ ଦୀପେନ୍ଦ୍ର ସାମଲ, ଶ୍ରେଷ୍ଠ ଚଳଚ୍ଚିତ୍ର (କ୍ରିଟିକ୍) 'ଶେଷ ରାତି' ପାଇଁ ପ୍ରୀତମ ସାହୁ, ଶ୍ରେଷ୍ଠ ନାୟକ ଭାବେ ଆକାଶ ଦାସ ନାୟକ (ମହାବାହୁ), ଶ୍ରେଷ୍ଠ ନାୟିକା ଭାବେ ରିୟା ଦେ (ଶେଷ ରାତି)ଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ହାସ୍ୟାଭିନେତା ଭାବେ ସ୍ୱାଓନ ସୁମନ ନାୟକ (ରୁଦ୍ରାଣୀ), ଶ୍ରେଷ୍ଠ ନିର୍ଦ୍ଦେଶକ (ପପୁଲାର) ବିଶାଲ ମୌର୍ଯ୍ୟ (ଦମନ), ଦେବୀ ପ୍ରସାଦ ଲେଙ୍କା (ଶେଷ ରାତି), ଅମରେଶ ପତି ଶ୍ରେଷ୍ଠ ନିର୍ଦ୍ଦେଶକ (କ୍ରିଟିକ୍), ଶ୍ରେଷ୍ଠ ଗୀତିକାର ପୁଷ୍ପକ ପରିଡା (ଶେଷ ରାତି), ସ୍ୱତନ୍ତ୍ର ଜୁରି ପୁରସ୍କାର ଦେବାଶିଷ ପାତ୍ର (ଶେଷ ରାତି), ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର (ତୃଷ୍ଣା), ଶ୍ରେଷ୍ଠ ଖଳନାୟକ ସମ୍ମାନ ବୀରେନ୍ ମିଶ୍ର (ଶେଷ ରାତି), ଶ୍ରେଷ୍ଠ ଗାୟକ ଶ୍ରୀଚରଣ ମହାନ୍ତି ଓ ଶ୍ରେୟା ମିଶ୍ର, ଶ୍ରେଷ୍ଠ କଳା ନିର୍ଦ୍ଦେଶକ ନବଘନ ଦଳାଇଙ୍କୁ ପୁରସ୍କୃତ କରାଯାଇଥିଲା। ଦୂରଦର୍ଶନ ପୁରସ୍କାର ୫ଜଣଙ୍କୁ ପ୍ରଦାନ କରାଯାଇଥିଲା। ବିଜୟ ରାଉତରାୟ, ବନସ୍ମିତା ରାଉତରାୟ, ମନ୍ଦାକିନୀ ରାଉତ ଓ ରବୀନ୍ଦ୍ରନାଥ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନ୍ମଥ ମିଶ୍ର, ଅଭିଜିତ୍ ମଜୁମଦାର, କୁମାର ଜାନୁ, ସନ୍ତୋଷ ଗୁପ୍ତା, ସ୍ୱାହାଶ୍ରୀ ପତି, ସଞ୍ଜନା ରାଉତ, ପାୟଲ ପ୍ରୀୟଦର୍ଶନୀ ଭୋଳ, ଚାମେଲି ପ୍ରୀୟଦର୍ଶିନୀ ଓ ନିତୁ ପ୍ରିୟଦର୍ଶିନୀ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ପ୍ରଯୋଜକ ବାପୁ ଲେଙ୍କା ଯାଦୁ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କ ମନ ମୁଗ୍ଧ କରିଥିଲେ। ଶେଷରେ ସହସମ୍ପାଦକ ଇଂ. ସ୍ଥିତପ୍ରଜ୍ଞ ରାଉତ ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଅଭିନେତ୍ରୀ ରିୟା ଦେ ଓ ଅଭିନେତା ଆକାଶ ଦାସନାୟକ।

- ପ୍ରତିଭା ପଣ୍ଡାଙ୍କୁ ସ୍ୱତନ୍ତ୍ର ଜୁରି ପୁରସ୍କାର
- ଶ୍ରେଷ୍ଠ ନାୟକ ଆକାଶ, ଶ୍ରେଷ୍ଠ ନାୟିକା ରିୟା

## ସଂକ୍ଷେପରେ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ବାଦ ପଡ଼ିଲେ ୪୦୦୦ ଅଯୋଗ୍ୟ ଶ୍ରମିକ

କଟକ ସଦର,୮।୧(ଡି.ଏନ୍.ଏ.): କଟକ ସଦର ବ୍ଲକ ଅଞ୍ଚଳରେ ଥିବା ୪୦୦୦ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅଯୋଗ୍ୟ ଶ୍ରମିକଙ୍କୁ ବ୍ଲକ ତାଲିକାରୁ ଶନିବାର ସୁଦ୍ଧା ବାଦ୍ ଦିଆଯାଇଛି। ଏମାନେ ଜବ୍‌କାର୍ଡ ହାସଲ କରିଥିଲେ ସୁଦ୍ଧା ଅନ୍ୟ କାମରେ ନିୟୋଜିତ ଥିଲେ। କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ୩୧,୦୦୦ ଜବ୍‌କାର୍ଡଧାରୀ ଥିଲେ। ଯାହାକୁ ନେଇ କଟକ ଜିଲାପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମ୍ବର କୁମାର କର ଅସନ୍ତୋଷ ବ୍ୟକ୍ତ କରିଥିଲେ। କେନ୍ଦ୍ରୀୟ ନିୟମ ଅନୁଯାୟୀ ମୁଣ୍ଡରେ ମାଟି ବୋହିବାର ମାନସିକତା ରଖିଥିବା ବ୍ୟକ୍ତିମାନେ ଜବକାର୍ଡ ପାଇଁ ଆବେଦନ କରିପାରିବେ। ହେଲେ ଏହି ବ୍ଲକ ଅଞ୍ଚଳରେ ପ୍ରଭାବଶାଳୀ ବ୍ୟକ୍ତି, ଆୟକରଦାତାଙ୍କ ପରିବାର ସଦସ୍ୟ ଜବ୍‌କାର୍ଡ ପାଇଥିବା ଅଭିଯୋଗ ହୋଇଥିଲା। ଗତ ୫ ତାରିଖରେ କର ଧରିଣା ପଞ୍ଚାୟତ ଗସ୍ତରେ ଆସିଥିବାବେଳେ ଆୟୋଗ୍ୟଙ୍କୁ ବାଦ୍ ଦେବା ପାଇଁ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାର ତଦନ୍ତ ଓ ତାଲିକାରୁ ବାଦ୍ ଦେବା ପ୍ରକ୍ରିୟା ଜାରି ରହିବ ବୋଲି କର କହିଛନ୍ତି।

### ଶିଶୁ ନିର୍ଯାତନା ସମ୍ପର୍କିତ ଆଇନ ସମ୍ବନ୍ଧୀୟ କର୍ମଶାଳା

ଆଠଗଡ,୮।୧(ସ୍ୱ.ପ୍ର.): କଟକ ଜିଲା ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଆଠଗଡ ଥାନା ପରିସରରେ ବାଲ୍ୟ ବିବାହ, ଶିଶୁଶ୍ରମିକ ନିରୋଧ, ଶିଶୁ ନିର୍ଯାତନା ସମ୍ପର୍କିତ କର୍ମଶାଳା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଗ୍ରାମାଞ୍ଚଳ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣ ପ୍ରସାଦ ପଟ୍ଟନାୟକ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆଠଗଡ ଏନ୍‌ଏସି ଓ ବ୍ଲକ ଅଞ୍ଚଳର ଅଙ୍ଗନୱାଡ଼ି କର୍ମୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର ସଭ୍ୟାମାନେ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲା ଶିଶୁ ସୁରକ୍ଷା ୟୁନିଟର ଅଧକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ, ପୂର୍ବତନ ସଭ୍ୟ ଚିତ୍ତ ରଞ୍ଜନ ମହାନ୍ତି, ସାମାଜିକ କର୍ମୀ କଂଗ୍ରେସ କୁମାର ରାଉତ, ଅଣ ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ଗୌତମ ମହାପାତ୍ର, ଉପଖଣ୍ଡ ଆରକ୍ଷୀ ଉପାଧକ୍ଷ ବିଜୟ କୁମାର ବିଶି, ଥାନା ଅଧିକାରୀ ବାମଦେବ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

### ଭଲିବଲ, ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ

ଟିଗିରିଆ,୮।୧(ଡି.ଏନ.ଏ.): ଟିଗିରିଆ ବ୍ଲକ ଅନ୍ତର୍ଗତ ଭୀରୁଡ଼ା ଠାରେ ରୋମାଣ୍ଟିକ କ୍ଲବ ଆନୁକୂଲ୍ୟରେ ନବମ ବାର୍ଷିକ ଭଲିବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ଥିଲେ। ଭୀରୁଡ଼ା ରୋମାଣ୍ଟିକ କ୍ଲବ ଆନୁକୂଲ୍ୟରେ ଉଦ୍‌ଘାଟନୀ ଭଲିବଲ ମ୍ୟାଚ କଙ୍କଡଯୋଡି ଓ ଭୀରୁଡ଼ା ମଧ୍ୟରେ ଖେଳାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ଭୀରୁଡ଼ା ସରପଞ୍ଚ ବେଣୁଧର ସାହୁ, ସମିତି ସଭ୍ୟ ଧନେଶ୍ୱର ରଣା, ଭୀରୁଡ଼ା ସଭାପତି ପ୍ରଭାକର ରାଉତ ପ୍ରମୁଖ ଯୋଗଦେଇଥିଲେ। ସେହିପରି ନୂଆପାଟଣାଠାରେ ବଜରଙ୍ଗୀ କ୍ଲବ ନୂଆପାଟଣା ଆନୁକୂଲ୍ୟରେ ବ୍ୟାଡମିଣ୍ଟନ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ନୂଆପାଟଣା ଓ ଜେମାଦେଇପୁର ମଧ୍ୟରେ ଖେଳାଯାଇଥିଲା। ଏହି ଅବସରରେ ଅରୁଣ ନାୟକ, ମହେନ୍ଦ୍ର କୁଣ୍ଡୁ, ସାହାଦତ ଖାଁ, ବଜରଙ୍ଗୀ କ୍ଲବ ନୂଆପାଟଣାର ସଭାପତି ବିଜୟ କୁମାର ତୋଷ, ବିଶେଶ୍ୱର ପାତ୍ର, ଶୁଭମ କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ମାର୍ଟବୋର୍ଡରେ ପାଠପଢ଼ା, ଇ-ଲାଇବ୍ରେରୀକୁ ଗୁରୁତ୍ୱ



ତାଲିମ ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟମାନେ।

## ଶିକ୍ଷକଙ୍କ ପାଇଁ ଦକ୍ଷତା ବିକାଶ ତାଲିମ

ସାଲେପୁର,୮।୧(ଡି.ଏନ୍.ଏ.)

ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷୟିତ୍ରୀ,ଶିକ୍ଷକ ଓ ପ୍ରଧାନ ଶିକ୍ଷକମାନଙ୍କ ୫-ଟି ଦକ୍ଷତା ବିକାଶ ତାଲିମ ଉଦ୍‌ଯାପିତ ହୋଇଯାଇଛି। ଏନେଇ ୩୭ ଉଚ୍ଚ ବିଦ୍ୟାଳୟର ୭୨ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ୫ ଦିନ ବ୍ୟାପୀ ତାଲିମ୍ ଦିଆଯାଇଥିଲା। ପ୍ରଶିକ୍ଷକ ଭାବେ ସାଲେପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ବାରିକ୍, ଜତୀନ୍ଦ୍ର ନାଥ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଶାନ୍ତ କୁମାର ସାହୁ ଏବଂ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଏମ୍.ଆଇ.ଏସ୍. ଅଶୋକ କୁମାର ସେଠୀ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସ୍ମାର୍ଟବୋର୍ଡରେ ପାଠ ପଢ଼ାଇବା, ଇ-ଲାଇବ୍ରେରୀ, ଲାବୋରେଟୋରୀର ସଦୁପଯୋଗ ସମ୍ବନ୍ଧରେ ତାଲିମ ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ସହକାରୀ ଜିଲା ଶିକ୍ଷାଧିକାରୀ ସନ୍ତୋଷ କୁମାର ରାଉତ ଯୋଗଦେଇ ରାଜ୍ୟ ସରକାରଙ୍କ ଉଦ୍ୟମ ଯୋଗୁ ଓଡ଼ିଶାର ସରକାରୀ ବିଦ୍ୟାଳୟଗୁଡ଼ିକ ସର୍ବଭାରତୀୟସ୍ତରର ବେସରକାରୀ ଏବଂ ଇଂଲିଶ ମାଧ୍ୟମ ବିଦ୍ୟାଳୟ ସହ ସମକକ୍ଷ ହୋଇପାରିବ ବୋଲି କହିଥିଲେ। ମଣ୍ଡଳ ଶିକ୍ଷାଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ମନୋରଞ୍ଜନ ବାରିକ, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବିଳାସିନୀ ବାହିନୀପତି ଉପସ୍ଥିତ ରହି ତାଲିମ୍‌ର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ସିଆରସିସି ଅନ୍ତର୍ଯାମୀ ଭୋଳ, ଭରତ ବାରିକ, ଶିକ୍ଷକ ସାନନ୍ଦ ଭୋଇ, କର୍ମଚାରୀ ସୀମାଞ୍ଚଳ ସାହୁ, ପ୍ରଦୀପ୍ତ କବି ପ୍ରମୁଖ ଏଥିରେ ସହାୟତା କରିଥିଲେ।

## ରାଧାକିଶୋରପୁର ଚ୍ୟାଲେଞ୍ଜ୍ କପ୍ କ୍ରିକେଟ | ସୁନ୍ଦରପଦା ଏକାଦଶ ଚାମ୍ପିୟନ

ଖୁଣ୍ଟୁଣୀ, ୮।୧(ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାକିଶୋରପୁରଠାରେ ଶକ୍ତିମୟୀ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଧାକିଶୋରପୁର ଚ୍ୟାଲେଞ୍ଜ କପ୍ କ୍ରିକେଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଫୁଲନଖରା ସୁନ୍ଦରପଦା ଏକାଦଶ ୧୮ ରନ୍‌ରେ କୁମାରପୁର କ୍ରିକେଟ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଟସ୍ ହାରି ସୁନ୍ଦରପଦା ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୭୮ ରନ୍ ସଂଗ୍ରହ କରିଥିଲା। ଜବାବରେ କୁମାରପୁର ଦଳ ୮ ଓଭରରେ ମାତ୍ର ୬୦ ରନ୍ କରି ପରାଜିତ ହୋଇଥିଲା। ବିକାଶ ବେହେରା ଓ ସୁବ୍ରତ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ସୁନ୍ଦରପଦା ଓ ଉପବିଜେତା କୁମାରପୁର ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ଅତିଥି ଭାବେ ରାଧାକିଶୋରପୁର ସରପଞ୍ଚ ବିନୋଦ କୁମାର ମାଝୀ, ସମିତିସଭ୍ୟ ବିଧାନଚନ୍ଦ୍ର ସ୍ୱାଇଁ, ଅଲ୍ଟ୍ରାଟେକ୍ କମ୍ପାନୀର ମାନବ ସମ୍ବଳ ଅଧିକାରୀ ସମୀର ମହାନ୍ତି, ସଞ୍ଜୟ ନାୟକ, ପୂର୍ବତନ ସରପଞ୍ଚ ସଞ୍ଜୀତ ରାଉଲ, ଗଦାଧର ବେହେରା ଓ ପ୍ରତାପ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶକ୍ତିମୟୀ ସ୍ପୋର୍ଟ୍ସ କ୍ଲବ ସଭାପତି ପ୍ରବୋଧ ସ୍ୱାଇଁ, ସମ୍ପାଦକ ଲକ୍ଷ୍ମୀଧର ବେହେରା ଓ ଉପଦେଷ୍ଟା ରବୀନ୍ଦ୍ର ଜେନାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ଗୁରୁତ୍ୱପୂର୍ଣ୍ଣ

ଆଠଗଡ, ୮।୧(ସ୍ୱ.ପ୍ର.)

ଆଠଗଡ଼ ବ୍ଲକ ଅନ୍ତର୍ଗତ ରାଜନଗର ଉପ୍ରା ବିଦ୍ୟାଳୟର ବିଦ୍ୟାଳୟର ବାର୍ଷିକ ଉତ୍ସବ ଏହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆଇନଜୀବୀ ଆଦିତ୍ୟ ପ୍ରତାପ ସାଇଁ ଉଦ୍‌ଘାଟନ କରି କହିଥିଲେ ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ଗୁରୁତ୍ୱପୂର୍ଣ୍ଣ ଅଟେ। ଏନେଇ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଏହି ଅବସରରେ ବିଦ୍ୟାଳୟ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ସରପଞ୍ଚ ରଶ୍ମିତା ପରିଡା, ସମିତି ସଭ୍ୟାସୁଚିତ୍ରା ସାମଲ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ନବ କିଶୋର ସାହୁ, ଅଜୟ କୁମାର ମହାପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ.ଅଜୟ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ମହେନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇଥିଲେ।



# ଅଙ୍ଗଦାନ ପାଇଁ ଚୁକ୍ତି କଲେ ୮୯ ବର୍ଷୀୟ ବ୍ୟକ୍ତି

ନରସିଂହପୁର, ୮।୧(ସ୍ୱ.ପ୍ର)

ସ୍ୱାର୍ଥପର ଦୁନିଆରେ ଅନ୍ୟକୁ ସାହାଯ୍ୟ କରିବା ଭଳି ଗୁଣ ଲୋକମାନଙ୍କଠାରୁ ଦୂରେଇ ଯାଉଥିବା ବେଳେ ଜଣେ ନିପଟ ମଫସଲ ଗାଁର ୮୯ ବର୍ଷୀୟ ବୃଦ୍ଧ ସମାଜର ମଙ୍ଗଳ କାମନା କରି ନିଜର ଦୁଇଟି ଚକ୍ଷୁ ସହିତ ଶରୀରର ଅନାନ୍ୟ ଅଙ୍ଗଗୁଡିକୁ ଦାନ କରିବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିବା ଭଳି ଏକ ବିରଳ ଘଟଣା ଦେଖିବାକୁ ମିଳିଛି। କଟକ ଜିଲା ନରସିଂହପୁର ବ୍ଲକ ବାହାଳି ଗ୍ରାମର କରୁଣ ପ୍ରଧାନ (୮୯) ଜଣେ ନାମ ମାତ୍ର ଚାଷୀ। ଅଭାବ ଅନଟନ ଭିତରେ ନିଜ ପରିବାରକୁ ଚଳାଇ ଗାଁରେ ଚାଷବାସ କରି ଜୀବନ ନିର୍ବାହ କରନ୍ତି। ମୃତ୍ୟୁ ପରେ ଶରୀରର ପ୍ରତ୍ୟେକ ଅଙ୍ଗ ଅନ୍ୟ ଜଣକ ଦେହରେ ପ୍ରତିରୋପଣ କଲେ ତାହା କାର୍ଯ୍ୟକାରୀ ହୋଇପାରିବ ବୋଲି ବୁଝି କରୁଣ ତାଙ୍କର ମୃତ୍ୟୁ ପରେ ନିଜର ଅଙ୍ଗ ଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ତାଙ୍କର ଇଚ୍ଛାକୁ ପରିବାରରେ ଜଣାଇବା ପରେ ପୁଅ ବୋହୂ ପ୍ରଥମେ ରାଜି ହୋଇ ନ ଥିଲେ। କିନ୍ତୁ କରୁଣଙ୍କ ଜିଦ୍ ଆଗରେ ଶେଷରେ ପରିବାର ଲୋକ ରାଜି ହୋଇଥିଲେ। ବୃଦ୍ଧ କରୁଣ ଜଣେ ଯୁବକଙ୍କ ସହାୟତାରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ ଓ କଲେଜ ଯାଇଁ ସମ୍ମତି ପତ୍ର ପ୍ରଦାନ କରିଆସିଛନ୍ତି। ମୁଁ ଏବେ ଜୀବନର ଶେଷ ପାହାଚରେ ପହଞ୍ଚିଯାଇଛି। ଯଦି ମୋର ଅଙ୍ଗ ଆଉ କାହାର ଜୀବନ ବଞ୍ଚାଇପାରିବ ତେବେ ଏଭଳି ମୂଲ୍ୟବାନ ଅଙ୍ଗ ନିଆଁରେ ପୋଡ଼ି ନଷ୍ଟ ହେବା ପୂର୍ବରୁ ମୁଁ ସମାଜର ମଙ୍ଗଳ ପାଇଁ ଦାନ କରୁଛି ବୋଲି ବୃଦ୍ଧ କରୁଣ ପ୍ରଧାନ ନିଜ ପ୍ରତିକ୍ରିୟାରେ କହିଛନ୍ତି।



କରୁଣ ପ୍ରଧାନ

# ଲୋକଙ୍କ ସେବାରେ ସାମିଲ ହେବାକୁ କର୍ମୀଙ୍କୁ ଆହ୍ୱାନ

ମଙ୍ଗୁଳି-ଜଗତପୁର/ସାଲେପୁର,୮।୧(ଡି.ଏନ.ଏ.)

ଜଗତପୁର ଥାନା ଅଧୀନ ନଜରପୁର ଖେଳପଡିଆରେ ବିଜେଡିର ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ସିଏମ୍‌ସି ୪୮ନଂ. ୱାର୍ଡର କର୍ପୋରେଟରଙ୍କ ପ୍ରତିନିଧି ନାଗେଶ୍ୱର ବେହେରାଙ୍କ ନେତୃତ୍ୱରେ ୨ ହଜାରରୁ ଊର୍ଦ୍ଧ୍ୱ କର୍ମୀ ନଜରପୁର ଛକଠାରେ ଏକତ୍ରିତ ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରା ବାହାରି ନଜରପୁର ଖେଳପଡିଆରେ ପହଞ୍ଚିଥିଲା। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତି ମାଝୀ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିଲେ। ବିଜେଡି ଦୀର୍ଘବର୍ଷ ଧରି ଲୋକଙ୍କ ପାଇଁ କାର୍ଯ୍ୟ କରିଆସୁଛି। ଆଗାମୀ ଦିନରେ ଲୋକଙ୍କର ସେବାରେ ନିଜକୁ ସାମିଲ କରିବା ପାଇଁ ନେତାମାନେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଆସନ୍ତା ୬ ମାସ ମଧ୍ୟରେ ୪୮ନମ୍ବର ୱାର୍ଡରେ ବିଧାୟକ ପାଣ୍ଠିରୁ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ ବୋଲି ବିଧାୟକ ବିଶ୍ୱାଳ କହିଛନ୍ତି। ଜିଲା ବିଜେଡି ଉପସଭାପତି ବିଶ୍ୱଜିତ୍ ମହାନ୍ତି, ଦୟାନିଧି ନାୟକ ମଞ୍ଚ ପରିଚାଳନା ଓ କାଳୀଙ୍କିକର ମୁଖାର୍ଜୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିଲୋଚନ ପଣ୍ଡା, ସୁବ୍ରତ ଘଡେଇ, ଯୁବ ସଂଗଠକ ସୋବେନ ମହାନ୍ତି, ରାଜେନ୍ଦ୍ର ରଣା, ଅଶୋକ ମିଶ୍ର, ସ୍ଥାନୀୟ କର୍ପୋରେଟର ନଳିନୀପ୍ରଭା ବେହେରା, ଇତିଶ୍ରୀ ପଣ୍ଡା, ଲୋପାମୁଦ୍ରା ସାମଲ, ପ୍ରଭାକର ଦେହୁରୀ, ବିଭୁତି ଭୂଷଣ ବେହେରାଙ୍କ ସହ ଦଳୀୟ କର୍ମୀ ଉପସ୍ଥିତ ଥିଲେ।




ନଜରପୁର ଖେଳପଡିଆରେ ବିଜେଡି ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

## ବିଜେଡିର ପ୍ରତିଷ୍ଠା ଦିବସ

ସେହିପରି ସାଲେପୁର ବିଜୁ ଜନତା ଦଳ ପକ୍ଷରୁ ୨୫ବର୍ଷ ପୂର୍ତ୍ତି ଉତ୍ସବ ଓ ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ରାଜ୍ୟର ବହୁ ବରିଷ୍ଠ ନେତା ଯୋଗଦେଇ ମହିଳା ଓ ମା'ମାନଙ୍କ ପାଇଁ ରାଜ୍ୟରେ ବିଜେଡି ସରକାର ଗଠନ କରିଚାଲିବା ସହ ରାଜ୍ୟର ବିକାଶ ଦିଗରେ କାର୍ଯ୍ୟକରି ଚାଲିଛି। ଯଦି ମା'ମାନଙ୍କ ଆଶୀର୍ବାଦ ଦଳ ପ୍ରତି ଅକ୍ଷୁର୍ଣ୍ଣ ରହେ, ତେବେ ବିଜେଡି ରାଜ୍ୟରେ ଶହେ ବର୍ଷ ପର୍ଯ୍ୟନ୍ତ ସରକାର ଗଠନ କରିବା ସହ ରାଜ୍ୟର ବିକାଶ ଦିଗରେ କାର୍ଯ୍ୟକରି ସମଗ୍ର ଭାରତ ବର୍ଷରେ ଓଡ଼ିଶାକୁ ୧ନଂ ରାଜ୍ୟରେ ପରିଗଣିତ କରିପାରିବ ବୋଲି ପ୍ରକାଶ କରିଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ ସାଲେପୁର ହାଇସ୍କୁଲ ଖେଳପଡ଼ିଆଠାରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଉଷା ଦେବୀ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନା, ବିଧାୟକ ଦେବୀ ପ୍ରସାଦ ମିଶ୍ର, କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ, ବରିଷ୍ଠ ନେତା ପ୍ରଭାତ ତ୍ରିପାଠୀ ଯୋଗଦେଇ ବିଜେଡି ସରକାରର ଜନହିତକର କାର୍ଯ୍ୟ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ବ୍ଲକ୍ ବିଜେଡି ସଭାପତି ଅନନ୍ତ ଚରଣ ପ୍ରଧାନ, କାର୍ଯ୍ୟକାରିଣୀ ସଭାପତି ନାରାୟଣ ପତି, ଆତ୍ମାର ସଭାପତି ଦିଲୀପ ଦାଶ, ମହିଳା ବିଜେଡି ସଭାନେତ୍ରୀ ରାଜଶ୍ରୀ ଜେନା, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷା ତଥା ରାଜ୍ୟ ମହିଳା ବିଜେଡି ସାଧାରଣ ସମ୍ପାଦିକା ଜ୍ୟୋତିରେଖା ନାୟକ, ମିଶନ୍ ଶକ୍ତି ସଭାନେତ୍ରୀ ତୃପ୍ତିରେଖା ପରିଡ଼ା, ସାଲେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ବିଶ୍ୱାଳ, ପୂର୍ବତନ ଜିଲାପରିଷଦ ସଭ୍ୟ ଚିତ୍ତ ମହାନ୍ତି, ବ୍ଲକ୍ ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶ, ଛାତ୍ର ବିଜେଡି ସଭାପତି ଶୁଭମ୍ ଦାଶ, ଲିଟୁ ମହାପାତ୍ର, ରାଜେଶ ମହାନ୍ତି, ବିଜେଡି ସଂଖ୍ୟାଲଘୁ ସେଲ୍ ସଭାପତି ସେକ୍ ସମିମ୍ ଅକ୍ତର, ଟାଙ୍ଗି ବ୍ଲକ୍‌ର ବରିଷ୍ଠ ନେତା ଚିରଞ୍ଜନ ମହାନ୍ତି, ଯୁବନେତା ତାପସ ସାହୁ, ବୁଟୁ ଖିଲାର, ରାଜେଶ ଷଡ଼ଙ୍ଗୀ, ବାଲିସାହି ସରପଞ୍ଚ ପବିତ୍ର କୁମାର ସାମଲ, ସମିତିସଭ୍ୟା ଗୌତମୀ ମଲ୍ଲିକ, ଚନ୍ଦ୍ରାଦେଇପୁର ସମିତିସଭ୍ୟା ପୁଷ୍ପିତା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶାସ୍ତ୍ର, ପୁରାଣ, ସଂସ୍କୃତି, ପରମ୍ପରା ଏ ଜାତିର ଅସ୍ମିତା

ଖୋର୍ଦ୍ଧା ଅଫିସ,୮।୧: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଖୋର୍ଦ୍ଧାନଗର ପକ୍ଷରୁ ବନ ବିହାର କାର୍ଯ୍ୟକ୍ରମ ରବିବାର ପୁବୁ ସାହିସ୍ଥିତ କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନଗର କାର୍ଯ୍ୟବାହ ଆଦିତ୍ୟ ମହାରଣାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗ କାର୍ଯ୍ୟବାହ ବେଲେଶ୍ୱର ସାହୁ, ବିଭାଗ ପର୍ଯ୍ୟାବରଣ ପ୍ରମୁଖ ନିରଞ୍ଜନ ସାହୁ, ଶିକ୍ଷାବିକାଶ ସମିତି କେନ୍ଦୁଝର ନିରୀକ୍ଷକ ପବିତ୍ର କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମାଜ ଏକ ପରିବାର ସଦୃଶ। ଏଠି ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା ଭାବ ରହିଲେ ଏକ ଶୃଙ୍ଖଳିତ, ବିକଶିତ ରାଷ୍ଟ୍ର ଗଠନ ହୋଇପାରିବ। ବେଦ, ଉପନିଷେଦ, ପୁରାଣ ଶାସ୍ତ୍ର ରାମାୟଣ, ମହାଭାରତ, ଭାଗବତ ତଥା ସଂସ୍କୃତି, ପରମ୍ପରା ହେଉଛି ଏ ଦେଶର ଅସ୍ମିତା। ମାନବୀୟ ଜୀବନମୂଲ୍ୟବୋଧର ଆଧାର। ହିନ୍ଦୁ ସଂସ୍କୃତିରେ ପ୍ରକୃତି ପୂଜାର ଏକ ବିଶେଷ ମାହାତ୍ମ୍ୟ ରହିଛି। ଘରେ ତୁଳସୀ ଚଉଁରା, ଅଳାଁ, ବର, ଓସ୍ତଗଛକୁ ପୂଜା କରିବା ପଛରେ ଏକ ବିଜ୍ଞାନ ସମ୍ମତ କାରଣ ନିହିତ ରହିଛି। ଜୀବଜଗତ ବିନା ମାନବଜଗତ ବଞ୍ଚିବା ସମ୍ଭବ ନୁହେଁ। ଏଣୁ ପରିବେଶ ସୁରକ୍ଷା ସମସ୍ତଙ୍କ ଉତ୍ତରଦାୟିତ୍ୱ। ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ। ଆସନ୍ତା ଜାନୁୟାରୀ ୧୨ତାରିଖଠାରୁ ଏକମାସ ବ୍ୟାପୀ ସଂଘ ପକ୍ଷରୁ ବ୍ୟାପକ ଚାରାରୋପଣ ଏବଂ ମଞ୍ଜି ସଂଗ୍ରହ, ରୋପଣ ଲାଗି ଆଗ୍ରହ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନଗର ବ୍ୟବସ୍ଥା ପ୍ରମୁଖ ପ୍ରଶାନ୍ତ ବେହେରା, ମହେନ୍ଦ୍ର ସିଂ, ଆନନ୍ଦ ସାହୁ, ବାବୁନା ସିଂଦେଓ, ଓମ୍‌ପ୍ରକାଶ ମହାନ୍ତି, ଶ୍ୟାମ ପ୍ରକାଶ ମହାରଣା ପ୍ରମୁଖଙ୍କ ସମେତ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ।

### ଜନ୍ମବାର୍ଷିକ ମହାଯଜ୍ଞ ଉଦ୍‌ଯାପିତ

ଜଟଣୀ, ୮।୧(ଡି.ଏନ.ଏ)- ଜଟଣୀ ପୌରାଞ୍ଚଳ ୱାର୍ଡ ନମ୍ବର ୧୪ ଅନ୍ତର୍ଗତ ବାଛରାପାଟଣାସ୍ଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୩ଦିନ ଧରି ଚାଲିଥିବା ଜନ୍ମବାର୍ଷିକ ମହାଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଅଙ୍କୁରରୋପଣ କରାଯାଇଥିଲା। ଦ୍ୱିତୀୟ ଦିବସରେ ଜଳଯାତ୍ରା, ଅଗ୍ନିସ୍ଥାପନ, ସନ୍ଧ୍ୟା ଆଳତି ସହିତ ନାମସଂକୀର୍ତ୍ତନ ହୋଇଥିଲା। ଯଜ୍ଞ କର୍ମକୁ ପଣ୍ଡିତ ସମାନ୍ତ ଶର୍ମା ଏବଂ ସୌମ୍ୟରଞ୍ଜନ ପଣ୍ଡା ପରିଚାଳନା କରିଥିଲା। ମୁରଲୀଧର ଶାସ୍ତ୍ରୀଙ୍କ ସହିତ ଜୟୀରାଜଗୁରୁ କ୍ଲବ ଏବଂ ବାଛରାପାଟଣା ଗ୍ରାମବାସୀ ସହଯୋଗ କରିଥିଲେ।

# ଚିଲିକାରେ ଲଞ୍ଚ ଯାତାୟାତ ସମୟ ପରିବର୍ତ୍ତନ ପାଇଁ ଦାବି

ବାଣପୁର,୮।୧(ଡି.ଏନ୍.ଏ.)

ଏସିଆ ମହାଦେଶର ସର୍ବବୃହତ୍ ଲବଣ ହ୍ରଦ ନୀଳାମ୍ବୁ ଚିଲିକା, ଯାହାର ବ୍ୟାସ ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲାକୁ ବ୍ୟାପୀ ରହିଛି। ଚିଲିକାର ଜଳପଥ ମଧ୍ୟ ଦେଇ ପାରିକୁଦ ଅଞ୍ଚଳକୁ ଯାତାୟାତ ନିମନ୍ତେ ଜନସାଧାରଣଙ୍କୁ ଡଙ୍ଗା ଓ ଲଞ୍ଚର ଆଶ୍ରୟ ନେବାକୁ ପଡ଼ିଥାଏ। ତେବେ ଡଙ୍ଗାରେ ଯାତାୟାତ କରିବା ପାଇଁ ଯାତ୍ରୀମାନେ ନିଜକୁ ସେତେଟା ସୁରକ୍ଷିତ ମଣୁନାହାନ୍ତି। ତେଣୁ ଅଧିକାଂଶ ଯାତ୍ରୀ ଲଞ୍ଚ ଯାନରେ ଯାତାୟାତ ନିମନ୍ତେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ତେବେ ଲଞ୍ଚ ଯାତାୟାତ ନିମନ୍ତେ ସରକାର ନିର୍ଦ୍ଧାରିତ ସମୟ ସ୍ଥିରୀକୃତ କରିଥିବାବେଳେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସରକାରୀ କର୍ମଚାରୀ ପର୍ଯ୍ୟନ୍ତ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହାର ଫେରିବା ସମୟ ପ୍ରାୟ ୩ଟା ହୋଇଥିବାରୁ ଏହି ସମୟକୁ ପରିବର୍ତ୍ତନ କରିବା ନିମନ୍ତେ ବହୁଦିନ ଧରି ଦାବିହୋଇ ଆସୁଛି। ହେଲେ ଏଥିପ୍ରତି ସରକାର କିମ୍ବା ପ୍ରଶାସନର ଦୃଷ୍ଟି ପଡୁ ନ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଏପରି ସ୍ଥଳେ ଖୋର୍ଦ୍ଧା ଜିଲା ବାଲୁଗାଁ ଓ ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳରୁ ଲଞ୍ଚ ଯୋଗେ ଯାତାୟାତ କରୁଥିବା ଯାତ୍ରୀ ଲଞ୍ଚର ସମୟ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି।

ପାରିକୁଦ ଅଞ୍ଚଳରେ ରୁକ୍ମିଣୀଦେବୀ ଓ କନ୍ଦାଖାଇ ମହାବିଦ୍ୟାଳୟ ଥିବାବେଳେ ବାଣପୁରରେ ଗୋଦାବରୀଶ ମହାବିଦ୍ୟାଳୟ, ଗ୍ରାମୀଣ ମହିଳା ମହାବିଦ୍ୟାଳୟ, ପର୍ଶୁରାମ, ନାଚୁଣୀ, ବାଲୁଗାଁ, ପଞ୍ଚୁପଲ୍ଲୀ ମହାବିଦ୍ୟାଳୟ ଆଦିକୁ ପ୍ରତିଦିନ ଶତାଧିକ ଛାତ୍ରୀଛାତ୍ର ପାଠ ପଢ଼ିବା ନିମନ୍ତେ ଯାତାୟାତ କରୁଛନ୍ତି। ସେହିପରି ଉଭୟ ପଟରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଶତାଧିକ କର୍ମଚାରୀ, ବ୍ୟବସାୟୀ, ସାଧାରଣ ଲୋକେ ଯିବାଲାଗି ଲଞ୍ଚ ଉପରେ ନିର୍ଭର କରୁଛନ୍ତି। ତେଣୁ ସମୟ ଠିକ୍ ହେଉ ନ ଥିବାରୁ ଯାତାୟାତରେ ଅସୁବିଧା ହେଉଛି। ଅପରାହ୍ଣରେ ଯାତାୟାତ କରୁଥିବା ଲଞ୍ଚର ନିର୍ଦ୍ଧାରିତ ସମୟ ସମସ୍ତଙ୍କ ପାଇଁ ଏକ ପ୍ରାଚୀର ହୋଇଛି। ସ୍କୁଲ, କଲେଜ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଅପରାହ୍ଣ ୪ଟାରେ ଛୁଟି ହେଉଥିବା ବେଳେ ଲଞ୍ଚ ପ୍ରାୟ ୩ଟା ପରେ ଘାଟ ଛାଡୁଛି। ତେବେ ଏହି ଛାଡ଼ିବା ସମୟକୁ ଅପରାହ୍ଣ ୪ଟା କରିବା ପାଇଁ ସାଧାରଣରେ ଦାବି ହେଉଛି। ଏହାଦ୍ୱାରା ଛାତ୍ରୀଛାତ୍ର, କର୍ମଚାରୀ, ବ୍ୟବସାୟୀ ସମସ୍ତଙ୍କ ପାଇଁ ସୁବିଧା ହୋଇପାରିବ।

# ଡକାୟତି ଯୋଜନା ପଣ୍ଡ, ୬ ଗିରଫ



ଜଟଣୀ ଥାନା ଅଞ୍ଚଳରେ ଡକାୟତି ଯୋଜନା ବେଳେ ପୋଲିସ ଜବତ କରିଥିବା ସାମଗ୍ରୀ ସହ ଗିରଫ କରିଥିବା ଅଭିଯୁକ୍ତମାନେ।

ଜଟଣୀ,୮।୧(ଡି.ଏନ.ଏ.)

ଜଟଣୀ ଥାନା ଅଞ୍ଚଳରେ ଡକାୟତି ଯୋଜନା ପାଇଁ ଏକତ୍ରିତ ହୋଇରହିଥିବା ସମୟରେ ୬ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ଚାଚରା ସବର ସାହିର ସେରା ଓରଫ ସିରାଜୁଦ୍ଦିନ ଖାନ, ଘୋରଡ଼ିଆ ଗ୍ରାମର ପ୍ରକାଶ ଚନ୍ଦ୍ର ସିଂ, ବାଲିଛକ ମୁଣ୍ଡିଆ ସାହିର ବାବୁ ଓରଫ ଏସ୍.କେ.ସାହାବୁଦ୍ଦିନ, ରଥିପୁର ଭୋଇ ସାହିର ରବି ନାୟକ, ତାରାବୋଇ ହରିଡା ଅଞ୍ଚଳର ଲାଲୁ ଓରଫ ମଡାର ଲଲାବତ ଅଲ୍ଲୀ ଓ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳର ସନିଆ ଓରଫ ସନାତନ ନାୟକ। ସେମାନଙ୍କଠାରୁ ୬ ଛୁରି, ୫ଟି ଲଙ୍କାଗୁଣ୍ଡ ପ୍ୟାକେଟ, ୪ ମୋବାଇଲ, ଗୋଟିଏ ଟାଟା ଏସିଇ ଗାଡି ଏବଂ ଏକ ସ୍କୁଟିକୁ ଜବତ କରିଛି। ଏ ନେଇ ଥାନାରେ କେସ ନଂ.୮/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଶନିବାର ରାତିରେ ରେଲୱେ ଓଭରବ୍ରିଜ ନିକଟସ୍ଥ ତରାବୋଇ କାଜୁ ଜଙ୍ଗଲ ମଧ୍ୟରେ ୬ଜଣ ଯୁବକ ଡକାୟତି ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ଜଟଣୀ ଥାନାଧିକାରୀ ସୋମ୍ୟକାନ୍ତ ବଳିଆରସିଂହଙ୍କ ନିର୍ଦ୍ଦେଶକ୍ରମେ ଜଟଣୀ ଥାନାର ପାଟ୍ରୋଲିଂ ଟିମ ସେଠାରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଫେରାର ଉଦ୍ୟମ କରିବା ବେଳେ ସେମାନଙ୍କୁ କାବୁ କରିଥିଲେ। ପୋଲିସର ପଚରାଉଚରା ସମୟରେ ଅଭିଯୁକ୍ତମାନେ ସମସ୍ତ ଘଟଣା ମାନିଥିଲେ। ଅଭିଯୁକ୍ତ ସେରା ନାମରେ ୫ଟି, ପ୍ରକାଶ ନାମରେ ୧୭, ରବି ନାମରେ ୪ ଏବଂ ବାବୁ ନାମରେ ୩୦ ଡକାୟତି, ଚୋରି, ଲୁଟ୍ ଭଳି ଅନେକ ଆପରାଧିକ ମାମଲାରେ ପୂର୍ବରୁ କୋର୍ଟଚାଲାଣ ହୋଇଥିବା ପୋଲିସ ସୂଚନା ଦେଇଛନ୍ତି।

**୧ ଟାଟା ଏସିଇ, ସ୍କୁଟି, ୬ ଛୁରି, ୪ ମୋବାଇଲ ଜବତ**

# ଝୋଟି ପ୍ରତିଯୋଗିତା, ପୂର୍ବ ଛାତ୍ର ସମ୍ମିଳନୀ

ଖୋର୍ଦ୍ଧା ଅଫିସ,୮।୧

ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ଝୋଟି ପ୍ରତିଯୋଗିତା ଓ ପୁରାତନ ଛାତ୍ର ସମ୍ମିଳନୀ ରବିବାର ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ଅଭିଭାବିକାମାନେ ଝୋଟି ପ୍ରତିଯୋଗିତାରେ ଭାଗନେଇ ବିଦ୍ୟାଳୟ ପ୍ରାଙ୍ଗଣରେ ପାରମ୍ପରିକ ଝୋଟି ଆଙ୍କିଥିଲେ। ହିନ୍ଦୁ ପରମ୍ପରାରେ ବିଭିନ୍ନ ପର୍ବପର୍ବାଣୀରେ ଝୋଟି ପକାଇବାର ସଂସ୍କୃତି ରହିଛି। ମହିଳାମାନେ ସୁନ୍ଦର ଝୋଟିରେ ସଂସ୍କୃତିର ବାର୍ତ୍ତା ଦେଇଥିଲେ। ଶିକ୍ଷାବିତ ଗୁଣନିଧି ମହାପାତ୍ର ଓ ସୁମନ୍ତ ଚନ୍ଦ୍ର ମହାନ୍ତି ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗିତାର ମୂଲ୍ୟାଙ୍କନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ବିଦ୍ୟାଳୟର ବିଂଶତମ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଏଥିସହିତ ବିଦ୍ୟାଳୟର ଏକାଧିକ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ପୂର୍ବ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବିକାଶ ସହିତ ସମାଜ ଗଠନରେ ସେମାନଙ୍କ ଭୂମିକା ବିଷୟରେ ଅତିଥିମାନେ ମାର୍ଗଦର୍ଶନ କରିଥିଲେ। ପ୍ରଧାନାଚାର୍ଯ୍ୟଙ୍କ ସମେତ ଗୁରୁଜୀ, ଗୁରୁମା ଓ ପରିଚାଳନା କମିଟି ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ସାରସ୍ୱତ ଆସର



ବୋଲଗଡ଼,୮।୧(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ସଦର ମହକୁମାସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏହାର ନିଜସ୍ୱ କାର୍ଯ୍ୟାଳୟରେ ରବିବାର ଏକ ସାରସ୍ୱତ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ପ୍ରଶାସକ ନବକିଶୋର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱରଚିତ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସ୍ଥାନୀୟ ଏବିଡିଓ ଡ. ରତିକାନ୍ତ ମିଶ୍ର ମୁଖ୍ୟ ବକ୍ତା, ଐତିହାସିକ ରବୀନ୍ଦ୍ର କୁମାର ପରିଡା, ଶିକ୍ଷାବିତ୍ ହରିବନ୍ଧୁ ସାହୁ, ପ୍ରଫୁଲ୍ଲ କୁମାର ମହାପାତ୍ର ଓ ସୁମନ୍ତ ଛୋଟରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପରସ୍ପର ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ସହ ନିଃସର୍ତ୍ତ ଓ ନିଃସ୍ୱାର୍ଥପର ବନ୍ଧୁତା ସ୍ଥାପନ ଦ୍ୱାରା ସଂଘ ଶକ୍ତିଶାଳୀ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ କବୟିତ୍ରୀ ଗୀତାଞ୍ଜଳି ମହାପାତ୍ରଙ୍କ ବେଦପାଠ ସହ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସଂଘର ଦିବଂଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଯୁଗ୍ମ ସମ୍ପାଦକ ଭକ୍ତବଲ୍ଲଭ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ "ନୂଆ ବର୍ଷର ନୂଆ ସମ୍ଭାବନା" ଶୀର୍ଷକ କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ସେବତୀ ପରିଡ଼ା, କବି ମନମୋହନ ମିଶ୍ର, ବ୍ରଜବନ୍ଧୁ ନିଶଙ୍କ, ଦିବ୍ୟରଞ୍ଜନ ଭାରିମଲ୍ଲ ଓ ଦିବାକର ପରମଗୁରୁ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସଂଘର ସଦସ୍ୟ ଶିକ୍ଷାବିତ୍ ପର୍ଶୁରାମ ମୁଦୁଲି, କ୍ଷେତ୍ରବାସୀ ସୁବୁଦ୍ଧି, ହରିହର ମହାନ୍ତି, ପ୍ରଫୁଲ୍ଲ ପାଇକରାୟ, ପ୍ରଫୁଲ୍ଲ ମହାପାତ୍ର, ସତ୍ୟନାରାୟଣ ଦାସ, ଯଦୁମଣି ମାନସିଂହ, ତାରେଶ୍ୱର ରଥ, ମୁକୁନ୍ଦ ପଣ୍ଡା, ଇନ୍ଦ୍ରମଣି ପଲେଇ, ତ୍ରିଲୋଚନ ମହାନ୍ତି ଓ ଦୁର୍ଗାଚରଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସମ୍ପାଦକ ବାଲ୍ମୀକି ବଳିୟାରସିଂହ ଧନ୍ୟବାଦ ଦେଇଥିଲେ।

# ବନ୍ଧୁମିଳନରେ ଚାରା ରୋପଣ, ପରିବେଶ ସୁରକ୍ଷା ବାର୍ତ୍ତା

ଖୋର୍ଦ୍ଧା ଅଫିସ,୮।୧

ଖୋର୍ଦ୍ଧା ବ୍ଲକ ବାଜପୁର ହାଇସ୍କୁଲର ୧୯୯୭ ବ୍ୟାଚର ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ରବିବାର ନନ୍ଦପୁର ପଞ୍ଚାୟତର ଛତିପୁର ମା' ମହିଷମର୍ଦ୍ଦିନୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀଛାତ୍ରମାନେ ପରସ୍ପରକୁ ଶୁଭେଚ୍ଛା ଜଣାଇ ଅତୀତର ସ୍ମୃତି ସାଉଁଟିଥିଲେ। ବିଦ୍ୟାଳୟରେ ବିତାଇଥିବା କଥା ମନେପକାଇ ପରସ୍ପରକୁ ଭାବର ଆଦାନ ପ୍ରଦାନ କରିଥିଲେ। ପ୍ରାର୍ଥନା, ମଧ୍ୟାହ୍ନ ଭୋଜନ ବିରତି, ସ୍କୁଲ ଛୁଟି, ଖେଳ ପିରିୟଡ ତଥା କ୍ଲାସ ରୁମ୍‌ରେ ବସି ସାଙ୍ଗସାଥିଙ୍କ ସହ ବସି କରିଥିବା ଗୁଲିଖଟି ପ୍ରଭୃତି ମନେପକାଇ ଜଣେ ଅନ୍ୟ ଜଣକୁ ଶୁଭେଚ୍ଛା ଜଣାଇଥିଲେ। ବନ୍ଧୁମିଳନ ଅବସରରେ ସମସ୍ତେ ଗୋଟିଏ ଚାରା ଲଗାଇବା ପାଇଁ ସଂକଳ୍ପ ନେବା ସହ ପରିବେଶ ସୁରକ୍ଷା ଦିଗରେ ସମସ୍ତେ ଅଗ୍ରସର ହେବାକୁ ଆହ୍ୱାନ ଦେଇଥିଲେ।

# ମା' ଭଗବତୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅନୁଷ୍ଠିତ ଖେଳରେ ଉପସ୍ଥିତ ଅତିଥିଙ୍କ ସହ ଖେଳାଳି।

ନିରାକାରପୁର,୮।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଛଣଗିରୀ ଖେଳପଡ଼ିଆରେ ରବିବାରଠାରୁ ୧୦ତମ ମା' ଭଗବତୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ମା' ଭଗବତୀ ଆସୋସିଏଶନ୍ ଆନୁକୂଲ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ନୂଆପଡ଼ା ଫୁଟବଲ ଆସୋସିଏଶନ ବାରଙ୍ଗ ବନାମ ତରତୁଆ ଫୁଟ୍‌ବଲ ଆସୋସିଏଶନ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ ପ୍ରଥମ ଏବଂ ଦ୍ୱିତୀୟ ଅର୍ଦ୍ଧରେ ଉଭୟ ଦଳ କେହି କାହାକୁ ଗୋଲ ଦେଇପାରି ନ ଥିବାବେଳେ ଟ୍ରାଇ ବେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ତରତୁଆ ଦଳ ୩ଟି ଗୋଲ ମାରିଥିବା ବେଳେ ଏହାର ଜବାବରେ ବାରଙ୍ଗ ଦଳ ୪ ଗୋଲ ମାରି ବିଜୟୀ ହୋଇଥିଲା। ଏହି ଖେଳକୁ ଶରତ ଚନ୍ଦ୍ର ଛୋଟରାୟ, ସୁବାସ ପ୍ରଧାନ, ପ୍ରମୋଦ ଦାସ ପରିଚାଳନା କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ ମହିଳା ଉପ-ସଭାପତି ବାସନ୍ତି ମହାପାତ୍ର, ସଫଳ ବ୍ୟବସାୟୀ ପୁଷ୍ପରଞ୍ଜନ ସାହୁ, ସରପଞ୍ଚ ରମାକାନ୍ତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସେକ୍ ଉସିରାଇଲ, ସେକ୍ ଗୁଲାମ ରସୁଲ, ନୃସିଂହ ଚରଣ ମହାନ୍ତି, ରମାକାନ୍ତ ପଟ୍ଟନାୟକ, କେଲୁଚରଣ ସେଠୀ, ସଞ୍ଜୟ ବେହେରା, ଆନନ୍ଦ ଜେନା, ବିଶ୍ୱନାଥ ପ୍ରଧାନ, ପ୍ରଭାତ ପ୍ରହରାଜ, ରବୀନ୍ଦ୍ର ସାହୁ, ଯୋଗେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୋମବାର ସରଧାପୁର ସ୍ପୋର୍ଟସ ଆସୋସିଏଶନ ଖୋର୍ଦ୍ଧା ଏବଂ ଇଲେଭେନ୍ ସ୍ପୋର୍ଟ୍ସକ୍ଲବ୍ ଟାଙ୍ଗୀ ମଧ୍ୟରେ ମ୍ୟାଚ୍ ହେବ ବୋଲି ଅନୁଷ୍ଠାନର ସଭାପତି ମାନସ ଦାସ ଓ ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର ସୂଚନା ଦେଇଛନ୍ତି।

# ସେମିଫାଇନାଲରେ କଳିଙ୍ଗ ଟାଇଗର



ବୋଲଗଡ଼, ୮।୧(ଡି.ଏନ୍.ଏ.)

**ମା' ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅଧୀନ କୋଦୁଅବେରେଣି ଖେଳପଡିଆରେ ଚାଲିଥିବା ଏକାଦଶ ରାଜ୍ୟସ୍ତରୀୟ ମା' ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକର ସ୍ମାଇଲ କ୍ରିକେଟ କ୍ଲବ ଓ ଖୋର୍ଦ୍ଧାର କଳିଙ୍ଗ ଟାଇଗର ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା। ସ୍ମାଇଲ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୫୨ ରନ୍ କରିଥିଲା। ଜବାବରେ କଳିଙ୍ଗ ଟାଇଗର ୨୦ତମ ଓଭରରେ ୬ ଉଇକେଟ ବିନିମୟରେ ୧୫୩ ରନ୍ କରି ବିଜୟଲାଭ କରି ସେମିଫାଇନାଲ ପ୍ରବେଶ କରିଛି। ଶେଷରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ କୁମାର ଶଦଯଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମ୍ୟାଚର ଶ୍ରେଷ୍ଠ ଖେଳାଳି ଆଶୁତୋଷ ଦାସଙ୍କୁ ପୁରସ୍କୃତ କରିଥିଲେ। ମ୍ୟାଚ୍‌ରେ ଅମ୍ପାୟର ଭାବେ ସୁଧୀର ରଞ୍ଜନ ପଣ୍ଡା ଓ ବିଭୁପ୍ରସାଦ ଓଝା ଖେଳ ପରିଚାଳନା କରିଥିବା ବେଳେ ମା' ରାମଚଣ୍ଡୀ କ୍ରିକେଟ କ୍ଲବର ସଦସ୍ୟ ଓ ଗ୍ରାମ ଯୁବକମାନେ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ କ୍ରିକେଟ, ନଟା ମଙ୍ଗଳା ଚାମ୍ପିୟନ

କୃଷ୍ଣପ୍ରସାଦ,୮।୧(ଡି.ଏନ୍.ଏ.)

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସିଆଣ୍ଡି ପଞ୍ଚାୟତ କିଷାନ ସେବା ଯୁବ ସଂଗଠନ ଓରା ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ନଟା ମଙ୍ଗଳା ଦଳ ଚାମ୍ପିୟନ ହୋଇଛି। ଏହି ଦିବସର ଫାଇନାଲ ମ୍ୟାଚ୍ ମା' କନକଦୁର୍ଗା କ୍ରିକେଟ ଟିମ୍ ମାଲୁଦ ବନାମ ମା' ନଟା ମଙ୍ଗଳା କ୍ରିକେଟ ଟିମ୍ ପଥରଗଞ୍ଜି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାଲୁଦ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ମଧ୍ୟରେ ୧୦୮ ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ପଥରଗଞ୍ଜି ଦଳ ଆବଶ୍ୟକ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ବ୍ରଜକିଶୋର ତରେଇ, ସଚିନ ତରେଇ ଖେଳ ପରିଚାଳନା କରିଥିବା ବେଳେ ଶିକ୍ଷାବିତ୍ ଶଙ୍କର୍ଷଣ ଦାସ ଧାରାବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ, ସମିତିସଭ୍ୟ ଲଳିତ ତରେଇ, ଉତ୍ତମ ତରେଇ, ଅଶୋକ ବିଶ୍ୱାଳ, ହରିହର ଦାସ, ଦାଶରଥି ତରେଇ, ବିକ୍ରମ ତରେଇ ପ୍ରମୁଖ ଯୋଗଦେଇଥିଲେ।



କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

# ସୂଚନା ଅଧିକାରରେ ତଥ୍ୟ ନ ଦେବାରୁ ଜରିମାନା

ଜଟଣୀ, ୮।୧(ଡି.ଏନ.ଏ)

**ସ୍କୁଲ ୟୁନିଫର୍ମ ବଣ୍ଟନରେ ଦୁର୍ନୀତି ଅଭିଯୋଗ**

ସୂଚନା ଅଧିକାର(ଆର୍‌ଟିଆଇ)ରେ ତଥ୍ୟ ନ ଦେବାରୁ ଖୋର୍ଦ୍ଧା ଜିଲା ଜଟଣୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ (ପିଆଇଓ)ଙ୍କୁ ୨୫୦୦୦ ଟଙ୍କାର ଜରିମାନା କରାଯାଇଛି। ଖବର ମୁତାବକ, ଜଟଣୀ ବ୍ଲକର ବିଭିନ୍ନ ସରକାରୀ ବିଦ୍ୟାଳୟରେ ସ୍କୁଲ ୟୁନିଫର୍ମ ବଣ୍ଟନ କରିବାକୁ ନେଇ ଦୁର୍ନୀତି ହୋଇଥିବା ୨୦୨୦ରେ ଅଭିଯୋଗ ହୋଇଥିଲା। ଯାହାକୁ ନେଇ ଜୁନ ୨୦୨୦ରେ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ ଜଟଣୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆର୍‌ଟିଆଇରେ ତଥ୍ୟ ମାଗିଥିଲେ। ୨୦୧୪ରୁ ୨୦୧୯ ମସିହା ପର୍ଯ୍ୟନ୍ତ ଜଟଣୀ ବ୍ଲକ ଅଧୀନ ସରକାରୀ ବିଦ୍ୟାଳୟଗୁଡିକରେ ବଣ୍ଟନ ହୋଇଥିବା ୟୁନିଫର୍ମ ସମ୍ବନ୍ଧରେ ତଥ୍ୟ ମାଗିଥିଲେ। ତତ୍କାଳୀନ ପିଆଇଓ ମଦନ ମୋହନ ଭୂୟାଁ ତଥ୍ୟ ଦେବାରେ ବିଳମ୍ବ କରିଥିଲେ। ପରେ ୭ ଅଗଷ୍ଟ ୨୦୨୦ରେ ପ୍ରଥମ ଅପିଲ ଏବଂ ସେପ୍ଟେମ୍ବରରେ ଦ୍ୱିତୀୟ ଅପିଲ କରାଯାଇଥିଲା। ଏହାପରେ ମଧ୍ୟ କୌଣସି ସୂଚନା ମିଳି ନ ଥିଲା। ଏ ନେଇ ସୂଚନା ଅଧିକାରୀ କର୍ମୀ ଜିତେନ୍ଦ୍ର ରାଜ୍ୟ ସୂଚନା କମିଶନର ଦ୍ୱାରସ୍ଥ ହୋଇଥିଲେ। ତେବେ ୧୪.୦୯.୨୦୨୨ରେ ରାଜ୍ୟ ସୂଚନା କମିଶନ ଉକ୍ତ ଅଭିଯୋଗର ଶୁଣାଣି ପାଇଁ ଦୁଇପକ୍ଷଙ୍କୁ ନୋଟିସ କରିଥିଲେ। ପ୍ରଥମ ପକ୍ଷ ଅନୁପସ୍ଥିତ ଥିବାବେଳେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବର୍ତ୍ତମାନର ପିଆଇଓ ବିଭୂତି ଭୂଷଣ ଜେନା ଉପସ୍ଥିତ ଥିଲେ। ତୁରନ୍ତ ସମସ୍ତ ସୂଚନାର ତଥ୍ୟ ଆବେଦନକାରୀଙ୍କୁ ଦେବାକୁ ଆଦେଶ ହୋଇଥିଲା ଓ ତା. ୨୫.୧୦.୨୦୨୨କୁ ପରବର୍ତ୍ତୀ ଶୁଣାଣୀ ତାରିଖ ଧାର୍ଯ୍ୟ ହୋଇଥିଲା। ତେବେ ପୂର୍ବରୁ ଥିବା ଜନ ସୂଚନା ଅଧିକାରୀ ପ୍ରଥମେ ତା.୭.୭.୨୦୨୦ ପରେ ୧୨ ଅଗଷ୍ଟରେ ମଧ୍ୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ଏକ ଚିଠି ମାଧ୍ୟମରେ ତଥ୍ୟ ପ୍ରଦାନ କରିବାକୁ ଜଣାଇଥିଲେ ସୁଦ୍ଧା ସେମାନେ କୌଣସି ତଥ୍ୟ ଦେଇ ନ ଥିଲେ। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ତଥ୍ୟ ନ ଦେବାରୁ ସୂଚନା କମିଶନ ବିକ୍ରମ ସେନାପତି ୧୨ ଡିସେମ୍ବର ୨୦୨୨ରେ ବର୍ତ୍ତମାନର ଜନସୂଚନା ଅଧିକାରୀ ବିଭୂତି ଭୂଷଣ ଜେନାଙ୍କୁ ୨୫ହଜାର ଟଙ୍କା ଆର୍ଥିକ ଜରିମାନା କରିବା ସହ ୧୫ଦିନ ମଧ୍ୟରେ ସୂଚନାର ତଥ୍ୟ ପ୍ରଦାନ କରିବା ପାଇଁ ଆଦେଶ କରିଛନ୍ତି।

# ବୁଢ଼ୀବଘେଇ ଭଲିବଲ ଟୁର୍ଣ୍ଣାମେଣ୍ଟ, ତମାଣ୍ଡୋ ଚାମ୍ପିୟନ



ରାଉତପଡ଼ା ଗ୍ରାମରେ ହୋଇଥିବା ଭଲିବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ଦଳର ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ବେଗୁନିଆ,୮।୧(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡା ଗ୍ରାମସ୍ଥିତ ଖେଳ ପଡିଆରେ ୨ଦିନ ଧରି ଚାଲୁଥିବା ଭଲିବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ତମାଣ୍ଡୋ କ୍ଲବ ଚାମ୍ପିୟନ ହୋଇଛି। ମା' ବୁଢୀବଘେଇ କ୍ଲବ ପକ୍ଷରୁ ଶନିବାରଠାରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ କେନ୍ଦୁପଲ୍ଲି, କୁଶପଲ୍ଲା, ବାଣିକିଲୋ, ସର୍ଦ୍ଧାପୁର, ତମାଣ୍ଡୋ, ବଣିଆ ଟାଙ୍ଗି, କଙ୍କଡ଼ାହାଡ଼, ରଥିପୁର ଆଦି ଭଲିବଲ କ୍ଲବ ଅଂଶଗ୍ରହଣ କରିଥିଲେ। ସର୍ଦ୍ଧାପୁର ଓ କେନ୍ଦୁପଲ୍ଲି ଦଳ ମଧ୍ୟରେ ପ୍ରଥମ ସେମିଫାଇନାଲ ଏବଂ କଙ୍କଡ଼ାହାଡ ଓ ତମାଣ୍ଡୋ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶେଷରେ ତମାଣ୍ଡୋ ଓ ସର୍ଦ୍ଧାପୁର ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ। ସରପଞ୍ଚଙ୍କ ପ୍ରତିନିଧି ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡିର ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଲକ୍ଷ୍ମୀଧର ସୁବୁଦ୍ଧି, ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ଶେଖ ଅଶଗର ଅଲ୍ଲୀ, ପ୍ରଫୁଲ୍ଲ ତୋଷ ଯୋଗଦେଇ ଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୩ ହଜାର ଟଙ୍କା ଓ ରନରଅପ୍ ଦଳକୁ ଟ୍ରଫି ସହ ନଗଦ ୨୫୦୦ ଟଙ୍କା ପୁରସ୍କୃତ କରାଯାଇଥିଲା।

# ହକି ପାଇଁ ଦିନିକିଆ କ୍ରିକେଟ, ଚମ୍ପାଇଲୋ ଚାମ୍ପିୟନ

ବୋଲଗଡ଼,୮।୧(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ପିଟୁକୁଳି ପଞ୍ଚାୟତ ପକ୍ଷରୁ ରାଜ୍ୟରେ ଅନୁଷ୍ଠିତ ହେବାକୁ ଥିବା ପୁରୁଷ ବିଶ୍ୱକପ ହକିର ପ୍ରଚାର ପାଇଁ ରବିବାର ଦିନିକିଆ ପଞ୍ଚାୟତ ହକି ବିଶ୍ୱକପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପିଟୁକୁଳି ଖେଳପଡିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟ ପବିତ୍ର ମୋହନ ମାଝିଙ୍କ ସଂଯୋଜନାରେ ଆୟୋଜିତ ଏହି ଖେଳରେ ଗିରିଗିରିଆ, ପିଟୁକୁଳି, ଟୀକାତାଳ, ହଳଦୀପଦା ଆଦି ଗ୍ରାମର ଦଳ ଭାଗ ନେଇଥିଲା ବେଳେ ଚମ୍ପାଇଲୋ ଓ ଗିରିଗିରିଆ ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଚମ୍ପାଇଲୋ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୫ ଓଭରରେ ୫ ଉଇକେଟ ବିନିମୟରେ ୮୩ରନ କରିଥିଲା। ଜବାବରେ ଗିରିଗିରିଆ ଦଳ ୫ ଓଭର ଖେଳି ୪ ଉଇକେଟ ହରାଇ ୩୫ରନ କରି ପରାସ୍ତ ହୋଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ଚାମ୍ପିୟନ ଦଳର ବିକାଶ ସିଂହ ଘୋଷିତ ହୋଇଥିଲେ। ଖେଳକୁ କୁଲୁ ମାଝୀ, ସ୍ୱଦେଶ ମୋହନ ଦାଶ, ଲିପୁ ବାହିନୀପତି ପରିଚାଳନା କରିଥିଲେ। ଅତିଥିଭାବେ ସରପଞ୍ଚ ଜୟନ୍ତୀ ପ୍ରଧାନ ଓ ସମିତିସଭ୍ୟ ସଞ୍ଜୟ ଗୁମାନସିଂହ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

**ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ**

ବାଲିପାଟଣା,(ଡି.ଏନ୍.ଏ.)- ବରିଷ୍ଠ ନାଗରିକ ଜନକଲ୍ୟାଣ ସଂଘର ୬ଷ୍ଠ ବାର୍ଷିକୋତ୍ସବ ରବିବାର ଦୁର୍ଗାମାଧବ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ତଥା ସାମାଜିକ ସମ୍ମାନ ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅତିଥି ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଅନୁଷ୍ଠାନର ଧରଣୀ ଭାଇ, ସୀତା ଭଉଣୀ, ରଶ୍ମି ଭଉଣୀ, ପ୍ରେସ୍ କ୍ଲବ ସଭାପତି ଦିଲ୍ଲୀପ ଓଝା, ସଂଘର ଉପଦେଷ୍ଟା ନରେନ୍ଦ୍ର ସାହୁ, ଅବସରପ୍ରାପ୍ତ ଅଧ୍ୟାପକ ରାଧାକାନ୍ତ ମହାନ୍ତି, ସାମାଜିକ କର୍ମୀ ରମେଶ ଚନ୍ଦ୍ର ସାହୁ, ବିଡିଓଙ୍କ ପ୍ରତିନିଧି ଏମ୍ଆଇ ନେତ୍ରାନନ୍ଦ ବେହେରା, ଥାନା ଏସ୍ଆଇ ରାକେଶ ସାମଲ ଓ ଯୋଗଗୁରୁ ପ୍ରଶାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ରାସ୍ତାକଡ଼ ବିକ୍ରେତାଙ୍କୁ ଆପ୍ରନ୍ ପ୍ରଦାନ, ଭେଣ୍ଡିଂ ଜୋନ୍, କଳିଙ୍ଗ ଷ୍ଟାଡିୟମ ସାମ୍ନା, ସକାଳ ୯ଟା ୪୫।
- ହକି ଗୀତ 'ଏକ୍ ନୟି କାହାନୀ ଲିଖ୍ ହେ ଓଡ଼ିଶା', ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଚଲାପଥ ସାହିତ୍ୟ ସଂସଦ ଓ ଓଡ଼ିଆ ଭାଷା ସଂସ୍କୃତି ସମାବେଶ ଆନୁକୂଲ୍ୟରେ ଜୀବନପଥେ ସାହିତ୍ୟ ଆସର, ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା।
- ଫ୍ୟାଶନ ଆଣ୍ଡ ଲାଇଫ୍‌ଷ୍ଟାଇଲ ମେଳା, ପାଟ୍ରୋନିକ୍ସ ଗ୍ରାଉଣ୍ଡ, ପଟିଆ, ଅପରାହ୍ନ ୪ଟା ୩୦।
- ଅଶୋକ ସିଂ ସ୍ମୃତି ପ୍ରତିଷ୍ଠାନ, ଭୁବନେଶ୍ୱର ଆନୁକୂଲ୍ୟରେ ପ୍ରଥମ ଅଶୋକ ସିଂ ସ୍ମୃତି ସମ୍ମାନ ଓ ଆଲୋଚନାଚକ୍ର, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।
- ମନନର ୪୪ତମ ପ୍ରତିଷ୍ଠା ଦିବସ ଅବସରରେ ଡ୍ରାମା ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଏକାମ୍ର ନାଟ୍ୟ ସଂଗଠନର ନାଟ୍ୟ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ଖବରଦାତାଙ୍କୁ ଆକ୍ରମଣ କରି ୩ ଗିରଫ, କାର୍ ଜବତ

ଭୁବନେଶ୍ୱର,୮।୧(ବ୍ୟୁରୋ): ଖବରଦାତାଙ୍କୁ ଆକ୍ରମଣ ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଲେନ୍-୭ର ଅର୍ଜୁନ ମାନା, ଜଗନ୍ନାଥ ନଗର ଲେନ୍-୩ର ରାଜେଶ ସୁନ୍ଦରରାୟ ଏବଂ ଖାରବେଳନଗର ଥାନା ଅନ୍ତର୍ଗତ ମାଳି କଲୋନୀର ଜଗନ୍ନାଥ ରେଡ୍ଡୀ। ଅଭିଯୁକ୍ତଙ୍କଠାରୁ ଅପରାଧରେ ବ୍ୟବହୃତ ଏକ କାର ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୭ ରାତିରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଏକ ଛାପା ଗଣମାଧ୍ୟମର ୨ ଖବରଦାତା ଅଫିସ କାର୍ଯ୍ୟ ସାରି ଖାଦ୍ୟ ପାଇଁ ମାଷ୍ଟରକ୍ୟାଣ୍ଟିନ ଯାଇଥିଲେ। ରାତି ପ୍ରାୟ ୨ଟା ୪୦ରେ ଅଭିଯୁକ୍ତମାନେ ସେମାନଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୭୬୬/୨୦୨୨) ରୁଜୁ କରି ତଦନ୍ତ କରିଥିଲା।

### ବିଜେଡିର ପ୍ରତିଷ୍ଠା ଦିବସ

ବାଲକାଟୀ,୮।୧(ଡି.ଏନ୍.ଏ.)- ବାଲିଅନ୍ତା ବ୍ଲକ ଅଧୀନ ଗଡ଼ଶ୍ରୀରାମପୁରସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ରବିବାର ଅପରାହ୍ନରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆମ ସଂଗଠନ ଅଧ୍ୟକ୍ଷ କମଳ ପାତ୍ର (ଚନ୍ଦନ) ସଭାପତିତ୍ୱ କରିଥିଲେ। ସରକାରୀ ଦଳର ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ରୂପଶ୍ରୀ ରାଣୀ ଗୁମାନସିଂ, ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ପର୍ଯ୍ୟବେକ୍ଷକ କୈଳାସ ଚନ୍ଦ୍ର ପାତ୍ର, ଖୋର୍ଦ୍ଧା ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଅନିଲ ଗୁମାନସିଂ, ରାଜେଶ ପରିଡ଼ା, ମହିଳା ଜିଲା ସଭାନେତ୍ରୀ ଗୀତାଞ୍ଜଳି ପାଟଶାଣୀ, ଦେବସ୍ମିତା ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ ବ୍ଲକର ସମସ୍ତ ଜିଲା ପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷା, ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।

### ଡବ୍ଲ୍ୟୁ-୨୦ ଗୋଷ୍ଠୀ ସହ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଚୁକ୍ତି

ବାରଙ୍ଗ,୮।୧(ଡି.ଏନ୍.ଏ.)- ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଓ ଜି-୨୦ ଅଧୀନରେ ଥିବା ଡବ୍ଲ୍ୟୁ-୨୦ ଗୋଷ୍ଠୀ ସହ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି, ଯାହାକି ଲିଙ୍ଗଗତ ସମାନତା ଏବଂ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଉପରେ କାର୍ଯ୍ୟ କରିବ। ଶ୍ରୀଶ୍ରୀ ଆୟୁର୍ବେଦ ଚିକିତ୍ସାଳୟ ଓ ଭାରତୀୟ ରେଡ଼କ୍ରସ୍ ସଂସ୍ଥା, କଟକ ଶାଖା ଆନୁକୂଲ୍ୟରେ କାର୍ଯ୍ୟ କରୁଥିବା 'ସହାୟ କେନ୍ଦ୍ର' ସହ ଏକ ଚିକିତ୍ସା ସମ୍ବନ୍ଧୀୟ ରାଜିନାମା ସ୍ୱାକ୍ଷର କରାଯାଇଛି। ଏହି ସଂସ୍ଥା ମାନସିକ ଅନଗ୍ରସର ତଥା ଶାରୀରିକ ଦିବ୍ୟାଙ୍ଗ ଶିଶୁଙ୍କ ଶିକ୍ଷା ଓ ଚିକିତ୍ସାରେ ସହାୟତା କରିଥାଏ। ଏହି ରାଜିନାମା ଦ୍ୱାରା ସହାୟ କେନ୍ଦ୍ରରେ ଶିକ୍ଷାଲାଭ କରୁଥିବା ପ୍ରତ୍ୟେକ ଛାତ୍ରୀଛାତ୍ର, ଆୟୁର୍ବେଦ ପଞ୍ଚକର୍ମ ତଥା ଅନେକ ପ୍ରକାର ଚିକିତ୍ସା ଶିଶୁ ରୋଗ ବିଭାଗ ମାଧ୍ୟମରେ ସହଜରେ ପ୍ରାପ୍ତ କରି ପାରିବେ। ଏହି କାର୍ଯ୍ୟକ୍ରମରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣି, କୁଳପତି ପ୍ରଫେସର ବିଆର୍ ଶର୍ମା, କୁଳସଚିବ ପ୍ରଫେସର ଡି.ପି. ସାହୁ, ଚିକିତ୍ସାଳୟ ମୁଖ୍ୟ ପ୍ରଶାସିକା ଡା. ସନ୍ଧ୍ୟା ସଦାନ, ଡିନ୍ ଡା. ପ୍ରଦୀପ ପଣ୍ଡା, ଅଧୀକ୍ଷକ ଡା. ଦୁର୍ଗା ପ୍ରସାଦ ଦାଶଙ୍କ ସମେତ ଶ୍ରୀଶ୍ରୀ ଆୟୁର୍ବେଦ ଚିକିତ୍ସାଳୟ ତଥା ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ତଥା ପଦାଧିକାରୀ ଉପସ୍ଥିତ ଥିଲେ।

# ସବୁ ଏମ୍ସ ହେବ ଉତ୍କର୍ଷ କେନ୍ଦ୍ର:ମାଣ୍ଡଭ୍ୟ

## ଭୁବନେଶ୍ୱରରେ ଏମ୍ସ ସିଆଇବି ବୈଠକ

■ଆଇଆଇଟି, ଆଇଆଇଏମ୍ ସଂସ୍ଥାନଠୁ ଶିକ୍ଷା ଲାଭ କରିବାକୁ ଆହ୍ୱାନ



ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମନସୁଖ ମାଣ୍ଡଭ୍ୟ, କେନ୍ଦ୍ର ରାଷ୍ଟ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ଭାରତୀ ପ୍ରବୀଣ ପାୱାର ଓ ଅନ୍ୟ ଅତିଥି ।

ଭୁବେନଶ୍ୱର,୮।୧(ବ୍ୟୁରୋ)

ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ବଡି (ସିଆଇବି)ର ୬ଷ୍ଠ ବୈଠକ ରବିବାର ଭୁବନେଶ୍ୱର ଏମ୍ସରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମନସୁଖ ମାଣ୍ଡଭ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଡା. ଭାରତୀ ପ୍ରବୀଣ ପାୱାର, ଏମ୍‌ପି ରମେଶ ଭିଦୁରି, ଡ. ଅନିଲ ଜୈନ, ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡା. ଭିକେ ପଲ୍, ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ, ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଚିବ ଡା. ରାଜୀବ ବାହାଲ ଏବଂ ସ୍ୱାସ୍ଥ୍ୟ ବିଜ୍ଞାନ ମହାନିର୍ଦ୍ଦେଶକ ଡା. ଅତୁଲ ଗୋୟଲ ଉପସ୍ଥିତ ଥିଲେ।

ସବୁ ଏମ୍ସକୁ ପାଣି ଯୋଗାଣ, ଭିତ୍ତିଭୂମି, ପଦ ସୃଷ୍ଟି, ନିଯୁକ୍ତି, ନୀତି କାର୍ଯ୍ୟକାରିତା, ସମସ୍ୟା ସମାଧାନ ଏବଂ ବିଭିନ୍ନ କ୍ରୟ ପାଇଁ ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା ଭାବେ ସିଆଇବି କାର୍ଯ୍ୟ କରିଥାଏ। ପୂର୍ବ ସିଆଇବି ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିର ଅନୁପାଳନ ନେଇ ସମୀକ୍ଷା କରାଯାଇଥିଲା। ମାଣ୍ଡଭ୍ୟ କହିଥିଲେ, ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ସିଆଇବି ବୈଠକ ଆୟୋଜନ କରାଯାଉଛି। ଏଥିରେ କେବଳ ପୂର୍ବରୁ ନିଆଯାଇଥିବା ନିଷ୍ପତ୍ତିର ଅନୁପାଳନ କରାଯାଇ ନ ଥାଏ ବରଂ ଭିନ୍ନ ଦୃଷ୍ଟିକୋଣ, ନୂତନ ଉପାୟ, ଅଭିନବ ସମାଧାନ ଓ ପରାମର୍ଶ ଉପସ୍ଥାପନ ଲାଗି ଏହା ଏକ ଚିନ୍ତନ ଶିବିର। ଏମ୍ସଗୁଡ଼ିକର ଉନ୍ନତୀକରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜାତୀୟ ଗୁରୁତ୍ୱ ବହନ କରୁଥିବା ଆଇଆଇଟି ଓ ଆଇଆଇଏମ୍ ଭଳି ପ୍ରତିଷ୍ଠାନରୁ ଶିକ୍ଷାଲାଭ କରିବା ନିମନ୍ତେ ସେ ପ୍ରତିନିଧିଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବ ବୈଠକରେ କରାଯାଇଥିବା ସୁପାରିସ ଆଧାରରେ ସବୁ ଏମ୍ସ କାର୍ଯ୍ୟକୁ କେନ୍ଦ୍ରମନ୍ତ୍ରୀ ପ୍ରଶଂସା କରିଥିଲେ।

ସିଆଇବି ବୈଠକରେ ଯୋଗଦେବା ପୂର୍ବରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏମ୍ସ ଭୁବନେଶ୍ୱରର ପରିଚାଳନା କାର୍ଯ୍ୟର ସମୀକ୍ଷା କରିଥିଲେ। ସେ ରୋଗୀ ସେବା ଅନୁଧ୍ୟାନ କରିବା ସହିତ ସେଠାରେ ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଡା. ଭାରତୀ ପ୍ରବୀଣ ପାୱାର କହିଥିଲେ, ଏମ୍ସ ବ୍ରାଣ୍ଡକୁ ଅଧିକ ଉଚ୍ଚସ୍ତରକୁ ନେବା ସରକାରଙ୍କ ଲକ୍ଷ୍ୟ। ବିଶ୍ୱସ୍ତରରେ ସଫଳ ହୋଇଥିବା ଡାକ୍ତରୀ ପ୍ରତିଷ୍ଠାନଗୁଡ଼ିକର ପରିଚାଳନା ମଡେଲ ଅନୁଧ୍ୟାନ ଏବଂ ଶ୍ରେଷ୍ଠ ପଦ୍ଧତିକୁ ଆପଣାଇବା ନିମନ୍ତେ ସେ ପରାମର୍ଶ ଦେଇଥିଲେ। ବୈଠକରେ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ପିଏମ୍ଏସ୍ଏସ୍‌ୱାଇ ଅଧୀନରେ ନୂଆ ଏମ୍ସ ନିରୀକ୍ଷଣ, ଦୀର୍ଘସ୍ଥାୟୀ ଆର୍ଥିକ ମଡେଲ, ପରିଚାଳନା ଓ ପ୍ରଶାସନିକ ଢାଞ୍ଚା ଏବଂ ମାନବ ସମ୍ବଳ ପରିଚାଳନା, କ୍ରୟ କ୍ଷେତ୍ରରେ ଅର୍ଥବ୍ୟବସ୍ଥାର ଉପଯୋଗ, ଭିଜନ୍ ୨୦୩୦ ଆଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମନୋହର ଲୋହାନୀ, ଗୃହ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଜୟଦୀପ କୁମାର ମିଶ୍ରା, ଏମ୍ସ ଦେଓଘରର ଅଧ୍ୟକ୍ଷ ଡା. ଏନ.କେ. ଆରୋରା, ଅବନ୍ତିପୁରା ଏମ୍ସ ଅଧ୍ୟକ୍ଷ ଡା. ପ୍ରମୋଦ ଗର୍ଗ, କଲ୍ୟାଣୀ ଏମ୍ସ ଅଧ୍ୟକ୍ଷ ଡା. ଚିତ୍ରା ସରକାର, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ତଥା କୁଳସଚିବ ପ୍ରଫେସର ବିଜୟ କୁମାର ଶୁକ୍ଲାଙ୍କ ସମେତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ନୀତି ଆୟୋଗ, ଏମ୍ସ, ନିମ୍‌ହାନ୍ସ ଏବଂ ଆଇସିଏମ୍ଆରର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

# ଓଡ଼ିଶୀକୁ ବିଶ୍ୱରେ ପରିଚିତ କରିଥିଲେ ଗୁରୁ କେଲୁଚରଣ

ଭୁବନେଶ୍ୱର, ୮।୧ (ବ୍ୟୁରୋ):

ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ଆଜୀବନ ସାଧନା କରି ବିଶ୍ୱ ଦରବାରରେ ପରିଚିତ କରିବାରେ ପଦ୍ମଶ୍ରୀ ଗୁରୁ କେଲୁଚରଣ ମହାପାତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ସହଯୋଗରେ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସର ପ୍ରତିମୂର୍ତ୍ତି ସ୍ଥଳୀରେ ଆୟୋଜିତ ୯୭ତମ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ଏହା କହିଛନ୍ତି। ସୁବୋଧ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶିକ୍ଷାବିତ୍ କାମଦେବ ମହାପାତ୍ର ଗୁରୁଙ୍କ ଉପରେ କବିତା ପାଠ କରିଥିଲେ। ପରେ ସାହିତ୍ୟିକ ପ୍ରବୀର ମହାନ୍ତି, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ ପ୍ରମୁଖ ରାଜ୍ୟରେ ଓଡ଼ିଶୀ ନୃତ୍ୟ, ଗୋଟିପୁଅ ନୃତ୍ୟ ଓ ରାସ ଦଳକୁ ସୁପ୍ରତିଷ୍ଠିତ କରିବାରେ ଜୀବନବ୍ୟାପୀ ଉଦ୍ୟମ କରିଥିଲେ । ଏଥିସହ ଏହାକୁ ଲୋକପ୍ରିୟ କରିବାରେ ଗୁରୁ କେଲୁଚରଣ ମହାପାତ୍ର ଯେଉଁ ଭୂମିକା ନିର୍ବାହ କରିଥିଲେ, ସେଥିପାଇଁ ଓଡ଼ିଶା ମାଟି ଓ ଓଡ଼ିଆ ଜାତି ଗୌରବ ମଣ୍ଡିତ ହୋଇଛି ବୋଲି ବକ୍ତାମାନେ ମତ ରଖିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଗୁରୁ ନିତ୍ୟାନନ୍ଦ ଦାସ, ସୁକାନ୍ତ କୁମାର କୁଣ୍ଡୁ, ପ୍ରୀତିପ୍ରଜ୍ଞା ନାୟକ, ସୌମ୍ୟା ଶୁଭଦର୍ଶିନୀ, ଆଶ୍ରିତା ସାମନ୍ତରାୟଙ୍କୁ କଳା, ସଂସ୍କୃତି ଓ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ପାରଦର୍ଶିତା ନିମନ୍ତେ ଗୁରୁ କେଲୁଚରଣ ମହାପାତ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ସଂଚାଳନ କରିଥିଲା ବେଳେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାଣକ୍ୟ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ



ବରିଷ୍ଠ ସାମ୍ବାଦିକ ରବି ଦାସଙ୍କୁ 'ଚାଣକ୍ୟ ସମ୍ମାନ'ରେ ସମ୍ମାନିତ କରାଯାଉଛି ।

## ସାମ୍ବାଦିକ ରବି ଦାସଙ୍କୁ 'ଚାଣକ୍ୟ ସମ୍ମାନ'

ଭୁବନେଶ୍ୱର, ୮।୧(ବ୍ୟୁରୋ)

ପ୍ରତ୍ୟେକ ପିଲାଙ୍କ ମଧ୍ୟରେ କିଛି ନା କିଛି ସ୍ୱାତନ୍ତ୍ର୍ୟ ରହିଛି। ତେଣୁ ପ୍ରତ୍ୟେକ ପିଲା ଜଣେ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ ବୋଲି ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି। ସୂଚନା ଭବନଠାରେ ଅନୁଷ୍ଠିତ ଚାଣକ୍ୟ ପବ୍ଲିକ୍ ସ୍କୁଲ୍ (ସିପିଏସ୍)ର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେୟର ଦାସ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ରବି ଦାସଙ୍କୁ 'ଚାଣକ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲ୍‌ର ଚେୟାରମ୍ୟାନ୍ ଜ୍ୟୋତିଶଙ୍କର ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଚାଣକ୍ୟଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ଭାବେ କର୍ପୋରେଟର ରାଜକିଶୋର ଦାସ, ମାନସୀ ସୁନ୍ଦରାୟ, ଚଳଚ୍ଚିତ୍ର ପ୍ରଯୋଜକ ତଥା ଅଭିନେତା ଶକ୍ତି ବରାଳ, ଗୋଦରେଜ୍ ଓଡ଼ିଶାର ଚିଫ୍ ଆସିଷ୍ଟାଣ୍ଟ ମ୍ୟାନେଜର ରୂପେଶ ସିଂ, ସ୍କୁଲର ନିର୍ଦ୍ଦେଶିକା ଡ. ଏଲୋରା ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସ୍କୁଲର ଉଭୟ ଶାଖାର ଅଧ୍ୟକ୍ଷ ଦେବାଂଶୁ କୁମାର ଭୋଳ ଏବଂ ପ୍ରମୋଦ କୁମାର ସାହୁ ପ୍ରମୁଖ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

## ଚିତ୍ରକଳା ପ୍ରଦର୍ଶନୀ 'ପାରାଲାଲ୍ସ'

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ଚିତ୍ରକଳା ପ୍ରଦର୍ଶନୀ 'ପାରାଲାଲ୍ସ' ରବିବାର ବୁଦ୍ଧ ଆର୍ଟ ଗ୍ୟାଲେରୀଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚିତ୍ରଶିଳ୍ପୀ ରାମହରି ଜେନା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ଲଳିତକଳା ଏକାଡେମୀର ସଚିବ ପଞ୍ଚାନନ ସାମଲ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ନିବେଦିତା ଲେଙ୍କା ଯୋଗଦେଇଥିଲେ। ଏହି କଳା ପ୍ରଦର୍ଶନୀରେ ଓଡ଼ିଶାର ସମସାମୟିକ ଚିତ୍ରଶିଳ୍ପୀ ଗୌରାଙ୍ଗ ବାରିକ୍, ପ୍ରବୀର୍ ଦଲାଇ, ବିପିନ ମାର୍ଥା, ଶୁଭଙ୍କର ତରଫଦାର୍, ଧର୍ମପଦ ବଶ୍ୱାଳ, ନିକୁଞ୍ଜ ବିହାରୀ ଦାସ, ଶଶଧର ପତି, ରାଜକିଶୋର ମହାରଣା, ଗୋପାଳ ସାମନ୍ତରାୟ, ପ୍ରଶାନ୍ତ ସାହୁ, ପ୍ରେମଚାନ୍ଦ ରାଉତ, ସଞ୍ଜୟ ପଟ୍ଟନାୟକ, ଦେବାର୍ଚ୍ଚନ ରାଉତ ଏବଂ ସଞ୍ଜୟ ସାହୁଙ୍କ ଚିତ୍ର ଏହି ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ଚିତ୍ରଶିଳ୍ପୀ ଶଶଧର ପତି ମଞ୍ଚ ପରିଚାଳନା କରିଥିଲେ।


ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ନାଟକ ଉତ୍ସବର ଉଦ୍‌ଯାପନୀ ଅବସରରେ ନାଟକ 'ସ୍ୱାଭିମାନୀ ଗଜପତି'ର ଏକ ଦୃଶ୍ୟ ।

# ସ୍ୱାଭିମାନୀ ଥିଲେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି

## ନାଟକ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୮।୧(ବ୍ୟୁରୋ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଥିଲେ ଗଜପତି ମାଟିର ସ୍ୱାଭିମାନ। ଭିନ୍ନ ଥିଲା ତାଙ୍କ ବୀରତ୍ୱ। ସେ ଥିଲେ ପରାକ୍ରମୀ। ଭାଷା ସୁରକ୍ଷା ଦିଗରେ ଅଗ୍ରଣୀ ଭୂମିକା ନେଇଥିଲେ। ଉତ୍କଳ ସମ୍ମିଳନୀ ଗଠନ ସହ ହିତୈଷିଣୀ ସମାଜ ଗଠନ କରି ସେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନରେ ମୁଖ୍ୟ ପୁରୋଧା ସାଜିଥିଲେ। ସେଥିଲେ ଏକମାତ୍ର ରାଜା, ଯିଏ କି ରାଜ୍ୟ ଗଠନ ପାଇଁ ନିରନ୍ତର ଚେଷ୍ଟିତ ଥିଲେ। ତାଙ୍କ ଜୀବନୀକୁ ନେଇ ରବିବାର ରବୀନ୍ଦ୍ର ମଣ୍ଡପଠାରେ ନାଟକ 'ସ୍ୱାଭିମାନୀ ଗଜପତି' ମଞ୍ଚସ୍ଥ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ୫ଦିନିଆ ନାଟକ ଉତ୍ସବର ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ନାଟ୍ୟକାର ମନୋଜ ପଟ୍ଟନାୟକ, ଏକାଡେମୀ ଉପ ସଭାପତି ମନ୍ମଥ କୁମାର ଶତପଥୀ, ସଚିବ ପ୍ରବୋଧ ରାଉତ ପ୍ରମୁଖ ଯୋଗଦେଇ ଥିଲେ। ନାଟକର ନିର୍ଦ୍ଦେଶନା ନବୀନ କୁମାର ପରିଡ଼ା ଦେଇଥିବାବେଳେ ନାଟ୍ୟକାର ମନ୍ମଥ କୁମାର ଶତପଥୀ ରହିଛନ୍ତି।

# କମିଶନରେଟ ପୋଲିସର ପ୍ରତିଷ୍ଠା ଦିବସ ପାଇଁ ବସ୍ତିରେ ଉତ୍ସବ

ଭୁବନେଶ୍ୱର, ୮।୧ (ବ୍ୟୁରୋ):



କମିଶନରେଟ ପୋଲିସର ୧୫ତମ ପ୍ରତିଷ୍ଠା ଦିବସ ପାଳିତ ହେବାକୁ ଥିବାବେଳେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ପକ୍ଷରୁ 'ବସ୍ତିକୁ ଚାଲ ଅଭିଯାନ' ଜରିଆରେ ରବିବାର ବସ୍ତିବାସୀଙ୍କ ସହ ଉତ୍ସବ ପାଳନ କରାଯାଇଥିଲା। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ହାଡ଼ବାଇ ବସ୍ତିରେ ରବିବାର ସନ୍ଧ୍ୟାରେ କୁନି ପିଲାମାନଙ୍କୁ ନେଇ ପ୍ରତିଭା ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଯୋଗଦେଇ କାର୍ଯ୍ୟକ୍ରମକୁ ସମ୍ବର୍ଦ୍ଧନା କରିଥିଲେ। ତେବେ ବସ୍ତିର ବିଭିନ୍ନ ନିଶାଦ୍ରବ୍ୟ, ଅସାମାଜିକ କାର୍ଯ୍ୟକଳାପଠାରୁ ବସ୍ତିବାସିନ୍ଦା କିପରି ଦୂରେଇ ରହିବେ ସେ ନେଇ ପୋଲିସ କମିଶନର ପରାମର୍ଶ ଦେଇଥିଲେ।

# 'ଶୀତ ସଞ୍ଜର ଗୀତ'ରେ ଝୁମିଲେ ଶ୍ରୋତା

ଭୁବନେଶ୍ୱର,୮।୧(ବ୍ୟୁରୋ)

'ଶ୍ୱେତପଦ୍ମା' ସଂଗୀତାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ଶୀତ ସଞ୍ଜର ଗୀତ' ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଯୁବ ସଙ୍ଗୀତ ନିର୍ଦ୍ଦେଶକ ସୀତାଂଶୁ ଶେଖର ରାଉତଙ୍କ ସ୍ୱର ସଂଯୋଜନାରେ କଣ୍ଠଶିଳ୍ପୀ ସନ୍ତୋଷ ଲେଙ୍କା, ଶ୍ରୀନିବାସ, କ୍ଷୀତିପ୍ରକାଶ ସନ୍ଦୀପ, ରାଜୀବ କୁମାର, ମୋନାଲିସା, ପ୍ରତିଭା, ପଦ୍ମଜା, ଶୁଭଲକ୍ଷ୍ମୀ, ପ୍ରିୟଙ୍କାଙ୍କ ସୁଲଳିତ ସଙ୍ଗୀତରେ ଶ୍ରୋତା ଝୁମିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ରାଜ୍ୟ ଅତିରିକ୍ତ ଖଣି ନିର୍ଦ୍ଦେଶକ ଡ଼. ରମେଶ ଚନ୍ଦ୍ର ଜେନା ଏବଂ ଓୟୁଏଟି ଷ୍ଟୁଡେଣ୍ଟ ୱେଲଫେୟାର କମିଟିର ପୂର୍ବତନ ଡିନ୍ ପ୍ରଫେସର ବୁଦ୍ଧଦେବ ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଗୀତିକାର ବୃନ୍ଦାବନ ଜେନା, ବାବାଜୀ ଚରଣ ଜେନା, ବସନ୍ତ ଦାସ, ସଫିକ୍ ମହମ୍ମଦ ସିଦ୍ଦିକ୍, କୁମାର ଲିଟନଙ୍କୁ ସମ୍ମାନିତ କରାଯାଇଥିଲା। ସଚିନ ରଥ, ଶ୍ୟାମ କୁମାର, ରଞ୍ଜନ କୁମାର ସାହୁ, ସଞ୍ଜୀବ ପ୍ରଧାନ, ଶଶାଙ୍କ ଓ ଛବୀନ୍ଦ୍ର କୁମାର ବାଦ୍ୟଯନ୍ତ୍ରରେ ସହାୟତା କରିଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି ।

# ଆରମ୍ଭ ହେଲା ଫ୍ୟାଶନ ଆଣ୍ଡ ଲାଇଫ୍ ଷ୍ଟାଇଲ୍ ମେଳା

ଭୁବନେଶ୍ୱର,୮।୧:

ପଟିଆସ୍ଥିତ ପାଟ୍ରୋନିକ୍ସ ଗ୍ରାଉଣ୍ଡ ପରିସରରେ ୫ ଦିନିଆ ଫ୍ୟାଶନ୍ ଆଣ୍ଡ ଲାଇଫ୍ ଷ୍ଟାଇଲ୍ ମେଳାର ଶୁଭାରମ୍ଭ ହୋଇଛି। ଜାନୁୟାରୀ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ମେଳାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ଜରିଆରେ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ହ୍ୟାଣ୍ଡଲୁମ୍ ଟେକ୍ସଟାଇଲ ଓ ହ୍ୟାଣ୍ଡିକ୍ରାଫ୍ଟର ପ୍ରିନ୍ସିପାଲ ସେକ୍ରେଟାରି ଅରବିନ୍ଦ ପାଢୀ, ଏମ୍ଏସ୍ଏମ୍ଇ ଡିଏଫ୍ଓ କଟକର ଯୁଗ୍ମ ନିର୍ଦ୍ଦେଶକ ପୱନ ଗୁପ୍ତା, ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତି ମିଶ୍ର, ଇଭୋସ୍ ବିଲ୍ଡକନ୍ ପ୍ରା.ଲି.ର ସହ ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ, ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର, ଆଇସିସି ଓଡ଼ିଶା ଶାଖାର ଅଧ୍ୟକ୍ଷ ଜେ.ବି. ପାଣି, ସହ-ଅଧ୍ୟକ୍ଷ ଏମ୍.କେ.ଗୁପ୍ତା, ଆଇଏନଡବ୍ଲ୍ୟୁସିର ଆବାହକ ସୁକୀର୍ତ୍ତି ପଟ୍ଟନାୟକ, ସହ-ଆବାହକ ତନୟା ପଟ୍ଟନାୟକ, କୋର ମେମ୍ବର ପ୍ରୀତି ପଲ୍ଲଭୀ ପଟ୍ଟନାୟକ, ଆଞ୍ଚଳିକ ମୁଖ୍ୟ ଆଇସିସି ଓଡ଼ିଶା କାଉନସିଲ ଜେ.ପି.ପାଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଭାରତୀୟ କ୍ରିକେଟର ଇରଫାନ ପଠାନ୍ ମେଳାର ପ୍ରଥମ ଦିନରେ ମୁଖ୍ୟ ଆକର୍ଷଣ ସାଜିଥିଲେ। ତାଙ୍କର ପ୍ରେରଣାଦାୟୀ ବକ୍ତୃତା ଉପସ୍ଥିତ ଦର୍ଶକଙ୍କୁ ସେଠାରେ ବାନ୍ଧି ରଖିଥିଲା। ଏଥିରେ ଫ୍ୟାଶନ ହ୍ୟାଣ୍ଡଲୁମ୍ ଏବଂ ଜୀବନଶୈଳୀ ବ୍ୟବସାୟ କ୍ଷେତ୍ରରେ ଜଡିତ ୧୨୦ରୁ ଉର୍ଦ୍ଧ୍ୱ ଉଦ୍ୟୋଗୀ ଅଂଶଗ୍ରହଣ କରିଥିବା ବେଳେ ଏସ୍ଏଚ୍‌ଜିର ମହିଳା ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦ ପ୍ରଦର୍ଶିତ କରଛନ୍ତି । ବଲିଉଡ୍ ଫ୍ୟାଶନ ଡିଜାଇନର ମନୀଷ ମାଲହୋତ୍ରା, ବଲିଉଡ୍ ଅଭିନେତ୍ରୀ ଦିଆ ମିର୍ଜା, ଅଭିନେତା ଜାୟେଦ ଖାନ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପର ସମ୍ମିଳନୀ, କର୍ମଶାଳା, ଟକ୍ ଶୋ, ସାଂସ୍କୃତିକ କାର୍ଯ୍ୟକ୍ରମ, ଫ୍ୟାଶନ ଶୋ, ଖାଦ୍ୟ ମହୋତ୍ସବ ଆଦିର ବ୍ୟବସ୍ଥା ହୋଇଛି। ମେଳାରେ ଓଡ଼ିଶାର ଡିଜାଇନରଙ୍କ ସହ ବିଭିନ୍ନ ପ୍ରକାର ଡିଜାଇନ୍ ପ୍ରଦର୍ଶିତ କରୁଥିବା ୩୦ଟିରୁ ଅଧିକ ଫ୍ୟାଶନ ଶୋ ମଧ୍ୟ ପ୍ରଦର୍ଶିତ କରାଯିବ। ଏଥିରେ ଶିଶୁ, ମା', ମଡେଲମାନେ ଭାଗ ନେଇ ନିଜର ପାରଦର୍ଶିତା ଦେଖାଇବେ ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ବାର୍ତ୍ତା ଦେଉଛନ୍ତି । ମେଳାରେ ଉପସ୍ଥିତ ମେୟର ସୁଲୋଚନା ଦାସ ଓ ଅନ୍ୟ ଅତିଥିମାନେ ।




୮।୧।୨୦୨୩

| | |
|---|---|
| ୬,୯୩,୮୫୭ ଟଙ୍କା | |
| ସୁନା | ୩.୫୦୦ ଗ୍ରାମ |
| ରୁପା | ୧୯୧.୨୦୦ ଗ୍ରାମ |

# ‘ଓଡ଼ିଆ ମୌଳିକ, ପ୍ରାକ୍ ବୈଦିକ ଭାଷା’

ପୁରୀ ଅଫିସ ୮।୧

ରାଜ୍ୟସ୍ତରୀୟ ସମ୍ମିଳିତ ଲେଖକ ମଞ୍ଚ, ଓଡ଼ିଶା ଆନୁକୂଲ୍ୟରେ ୟୁଥ୍ ହଷ୍ଟେଲ ପରିସରରେ ରବିବାର ଓଡ଼ିଆ ଭାଷାର ସ୍ୱରୂପ ଭବିଷ୍ୟତ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ଶିବ ସୁନ୍ଦର ମିଶ୍ର ଅଧ୍ୟକ୍ଷତା କରିଥିଲେ। ପ୍ରବୀଣ ଭାଷାବିତ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଥିଲେ ଯେ, ଓଡ଼ିଆ ଭାଷାର ମୌଳିକ ସ୍ୱରୂପ ନିର୍ଦ୍ଧାରଣ କରିବାକୁ ହେଲେ ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଅନୁଧ୍ୟାନ କରିବା ଉଚିତ୍। ଏହି ନାଟ୍ୟଶାସ୍ତ୍ରରେ ଖ୍ରୀଷ୍ଟପୂର୍ବ ଚତୁର୍ଦ୍ଦଶ ଶତାବ୍ଦୀରୁ ପ୍ରାଚୀନ ଓଡ଼ିଆ ଭାଷାର ମାନ୍ୟତା ମିଳେ। ବୈଦିକ ବ୍ରାତ୍ୟସୂତରେ ମାଗଧି ଭାଷାର ମାନ୍ୟତା ହିଁ ଉଡ୍ର ମାଗଧି ଭାଷା। ବୈକାରିଣୀକ ପାଣିନୀଙ୍କ ଅଷ୍ଟାଧ୍ୟାୟୀ ସୂତ୍ରରେ ମଧ୍ୟ ଉଡ୍ର ମାଗଧି ଭାଷାର ମାନ୍ୟତା ରହିଛି। ଏହା ଓଡ଼ିଆ ଭାଷାର ପ୍ରାକ ବୈଦିକ ସ୍ୱରୂପ କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ବକ୍ତାଭାବେ ମଦନମୋହନ ମହାପାତ୍ର ଯୋଗଦେଇ କହିଲେକ ଚତୁର୍ଥ ଶତାବ୍ଦୀର ମାଠର, ବାସିଷ୍ଠି ଓ ଶୈଳଦଭବ ଶାସନରେ ଅଗ୍ରହର ସହ ଲୌକିକ ଚାଟଶାଳୀ ପାଠର ଆରମ୍ଭ ହୋଇ ପାଇକ ଜନପଦରେ ଓଡ଼ିଆ ଭାଷାର ମୂଳ ଅଣଚାଶ ଧ୍ୱନୀ ବା ବର୍ଣ୍ଣ ବ୍ୟବହାର ହେଉଥିଲା। ଏହି ଚାଟଶାଳୀ ପାଠର ପୁନରୁଦ୍ଧାର ହେଲେ ଓଡ଼ିଆ ଭାଷା ତାହାର ମୌଳିକ ପରିଚୟ ପାଇବ। ସେହିପରି ଅନ୍ୟତମ ବକ୍ତାଭାବେ ଭାବେ ବିଜୟଲକ୍ଷ୍ମୀ ଦାଶ, ଲେଖକ ତଥା ଜ୍ୟୋର୍ତିର୍ବିଦ ଅନାମ ଚନ୍ଦ୍ର ସାହୁ ଯୋଗଦେଇ ଓଡ଼ିଆ ଭାଷାର ଭବିଷ୍ୟତ ନେଇ ଆଲୋକପାତ କରିଥିଲେ।

ପ୍ରାରମ୍ଭରେ ମଞ୍ଚର ରାଜ୍ୟ ସଂଯୋଜିକା ଲେଖିକା ବୀଣାପାଣି ଚୌଧୁରୀ ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିବା ବେଳେ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଲେଖିକା ପ୍ରତିଭା ତ୍ରିପାଠୀ ଓ ୨୧ଟି ଦେଶ ଭ୍ରମଣ କରି ୧୨ଟି ପୁସ୍ତକର ଲେଖକ ପ୍ରାବନ୍ଧିକ ସତ୍ୟନାରାୟଣ ମିଶ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭବାନୀ ପ୍ରସାଦ ବଳିଆର ସିଂ ଧନ୍ୟବାଦ୍ ଦେଇଥିଲେ। ଅନେକ ଲେଖକ, କବି, ପ୍ରାବନ୍ଧିକ ଉପସ୍ଥିତ ଥିଲେ।




ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

# ଜଳବାୟୁ ପରିବର୍ତ୍ତନ ନେଇ ସଚେତନତା

ନିମାପଡ଼ା,୮।୧(ଡି.ଏନ୍.ଏ.)

## ଜଟେଶ୍ୱରଙ୍କ ପୀଠରେ ଚାରା ରୋପଣ

ସ୍ୱେଚ୍ଛାସେବୀ ସଂସ୍ଥା ବ୍ରହ୍ମଚେତନା ପରିଷଦ ପକ୍ଷରୁ ଏକ ଜନସଚେତନତା କାର୍ଯ୍ୟକ୍ରମ, ବୃକ୍ଷରୋପଣ, ଅସହାୟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ନିମାପଡ଼ା ବ୍ଲକ ଅଧୀନ ଶଗଡ଼ା ଓ ତୁଳସୀପୁର ଗ୍ରାମଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଧରିତ୍ରୀ ମାତାଙ୍କୁ ଆସନ୍ନ ବିପଦରୁ ସୁରକ୍ଷା ଦେବା ପାଇଁ ‘ଧରିତ୍ରୀ ମାତା ପାଇଁ ରବିବାର’ ନାମରେ ଏକ ସମୟୋପଯୋଗୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶଗଡ଼ା ଗ୍ରାମସ୍ଥିତ ଜଟେଶ୍ୱର ଦେବଙ୍କ ପୀଠସ୍ଥଳରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଷଦ ସମ୍ପାଦକ କବି ସୁକାନ୍ତଚନ୍ଦ୍ର ନନ୍ଦ ଧରିତ୍ରୀ ମାତା ପାଇଁ ରବିବାର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସବୁଜ କୋଠରିର ପ୍ରଭାବ, ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ, ଦ୍ରୁତ ଜଙ୍ଗଲ ଅବକ୍ଷୟ, ପ୍ରଦୂଷିତ ଜଳରାଶି, ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାରର କୁପରିଣାମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହ ଏହାର ନିରାକରଣ ପାଇଁ ସମ୍ମିଳିତ ପ୍ରଚେଷ୍ଟା, ଉଦ୍ୟମ ଆବଶ୍ୟକ ବୋଲି ନନ୍ଦ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜଟେଶ୍ୱର ମହାଦେବଙ୍କ ପୀଠରେ ଚାରା ରୋପଣ, ନିକଟସ୍ଥ ପୁଷ୍କରିଣୀକୁ ସଫେଇ କରାଯାଇଥିଲା। ଶଗଡ଼ା ଓ ତୁଳସୀପୁର ପଞ୍ଚାୟତରେ ଅସହାୟ ବ୍ୟକ୍ତି, ବୃଦ୍ଧାବୃଦ୍ଧଙ୍କୁ ଅନୁଷ୍ଠାନ ପକ୍ଷରୁ ଶୀତବସ୍ତ୍ର ବଣ୍ଟା ଯାଇଥିଲା। ପରିଷଦର ସହ ସମ୍ପାଦକ କୃଷ୍ଣଚନ୍ଦ୍ର ନାଥ, ମୁଖ୍ୟ ପରାମର୍ଶଦାତା ପ୍ରଫେସର ଡ. ଶଶାଙ୍କ ଶେଖର କାନୁନ୍‌ଗୋ, ହୃଷୀକେଶ ନନ୍ଦ, ମନୋଜ ପଣ୍ଡା, ସାମାଜିକ କର୍ମୀ ଆଦିତ୍ୟ ନାରାୟଣ ସାହୁ, ବାଦଲ ସାହେବ ରଥ ପ୍ରମୁଖ ସହାୟତା କରିଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

ବୋଲଗଡ,୮।୧(ଡି.ଏନ୍.ଏ.): ବୋଲଗଡ ଥାନା ବ୍ରହ୍ମପୁରା ଛକରେ ଶନିବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ଶ୍ୟାମଘନପୁର ନିକଟସ୍ଥ କାଳିଆମ୍ବିଳି ଗ୍ରାମର ଦିଲୀପ କୁମାର ବରା (୩୨)। ସୂଚନା ଅନୁଯାୟୀ, ଦିଲୀପ ଶନିବାର ରାତିରେ ରାଜସୁନାଖଳାରୁ ନିଜ ଗାଁକୁ ବାଇକ୍ ଯୋଗେ ଫେରୁଥିଲେ। ହେଲେ ବ୍ରହ୍ମପୁରା ଛକରେ ହଠାତ୍ ଏକ ଗାଡ଼ି ତାଙ୍କୁ ଧକ୍କାଦେଇ ଚାଲିଯାଇଥିଲା। ଫଳରେ ଦିଲୀପ ବାଇକ୍‌ରୁ ଛିଟିକି ତଳେ ପଡ଼ି ଗୁରୁତର ହୋଇଥିଲେ। ଏହାଦେଖି ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଦୀପକଙ୍କୁ ଉଠାଇ ବୋଲଗଡ଼ ମେଡିକାଲକୁ ପଠାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିବା ସହ ତଦନ୍ତ ଚଳାଇଛି।

### ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ
### ୧୩ ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ଅଟକ

ପୁରୀ ଅଫିସ, ୮।୧: ଠାକୁର ଅନୁକୂଳଚନ୍ଦ୍ରଙ୍କ ଶ୍ରୀକ୍ଷେତ୍ର ଆଗମନର ଶତବାର୍ଷିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ପୁରୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ ଅବସରରେ ତାଙ୍କୁ ଦାବିପତ୍ର ଦେବାକୁ ଆସିଥିବା ୧୩ରୁ ଉର୍ଦ୍ଧ୍ୱ ଯୁବ ଓ ଛାତ୍ର କଂଗ୍ରେସ କର୍ମୀଙ୍କୁ ପୋଲିସ ସୁଭାସ ବୋଷ ଛକଠାରୁ ଉଠାଇ ନେଇ ଅଟକ ରଖିଥିଲା। ଯୁବ ଓ ଛାତ୍ର କଂଗ୍ରେସ ତରଫରୁ ଅଭିଯୋଗ ହୋଇଛି, ପୁରୀର ବିକାଶ ନାମରେ ଯେପରି କାର୍ଯ୍ୟ ଚାଲିଛି ଏହା ବିନାଶର ଲକ୍ଷଣ। ପୁରୀବାସୀଙ୍କୁ କାରଣ ମୌଳିକ ଅଧିକାର ମିଳୁନାହିଁ। ଗରିବ ସାଧାରଣ ଉଠାଦୋକାନୀଙ୍କୁ ପ୍ରତାରଣା କରାଯାଉଛି। ଜାଗାମିଶନରେ ପୁରୀର ୧୭ହଜାର ପରିବାର ପଟ୍ଟା ପାଇନାହାନ୍ତି। ପୁରୀର ସ୍ଥାୟୀ ପ୍ରତିକାର ରୂପେ ଭୂ-ସମ୍ପତ୍ତି ସୁରକ୍ଷା ଏକ ପ୍ରଶ୍ନ ହୋଇଛି। ଶିଶୁ ଓ ଗର୍ଭବତୀଙ୍କୁ ନିମ୍ନମାନର ଖାଦ୍ୟ ଓ ଛତୁଆ ଦିଆଯାଉଛି। ସ୍କୁଲ ଓ କଲେଜରେ ଶିକ୍ଷକ ଓ ଅଧାପକ ନାହାନ୍ତି। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ବିଶ୍ୱ-ବିଦ୍ୟାଳୟ ଆଖ୍ୟା ମିଳୁନି। ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବାକୁ ସରକାର କିମ୍ବା ପ୍ରଶାସନ ପଦକ୍ଷେପ ନେଉନାହାନ୍ତି। ଯୁବ କଂଗ୍ରେସ ନେତା ଆଲୋକ କୁମାର ଦାଶ ବସ୍ତି ନେତା ମନୋଜ ମଣ୍ଡଳ, ଛାତ୍ର କଂଗ୍ରେସ ପୁରୀ ଜିଲା ସଭାପତି ଆଶୁତୋଷ ମିଶ୍ର, ଜିଲା ଉପସଭାପତି ରୀଶାନ ଦାଶ, ସାହିଲ ମହାନ୍ତି, ଜଗଦୀଶ ରାଉତ, ବିଶ୍ୱଜିତ ସ୍ୱାଇଁ, ଲକ୍ଷ୍ମୀଧର ସେଠୀ, ରାକେଶ ପ୍ରଧାନ, ବିଶ୍ୱଜିତ ଦଳେଇ ପ୍ରମୁଖଙ୍କୁ ପୋଲିସ ଉଠାଇ ନେଇଥିଲା ବୋଲି ଜଣପଡ଼ିଛି।




ଗୁଜରାଟରେ ହେବାକୁଥିବା ଜାତୀୟସ୍ତରୀୟ ଓଡ଼ିଶା ଡ୍ରୁ ବଲ୍ ପ୍ରତିଯୋଗିତା ପାଇଁ ଯାତ୍ରାରେ ବାହାରିଥିବା ପୁରୀ ଝାଡ଼େଶ୍ୱରୀ କ୍ଲବର ଖେଳାଳିମାନେ।

# ଦିନରେ ଜଙ୍ଗଲ, ରାତିରେ ଜନବସତି ମୁହାଁ ଦନ୍ତା

ଡେଲାଙ୍ଗ,୮।୧(ଡି.ଏନ୍.ଏ.)

ଡେଲାଙ୍ଗରେ ପଶିଥିବା ଜଙ୍ଗଲୀ ଦନ୍ତା ହାତୀ ଆତଙ୍କରେ ସ୍ଥାନୀୟ ଲୋକେ ଏବେ ବି ଭୟଭୀତ ଅବସ୍ଥାରେ ରହିଛନ୍ତି। ହାତୀଟି ଆଜକୁ ୫ଦିନ ହେବ ଡେଲାଙ୍ଗ ବ୍ଲକର କୁମୁକାନଟା ଜଙ୍ଗଲରେ ରହି ଧାନ ଖାଇବା ସହିତ କଦଳି ଓ ନଡ଼ିଆ ଗଛ ଭାଙ୍ଗି ନଷ୍ଟ କରିଛି। ଦିନତମାମ ହାତୀଟି କୁମୁକା ଜଙ୍ଗଲରେ ରହିଥିବା ବେଳେ ଠିକ୍ ସନ୍ଧ୍ୟା ହେଲେ ଜଙ୍ଗଲରୁ ବହାରି ଜନବସତି ଆଡକୁ ମୁହାଁଉଛି। ଶନିବାର ରାତିରେ କୁମୁକାରୁ ବାହାରୀ ବାଗିଲପାରି ଗହୀର ବିଲଦେଇ ବେନୁପଡା ଗ୍ରାମକୁ ଯାଇ ବେନୁପଡାମଠ ବଡିରେ କଳେଇ ଗଦା, ନଡ଼ିଆ ଓ କଦଳି ଗଛ ଖାଇବା ସହିତ ଘର ଆଗରେ ରଖାଯାଇଥିବା ଧାନ ବସ୍ତା ଖାଇ ପୁଣି ଜଙ୍ଗଲକୁ ଫେରିଯାଇଥିଲା। ହେଲେ ରବିବାର ସନ୍ଧ୍ୟାରେ ଦନ୍ତା ବାହାରୀ ବେନୁପଡା, ଆଙ୍କୁଲା, ମୁନିନ୍ଦା ଅତିକ୍ରମ କରିବା ସହିତ ଲୁଣାନଦୀ ପାର ହୋଇ ବୋଳକଣା ଗହୀର ସନ୍ନିକଟରେ ଥିବା ସୂଚନା ମିଳିଛି। ହାତୀ ଉପରେ ବନ ବିଭାଗ କର୍ମଚାରୀମାନେ ନଜର ରଖିଛନ୍ତି।

# ‘ସେବା ହିଁ ମୋର ପ୍ରଥମ ଲକ୍ଷ୍ୟ’

ପିପିଲି,୮।୧(ଡି.ଏନ୍.ଏ./ସ୍ୱ.ପ୍ର.)

## ବିଜେଡିର ୨୬ତମ ପ୍ରତିଷ୍ଠା ଦିବସ

ବିଜେଡିର ୨୬ତମ ପ୍ରତିଷ୍ଠା ଦିବସ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀ ପକ୍ଷରୁ ପିପିଲି ଦଳୀୟ କାର୍ଯ୍ୟାଳୟ ନିକଟରେ ରବିବାର ପାଳନ ହୋଇଛି। ପିପିଲି ବ୍ଲକ ବିଜେଡି ସଭାପତି ତଥା ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ପିନାକୀ ମିଶ୍ର, ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାରର ଜନହିତକର ଲୋକପ୍ରିୟ ଯୋଜନା ସମ୍ପର୍କରେ ଉପସ୍ଥିତ ଦଳୀୟକର୍ମୀଙ୍କୁ ଅବଗତ କରିଥିଲେ।

ଏହି ଅବସରରେ ମହାରଥୀ କହିଛନ୍ତି, ‘ସେବା ହିଁ ମୋର ପ୍ରଥମ ଲକ୍ଷ୍ୟ ଓ ଶେଷ ଲକ୍ଷ୍ୟ’। କିନ୍ତୁ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨ହଜାର ୪୦ଟଙ୍କା ପରିବର୍ତ୍ତେ (ଏମ୍ଏସ୍‌ପି)କୁ ୩ହଜାର ଟଙ୍କାକୁ ବୃଦ୍ଧି କରିବାକୁ ସେ ଦାବି ଉଠାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ପିପିଲି ଏନ୍ଏସି ଅଧ୍ୟକ୍ଷ ସେକ୍ ବାବୁ, ମହିଳା ବିଜେଡି ନେତ୍ରୀ ଜୋସ୍ନା ପୃଷ୍ଟି, ଜିଲାପରିଷଦ ଧରଣୀଧର ସାହୁ, ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ଜିଲା ବିଜେଡି ସାଧାରଣ ସମ୍ପାଦକ କିଶୋର ଛୋଟାରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ଜିଲାପରିଷଦ ସଭ୍ୟ ପ୍ରସନ୍ନ ସାହୁ, ପ୍ରଜ୍ଞା ଛୋଟରାୟ, ରାଜ୍ୟ ବିଜେଡି ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଅମରଜ୍ୟୋତି ପଟ୍ଟନାୟକ ପ୍ରମୁଖଙ୍କ ସହିତ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀ ବିଜେଡି ଯୁବ ଛାତ୍ର ମହିଳାମାନେ ଯୋଗଦେଇ ବିଜେଡି ସରକାରର ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପ୍ରତିଷ୍ଠା ଦିବସରୁ ଆଗାମୀ ୨୦୨୪ ବିଧାନସଭା କ୍ଷେତ୍ର ନିର୍ବାଚନରେ ବିଜେଡିର ବିଧାୟକ ପ୍ରାର୍ଥୀ ମହାରଥୀଙ୍କୁ ନିର୍ବାଚନରେ ଜିତାଇବାକୁ ସଂକଳ୍ପ ନେଇଥିଲେ। ପିପିଲି- ଡେଲାଙ୍ଗ ସମେତ ପିପିଲି ଏନ୍ଏସିରୁ ୧୦ହଜାରରୁ ଅଧିକ ଦଳୀୟ କର୍ମୀ ଏଥିରେ ଯୋଗ ଦେଇଥିଲେ।

# ଆଧ୍ୟାତ୍ମିକ କବିତା ପାଠ ମହୋତ୍ସବ

ଡେଲାଙ୍ଗ,୮।୧(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକର ହରିରାଜପୁର ପଞ୍ଚାୟତର ନିମବସନ୍ତ ଗ୍ରାମର ନିମାଇଁ ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ଶ୍ରୀ ଚୈତନ୍ୟ ନିତ୍ୟାନନ୍ଦ ମଠ ପରିସରରେ ରବିବାର ସ୍ୱରଚିତ ଆଧ୍ୟାତ୍ମିକ କବିତା ପାଠ ମହୋତ୍ସବ, ଆଲୋଚନା ଓ କବି ସମ୍ବର୍ଦ୍ଧନା ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ତଥା ସାରସ୍ୱତ ସାଧକ ପ୍ରସନ୍ନ ମହାରଥୀଙ୍କ ଅଧ୍ୟକ୍ଷତାରେ ମହନ୍ତ ବୃନ୍ଦାବନ ଦାସ ମହାରାଜ ଆଧ୍ୟାତ୍ମିକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ସାରସ୍ୱତ ସାଧକ ଶିକ୍ଷାବିତ୍ ନୀଳାଦ୍ରି ନାଥ ଜଗଦେବ, ସନ୍ଥ କୁଳମଣି, ସରପଞ୍ଚ ରୀନାରାଣୀ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କବି ବିଜୟ କୁମାର ପଟ୍ଟନାୟକ ଓ ରମେଶ ଚନ୍ଦ୍ର ପଲେଇ ସଭା ସଂଯୋଜନା କରିଥିଲେ। କବି ମାନସ ରଞ୍ଜନ ପଟ୍ଟନାୟକଙ୍କ ସମ୍ପାଦନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ସର୍ବଶ୍ରୀ ହିମାଂଶୁ ମହାପାତ୍ର, ରୋହିତ ଚମ୍ପତି, ମହେଶ୍ୱର ବେହେରା, ହୃଷୀକେଶ ପାତ୍ରୀ, ସଚିକାନ୍ତ ବିଶ୍ୱାଳ, ସୁନନ୍ଦା ମହାନ୍ତି ପ୍ରମୁଖ ୭୨ଜଣ କବି ଓ କବୟିତ୍ରୀ ସ୍ୱରଚିତ ଆଧ୍ୟାତ୍ମିକ କବିତା ପାଠ କରିଥିଲେ। କବି ଦାଶରଥି ମହାନ୍ତି, ପ୍ରଣବ କିଶୋର ପଟ୍ଟନାୟକ, ପ୍ରସନ୍ନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ କାଳିଚରଣ ପଟ୍ଟନାୟକଙ୍କ ଗଳ୍ପ ସଙ୍କଳନ ‘ପାଉଁଶ ତଳର ନିଆଁ’ ଓ ଫକୀରଚରଣ ପାତ୍ରୀଙ୍କ ‘ସାହିତ୍ୟ ଜଣା ଅଜଣା’ ପୁସ୍ତକ ଅତିଥିଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା। ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ବୀରତୁଙ୍ଗ ହାଇସ୍କୁଲ ୧୯୮୩ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ



ବନ୍ଧୁ ମିଳନରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ରମାନେ।

କୋଣାର୍କ,୮।୧(ଡି.ଏନ୍.ଏ.)

ଗୋପ ବ୍ଲକ ଅଧୀନ ବୀରତୁଙ୍ଗ ସାରସ୍ୱତ ବିଦ୍ୟାପୀଠର ୧୯୮୩ ମାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ ସମାରୋହ କୋଣାର୍କସ୍ଥିତ ରାମଚଣ୍ଡୀଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ବନ୍ଧୁମାନେ ନିଜ ନିଜର ବିଗତ ଦିନର ସ୍ମୃତି ବାଣ୍ଟିବା ସହ ବଣଭୋଜିର ମଜା ଉଠାଇଥିଲେ। ପରିବେଶ ସୁରକ୍ଷା, ଜଙ୍ଗଲ ସୃଷ୍ଟି ନିମନ୍ତେ ବୃକ୍ଷରୋପଣ କରି ସବୁଜ ବିପ୍ଳବ ସୃଷ୍ଟି କରାଯିବା ସମ୍ପର୍କରେ ପ୍ରତ୍ୟେକ ବ୍ୟକ୍ତି ସଚେତନତାର ବାର୍ତ୍ତା ବାଣ୍ଟିବାକୁ ଶପଥ ନେଇଥିଲେ। ଦାମୋଦର ବାରିକ୍, ପବିତ୍ରମୋହନ ନାୟକ, ଗୁରୁପ୍ରସାଦ ପଣ୍ଡା, ପ୍ରଶାନ୍ତ ବେହେରା, ପ୍ରଦୀପ ସାହୁ, ଚିତ୍ତରଞ୍ଜନ ବାରିକ୍ ପ୍ରମୁଖ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲାରୁ ବହୁ ପୁରାତନ ବନ୍ଧୁମାନେ ସାମିଲ ହୋଇଥିଲେ।

# ପୁରୀକୁ ହରାଇ ସେମିରେ ଭୁବନେଶ୍ୱର ଏକାଦଶ

ନିମାପଡ଼ା,୮।୧(ଡି.ଏନ୍.ଏ.)

## ୧୪ତମ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ୍ ଉଦ୍‌ଘାଟିତ

ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ କିଶୋର ପଣ୍ଡା ସ୍ମାରକୀ ୧୪ତମ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ମ୍ୟାଚ୍‌ରେ ପୁରୀ ପାୟୋନିୟର ଦଳକୁ ପରାସ୍ତ କରି ଭୁବନେଶ୍ୱର ଏକାଦଶ ବିଜୟ ହାସଲ କରି ସେମି ଫାଇନାଲରେ ପ୍ରବେଶ କରିଛି। ଆୟୋଜିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ଟସ୍ ଜିତି ଭୁବନେଶ୍ୱର ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ୍ ହରାଇ ୨୨୪ ରନ୍ ସଂଗ୍ରହ କରିଥିଲା। ଦଳର ରୋହିତ ସାଗର ୫ ଚଉକା, ୨ ଛକା ସହାୟତାରେ ସର୍ବାଧିକ ୫୦ ରନ୍, ଏମ୍‌ଜି ଗୋପାଳ ୯ ଚଉକା, ୧ ଛକା ସହାୟତାରେ ୪୭ ରନ୍, ସୁବମ୍ ଶତ୍ରୁଜିତ୍ ୫ ଚଉକା, ୨ ଛକା ସହାୟତାରେ ୪୩ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ପୁରୀ ପାୟୋନିୟର ଦଳର ବୋଲର ଅଂଶୁମାନ ବେଜ୍ ସର୍ବାଧିକ ୩ ଉଇକେଟ୍ ନେଇଥିଲେ।

ବ୍ୟାଟିଂ କରି ୭ ଉଇକେଟ୍ ହରାଇ ୨୧୧ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଦଳର ଏସ୍‌କେ ସଲମାନ୍ ୯ ଚଉକା, ୩ ଛକା ସହାୟତାରେ ସର୍ବାଧିକ ୬୨ ରନ୍, ଶକ୍ତିସ୍ୱରୂପ ଦାସ ୪ ଚଉକା, ୪ ଛକା ସହାୟତାରେ ୫୭ରନ୍, ଭାଗୀରଥି ବେହେରା ୯ ଚଉକା ସହାୟତାରେ ୪୪ ରନ୍ ସଂଗ୍ରହ କରିଥିଲେ। ଭୁବନେଶ୍ୱର ଏକାଦଶ ଦଳର ବୋଲର ହିତେଶ ନାୟକ ୨ଟି, ରୋହିତ ସାଗର ୨ଟି ଉଇକେଟ୍ ନେଇଥିଲେ। ଓଡ଼ିଶା କ୍ରିକେଟ୍ ଆସୋସିଏଶନର (ଓସିଏ) ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ଅଭିନନ୍ଦନ ପାତ୍ର ଓ ସମ୍ବିତ୍ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ବିଜୟୀ ଭୁବନେଶ୍ୱର ଦଳର ରୋହିତ୍ ସାଗରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଅତିଥି ଭାବେ ଶିକ୍ଷାବିତ୍ ଜଗତ୍ ପ୍ରସାଦ ସାବ୍ରତ୍, ଅମରେଶନନ୍ଦନ ସାହୁ, ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର, କ୍ରୀଡ଼ା ସଂଗଠକ ଅକ୍ଷୟ ବେହେରା, କାଉନ୍‌ସିଲର ରାଜକିଶୋର ସାହୁ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ସାହୁ, କ୍ରୀଡ଼ାବିତ୍ ପଦ୍ମଚରଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ସୋମବାର ୨ୟ କ୍ୱାର୍ଟର ଫାଇନାଲରେ ଜୋବ୍ରାସୋଲାର କଟକ, କ୍ରାଉନ୍‌ସ୍ପୋର୍ଟିଂ ଭୁବନେଶ୍ୱରକୁ ଭେଟିବ।



କ୍ରିକେଟ୍ ପ୍ରତିଯୋଗିତାରେ ଉପସ୍ଥିତ ଅତିଥିମାନେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।



ଠାକୁର ଅନୁକୂଳଚନ୍ଦ୍ରଙ୍କ ଶ୍ରୀକ୍ଷେତ୍ର ଆଗମନୀର ରବିବାର ଶତବାର୍ଷିକୀ ଅବସରରେ ଅନୁଗାମୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା’ ହୀରା ବେନ୍‌ଙ୍କ ଦଶାହରେ ମୋଚି ସାହିର ଚା’ ଦୋକାନୀ ଅକ୍ଷୟ ଜୟସିଂହ ପୂଜାର୍ଚ୍ଚନା କରିବା ସହ ବ୍ରାହ୍ମଣଙ୍କୁ ବସ୍ତ୍ର ଓ ଅର୍ଥ ଦାନ କରୁଛନ୍ତି।





ରବିବାର ଶିଖରଚଣ୍ଡୀରୁ ଇନ୍‌ଫୋସିଟି ରାସ୍ତାରେ ଅନୁଷ୍ଠିତ ପଥ ଉତ୍ସବରେ ନାଚ, ଗୀତ ଓ ମଉଜ ମସ୍‌ଲିସ୍‌ରେ ଛୋଟ ପିଲା, ଛାତ୍ରୀଛାତ୍ର, ଯୁବବର୍ଗଙ୍କ ସହ ସହରବାସୀ।

# ଶୀତ ସକାଳରେ ଉଷ୍ମତା ଭରିଲା 'ପଥ ଉତ୍ସବ'

## ଶିଖରଚଣ୍ଡୀରୁ ଇନ୍‌ଫୋସିଟି ରାସ୍ତା ଉତ୍ସବମୁଖର

ଭୁବନେଶ୍ୱର, ୮।୧ (ବ୍ୟୁରୋ)

ନାଚ, ଗୀତ ସହ ମନୋରଞ୍ଜନର ବିଭିନ୍ନ କାର୍ଯ୍ୟକ୍ରମରେ ଝୁମିଲେ ରାଜଧାନୀବାସୀ। ରବିବାରର ଶୀତୁଆ ସକାଳରେ ଉଷ୍ମତା ଭରିଲା 'ପଥ ଉତ୍ସବ'। ଉତ୍ସବମୁଖରିତ ହୋଇଉଠିଥିଲା ଶିଖରଚଣ୍ଡୀରୁ ଇନ୍‌ଫୋସିଟି ପର୍ଯ୍ୟନ୍ତ ଅଞ୍ଚଳ। ସହରବାସୀ ଏକାଠି ହୋଇ ପଥ ଉତ୍ସବର ମଜା ନେଇଥିଲେ। ପୂର୍ବରୁ ଏହା ଜନପଥର ମାଷ୍ଟରକ୍ୟାଣ୍ଟିନ୍‌ରୁ ରାମ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଆୟୋଜିତ ହେଉଥିଲା। ମାତ୍ର ସାରା ସହରକୁ ଝୁମାଇବା ସହ ସମସ୍ତଙ୍କୁ ସାମିଲ କରିବା ପାଇଁ ଚଳିତବର୍ଷ ଭୁବନେଶ୍ୱର ମହାନଗର ନିଗମର ୩ ଜୋନ୍‌ରେ ପଥ ଉତ୍ସବ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରବିବାର ସକାଳ ୬ଟା ୩୦ରେ ଭୁବନେଶ୍ୱର ଉତ୍ତର ଜୋନ୍‌ରେ ଉତ୍ସବ ଆରମ୍ଭ ହୋଇଥିଲା। ସହରବାସୀ ନାଚ, ଗୀତ ସହିତ ରଙ୍ଗୋଲି, ପେଣ୍ଟିଂ, ଯୋଗ, ସ୍କେଟିଂ, ସାଇକେଲ ଷ୍ଟଣ୍ଟର ମଜା ନେଇଥିଲେ। ଏଥିସହ ଯୁବବର୍ଗ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ନିଜ ଦକ୍ଷତା ପରଖିଥିଲେ। ବିଭିନ୍ନ ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟ କଳାକାରମାନେ ମଞ୍ଚ ଉପରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ବହୁ କର୍ପୋରେଟର କାର୍ଯ୍ୟକ୍ରମରେ ଯୋଗଦେଇ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। କରୋନା ପାଇଁ ଦୀର୍ଘ ୨ବର୍ଷ ପରେ ଚଳିତବର୍ଷ ଡିସେମ୍ବର ୨୫ରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ୍) ପକ୍ଷରୁ ଆରମ୍ଭ ହୋଇଛି ପଥ ଉତ୍ସବ। ନୂଆବର୍ଷ ପଡୁଥିବାରୁ ଜାନୁୟାରୀ ୧ରେ ପଥ ଉତ୍ସବ ବନ୍ଦ ରହିଥିଲା। ତେବେ ଏବେ ପୁଣି ରାଜଧାନୀ ରାସ୍ତାରେ ଆସର ଜମିଛି, ଯାହାର ଭରପୂର ମଜା ଉଠାଉଛନ୍ତି ଭୁବନେଶ୍ୱରବାସୀ।



## ନାଚିଲେ ମେୟର, କର୍ପୋରେଟର



ପିଲାଠାରୁ ବୟସ୍କ ସମସ୍ତେ ଉତ୍ସବର ଧୁମ୍ ମଜା ଉଠାଇଥିଲେ। ଜଣାଶୁଣା କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢୀ, ଅବିନାଶ ଦାଶ ପ୍ରମୁଖଙ୍କ ଗୀତରେ ମତୁଆଲା ହୋଇଉଠିଥିଲେ ସହରିଆ। କେବଳ ଏପରିକି କର୍ପୋରେଟରଙ୍କ ଠାରୁ ଆରମ୍ଭ କରି ମେୟରଙ୍କ ପର୍ଯ୍ୟନ୍ତ କେହି ନିଜକୁ ଅଟକାଇ ପାରି ନ ଥିଲେ। ଗୀତର ତାଳେ ତାଳେ ସେମାନେ ବି ନାଚି ଖୁସି ମନାଇଥିଲେ। ଏହା ସହିତ ଜୁମ୍ବା ଡ୍ୟାନ୍ସରେ ମଧ ସେମାନେ ନାଚିବା ସହ ଅନ୍ୟମାନଙ୍କୁ ନଚାଇଥିଲେ।

## ପ୍ରଥମଥର ବାଜିଲା ପୋଲିସ ବ୍ୟାଣ୍ଡ୍

ପ୍ରଥମଥର ପାଇଁ ପଥୋତ୍ସବରେ ପୋଲିସ୍ ବ୍ୟାଣ୍ଡ୍ ସାମିଲ ହୋଇଥିଲା। ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାଣ୍ଡ୍‌ର ଚିତ୍ତାକର୍ଷକ ଧୁନ୍ ପରିବେଷଣ କରାଯାଇଥିଲା। ଏହା ଲୋକଙ୍କ ମନରେ ଦେଶାତ୍ମବୋଧକ ଭାବନା ସୃଷ୍ଟି କରିଥିଲା। ସେହିପରି କିଟ୍ ଓ କିସ ଛାତ୍ରୀଛାତ୍ରଙ୍କ ମ୍ୟୁଜିକାଲ ବ୍ୟାଣ୍ଡ୍ ମଧ ଲୋକଙ୍କ ହୃଦୟକୁ ଛୁଇଁଥିଲା।

## ଆକର୍ଷଣ ସାଜିଲା ସାଇକେଲିଂ ଷ୍ଟଣ୍ଟ, ସ୍କେଟିଂ

କୁନି କୁନି ପିଲାଙ୍କ ଦ୍ୱାରା ସ୍କେଟିଂ ଓ ସାଇକେଲିଂ ଷ୍ଟଣ୍ଟ୍ ଉତ୍ସବର ଅନ୍ୟ ଏକ ଆକର୍ଷଣ ସାଜିଥିଲା। କିଏ ସାଇକେଲ୍ ସିଟ୍ ଉପରେ ଚଢ଼ି ସାଲ୍ୟୁଟ୍ ମାରିଥିଲେ ତ ଆଉ କିଏ ଗୋଟିଏ ଗୋଡରେ ସାଇକେଲ ଉପରେ ଠିଆ ହୋଇ ନିଜର କମାଲ୍ ଦେଖାଇଥିଲେ। ସେହିପରି ଛୋଟ ପିଲାମାନେ ସ୍କେଟିଂରେ ବିଭିନ୍ନ କଳା କୌଶଳ ଦେଖାଇଥିଲେ। ସ୍କେଟିଂ କରି ଫୁଟ୍‌ବଲ୍ ମଧ ଖେଳିଥିଲେ।



## ହକି କର୍ନରରେ ଭିଡ଼

ହକିକୁ ନେଇ ଯୁବପିଢ଼ି ଉତ୍ସାହିତ ଥିବାବେଳେ ପଥ ଉତ୍ସବରେ ଏକ ସ୍ୱତନ୍ତ୍ର ହକି କର୍ନର କରାଯାଇଥିଲା। ଏଠାରେ ଲୋକମାନେ ସେଲ୍‌ଫି ନେବା ସହିତ ନିଜେ ଆଣିଥିବା ହକି ଷ୍ଟିକ୍ ଧରି ଖେଳିଥିଲେ। ସେହିପରି ଉତ୍ସବରେ ରଙ୍ଗୋଲି କରି ହକିକୁ ପ୍ରୋତ୍ସାହିତ କରାଯାଇଥିଲା। 'ଦୃଷ୍ଟି ହିଁ ଶକ୍ତି' ସ୍ଲୋଗାନକୁ ନେଇ ହେଲ୍ଥମେଟ ଓ କେୟାର ନେତ୍ରମର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ମଧ୍ୟରେ ହକି ଉପରେ ସାଧାରଣ ଜ୍ଞାନ ପ୍ରତିଯୋଗିତା, ମହିଳାଙ୍କୁ ନେଇ ରଙ୍ଗୋଲି ଏବଂ ଆମ ସଂସ୍କୃତି ଆମ ପରମ୍ପରା ଉପରେ ପ୍ରଦର୍ଶନୀ, ପୁରସ୍କାର ବିତରଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌ର 'ପୂରା ଖେଳ'

ହକି ବିଶ୍ୱକପ୍ ପାଇଁ ପ୍ରସ୍ତୁତ ହୋଇଥିବା ରାପ୍ 'ପୂରା ଖେଳ ପୂରା ଖେଳ'ରେ ନିଜର ଜଲୱା ଦେଖାଇଥିଲେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍। ନିଆରା ନୃତ୍ୟ ପାଇଁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ଗ୍ରୁପ୍ ଖୁବ୍ ଚମତ୍କାର ଭାବେ ର୍‌ୟାପ୍‌ରେ ନୃତ୍ୟ ପରିବେଷଣ କରିଥିଲେ। ଏହା ଲୋକଙ୍କ ଦ୍ୱାରା ଖୁବ୍ ଆଦୃତ ହୋଇଥିଲା। ସେହିପରି ଅନ୍ୟ କଳାକାରଙ୍କ ଦ୍ୱାରା ଦେବୀ ଦଶଭୁଜାଙ୍କ ମହିଷାସୁର ମର୍ଦ୍ଦିନୀ ଏବଂ ଅନ୍ୟାନ୍ୟ ନୃତ୍ୟ ପରିବେଷିତ ହୋଇଥିଲା।



ପଥ ଉତ୍ସବରେ ସାମିଲ ହୋଇଥିବା ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍ ଟିମ୍।

# ପ୍ରତିଷ୍ଠା ଦିବସ ପାଳିଲା ପଠାଣି ସାମନ୍ତ ପ୍ଲାନେଟୋରିୟମ

ଭୁବନେଶ୍ୱର, ୮।୧(ବ୍ୟୁରୋ)

## ଶୋ' ଦେଖିଲେ ୨୩ଶହ ୪୧ ଦର୍ଶକ

ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ରବିବାର ୩୪ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ସକାଳେ ପ୍ଲାନେଟୋରିୟମ ପରିସରରେ ଥିବା ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ୨୮୦ ସ୍କୁଲ ପିଲାଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ପଠାଣି ସାମନ୍ତ ତଥା ପ୍ଲାନେଟୋରିୟମ ବିଷୟରେ ଆଲୋଚନା ସହିତ ବିଭିନ୍ନ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ପ୍ଲାନେଟୋରିୟମର ଲୋକପ୍ରିୟତା ବର୍ଷ ପରେ ବର୍ଷ ବଢ଼ିବାରେ ଲାଗିଛି। କେବଳ ୨୦୨୨ ଡିସେମ୍ବରରେ ପ୍ଲାନେଟୋରିୟମକୁ ସର୍ବାଧିକ ଦର୍ଶକ ଆସି ଦୀର୍ଘ ୩୨ ବର୍ଷର ରେକର୍ଡ ସୃଷ୍ଟି କରିଛନ୍ତି। ସେହିପରି ପ୍ରତିଷ୍ଠା ଦିବସରେ ରବିବାର ୧୬ଟି ଶୋ' ଆୟୋଜିତ ହୋଇଥିଲା। ଏଥିରେ ମୋଟ୍ ୨୩ଶହ ୪୧ଜଣ ପରିଦର୍ଶକ ଆସିଥିବାବେଳେ ୪୬ହଜାର ୩୫୯ଟଙ୍କା ଟିକେଟ୍ ବାବଦକୁ ଆଦାୟ ହୋଇଛି। ପଠାଣି ସାମନ୍ତ ପ୍ଲାନେଟୋରିୟମ ନିଜର ପରିଚୟ ସୃଷ୍ଟି କରିବା ସହ ଏବେ ରାଜ୍ୟର ଘରେ ଘରେ ପରିଚିତ ହୋଇ ପାରିଛି। ଏହା ରାଜ୍ୟ ସରକାରଙ୍କ ଏକ ଅନନ୍ୟ ଅନୁଷ୍ଠାନ। ଆଗାମୀ ଦିନରେ ପଠାଣି ସାମନ୍ତ ପ୍ଲାନେଟୋରିୟମ ରାଜ୍ୟର ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ପୂରଣ କରିବାରେ ନିଶ୍ଚୟ ସହାୟକ ହେବ ବୋଲି ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି।



ପଠାଣି ସାମନ୍ତ ପ୍ଲାନେଟୋରିୟମ ପରିସରରେ ଶୋ' ଦେଖିବା ପାଇଁ ଭିଡ଼ ଜମାଇଥିବା ଛାତ୍ରଛାତ୍ରୀ ଓ ଅନ୍ୟମାନେ।

# ୫୨ଦିନ ବ୍ୟବଧାନରେ ଯାଆଁଳା ଶିଶୁ ଜନ୍ମ

## ମା' ଶିଶୁପୁତ୍ରର ଜୀବନ ବଞ୍ଚାଇଲେ କିମ୍ସ ଡାକ୍ତର

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଜଣେ ମହିଳା ୫୨ଦିନ ବ୍ୟବଧାନରେ ଯାଆଁଳା ଶିଶୁ ଜନ୍ମ ଦେଇଛନ୍ତି। ପ୍ରଥମେ ଏକ ମୃତ ଶିଶୁକନ୍ୟା ଜନ୍ମ ହୋଇଥିବାବେଳେ ଦ୍ୱିତୀୟ ଶିଶୁଙ୍କ ସଫଳ ପ୍ରସବ କରାଇଛନ୍ତି କିମ୍ସ ଡାକ୍ତର। ସେ ପୁଣି ପୁତ୍ର ସନ୍ତାନ। ଏବେ ଉଭୟ ମା' ଓ ଶିଶୁ ସୁସ୍ଥ ଅଛନ୍ତି। ସୂଚନାନୁସାରେ, କଟକ ଜିଲା କେନ୍ଦୁପାଟଣାର ପ୍ରଭାତି ବେଉରା(୩୧)ଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ଗତ ଅକ୍ଟୋବର ୨୮ରେ କିମ୍‌ସର ଡାକ୍ତରଙ୍କୁ ସାକ୍ଷାତ କରିଥିଲେ। ପରୀକ୍ଷା ପରେ ପ୍ରଭାତିଙ୍କ ଯାଆଁଳା ଶିଶୁ ଥିବା ଜଣାପଡ଼ିଥିଲା। ଅକ୍ଟୋବର ୨୯ରେ ପ୍ରଭାତିଙ୍କ ସାଧାରଣ ପ୍ରସବ ହୋଇ ଏକ ମୃତ ଶିଶୁକନ୍ୟା ଜନ୍ମ ହୋଇଥିଲା। ଅନ୍ୟ ଶିଶୁଟି ଅପରିପକ୍ୱ ଥିବାରୁ ଓ ସାଧାରଣ ଭାବେ ପ୍ରସବ ନ ହେବାରୁ ଡାକ୍ତରମାନେ ତାକୁ ପ୍ରଭାତିଙ୍କ ଗର୍ଭରେ ଯତ୍ନ ସହକାରେ ଚିକିତ୍ସା ମଧ୍ୟରେ ରଖିବାକୁ ବାଧ ହୋଇଥିଲେ। ମା'ଙ୍କଠାରେ ମେଦବହୁଳତା, ଥାଇରଏଡ୍ ଓ ମଧୁମେହ ଆଦି ସମସ୍ୟା ଥିଲେ ମଧ ଡାକ୍ତରମାନେ ଜୀବନ ରକ୍ଷାକାରୀ ଔଷଧ ଜରିଆରେ ଉଭୟ ମାଆ ଓ ଛୁଆର ଯତ୍ନ ନେଇଥିଲେ। ଆଇଭିଏଫ୍ ପ୍ରକ୍ରିୟାରେ ଗର୍ଭଧାରଣ ହୋଇଥିବାରୁ ଉଭୟ ଶିଶୁଙ୍କ ଗର୍ଭନାଡ଼ ଅଲଗା ହୋଇଯାଇଥିଲା। ଏହାର ସୁଯୋଗ ନେଇ କିମ୍ସ ଡାକ୍ତର ଉଭୟ ମାଆ ଏବଂ ଶିଶୁଙ୍କୁ ବଞ୍ଚାଇବାରେ ସଫଳ ହୋଇଥିଲେ। ଏଥିସହ ୫୨ଦିନ ପରେ ଅର୍ଥାତ୍ ଡିସେମ୍ବର ୧୯ରେ ମହିଳା ଜଣକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ମୃତ ଶିଶୁକନ୍ୟା ୫୫୦ ଗ୍ରାମ ଥିବାବେଳେ ପୁତ୍ର ସନ୍ତାନଟି ୧୩୬୦ ଗ୍ରାମ ରହିଛି। ଏବେ ଶିଶୁଟି ଏନ୍‌ଆରଇସିୟୁରେ ରହିଛି। ଏଭଳି ଏକ ବିରଳ ଚିକିତ୍ସାକୁ କିମ୍ସ ସ୍ତ୍ରୀରୋଗ ବିଭାଗୀୟ ମୁଖ୍ୟ ଡା. ଜ୍ୟୋତ୍ସ୍ନାମୟୀ ପଣ୍ଡା, ଡା. ପ୍ରମିଳା ଜେନା ଓ ତାଙ୍କ ଡାକ୍ତରୀ ଦଳ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଥିଲେ। ଓଡ଼ିଶା ସ୍ୱାସ୍ଥ୍ୟସେବା ଇତିହାସରେ ଦୀର୍ଘ ବ୍ୟବଧାନରେ ଯାଆଁଳା ଶିଶୁ ଜନ୍ମ ଗ୍ରହଣ କରିବା ଏବଂ ତାହା ପୁଣି ବିନା ଅସ୍ତ୍ରୋପଚାରରେ ପ୍ରସବ ହେବା ପ୍ରଥମ ଘଟଣା ବୋଲି କିମ୍ସ ପକ୍ଷରୁ କୁହାଯାଇଛି। ଶିଶୁର ଓଜନ ୧୭୫୦ଗ୍ରାମ ହେବା ପର୍ଯ୍ୟନ୍ତ ଆଉ କିଛିଦିନ ନିରୀକ୍ଷଣରେ ରଖାଯିବ ବୋଲି କିମ୍ସ ଶିଶୁରୋଗ ବିଶେଷଜ୍ଞ ଡା. ସନ୍ତୋଷ ପଣ୍ଡା ଓ ଡା. ମାନସ ନାୟକ ପ୍ରକାଶ କରିଛନ୍ତି। ଏଭଳି ଏକ ବିରଳ ସଫଳ ଚିକିତ୍ସା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ପୃକ୍ତ ଡାକ୍ତରୀ ଦଳକୁ ସାଧୁବାଦ ଜଣାଇବା ସହ ଉଭୟ ମା' ଓ ଶିଶୁଙ୍କ ଆରୋଗ୍ୟ କାମନା କରିଛନ୍ତି।



ମା' ଓ ଶିଶୁପୁତ୍ରଙ୍କ ସହ କିମ୍‌ସର ଡାକ୍ତରୀ ଦଳ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

ବୋଲଗଡ,୮।୧(ଡି.ଏନ୍.ଏ.): ବୋଲଗଡ ଥାନା ବ୍ରହ୍ମପୁରା ଛକରେ ଶନିବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ଶ୍ୟାମଘନପୁର ନିକଟସ୍ଥ କାଳିଆମୂଳି ଗ୍ରାମର ଦିଲୀପ କୁମାର ବରା (୩୨)। ସୂଚନା ଅନୁଯାୟୀ, ଦିଲୀପ ଶନିବାର ରାତିରେ ରାଜସୁନାଖଳାରୁ ନିଜ ଗାଁକୁ ବାଇକ୍ ଯୋଗେ ଫେରୁଥିଲେ। ହେଲେ ବ୍ରହ୍ମପୁରା ଛକରେ ହଠାତ୍ ଏକ ଗାଡ଼ି ତାଙ୍କୁ ଧକ୍କାଦେଇ ଚାଲିଯାଇଥିଲା। ଫଳରେ ଦିଲୀପ ବାଇକ୍‌ରୁ ଛିଟିକି ତଳେ ପଡ଼ି ଗୁରୁତର ହୋଇଥିଲେ। ଏହାଦେଖି ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଦୀପକଙ୍କୁ ଉଠାଇ ବୋଲଗଡ଼ ମେଡିକାଲକୁ ପଠାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିବା ସହ ତଦନ୍ତ ଚଳାଇଛି।

### ଅମ୍ରିତ୍‌ଙ୍କୁ କରାଟେରେ ସ୍ୱର୍ଣ୍ଣ, ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା



ବାଲୁଗାଁ,୮।୧(ଡି.ଏନ.ଏ): ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ସର୍ବଭାରତୀୟ କରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ବାଲୁଗାଁ ଅଞ୍ଚଳର ତଥା ଚିଲିକାରାଣୀ ଇଂଲିଶ ମାଧ୍ୟମ ବିଦ୍ୟାଳୟର ଛାତ୍ର ଅମ୍ରିତ ସାମନ୍ତରାୟଙ୍କୁ ବିଦ୍ୟାଳୟ ତରଫରୁ ଶୁଭେଚ୍ଛା ଜ୍ଞାପନ ସହ ସମ୍ବର୍ଦ୍ଧନା ଦିଆଯାଇଛି । ଅମ୍ରିତ ୧୩ବର୍ଷ ବାଳକ(ଜୁନିୟର) ବିଭାଗରେ ଅଂଶଗ୍ରହଣ କରି ବ୍ୟକ୍ତିଗତ ବର୍ଗର ଫାଇଟରେ ସ୍ୱର୍ଣ୍ଣ ଓ କାତାରେ ରୌପ୍ୟ ପଦକ ହାସଲ କରି ବାଲୁଗାଁ ଏବଂ ବିଦ୍ୟାଳୟ ପାଇଁ ସୁନାମ ଅର୍ଜନ କରିଛନ୍ତି। କୋଚ୍ ଦୀପକ କୁମାର ସାମନ୍ତରାୟଙ୍କ ପ୍ରଶିକ୍ଷଣରେ ଅମ୍ରିତ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଶିକ୍ଷା ଲାଭ କରୁଥିଲେ । ତାଙ୍କର ଏହି କୃତିତ୍ୱ ପାଇଁ ସ୍କୁଲର ଅଧ୍ୟକ୍ଷ ନୀଳାଦ୍ରି ଭୂଷଣ ବେହେରା ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି କୃତିତ୍ୱ ଅର୍ଜନ ପରେ ଭବିଷ୍ୟତରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରି ଜିଲା, ରାଜ୍ୟ ଓ ଦେଶର ଟେକ ରଖିବ ବୋଲି ଅମ୍ରିତ ଆଶା ବାନ୍ଧିଛନ୍ତି। ଅମ୍ରିତ ବାଲୁଗାଁ ଅଞ୍ଚଳର ବିଶିଷ୍ଟ କରାଟେ କୋଚ୍ ରଞ୍ଜନ ସାମନ୍ତରାୟଙ୍କ ଏକମାତ୍ର ପୁତ୍ର ଅଟନ୍ତି ।

### ଜିଲା ଭାଜପା ଓବିସି ମୋର୍ଚ୍ଚାରେ ବୋଲଗଡ଼ର ଆର୍ତ୍ତବନ୍ଧୁ



ବୋଲଗଡ଼, ୮।୧ (ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମିରଞ୍ଜନ ମହାପାତ୍ର ଓବିସି ମୋର୍ଚ୍ଚା ପାଇଁ ନୂତନ କମିଟି ଗଠନ କରିବା ସହ ଏହାର କାର୍ଯ୍ୟକର୍ତ୍ତାମାନଙ୍କ ନାମ ଘୋଷଣା କରିଛନ୍ତି। ଏହି କମିଟିରେ ଜୟଦେବ ନିର୍ବାଚନମଣ୍ଡଳୀର ଅଶୋକ କୁମାର ପ୍ରଧାନ ସଭାପତି ରୂପେ ମନୋନୀତ ହୋଇ ଜିଲା ସଭାପତି ମହାପାତ୍ରଙ୍କ ଅନୁମୋଦନକ୍ରମେ ଜଣେ ମହିଳାଙ୍କ ସମେତ ୪ ଜଣ ଉପସଭାପତି, ୨ ଜଣ ସାଧାରଣ ସମ୍ପାଦକ ଓ ୬ ଜଣ ସମ୍ପାଦକ ନିଯୁକ୍ତ ହୋଇଥିବା ସେ ସୂଚନା ଦେଇଛନ୍ତି। ଏଥିରେ ବୋଲଗଡ଼ ବ୍ଲକ ମାଣିକାଗୋଡ଼ା ଗ୍ରାମର ଆର୍ତ୍ତବନ୍ଧୁ ପ୍ରଧାନ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ଏଥିନେଇ ଆର୍ତ୍ତବନ୍ଧୁ ଭୁବନେଶ୍ୱର ଏମ୍‌ପି, ଓବିସି ମୋର୍ଚ୍ଚା ସଭାପତିଙ୍କ ସମେତ ଭାଜପା ଜିଲା ଉପସଭାପତି ରଘୁନାଥ ଷଡ଼ଙ୍ଗୀ ଓ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଜୁଳିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଦଳକୁ ସୁଦୃଢ଼ କରିବା ପାଇଁ ସମସ୍ତ କର୍ମୀ ଓ କର୍ମକର୍ତ୍ତାଙ୍କ ସହଯୋଗ ଲୋଡ଼ିଛନ୍ତି।

### ବରୁଣେଇରେ ଏକାଠି ହେଲେ ବନ୍ଧୁ

ଖୋର୍ଦ୍ଧା ଅଫିସ,୮।୧: ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଉଚ୍ଚ ବିଦ୍ୟାଳୟର ୧୯୯୩ ମସିହା ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ବରୁଣେଇରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନର ବ୍ୟବଧାନରେ ସହପାଠୀ ନିଜ ସ୍କୁଲ ବେଳର ବନ୍ଧୁମାନଙ୍କୁ ପାଖରେ ପାଇ ଆତ୍ମ ବିଭୋର ହେବା ସହ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ସେହିପରି ସମସ୍ତ ସହପାଠୀ ଦିବଂଗତ ବନ୍ଧୁମାନଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ପ୍ରବୀଣ ଭଞ୍ଜଦେଓ, ସୁଧାଂଶୁ ରାଉତରାୟ, କିଶୋର ମହାପାତ୍ର, ହର ପ୍ରସାଦ ମିଶ୍ର, ପ୍ରଶାନ୍ତ ପରିଡା, ଭାଗୀରଥି ପରିଡା, ଦିଲୀପ ଅଗ୍ରୱାଲ ଏବଂ ବ୍ରିଜେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ମାଟିର ଗୌରବ ହକି

ଖୋର୍ଦ୍ଧା ଅଫିସ,୮।୧




ଖୋର୍ଦ୍ଧାରେ ଆୟୋଜିତ ମିନି ମାରାଥନ ଅବସରରେ ଯୋଗଦେଇଥିବା ଅତିଥି ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ପୁରୁଷ ହକି ବିଶ୍ୱକପ ଓଡ଼ିଶାରେ ହେବାକୁ ଯାଉଛି। ଏହାକୁ ନେଇ ସବୁଠି ଉତ୍ସାହ ସୃଷ୍ଟି ହୋଇଛି। ଏହି ଉପଲକ୍ଷେ ରବିବାର ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ମିନି ମାରାଥନ୍ ଆୟୋଜିତ ହୋଇଯାଇଛି। ଖୋର୍ଦ୍ଧାରେ ହକିର ଫିଭର ଦେଖିବାକୁ ମିଳିଛି। କୋହଲା ପାଗ ସତ୍ତ୍ୱେ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏଥିରେ ସାମିଲ ହୋଇଥିଲେ। ଛାତ୍ରୀଛାତ୍ରଙ୍କ ସମେତ କ୍ରୀଡ଼ାପ୍ରେମୀ, କ୍ରୀଡ଼ାବିତ, ବରିଷ୍ଠ ନାଗରିକ, ଶିକ୍ଷକ, ଶିକ୍ଷୟିତ୍ରୀ, ସାମାଜିକ କର୍ମୀ, ପ୍ରଶାସନିକ ଅଧିକାରୀ, ପୋଲିସ, ଆଇଟିବିପି, ଆଇଆର୍‌ବି ବାଟାଲିୟନ ଯବାନ ପ୍ରମୁଖ ସାମିଲ ହୋଇଥିଲେ। ସ୍ଥାନୀୟ ଷ୍ଟାଡିୟମ ପରିସରରୁ ମାରାଥନ୍ ବାହାରି ଷ୍ଟେଟ ବ୍ୟାଙ୍କ ଛକ, ଟ୍ରାଫିକ ଛକ, ପୁରୁଣା ବସଷ୍ଟାଣ୍ଡ, ଚଣ୍ଡିତୁଆ ଛକ, ଟିଏଲ୍‌ସି ରୋଡ, ନୂଆ ବସଷ୍ଟାଣ୍ଡ, କୋର୍ଟ ଛକ, ଷ୍ଟେଟ ବ୍ୟାଙ୍କ ଛକ ଦେଇ ଷ୍ଟାଡିୟମ ପର୍ଯ୍ୟନ୍ତ ପ୍ରାୟ ସାଢେ ୪କିମି ସମସ୍ତେ ଦୌଡିଥିଲେ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ପତାକା ଦେଖାଇ ମିନି ମାରାଥନକୁ ଉଦ୍‌ଘାଟନ କରିଥିଲେ। ଜିଲାପରିଷଦ ଚେୟାରମ୍ୟାନ ରୂପଶ୍ରୀରାଣୀ ଗୁମାନସିଂ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ମିତ୍ର କହିଲେ ଯେ, ହକି ହେଉଛି ଏ ମାଟିର ଖେଳ। ଓଡ଼ିଶାର ଗର୍ବ ଓ ଗୌରବ। ହକିରେ ଓଡ଼ିଶା ସର୍ବଭାରତୀୟ ତଥା ଆର୍ନ୍ତଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛି। ସେହିଭଳି ବେଗୁନିଆ ବିଧାୟକ ସାହୁ କହିଲେ, ଦ୍ୱିତୀୟ ଥର ଲାଗି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପୁରୁଷ ବିଶ୍ୱ ହକି କପ୍ ଓଡ଼ିଶାରେ ହେବାକୁ ଯାଉଛି। ଏମାଟିର ପୁଅ ଦିଲୀପ ତିର୍କୀ ଆଜି ହକି ଇଣ୍ଡିଆର ସଭାପତି ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ରହିଛି, ଓଡ଼ିଶାର ପିଲାମାନେ ପାଠପଢା ସହ କ୍ରୀଡ଼ା କ୍ଷେତ୍ରରେ ଅଗ୍ରସର ହୋଇ ରାଜ୍ୟର ସୁନାମ ଅର୍ଜନ କରନ୍ତୁ। ଜିଲାପାଳ ଚକ୍ରବର୍ତ୍ତୀ କହିଲେ, ପୁରୁଷ ହକି ବିଶ୍ୱକପ୍ ଲାଗି ଓଡ଼ିଶାରେ ଏକ ଉତ୍ସାହର ମାହୋଲ ରହିଛି। ଖୋର୍ଦ୍ଧାରେ ହକିର ଫିଭର ସୃଷ୍ଟି ଲାଗି ଲକ୍ଷ୍ୟ ରଖାଯାଇଛି।

ଜିଲା କ୍ରୀଡ଼ା ଅଧିକାରୀ ଅଜୟ ବେହେରା ମାରାଥନ ପରିଚାଳନା କରିଥିବା ବେଳେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଦେବବ୍ରତ ସାହୁ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଏବଂ ଅନ୍ୟମାନେ ପରିଚାଳନା କରିଥିଲେ। ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ପୋଲିସ ଅଧିକାରୀ ସମେତ ୨ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲେ। ମିନି ମାରାଥନରେ ବାଳକ ବର୍ଗରେ ସୁମିତ ବିଶ୍ୱାଳ ପ୍ରଥମ, ସୁମନ୍ତ ନାୟକ ଓ ଚନ୍ଦ୍ରକାନ୍ତ ସେଠୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବାଳିକା ବର୍ଗରେ ଏସ୍.ଆର୍. ବିଶ୍ୱାଳ, ସନୟାର୍ଯ୍ୟ ବେଗମ ଓ ଅର୍ପିତା ପ୍ରିୟଦର୍ଶିନୀ ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଆଇଟିବିପିର ମୁକେଶ ଯାଦବ ପ୍ରଥମ, ଧୋଲାରାମ ଦ୍ୱିତୀୟଙ୍କୁ ଅତିଥିମାନେ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ବିଭିନ୍ନ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜାତୀୟ ବିଜ୍ଞାନ, ଶିକ୍ଷା ଓ ଗବେଷଣା ସଂସ୍ଥାନ(ନାଇଜର)ର ଛାତ୍ରମାନେ ରକ୍ ବ୍ୟାଣ୍ଡ୍ ସହ ହିନ୍ଦୀ ସିନେମାର ଗୀତ ଗାଇ ଦର୍ଶକଙ୍କୁ ମତୁଆଲା କରିଥିଲେ। ଷ୍ଟାଡିୟମରେ ମାସ୍କଟ ଓଲି ସହ ମାରାଥନରେ ଅଂଶଗ୍ରହଣକାରୀ ଯୁବତୀ ଯୁବକ ଓ ଅନ୍ୟମାନେ ସେଲ୍‌ଫି ପଏଣ୍ଟରେ ସେଲ୍ଫି ନେଇଥିଲେ।

**ଖୋର୍ଦ୍ଧାରେ ହକି ଫିଭର**

- ମିନି ମାରାଥନରେ ଦୌଡ଼ିଲେ ସାଢ଼େ ୪ କିମି
- ମନମୋହିଲା ନାଇଜର ରକ୍‌ବ୍ୟାଣ୍ଡ
- ଓଲି ସହ ସେଲ୍ଫି ନେଲେ, ମଜା ଉଠାଇଲେ



ବାଲୁଗାଁ ଏନ୍‌ଏସି ଅନ୍ତର୍ଗତ କୁଲାକୁଣ୍ଡେଇ ନୂଆଗାଁ ଗ୍ରାମରେ ଆୟୋଜିତ ନାଟକ 'ଜୁଇରେ କାନ୍ଦୁଛି ଜିଅନ୍ତା ଶବ'ର କଳାକାର ଏବଂ ଅନ୍ୟମାନେ।

# ଅବ୍ୟବସ୍ଥା ନେଇ ଅଭିଯୋଗ

ଖୋର୍ଦ୍ଧା ଅଫିସ,୮।୧

- ୧୨ଶହ ପିଲା ନିରାଶ ହୋଇ ଫେରିଲେ
- ପ୍ରଶାସନର ଦାୟିତ୍ୱହୀନତାକୁ ଦାୟୀ କଲେ

ବିଶ୍ୱକପ୍ ହକି ଟ୍ରଫି ଟୁର୍ ସମୟରେ ଖୋର୍ଦ୍ଧା ପ୍ରଶାସନ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ବ୍ୟାପକ ଅବ୍ୟବସ୍ଥା ନେଇ ଅଭିଯୋଗ ଉଠିଛି। ଏ ନେଇ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନେକ ବ୍ୟକ୍ତି ପ୍ରଶାସନିକ ଅବହେଳାକୁ ଦାୟୀ କରିଥିଲେ। ସମାନ ଦୃଶ୍ୟ ରହିଥିଲା ମିନି ମାରାଥନରେ। ରବିବାର ଭୋର ସାଢେ ୫ଟାରୁ ପ୍ରାଣନାଥ କଲେଜ ସମେତ ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟରରେ ପଢୁଥିବା ଛାତ୍ରୀଛାତ୍ରମାନେ ମାରାଥନ ସ୍ଥଳରେ ପହଞ୍ଚିଥିଲେ। ଥଣ୍ଡା ପାଗ ସତ୍ତ୍ୱେ ସେମାନେ ଦୀର୍ଘ ସମୟ ଧରି ଲମ୍ବାଧାଡ଼ିରେ ଠିଆ ହୋଇଥିବା ବେଳେ ମାରାଥନରେ ଅଂଶଗ୍ରହଣ ଲାଗି ଟି-ଶାର୍ଟ ନ ପାଇ ନିରାଶ ହୋଇଥିଲେ। ପ୍ରାୟ ୧୨ଶହ ବିଦ୍ୟାର୍ଥୀ ପ୍ରଶାସନର ଏଭଳି ମନମୁଖୀ, ଦାୟିତ୍ୱହୀନତା କାର୍ଯ୍ୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଶ୍ୱକପ୍ ହକି ଶୋଭାଯାତ୍ରା ଭଳି ମାରାଥନରେ ମଧ୍ୟରେ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଆଗୁଆ ବହୁ ଶାର୍ଟ ପିନ୍ଧି ଦଳଗତ ଭାବେ ସେଲ୍ଫି ନେବାରେ ବ୍ୟସ୍ତ ଥିଲେ। କେତେଜଣ ଛାତ୍ର ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିଗୋଚର କରିବା ସତ୍ତ୍ୱେ ସୁଫଳ ମିଳି ନ ଥିଲା। ପ୍ରକାଶ ଯେ, ପ୍ରଶାସନ ପକ୍ଷରୁ ୫ହଜାର ବ୍ୟକ୍ତିଙ୍କ ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ମାତ୍ର ୩ହଜାର ଯୋଗଦାନ କରିଥିଲେ। ତେବେ ଏତେସଂଖ୍ୟକ ଛାତ୍ରୀଛାତ୍ରଙ୍କୁ କିଭଳି ମାରାଥନରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଗଲା ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି।

## କାଳିଜାଈ ମକରମେଳା ନିମନ୍ତେ ପ୍ରସ୍ତୁତି

କୃଷ୍ଣପ୍ରସାଦ,୮।୧(ଡି.ଏନ.ଏ.)

ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା' କାଳିଜାଈଙ୍କ ପୀଠରେ ଚଳିତ ମାସ ୧୪ ତାରିଖରେ ମକର ମେଳା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଏକ ବୈଠକ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଦିଗରେ ଆଲୋଚନା ହୋଇଥିଲା। ମା'ଙ୍କ ପୀଠରେ ଥିବା ଯୋଗେଶ୍ୱର ମହାଦେବଙ୍କ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ଏବଂ ନୂତନ ଶକ୍ତି(ଶିବଲିଙ୍ଗ)ସ୍ଥାପନ ୧୦ ତାରିଖଠାରୁ ୩ ଦିନ ବ୍ୟାପୀ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହେବା ନିଷ୍ପତ୍ତି ହୋଇଥିଲା । ବୈଠକରେ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକ, ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ବିଜୟ କୁମାର ଜେନା, ବରିଷ୍ଠ କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ, ଖବରଦାତା ଦୁର୍ଗାଚରଣ ସ୍ୱାଇଁ, ପାଇକ ଶରତ ପଲେଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପର୍ଯ୍ୟଟନ ଋତୁ ଚାଲିଥିବାରୁ ମା'ଙ୍କ ପୀଠରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ଆଇଆଇସି ଶରତ କୁମାର ନାୟକ ପ୍ରକାଶ କରିଛନ୍ତି ।

## ଶ୍ୱେତପଦ୍ମା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

ବେଗୁନିଆ,୮।୧(ଡି.ଏନ୍.ଏ.)

ବେଗୁନିଆ ସଦର ମହକୁମାସ୍ଥିତ ଅଗ୍ରଣୀ ସାହିତ୍ୟ ସଂସଦ ଶ୍ୱେତପଦ୍ମାର ସାରସ୍ୱତ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭୂଇଁପୁରସ୍ଥିତ ମା' ବଘେଇ ଦେବୀଙ୍କ ପୀଠ ପରିସରରେ ଆୟୋଜିତ ସମାରୋହରେ ସାହିତ୍ୟିକ, କବି ଓ ଲେଖକମାନେ ଯୋଗଦେଇଥିଲେ। କବି ବାଳକୃଷ୍ଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହର ପ୍ରାରମ୍ଭରେ ମା' ବାଗ୍‌ଦେବୀଙ୍କୁ ଆରାଧନା ପୂର୍ବକ ମାଲ୍ୟାର୍ପଣ କରଯାଇଥିଲା। ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ବେଦ ପାଠ କରିଥିଲେ। ତେବେ ସଂସଦର ବାର୍ଷିକୋତ୍ସବ ଆଗକୁ ଥିବାବେଳେ କିଭଳି ସରସ ଓ ସୁନ୍ଦର ରୂପେ ପାଳନ କରାଯିବ ସେନେଇ ସମ୍ପାଦିକା ପ୍ରତିମା ପ୍ରଧାନ ସର୍ବିଙ୍କ ସହମତି ଲୋଡିଥିଲେ। ଫେବୃୟାରୀ ବାର୍ଷିକ ଉତ୍ସବ ପାଳନ କରାଯିବ ବୋଲି ସମାରୋହରେ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ "ନୂଆବର୍ଷର ନୂଆ ସମ୍ଭାବନା" ଶୀର୍ଷକ କବିତା ପାଠ କରାଯାଇଥିଲା। ଉପସ୍ଥିତ କବୟିତ୍ରୀ ଓ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ସମାରୋହରେ କବି ଜଗଦୀଶ ଚନ୍ଦ୍ର ପାତ୍ର, ଭାଗୀରଥି ପରିଡ଼ା, ସୋମନାଥ ସାହୁ, ବିରଞ୍ଚି ନାରାୟଣ ବେହେରା, ସୁଦର୍ଶନ ସୁନ୍ଦରାୟ, ଧନେଶ୍ୱର ଜେନା, ନିରଞ୍ଜନ ବେହେରା, ଶ୍ରୀକୁମାର ସାହୁ, ଦୀନବନ୍ଧୁ ଦାସ, ବିମ୍ବାଧର ମହାରଣା, କଳ୍ପତରୁ ପଣ୍ଡା, ଜମ୍ବେଶର ମଙ୍ଗରାଜ, କବୟିତ୍ରୀ ସଂଘମିତ୍ରା ରଥ, ଗୀତାଞ୍ଜଳି ମହାପାତ୍ର, ସନ୍ଧ୍ୟାରାଣୀ ମହାପାତ୍ର, ମଲ୍ଲୀ ରାଉତ ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ। ଶେଷରେ କବି ମିହିରି କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।



ଶ୍ୱେତପଦ୍ମା ସାହିତ୍ୟ ସଂସଦର ସାରସ୍ୱତ ସମାରୋହରେ ଯୋଗଦେଇଥିବା ସଦସ୍ୟ।

## ମୁଣ୍ଡମୁହାଣ ଗ୍ରାମରେ ୨ଦିନିଆ ନାଟକ ଉତ୍ସବ

ଯାଁଳା, ୮।୧(ଡି.ଏନ୍.ଏ.)

ଜଟଣୀ ବ୍ଲକ ମୁଣ୍ଡମୁହାଣ ଗ୍ରାମର ଗ୍ରାମେଶ୍ୱର ଦେବଙ୍କ ମେଳନ ପଡ଼ିଆରେ ୨ଦିନିଆ ନାଟକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମେଶ୍ୱର ଯୁବ ପରିଷଦ କଳାକାରମାନଙ୍କ ଦ୍ୱାରା ୨ଟି ନାଟକ ମଞ୍ଚସ୍ଥ ହୋଇଛି। ନାଟ୍ୟକାର ଗଣେଶ ରାଉତଙ୍କ ରଚିତ କାହାଣୀ 'କାନ୍ଦୁଛି ଆଖି ଲୁଚାଇ' ନାଟକରେ ବିଜୟ ସାହୁ ନିର୍ଦ୍ଦେଶନା ଦେଇଥିଲେ। ସେହିଭଳି ନାଟ୍ୟକାର ଡା. ଦୀପକ ଜେନାଙ୍କ ରଚିତ 'ଆଖି ଅବୁଝାକୁ ଲୁହ ଅବୁଝା' ନାଟକରେ ମହେନ୍ଦ୍ର ପରିଡ଼ା ନିର୍ଦ୍ଦେଶନା ଦେଇଥିଲେ। ଉଭୟ ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ସନ୍ତୋଷ ଖାଡ଼େଙ୍ଗା। ଉକ୍ତ ପରିଷଦର ଯୁବ କଳାକାରମାନଙ୍କ ଦ୍ୱାରା ଅଭିନୀତ ଏହି ନାଟକ ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ପ୍ରବଳ ଶୀତରେ ମଧ୍ୟ ଦର୍ଶକମାନେ ନାଟକ ଭିତରେ ହଜିଯାଇଥିଲେ। ମାନସ ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମନ୍ମଥ ରାଉତରାୟ, ପ୍ରଶାନ୍ତ ମଙ୍ଗରାଜ, ଆଇନଜୀବୀ ଅଶୋକ କୁମାର ମଙ୍ଗରାଜ, ନାଭିଦତ୍ୟ ମଙ୍ଗରାଜ, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ଉଦ୍‌ଯାପନୀ ଉତ୍ସବରେ ଜଟଣୀର ପୂର୍ବତନ ବିଧାୟକ ତଥା ବିଜେଡି ଖୋର୍ଦ୍ଧା ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ସମିତିସଭ୍ୟା ଯମୁନାରାଣୀ ବେହେରା, କାନନବାସୀ ସାମନ୍ତରାୟ ସାମିଲ ଥିଲେ। କୃପାସିନ୍ଧୁ ପ୍ରଧାନ, ଜଗତ ଜେନା, ସୁଧୀର ମହାପାତ୍ର, ରବୀନ୍ଦ୍ର ସ୍ୱାଇଁ, ଅନିଲ ଓ ସତ୍ୟବାଦୀ ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ଭୂମିକାରେ ଉଦିତ ଗୁରୁ, ପିଣ୍ଟୁ, ପ୍ରଭାତ, କୁନୁ, ଲିପୁ, ତପୁ, ଗୁନା, ତପନ, କାବୁ, ପପୁ, ଭିକି, ମିଥୁନ, ନାକା, ଗେଡୁ ଓ ଅକ୍ଷୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ନାଟକ 'ଜୁଇରେ କାନ୍ଦୁଛି ଜିଅନ୍ତା ଶବ' ମଞ୍ଚସ୍ଥ

ବାଲୁଗାଁ,୮।୧(ଡି.ଏନ୍.ଏ.)

ନୂତନ ବର୍ଷ ଅବସରରେ ତଥା କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ପ୍ରତିବର୍ଷ ପରି ଚଳିତବର୍ଷ ବାଲୁଗାଁ ଏନ୍‌ଏସି ଅନ୍ତର୍ଗତ କୁଲାକୁଣ୍ଡେଇ ନୂଆଗାଁ ଗ୍ରାମରେ ଶନିବାର ରାତିରେ ଗ୍ରାମର କଳାକାରମାନଙ୍କୁ ନେଇ ନାଟକ 'ଜୁଇରେ କାନ୍ଦୁଛି ଜିଅନ୍ତା ଶବ' ମଞ୍ଚସ୍ଥ ହୋଇଯାଇଛି । ଉକ୍ତ ନାଟକରେ କଳାକାରମାନଙ୍କ ପରିବେଷିତ ଅଭିନୟ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିବା ବେଳେ ଦର୍ଶକଙ୍କୁ ବେଶ୍ ମୁଗ୍ଧ କରିଥିଲା। ନାଟ୍ୟକାର ଅଶୋକ କୁମାର ଜେନାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକରେ ଗ୍ରାମର ୧୮ଜଣ ଯୁବ ପ୍ରତିଭା ଅଂଶଗ୍ରହଣ କରିଥିଲେ। ଗ୍ରାମର ବୟୋଜ୍ୟେଷ୍ଠ ତଥା ବହୁ ପୁରାତନ କଳାକାରମାନେ ଉପସ୍ଥିତ ରହି ସାର୍ବଜନୀନ ଭାବେ ଯାତ୍ରାମଞ୍ଚକୁ ଉଦ୍‌ଘାଟନ କରିଥିଲେ।

## ଇସ୍କନ ପକ୍ଷରୁ 'ଭକ୍ତି ବୃକ୍ଷ'ର ଆଲୋଚନାଚକ୍ର



ବାଲୁଗାଁ-ବାଣପୁର ଅଞ୍ଚଳରେ ଥିବା ଇସ୍କନ ଭକ୍ତି ବୃକ୍ଷର ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ପିଲାମାନେ।

ବାଲୁଗାଁ,୮।୧(ଡି.ଏନ୍.ଏ.)

ବାଲୁଗାଁ-ବାଣପୁର ଅଞ୍ଚଳରେ ଥିବା ଇସ୍କନ ଭକ୍ତି ବୃକ୍ଷର ଭକ୍ତମାନଙ୍କ ଦ୍ୱାରା ରବିବାର ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟସ୍ଥ ପରିସରରେ ଏକ ସତ୍‌ସଙ୍ଗ ଏବଂ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନୃସିଂହ ଆଳତି, ତୁଳସୀ ଆଳତି ଓ ଗୁରୁପୂଜା ଆଦି ସମାପନ ପରେ ନଗର କୀର୍ତ୍ତନ ଏବଂ ବୈଷ୍ଣବ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହାପରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ ଇସ୍କନ ମୁଖ୍ୟାଳୟ ପଶ୍ଚିମବଙ୍ଗ ନଦିଆ ଜିଲା ମାୟାପୁର ଧାମରୁ ଆସିଥିବା ଶ୍ରୀପାଦ ହେମହରି ଦାସ ବ୍ରହ୍ମଚାରୀଙ୍କ ସମେତ ଅନ୍ୟାନ୍ୟ ବହୁ ବ୍ରହ୍ମଚାରୀବୃନ୍ଦ ଯୋଗଦେଇଥିଲେ। ସମ୍ପ୍ରତି କଳି କାଳରେ ସମାଜରେ ହରିନାମ ସ୍ମରଣ ଓ ସଂକୀର୍ତ୍ତନ ଦ୍ୱାରା ମନୁଷ୍ୟ ନିଜର ମନ ଓ ଚେତନାକୁ ଶୁଦ୍ଧୀକରଣ କରି କିପରି ଏକ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହୋଇପାରିବ ସେଦିଗରେ ଆଧାତ୍ମିକତା ପ୍ରବଚନ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବାଲୁଗାଁ ଏନ୍‌ଏସି ନଗରପାଳିକା ସୁକାନ୍ତି ପାଇକରାୟ, କାଉନସିଲର ଅଭିମନ୍ୟୁ ସ୍ୱାଇଁ ଯୋଗଦେଇ ଧର୍ମୀୟ ଭାବନା ଦିଗରେ ଉତ୍ସାହିତ କରିଥିଲେ। ଏହି ଅବସରରେ କୁନିପିଲାଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଭଗବଦ୍ ଗୀତା ଶ୍ଳୋକ ପାଠ, ଓଡ଼ିଶୀ ନୃତ୍ୟ ଏବଂ ଗୋବର୍ଦ୍ଧନ ପୂଜା ନାଟିକା ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମନକୁ ଛୁଇଁଥିଲା। ପରିଶେଷରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନୁଷ୍ଠାନ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଚିଲିକାରେ ଜଳଦସ୍ୟୁଙ୍କ ଆକ୍ରମଣ, ଲୁଟ

ବାଲୁଗାଁ,୮।୧(ଡି.ଏନ୍.ଏ.)

**୪ ମତ୍ସ୍ୟଜୀବୀ ଆହତ**

ଚିଲିକାରେ ଜଳଦସ୍ୟୁଙ୍କ ଆତଙ୍କ ଯୋଗୁ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଶନିବାର ବିଳମ୍ବିତ ରାତ୍ରିରେ ଚିଲିକାରେ ମାଛ ମାରୁଥିବା ବାଲୁଗାଁ ଅଞ୍ଚଳର ୪ଜଣ ମତ୍ସ୍ୟଜୀବୀଙ୍କୁ ୬ରୁ ୭ଜଣ ଜଳଦସ୍ୟୁ ଘେରିଯାଇ ମାଡ଼ମାରିବା ସହ ଡଙ୍ଗାରେ ଥିବା ମାଛ, ଲାଇଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି।

ଖବର ଅନୁଯାୟୀ, ବାଲୁଗାଁସ୍ଥିତ ଗାନ୍ଧୀନଗର ଏବଂ ଶାନ୍ତିନଗରରେ ରହୁଥିବା ବଙ୍ଗୀୟ ମତ୍ସ୍ୟଜୀବୀ ଦୈନନ୍ଦିନ ପରି ଶନିବାର ସନ୍ଧ୍ୟାରେ ୫ଟି ଡଙ୍ଗାରେ ଚିଲିକା ମଧ୍ୟକୁ ମାଛ ଧରିବାକୁ ଯାଇଥିଲେ। ସୋରଣ ନିକଟ ଚିଲିକାର ୪ନଂ. କୁଦଠାରେ ମାଛ ମାରୁଥିବା ବେଳେ ରାତ୍ରି ପ୍ରାୟ ୩ଘଟିକା ସମୟରେ ଏକ ଡଙ୍ଗାରେ ୬ରୁ ୭ଜଣ ଦୁର୍ବୃତ୍ତ ପହଞ୍ଚି ୨ଟି ଡଙ୍ଗାରେ ଥିବା ୪ଜଣ ମତ୍ସ୍ୟଜୀବୀଙ୍କୁ ଅତର୍କିତ ଭାବେ ଠେଙ୍ଗା ଓ କାତରେ ଆକ୍ରମଣ କରିବା ସହ ଚିଲିକା ଗଭୀର ଜଳ ମଧ୍ୟକୁ ଠେଲି ଦେଇଥିଲେ। ଏହି ସମୟରେ ଅନ୍ୟ ୩ଟି ଡଙ୍ଗା ଦୂରରେ ରହି ମାଛ ମାରୁଥିବା ବେଳେ ଘଟଣା ସମ୍ପର୍କରେ ଜାଣିପାରି ନ ଥିଲେ। ଆହତ ଅବସ୍ଥାରେ ମତ୍ସ୍ୟଜୀବୀମାନେ ଚିଲିକା ଜଳରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ଦୁର୍ବୃତ୍ତମାନେ ୨ଟି ଡଙ୍ଗାରୁ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ମୂଲ୍ୟର ମାଛ, ଲାଇଟ୍ ଓ ଆନୁଷଙ୍ଗିକ ସାମଗ୍ରୀ ଲୁଟି ନେଇଥିଲେ। ତେବେ ମାଛଧରା ଡଙ୍ଗାରୁ ଯନ୍ତ୍ରଚାଳିତ ମେଶିନ ଲୁଟିବା ପାଇଁ ଉଦ୍ୟମ କରିଥିଲେ ସୁଦ୍ଧା ସଫଳ ହୋଇପାରି ନ ଥିଲେ। ପରେ ଚିତ୍କାର ଶୁଣି ସାଥିରେ ଯାଇଥିବା ଅନ୍ୟ ସହଯୋଗୀମାନେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ରବିବାର ସକାଳେ ବାଲୁଗାଁରେ ପହଞ୍ଚିବା ପରେ ଆହତ ମତ୍ସ୍ୟଜୀବୀ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଆହତମାନେ ହେଲେ ବିଶ୍ୱଜିତ ମଣ୍ଡଳ, ସଂଜିତ୍ ମଣ୍ଡଳ, ଶଙ୍କର ସରକାର ଓ ଡେଙ୍ଗୀ ସରକାର। ତେବେ ଘଟଣାସ୍ଥଳଟି ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳ ଅଧୀନ ହୋଇଥିବାରୁ ସୋମବାର ଏ ସଂକ୍ରାନ୍ତରେ ସେଠାକୁ ଯାଇ ଅଭିଯୋଗ କରିବେ ବୋଲି ଆହତ ମତ୍ସ୍ୟଜୀବୀମାନେ ପ୍ରକାଶ କରିଛନ୍ତି। ସୂଚନାଥାଉକି, ବିଗତ ଦିନରେ ଚିଲିକାରେ ଏପରି ବହୁବାର ଜଳଦସ୍ୟୁମାନେ ଲୁଟ୍‌ପାଟ କରୁଥିବା ନେଇ ନଜର ରହିଥିବା ବେଳେ ପୋଲିସ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଠାବ କରିବା ପାଇଁ ମତ୍ସ୍ୟଜୀବୀ ମହଲରୁ ଦାବି ହୋଇଛି।

## ସଂକ୍ଷେପରେ

### ଓଟିଏମ୍ କଲୋନୀବାସୀଙ୍କ ଥଇଥାନ ଦାବିରେ ଶୋଭାଯାତ୍ରା

**ଚୌଦ୍ୱାର,୮।୧(ଡି.ଏନ୍.ଏ.):** ଚୌଦ୍ୱାରଠାରେ ଥିବା ଓଡ଼ିଶା ଟେକ୍ସଟାଇଲ ମିଲ୍ସ(ଓଟିଏମ୍)ର ଭିତ୍ତିଭୂମି ଉପରେ ବିକଳ୍ପ ଶିଳ୍ପ ପ୍ରତିଷ୍ଠା ଦିଗରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଓଟିଏମ୍ କଲୋନୀ ବାସିନ୍ଦା ଉଚ୍ଛେଦ ହେବାର ଆଶଂକା ପ୍ରକାଶ ପାଇଛି। ଦୀର୍ଘବର୍ଷ ଧରି କଲୋନୀରେ ରହି ଆସୁଥିବା ଓଟିଏମ୍ ଶ୍ରମିକ ଓ କର୍ମଚାରୀମାନେ ଏବେ ଉଚ୍ଛେଦ ଭୟରେ ଆତଙ୍କିତ ହୋଇପଡ଼ିଛନ୍ତି। ନିଜ ଗାଁ ଛାଡ଼ି ଓଟିଏମ୍ କଲୋନୀରେ ରହି ଆସୁଥିବା ଏହି ଶ୍ରମିକମାନେ ପିଲାଛୁଆଙ୍କୁ ଧରି କୁଆଡ଼େ ଯିବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଚ୍ଛେଦ ପୂର୍ବରୁ ଥଇଥାନ ଦିଗରେ ସରକାର ପଦକ୍ଷେପ ନେବା ଦାବିରେ ରବିବାର ଶ୍ରମିକମାନଙ୍କ ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ବହୁ ସଂଖ୍ୟକ ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟ ଓଟିଏମ୍ କଲୋନୀରୁ ବାହାରି ଅଞ୍ଚଳ ପରିକ୍ରମା କରିବା ପରେ ଓଟିଏମ୍ ଛକରେ ପହଞ୍ଚିଥିଲେ। ଶ୍ରମିକମାନଙ୍କ ଥଇଥାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଶୋଭାଯାତ୍ରା ଆୟୋଜକ ଓଟିଏମ୍ ବସ୍ତି ଥଇଥାନ ସଙ୍ଗଠନର କର୍ମକର୍ତ୍ତାମାନେ ଦାବି କରିଛନ୍ତି।

### ଗଣଦୌଡ଼ରେ ରାଜନେତା, ସାହି ମୁରବି ସାମିଲ

**କଟକ ଅଫିସ,୮।୧:** କମିଶନରେଟ୍ ପୋଲିସର ରାଇଜିଂ ଡେ ପାଳନ ଉପଲକ୍ଷେ ରିଜର୍ଭ ପୋଲିସ ପଡିଆରେ ଗଣଦୌଡ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। କମିଶନ୍‌ରେଟ୍ ପୋଲିସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ଭାବେ ସିଏମ୍‌ସି କମିଶନର ନିଖିଲ ପଵନ କଲ୍ୟାଣ, ଏମ୍‌ପି ଭର୍ତ୍ତୃହରି ମହତାବ, ମେୟର ସୁବାସ ସିଂ, ବିଧାୟକ ଚନ୍ଦ୍ରସାରଥୀ ବେହେରା, ସୌଭିକ୍ ବିଶ୍ୱାଳ, ମହମ୍ମଦ ମୋକିମ, ଦେବୀରଞ୍ଜନ ତ୍ରିପାଠୀ ଓ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗ ଦେଇଥିଲେ। ଏହି ଗଣଦୌଡରେ ଅନେକ ରାଜନୈତିକ ନେତା, ବିଭିନ୍ନ ସାହି ମୁରବି, ସାଧାରଣ ଜନତା ସାମିଲ ହୋଇଥିଲେ।

### ବାର୍ଷିକ କ୍ରୀଡୋତ୍ସବ ଉଦ୍‌ଯାପିତ

**ମଙ୍ଗୁଳି-ଜଗତପୁର,୮।୧(ଡି.ଏନ.ଏ.):** ଜଗତପୁରସ୍ଥିତ ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟର ୨ ଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଶନିବାର ଏହି କ୍ରୀଡା ପ୍ରତିଯୋଗିତାକୁ ଅଧକ୍ଷା ସସ୍ମିତା ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷା ପଟ୍ଟନାୟକ, ଗୀତାଞ୍ଜଳି ଦାସ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଫେସର ସୁବାସ ଚନ୍ଦ୍ର ଦ୍ୱିବେଦୀ ଓ ଅଧାପକ ପ୍ରକାଶ ଚନ୍ଦ୍ର ବିଶ୍ୱାଳ କ୍ରୀଡା ପରିଚାଳନା କରିଥିଲେ। କ୍ରୀଡା ଉପସଭାପତି ପୁଷ୍ପ ମଞ୍ଜରୀ ଦାସ ଧନ୍ୟବାଦ ଦେଇଥିଲେ।

### କବି ଶରତ ଚନ୍ଦ୍ର ପ୍ରଧାନଙ୍କ ପରଲୋକ

**କଟକ ଅଫିସ,୮।୧:** ବିଶିଷ୍ଟ କବି ଓ ସମାଲୋଚକ ଶରତ ଚନ୍ଦ୍ର ପ୍ରଧାନ(୯୦)ଙ୍କର ଶନିବାର କଟକ ଯୋବ୍ରା ମଝିସାହିସ୍ଥିତ



ବାସଭବନରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ରବିବାର ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ୧୯୩୪ ମସିହା ମେ' ୫ରେ କେନ୍ଦୁଝର ଜିଲାର ଚମ୍ପୁଆ ଟୋଲକନଣ୍ଡା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ୧୯୫୯ରେ ଓଡ଼ିଆରେ ଏମ୍‌ଏ ପାସ୍ କରିବା ପରେ ରେଭେନ୍ସା ସମେତ ବିଭିନ୍ନ ମହାବିଦ୍ୟାଳୟରେ ସେ ଅଧାପନା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। କାବ୍ୟଧାରା ଓ କବିମାନସ, ସାହିତ୍ୟ ସଂଗମ, ସାହିତ୍ୟବାର୍ତ୍ତା, ସାମ୍ପ୍ରତିକ କବିତାର କୂଳ ଓ ଶୀଳ ଆଦି ତାଙ୍କର ପ୍ରମୁଖ ସମାଲୋଚନା ଗ୍ରନ୍ଥ। ସେହିପରି ନଈ ଆଉ ମାଛ ହଂସ ଓ ସାରସ, ଉଚ୍ଚୈଶ୍ରବା, ଯଯାତି, ଅଭୟଭୟ, ବୃକୋଦର ଆଦି ତାଙ୍କର ପ୍ରମୁଖ କାବ୍ୟକୃତି। 'ଯଯାତି' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଓ ସମାଲୋଚନା ତଥା ସାହିତ୍ୟକୁ ସାମଗ୍ରିକ ଅବଦାନ ପାଇଁ ୨୦୧୩ରେ ଓଡ଼ିଆ ଗବେଷଣା ପରିଷଦ ପକ୍ଷରୁ 'କ୍ଷେତ୍ରବାସୀ ସାହିତ୍ୟବିଦ୍ୟା ପୁରସ୍କାର' ପାଇଥିଲେ। ସାହିତ୍ୟ ସେବକ ନାମରେ ସେ ଆତ୍ମଜୀବନୀ ବି ଲେଖିଛନ୍ତି।

# ଡିଏମ୍‌ଡି ଆକ୍ରାନ୍ତଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରନ୍ତୁ

### ଏକାଠି ଗୁହାରି ଜଣାଇଲେ ଅଭିଭାବକ

**କଟକ ଅଫିସ,୮।୧**

ଡୁଚେନ ମସ୍କୁଲାର ଡିସ୍‌ଟ୍ରୋପି (ଡିଏମ୍‌ଡି) ରୋଗରେ ପୀଡ଼ିତ ଥିବା ଶିଶୁଙ୍କ ଚିକିତ୍ସା ପାଇଁ ସରକାର ସବୁ ପ୍ରକାର ସହାୟତା ଯୋଗାଇ ଦେବାକୁ ସେମାନଙ୍କ ଅଭିଭାବକ ନିବେଦନ କରିଛନ୍ତି। ଏହି ରୋଗ ଶିଶୁଙ୍କ ମାଂସପେଶୀ ଦୁର୍ବଳ ସହ ଶଯ୍ୟାଶାୟୀ କରିଦେଇଥିବା ସେମାନଙ୍କ ମାତାପିତା କହିଛନ୍ତି। ଏମାନେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସି ସିଡିଏ ସେକ୍ଟର-୧୦ସ୍ଥିତ ଏକ ଫିଜିଓଥେରାପି କେନ୍ଦ୍ରରେ ଏକତ୍ରିତ ହୋଇ ସରକାରଙ୍କୁ ଗୁହାରି କରିବା ପାଇଁ ଆଲୋଚନା କରିଛନ୍ତି। କେନ୍ଦ୍ର ସରକାରଙ୍କ ବିରଳ ରୋଗ ପଲିସି ମଧ୍ୟରେ ଡିଏମ୍‌ଡି ରୋଗ ଅନ୍ତର୍ଭୁକ୍ତ। ତେଣୁ କେନ୍ଦ୍ର ସରକାର ଶିଶୁମାନଙ୍କୁ ଚିକିତ୍ସା ଯୋଗାଇ ଦେବାକୁ ସେମାନେ ନିବେଦନ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସା ପାଇଁ ସୁଯୋଗ ସୃଷ୍ଟି ହୋଇଛି। ତେବେ ସରକାର ଏହି ରୋଗରେ ପୀଡ଼ିତ ଶିଶୁଙ୍କ ଚିକିତ୍ସା ପାଇଁ ପ୍ରଥମେ ରୋଗୀ ଚିହ୍ନଟ ପ୍ରକ୍ରିୟା, ପଞ୍ଜୀକରଣ, ଜନସଚେତନତା ସୃଷ୍ଟି, ପରୀକ୍ଷାନିରୀକ୍ଷା ବ୍ୟବସ୍ଥା, ଆର୍ଥିକ ସହାୟତା, ହୁଇଲ ଚେୟାର ପ୍ରଦାନ କରିବା ପାଇଁ ପୀଡ଼ିତ ଶିଶୁ ଓ ମାତାପିତାମାନେ ମତ ଦେଇଛନ୍ତି। ପୀଡ଼ିତ ଶିଶୁ ସୁମନ ମହାନ୍ତି, ଅଗମଦୀପ ସିଂହ, ହିମାଂଶୁ ଅଗ୍ରୱାଲ, ଓମ୍‌ପ୍ରକାଶ ମହାପାତ୍ର ଓ ଅଭିଭାବକ ବିଷ୍ଣୁଚରଣ ପାଣିଗ୍ରାହୀ, ଶ୍ରୀକାନ୍ତ ସାହୁ ପ୍ରମୁଖ ଏକତ୍ରିତ ହୋଇ ସରକାରଙ୍କ ଦୃଷ୍ଟି ଆକର୍ଷଣ ତଥା ଶିଶୁଙ୍କ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ।

### ଏମାନେ କୁହନ୍ତି...



"ଏକମାତ୍ର ପୁଅ ଆକାଶକୁ ଏବେ ୧୨ ବର୍ଷ। ୫ ବର୍ଷ ବୟସରୁ ଗୋଡ଼ରେ ଯନ୍ତ୍ରଣା ଆରମ୍ଭ ହେଲା। ଚାଲୁଚାଲୁ ପଡ଼ିଯିବା ଭୟ। ୬ ବର୍ଷ ବେଳକୁ ବସିବା କଷ୍ଟକର ହେଲା। କଟକ ଶିଶୁଭବନରେ ଡାକ୍ତର ପରୀକ୍ଷା କରିବା ପରେ କହିଲେ ବିରଳ ଡିଏମ୍‌ଡି ରୋଗ ହୋଇଛି। ୭ ବର୍ଷ ପରଠାରୁ ସ୍କୁଲ ଯିବା ବନ୍ଦ। ୯ ବର୍ଷ ବେଳକୁ ଆଉ ଚାଲି ପାରିଲା ନାହିଁ। ହୁଇଲ ଚେୟାର ଦରକାର ହେଲା। ମାଂସପେଶୀ ଏତେ ଦୁର୍ବଳ ହୋଇଗଲା ଯେ ଦେହରେ ବସିଥିବା ମଶା, ମାଛି ଘଉଡ଼ାଇବାକୁ ବଳ ପାଇଲାନି। ପାଣି ଗ୍ଲାସେ ନିଜେ ପିଇପାରିବ ନାହିଁ। ଜଣେ ଲୋକ ସବୁବେଳେ ତା' ପାଖରେ ରହିବା ଦରକାର।

**ଦୀନେଶ ବେହେରା, ପୀଡ଼ିତଙ୍କ ବାପା, ଧାମନଗର, ଭଦ୍ରକ**



"ମୋର ଏକମାତ୍ର ପୁଅ ଶ୍ରେୟସ(୧୨) ବିରଳ ଡିଏମ୍‌ଡି ରୋଗରେ ପୀଡ଼ିତ ଥିବାରୁ ପରିବାର ଲୋକ ବହୁ ମନକଷ୍ଟରେ ରହୁଛୁ। ଆମ ପୁଅ ଭଳି ଓଡ଼ିଶାର ପ୍ରାୟ ୩୫ ଜଣ ଶିଶୁ ଏବେ ସୁଦ୍ଧା ଏହି ରୋଗରେ ପୀଡ଼ିତ ଥିବା ଜଣାପଡିଲେଣି। ଏହି ଶିଶୁମାନଙ୍କ ଚିକିତ୍ସା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ହିଁ ସାହାଯ୍ୟ, ସହଯୋଗ ଯୋଗାଇପାରିବେ। ଆମମାନଙ୍କ ପକ୍ଷରେ ଏହା ସମ୍ପୂର୍ଣ୍ଣ ଅସମ୍ଭବ। ବ୍ୟୟବହୁଳ ଜିନ୍ ଥେରାପି ଚିକିତ୍ସା ଆମେରିକାରେ ଉପଲବ୍ଧ। ତେଣୁ ସରକାର ପୀଡ଼ିତ ଶିଶୁମାନଙ୍କୁ ସେହି ଚିକିତ୍ସା ତୁରନ୍ତ ଯୋଗାଇ ଦେବାକୁ ନିବେଦନ କରୁଛୁ।

**ବସନ୍ତ କୁମାର ମହାନ୍ତି, ପୀଡ଼ିତଙ୍କ ବାପା, ନୁଆପଡ଼ା ସିଂହ, ବରଗଡ଼**



"ମୋର ଦୁଇ ପୁଅ ବିଶ୍ୱଜିତ(୧୬) ଓ ଦିବ୍ୟଜିତ(୮) ଡିଏମ୍‌ଡି ରୋଗରେ ପୀଡ଼ିତ। ପ୍ରଥମେ ବିଶ୍ୱଜିତ୍ ୮ ବର୍ଷର ହୋଇଥିବାବେଳେ ଛୋଟେଇ ଚାଲିଲା। ୧୨ ବର୍ଷ ବୟସ ହେଲା ବେଳଠାରୁ ସେ ଆଉ ଚାଲିପାରୁନାହିଁ। ସେହିପରି ଦିବ୍ୟଜ୍ୟୋତି ୬ ମାସ ହେବ ଏହି ରୋଗରେ ପୀଡ଼ିତ। ଡାକ୍ତର କହୁଛନ୍ତି ଏହାର ଚିକିତ୍ସା ପାଇଁ ଔଷଧ ନାହିଁ। ତେବେ ପିଲାଦୁହିଁଙ୍କୁ ନିୟମିତ ମେଡିକାଲ ସେବା, ଫିଜିଓଥେରାପି କରାଇବା ପାଇଁ ମାସକୁ ଢେର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ସ୍ୱଳ୍ପ ରୋଜଗାର ମଧ୍ୟରେ ଏସବୁ କଷ୍ଟକର ହେଉଛି। ସରକାର ହିଁ ଏକମାତ୍ର ଭରସା।

**ଲିଲିମା ମହାରଣା, ପୀଡ଼ିତଙ୍କ ମାଆ, ମଙ୍ଗଳାବାଗ, କଟକ**



"ଆମ ଭଳି ପିଲାଙ୍କୁ କୁନି ବୟସରେ ଏତେ କଷ୍ଟ ଭୋଗିବାକୁ ପଡୁଛି। ଖେଳାବୁଲା ବୟସରେ ସାଙ୍ଗସାଥୀ ମେଳରେ ରହିବାର ଇଚ୍ଛା ଥିଲେ ବି କରିପାରୁନାହୁଁ। ସରକାର ହିଁ ଆମକୁ ଭଲ କରିବାର ଉପାୟ କରିବେ। ଅନ୍ୟଥା ଉପାୟ କିଛି ନାହିଁ। ଜୀବନ ଜିଇବାକୁ ଆମକୁ ପ୍ରତିଦିନ ସଂଗ୍ରାମ କରିବାକୁ ପଡୁଛି। ସରକାର କେତେ କ'ଣ କରୁଛନ୍ତି, ମୋ ଭଳି ହାତ ଗଣତି କେତେଜଣଙ୍କ ପାଇଁ ଚିକିତ୍ସା ସୁବିଧା ଯୋଗାଇ ଦେବାରେ କିଛି ଅସୁବିଧା ହେବନାହିଁ।

**ଅର୍ପିତା ପ୍ରଧାନ, ପୀଡ଼ିତ, ଓରାଳି, କେନ୍ଦୁଝର**



"ମୋତେ ଏବେ ୧୧ ବର୍ଷ। ୫ ବର୍ଷ ବୟସରୁ ମୁଁ ଆଉ ଚାଲିପାରୁନାହିଁ। ହୁଇଲ ଚେୟାରରେ ପାଠ ପଢ଼ିବାକୁ ସ୍କୁଲ ଯାଉଛି। ମୋର ୫ମ ଶ୍ରେଣୀ। ସାଙ୍ଗ ପିଲାମାନେ ଖେଳୁଥିବାବେଳେ ଖେଳିବାକୁ ମୋର ଇଚ୍ଛା ହେଉଛି। ହେଲେ ହୁଇଲ ଚେୟାରରୁ ଓହ୍ଲାଇପାରୁନି। ମୋର ଜଣେ ସାନଭଉଣୀ ଥିବାବେଳେ ମୁଁ ବଡ଼ ପୁଅ। ମୋର ଏ ଅବସ୍ଥା ହେତୁ ମା'ବାପା ଭାରି ଦୁଃଖ ପାଉଛନ୍ତି। ସରକାର ମୋ' ଭଳି ପିଲାଙ୍କର ଚିକିତ୍ସା କରାଇଲେ ଭଲ ହୋଇପାରନ୍ତୁ।

**ଅଂଶୁମାନ ମୁଦୁଲି, ପୀଡ଼ିତ, ନିମେଇଶାପୁର, କଟକ**

### ପୂର୍ବ ଶତ୍ରୁତାରୁ ଫାର୍ସାମାଡ଼: ୩ ଗୁରୁତର

**କଣ୍ଟାପଡା, ୮।୧(ଡି.ଏନ୍.ଏ.)**

ଗୋବିନ୍ଦପୁର ଥାନା ଅନ୍ତର୍ଗତ ନାହାଳପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରବିବାର ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। କକାପୁଅର ଫାର୍ସା ମାଡରେ ବଡ଼ବାପାଙ୍କ ୨ପୁଅ ଓ ବଡ଼ବୋଉ ଗୁରୁତର ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ସକାଳେ ଜଗବନ୍ଧୁ ବେହେରାଙ୍କ ସାନଭାଇ କୃପାସିନ୍ଧୁ ଗୋମୂତ୍ର ଆଣି ଜଗବନ୍ଧୁଙ୍କ ପାଇଖାନା ପଛପଟେ ଢାଳୁଥିଲେ। ଜଗବନ୍ଧୁଙ୍କ ବଡପୁଅ ବିଭୂତି ଏହାକୁ ବିରୋଧ କରିଥିଲେ। ଏହି ସମୟରେ କୃପାସିନ୍ଧୁଙ୍କ ପୁଅ କୃଷ୍ଣଚନ୍ଦ୍ର ବେହେରା ଏକ ଫାର୍ସା ଆଣି ବିଭୂତି ଓ ତାଙ୍କ ସାନଭାଇ ମନୋଜଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ବିଭୂତିଙ୍କ ଡାହାଣହାତ ପାପୁଲି ଓ ମନୋଜଙ୍କ ଡାହାଣ ହାତରେ ଗଭୀର କ୍ଷତ ହୋଇଥିଲା। ଜଗବନ୍ଧୁ ଓ ତାଙ୍କ ସ୍ତ୍ରୀ କନକଲତା ପୁଅ ଦୁହିଁଙ୍କୁ ସୁରକ୍ଷା ଦେବାକୁ ଯିବାବେଳେ କନକଲତା ଆକ୍ରମଣର ଶିକାର ହୋଇଥିଲେ। ଗ୍ରାମବାସୀ ଆହତଙ୍କୁ ମଇଧରପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ବିଭୂତି ଓ ମନୋଜଙ୍କୁ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବାବେଳେ କନକଲତା ଘରକୁ ଫେରିଛନ୍ତି। ଏ ନେଇ ଜଗବନ୍ଧୁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩/୨୩) ରୁଜୁ କରିଛି। ଏଥିସହ ଘଟଣାସ୍ଥଳରୁ ଆକ୍ରମଣରେ ବ୍ୟବହୃତ ଫାର୍ସାକୁ ଜବତ କରିଛି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଆଲୋକ ଷଡ଼ଙ୍ଗୀ କହିଛନ୍ତି, ଜମିଜମା ବିବାଦକୁ ନେଇ ଉଭୟ ପରିବାର ମଧ୍ୟରେ ଦୀର୍ଘଦିନ ହେବ ଶତ୍ରୁତା ଲାଗି ରହିଛି। ଆକ୍ରମଣ ପରେ ଅଭିଯୁକ୍ତ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ଗିରଫ କରାଯିବ।



କମିଶନରେଟ୍ ପୋଲିସର ରାଇଜିଂ ଡେ ପାଳନ ଉପଲକ୍ଷେ କଟକସ୍ଥିତ ରିଜର୍ଭ ପୋଲିସ ପଡିଆରେ ରବିବାର ଅନୁଷ୍ଠିତ ଗଣଦୌଡ।

### ୨ ବଖରା, ୨୫ କୁଇଣ୍ଟାଲ ଧାନ ଜଳିଗଲା

**ଖୁଣ୍ଟୁଣୀ,୮।୧(ଡି.ଏନ୍.ଏ.)**

ଆଠଗଡ଼ ବ୍ଲକ ଛଅଗାଁ ପଞ୍ଚାୟତର ପର୍ବତୀୟା ଗ୍ରାମରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ବିମଳ ରାଉତଙ୍କ ୨ ବଖରା ଜଳିଯାଇଛି। ଏଥିସହ ଦୁଇଟି ଧାନଗଦା ଓ ଅମଳ ହୋଇ ୪୬ ବସ୍ତାରେ ରହିଥିବା ୨୫ କୁଇଣ୍ଟାଲ ଧାନ ସମ୍ପୂର୍ଣ୍ଣ ପୋଡି ଯାଇଛି। ଆଠଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ବିଦ୍ୟୁତ୍ ଶର୍ଟ୍‌ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ବିମଳ ତାଙ୍କର ଦୁଇ ଏକର ଜମିରୁ ଅମଳ ହୋଇଥିବା ଧାନ ବିଡାକୁ ନିଜ ଘର ପଛପଟରେ ଏକ ଗଦାରେ ରଖିଥିଲେ। ଅବଶିଷ୍ଟ ୨୫ କୁଇଣ୍ଟାଲ ଧାନକୁ ମଣ୍ଡିରେ ବିକ୍ରି ପାଇଁ ରଖିଥିଲେ। ହେଲେ ହଠାତ୍ ନିଆଁ ଲାଗିଥିବା ବିମଳଙ୍କ ପଡୋଶୀ ଦେଖିବାକୁ ପାଇଥିଲେ। ଆଠଗଡ଼ ତହସିଲ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### 'କଟକବାସୀ ଯାହା ଚାହିଁବେ ସେଇଆ ହେବ'

**ବିଧାୟକ ମହମ୍ମଦ ମୋକିମଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ**

**କଟକ ଅଫିସ, ୮।୧**

ନବବର୍ଷ ଉପଲକ୍ଷେ କଟକ ଦରଘା ବଜାରସ୍ଥିତ ପୁରୁଣା ଜେଲ ପଡିଆଠାରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ପକ୍ଷରୁ ବନ୍ଧୁମିଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋକିମ ଯୋଗଦେଇ ନେତୃବୃନ୍ଦ, କର୍ମୀମାନଙ୍କୁ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ହେଲେ ଏହି କାର୍ଯ୍ୟକ୍ରମରେ ଥିଲା କଂଗ୍ରେସର ବ୍ୟାନର ନା ଥିଲେ କଂଗ୍ରେସ ଜିଲା ସଭାପତି। କିଛି ହାତଗଣତି ନେତୃବୃନ୍ଦଙ୍କ ସହିତ ବନ୍ଧୁମିଳନରେ ସାମିଲ ହୋଇଥିଲେ ମୋକିମଙ୍କ ବହୁସଂଖ୍ୟକ ସମର୍ଥକ। କଂଗ୍ରେସରେ ରହି ଅନେକ ସମୟରେ ବିବାଦରେ ରହୁଥିବା ମୋକିମ କିଛି ନୂଆ ସମୀକରଣ କରୁଥିବା ଚର୍ଚ୍ଚା ହେଉଛି। ତେବେ ଦଳ ଛାଡିବା ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ମୋକିମଙ୍କ ସମାବେଶ ରାଜନୈତିକ ପାଣିପାଗକୁ ଆହୁରି ଗୋଳିଆ କରୁଛି। ତେବେ ସିଧାସଳଖ ଦଳ ପରିବର୍ତ୍ତନ କଥାକୁ ନ ଏଡାଇ ଆଗାମୀ ଦିନରେ କଟକବାସୀ ଯାହା ଚାହିଁବେ ସେଇଆ ହେବ ବୋଲି ମୋକିମ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇନଜୀବୀ ଧରଣୀଧର ନାୟକ, ଗିରିବାଳା ବେହେରା, ଅଶୋକ ସାମଲ, ନଜିବୁର ରେହେମାନ ଖାନ, ଶୈଳବାଳା ଜେନା, ନିକୁଞ୍ଜ ପସାୟତ, ବିଶ୍ୱଜିତ ଦାସ, ସୂର୍ଯ୍ୟକାନ୍ତ ରାଉତ, ସତ୍ୟାନନ୍ଦ ରାଉତ, ଅଭିଷେକ ଜୋଷୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।




ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଧାୟକ ମହମ୍ମଦ ମୋକିମଙ୍କ ସହ ଅନ୍ୟମାନେ।

## ଚାକିରି ଦେବାକୁ କହି ଠକେଇ: ୩ ଗିରଫ

**୧୪ ମୋବାଇଲ ଫୋନ, ୨୪୨ ବାଉନ୍ସ ଚେକ୍ ଜବତ**

**କଟକ ଅଫିସ,୮।୧**

ଠକେଇ ଅଭିଯୋଗରେ ବାଦାମବାଡ଼ି ପୋଲିସ ଏ ଟୁ ଜେଡ୍ ନାମକ ସଂସ୍ଥାର ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶ୍ରଦ୍ଧାଞ୍ଜଳି ସାହୁ, ଶୁଭସ୍ମିତା ତାରେଣିଆ ଓ ରାଜଲକ୍ଷ୍ମୀ ବେହେରା। ସେମାନଙ୍କଠାରୁ ୧୪ଟି ମୋବାଇଲ ଫୋନ, ୨୪୨ଟି ବାଉନ୍ସ ଚେକ୍, ମନି ରସିଦ, ଫର୍ମ ସହ ବିଭିନ୍ନ ବ୍ୟାଙ୍କର ଚେକ୍ ବହିକୁ ପୋଲିସ ଜବତ କରିଛି। ଏନେଇ ଥାନାରେ ମାମଲା(ନଂ.୧୫/୨୩) ରୁଜୁ ହୋଇଛି। ଏହି ଘଟଣାରେ ପୂର୍ବରୁ ଉକ୍ତ ସଂସ୍ଥାର ମୁଖ୍ୟ ବିନୟ ଦାଶଙ୍କୁ ଗିରଫ କରାଯାଇଥିଲା। ବାଦାମବାଡ଼ିସ୍ଥିତ ହାଇକୋର୍ଟ କଲୋନୀରେ ଥିବା ଏ ଟୁ ଜେଡ୍ ସଂସ୍ଥାରେ ଜଗତ୍‌ସିଂହପୁର ତିର୍ତ୍ତୋଲ ଅଞ୍ଚଳର ବିନୋଦିନୀ ସେଠୀ ଚାକିରି ପାଇଁ ୪୫,୩୦୦ ଟଙ୍କା ଦେଇଥିଲେ। ୧ ସପ୍ତାହ ମଧ୍ୟରେ ଚାକିରି ଦିଆଯିବ ବୋଲି ସଂସ୍ଥା ପକ୍ଷରୁ ତାଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଉକ୍ତ ସଂସ୍ଥା ଚାକିରି ଦେଇ ନ ପାରିବାରୁ ସେ ଟଙ୍କା ଫେରାଇଦେବା ପାଇଁ ଅଭିଯୁକ୍ତମାନଙ୍କୁ କହିଥିଲେ। ସେମାନେ ତାଙ୍କୁ ୪୫,୩୦୦ ଟଙ୍କାର ଏକ ଚେକ୍ ଦେଇଥିଲେ। ହେଲେ ବିନୋଦିନୀ ଚେକ୍‌ଟି ବ୍ୟାଙ୍କରେ ଲଗାଇବା ପରେ ତାହା ବାଉନ୍ସ ହୋଇଯାଇଥିଲା। ପୋଲିସ ତଦନ୍ତ ବେଳେ ଏହା ଏକ ଠକ ସଂସ୍ଥା ବୋଲି ଜାଣିବାକୁ ପାଇଥିଲା।

## ହକି ବିଶ୍ୱକପ୍: ଟ୍ରଫି ଶୋଭାଯାତ୍ରା ପାଇଁ ରୁଟ୍‌ମ୍ୟାପ

**କଟକ ଅଫିସ,୮।୧**

ଆସନ୍ତା ୧୧ରେ କଟକ ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଜିଲା ପ୍ରଶାସନ ଓ ସିଏମ୍‌ସି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସହରରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ରାସ୍ତାପାର୍ଶ୍ୱକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଏଥିପାଇଁ ସହରବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ୧୦ ତାରିଖ ରାତିରେ କନ୍ଦରପୁରଠାରୁ ହକି ବିଶ୍ୱକପ୍ ଟ୍ରଫିକୁ ସ୍ୱାଗତ କରାଯାଇ ଇନ୍‌ଡୋର ଷ୍ଟାଡିୟମରେ ରଖାଯିବ। ୧୧ ତାରିଖ ସକାଳୁ ଟ୍ରଫିକୁ ନେଇ କଟକ ସହର ପରିକ୍ରମା କରାଯିବ। ସେଥିନେଇ ପ୍ରଶାସନ ପକ୍ଷରୁ ଏକ ରୁଟ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି।

### କଟକ-ଇନ୍-କଟକରେ ଚିତ୍ରାଙ୍କନ ପ୍ରତିଯୋଗିତା

ସିଏମ୍‌ସିର ୫୯ଟି ୱାର୍ଡରେ ୫ ଦିନ ଧରି ହକିର ମାହୋଲ ସୃଷ୍ଟି କରିବା ପାଇଁ ଏକାଧିକ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଛି। ବାଲିଯାତ୍ରା ପଡିଆରେ ଥିବା କଟକ-ଇନ-କଟକରେ ରବିବାର ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ୧୧ ତାରିଖରେ ବାଲିଯାତ୍ରା ପଡିଆରେ ସମ୍ମାନିତ କରାଯିବ। ସହରର ବିଭିନ୍ନ ସ୍କୁଲ ଓ କଲେଜରେ କ୍ରୀଡା ପ୍ରତିଯୋଗିତା ସହ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି।

### ଦିଆସିଲି, ଥର୍ମକୁଲରେ ୩ ଇଞ୍ଚ ହକି ଟ୍ରଫି

କଟକ ରାଜାବଗିଚା ସର୍ବୋଦୟପୁରର ସ୍ମୃତିରଞ୍ଜନ ମହାନ୍ତି ଭିନ୍ନ କଳାକୃତୀ ଅଙ୍କନ କରିଛନ୍ତି। ଡିଆସିଲି କାଠି, ଥର୍ମକୁଲ ଏବଂ କାର୍ଡବୋଡ୍‌ରେ ୩ ଇଞ୍ଚର ହକି ବିଶ୍ୱକପ୍ ଟ୍ରଫି ଓ ଇଂଲିଶରେ ଓଡ଼ିଶା ଲେଖିଛନ୍ତି। ସୁବାସ ଚନ୍ଦ୍ର ମହାନ୍ତି ଓ ଅଳକା ମହାନ୍ତିଙ୍କ ପୁଅ ସ୍ମୃତିରଞ୍ଜନ ଗୋଟିଏ ଦିନରେ ଏହି କଳାକୃତି ତିଆରି କରିଛନ୍ତି। ଏ ନେଇ ସ୍ମୃତି କହିଛନ୍ତି, ଓଡ଼ିଶା ହକିକୁ ହୋଷ୍ଟ କରୁଛି। ଏହା ଏକ ଖୁସିର କଥା। ପୂର୍ବରୁ ମୁଁ କିଛି ନା କିଛି ନା କରିଛି। ଚଳିତଥର ଆମ କଳାସଂସ୍କୃତିକୁ ବଜାୟ ରଖିବା ସହ ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଏଭଳି କରିଛି।

### ସହରର ୧୬ ସ୍ଥାନରେ ଫ୍ୟାନ୍ ପାର୍କ

ଉଦ୍‌ଘାନଟୀ ଉତ୍ସବକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ସହରର ୧୬ଟି ସ୍ଥାନରେ ଫ୍ୟାନ୍‌ପାର୍କ କରାଯିବ। ଏନେଇ ରବିବାର ସ୍ଥାନ ଚିହ୍ନଟ ହୋଇଥିଲା। ବାଲିଯାତ୍ରା ତଳ ପଡିଆ, ଶୈଳବାଳା ମହିଳା ମହାବିଦ୍ୟାଳୟ, ଖ୍ରୀଷ୍ଟିଆନ ପଡିଆ, ଗୋପବନ୍ଧୁ ପାର୍କ, ସିଡିଏ ସେକ୍ଟର-୯ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶହୀଦ ପାର୍କ, ଗୌରୀଶଙ୍କର ପାର୍କ, ଗାନ୍ଧୀ ପାର୍କ, ସନ୍‌ଶାଇନ ପଡିଆ, ରାଜାବଗିଚା ଖେଳପଡିଆ, ନିମପୁର ଖେଳପଡିଆ, ଗାନ୍ଧୀ ବିଦ୍ୟାପୀଠ, ପୋତାପୋଖରୀସ୍ଥିତ ନେତାଜୀ ପଡିଆ, ଚାଉଳିଆଗଞ୍ଜ ପଡିଆ, ଖାନ୍‌ନଗର ପଞ୍ଚମୁଖୀ ଖେଳପଡିଆରେ ଫ୍ୟାନ ପାର୍କ ହେବ। ସେଠାରେ ଏଲ୍‌ଇଡି ଲଗାଯିବ। ଏହା ମାଧ୍ୟମରେ ଲୋକମାନେ ଉଦ୍‌ଘାଟନୀ ଉତ୍ସବ ଦେଖିପାରିବେ।




### ଚିତ୍ରକଳା ପ୍ରଦର୍ଶନୀ

ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବକୁ ଦୃଷ୍ଟିରେ ରଖି କଟକର ଆର୍ଟିଷ୍ଟ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ପାର୍କଠାରେ ଚିତ୍ରକଳା ପ୍ରଦର୍ଶନୀ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୪୦ ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଏହାକୁ ଡ. ଲେଲିନ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଚିତ୍ରଶିଳ୍ପୀ ବଳଦେବ ମହାରଣା, ଲକ୍ଷ୍ମୀଧର ରଣା, ଜନାର୍ଦ୍ଦନ ପରମଗୁରୁ, ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ସ୍ଥପତି ସଞ୍ଜୀବ ବିଶ୍ୱାଳଙ୍କ ଦ୍ୱାରା ନିର୍ମିତ ହକି ବିଶ୍ୱକପ୍ ଟ୍ରଫି ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନରେ ଶିଳ୍ପୀ ଜିତେନ୍ଦ୍ର କୁମାର ସାହୁ, ବିଜୟ କୁମାର ସାହୁ, ତେଜସ୍ୱିନୀ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷା ବିସ୍ତାର ସମିତିର କବିତା ଆସର

**କଟକ ଅଫିସ,୮।୧**

ଶିକ୍ଷା ବିସ୍ତାର ସମିତି, ଓଡ଼ିଶା ଆନୁକୂଲ୍ୟରେ ଦରଘା ବଜାରସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିର ପରିସରରେ ପ୍ରବନ୍ଧ ପାଠ ଓ କବିତା ଆସର ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ରାଜ କିଶୋର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ କିଶୋର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ରାଜଧାନୀ କଲେଜର ଅଧାପକ ବିଭୂତି ଭୂଷଣ ମହାପାତ୍ର, ଅଶୋକ କୁମାର ଦାସ, ଲକ୍ଷ୍ମୀନାରାୟଣ ଦାଶ, କବୟିତ୍ରୀ ବାସନ୍ତୀ ପ୍ରଧାନ ଓ ସୁଷମା ରାଉତ ଯୋଗ ଦେଇଥିଲେ। ସମିତିର ଆବାହକ ବଟକୃଷ୍ଣ ଦାସ ଅତିଥି ପରିଚୟ ଓ ଅଧାପକ ଅଶୋକ କୁମାର ଦାସ ଧନ୍ୟବାଦ ଦେଇଥିଲେ। କିଶୋର କୁମାର ସାହୁ, ସମିତି ଉପସଭାପତି କ୍ଷୀରୋଦ କୁମାର ବିଶ୍ୱାଳ ପ୍ରବନ୍ଧ ପାଠ କରିଥିଲେ। କବି ସୁନି ଦାଶ, ସୁବାସ ଚନ୍ଦ୍ର ମହାନ୍ତି , କିଶୋର କୁମାର ସାହୁ, ବାସନ୍ତୀ ପ୍ରଧାନ, ସୁଷମା ରାଉତ, ଲକ୍ଷ୍ମୀନାରାୟଣ ଦାଶ, ବିଜୟାନନ୍ଦ ପାଇଟାଲ, ପ୍ରଫେସର ନୀଳକଣ୍ଠ ରାଉତ, ଲୋକନାଥ ସେଠୀ, ମନୋଜ ଦାସ ପ୍ରମୁଖ ନବବର୍ଷ ଉପରେ କବିତା ପାଠ କରିଥିଲେ।

# 'ଦମନ', 'ଶେଷରାତି'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର

**'ଚଳଚ୍ଚିତ୍ର ଜଗତ'ର ୪୭ତମ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ**

- ପ୍ରତିଭା ପଣ୍ଡାଙ୍କୁ ସ୍ୱତନ୍ତ୍ର ଜୁରି ପୁରସ୍କାର
- ଶ୍ରେଷ୍ଠ ନାୟକ ଆକାଶ, ଶ୍ରେଷ୍ଠ ନାୟିକା ରିୟା

**ପୁରୀ ଅଫିସ,୮।୧:**

ଓଡ଼ିଶାର ପୁରାତନ ଚଳଚ୍ଚିତ୍ର ପତ୍ରିକା 'ଚଳଚ୍ଚିତ୍ର ଜଗତ'ର ୪୭ତମ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ରବିବାର ପୁରୀ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଶାର ମୁଖ୍ୟ ମହାଡାକପାଳ ଶୁଭେନ୍ଦୁ ସ୍ୱାଇଁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ନାଲ୍‌କୋର ବାଣିଜ୍ୟ ନିର୍ଦ୍ଦେଶକ ସଦାଶିବ ସାମନ୍ତରାୟ, ପୁରୀ ସଦର ଚିକିତ୍ସାଳୟର ଯୁଗ୍ମ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ଶୁଭେନ୍ଦୁ କୁମାର ମହାନ୍ତି, ପୁରୀର ପୂର୍ବତନ ଜିଲାପାଳ ପଦ୍ମନାଭ ସାମଲ ପ୍ରମୁଖ ଯୋଗଦେଇ ସମାଜର ବିଭିନ୍ନ ବର୍ଗର କୃତୀ ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ 'ଚଳଚ୍ଚିତ୍ର ଜଗତ'ର ଉପଦେଷ୍ଟା ପ୍ରଫେସର ଡାକ୍ତର ଶକ୍ତି ପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ସହସମ୍ପାଦକ ସ୍ଥିତପ୍ରଜ୍ଞ ରାଉତ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ଦିବଂଗତ ଚଳଚ୍ଚିତ୍ର ବ୍ୟକ୍ତିତ୍ୱମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା ପରେ ସହସମ୍ପାଦକ ବିଜୟ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଆଦିକନ୍ଦ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଜୟ ମଲ୍ଲ ମଞ୍ଚ ପରିଚାଳନା କରିଥିବା ବେଳେ ରଞ୍ଜନ ରାଉତ, ରଞ୍ଜିତ ଚୌଧୁରୀ, ମୋହନ ସେଠୀ, ରସାନନ୍ଦ ସାହୁ, ଧୀରେନ୍ଦ୍ର ସାହୁ,



ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଅଭିନେତ୍ରୀ ରିୟା ଦେ ଏବଂ ଅଭିନେତା ଆକାଶ ଦାଶନାୟକ।

ଶାରଦା ସାହୁ, ଗୁରୁପ୍ରସାଦ ରାଉତ ଉତ୍ସବ ପରିଚାଳନା କରିଥିଲେ। ୨୦୨୨ ମସିହାରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର ଓ ବିଭିନ୍ନ ଚ୍ୟାନେଲରେ ପ୍ରସାରିତ ଧାରାବାହିକଗୁଡ଼ିକ ମଧ୍ୟରୁ ୩୦ଟି ବିଭାଗରୁ କୃତୀ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୬ ବ୍ୟକ୍ତି ବିଶେଷଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା ସ୍ୱତନ୍ତ୍ର ସମ୍ମାନରେ ନିରୁପମା ସ୍ୱାଇଁଙ୍କୁ ଅନ୍ନପୂର୍ଣ୍ଣା ଦ୍ୱିବେଦୀ ସ୍ମାରକୀ ସାହିତ୍ୟ ସମ୍ମାନ, ଶିଳ୍ପୋଦ୍ୟୋଗୀ ସ୍ୱତନ୍ତ୍ର ସମ୍ମାନ ମଧୁସୂଦନ ସିଂହାରୀ, ଶମ୍ଭୁନାଥ ଖୁଣ୍ଟିଆ ସ୍ୱତନ୍ତ୍ର ସମ୍ମାନ, ନବ କିଶୋର ଦାସ ଚଳଚ୍ଚିତ୍ର ଫ୍ଲାଗ୍, ଅନୁପମ ପଟ୍ଟନାୟକ ଚଳଚ୍ଚିତ୍ର ପ୍ରତୀକ୍ଷା ପାଇଁ ସ୍ୱତନ୍ତ୍ର ସମ୍ମାନ, ଲୋକନାଥ ଲେଙ୍କାଙ୍କୁ ସୀତା ଦେବୀ ସ୍ମାରକୀ ଅପେରା କଳାକାର ସମ୍ମାନ, ଶକ୍ତି ସିନେମା ପ୍ରୋପ୍ରାଇଟର କେ. ହାଡୁ ସୁବୁଦ୍ଧି ଆଶୁତୋଷ ମହାପାତ୍ର ସ୍ମାରକୀ ପ୍ରେକ୍ଷାଳୟ ସମ୍ମାନ, ସଙ୍ଗୀତ ନିର୍ଦ୍ଦେଶକ ଓ ତବଲା ବାଦକ ଆଲୋକ କୁମାର ମହାପାତ୍ରଙ୍କୁ ସତ୍ୟନାରାୟଣ ଅଗ୍ରୱାଲ ସ୍ମାରକୀ ସମ୍ମାନ, ଜଗନ୍ନାଥ ସ୍ୱାଇଁ ମହାପାତ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ, କୃଷି ବୈଜ୍ଞାନିକ ଭାବେ ସିଫା ନିର୍ଦ୍ଦେଶକ ପ୍ରଫେସର ପ୍ରମୋଦ କୁମାର ସାହୁଙ୍କୁ ସ୍ୱତନ୍ତ୍ର ସମ୍ମାନ, ଚିକିତ୍ସକ ଭାବେ ପ୍ରଫେସର ଘନଶ୍ୟାମ ବିଶ୍ୱାସ ଓ ପ୍ରଫେସର ଜ୍ୟୋତି ରଞ୍ଜନ ପରିଡ଼ା, ଅଭିନେତା ଓ ନିର୍ଦ୍ଦେଶକ ନବ କିଶୋର ଆଚାର୍ଯ୍ୟଙ୍କୁ ଭୀମ ସିଂ ସ୍ମାରକୀ ସମ୍ମାନ, ଏବଂ ଶ୍ରୀନିବାସ ମହାପାତ୍ରଙ୍କୁ ନିତାଇ ପାଲିତ ପୁରସ୍କାର ଏବଂ ସମାଜସେବୀ ଯଜ୍ଞାଶିଷ ମହାପାତ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ପ୍ରତିଭା ସମ୍ମାନରେ ୩୨ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଲିପାକ୍ସି ଦାସଙ୍କୁ ବଟକୃଷ୍ଣ ନାୟକ ଶିଶୁ ପ୍ରତିଭା ସମ୍ମାନ (ମହାବାହୁ ଚଳଚ୍ଚିତ୍ର), ଶ୍ରେଷ୍ଠ କାହାଣୀକାର ଭାବେ ରଞ୍ଜନ କୁମାର ଦାସ (ମାୟାଦର୍ପଣ), ପ୍ରିୟନାଥ ସୁବୁଦ୍ଧି ପ୍ରତିଭା ସମ୍ମାନ ଶ୍ରେଷ୍ଠ ନବଗତ ନାୟକ ଲୁବୁନ୍ ସେନ (କହିବିନି ଆଇ ଲଭ୍ ୟୁ), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ଓ ଅଭିନେତ୍ରୀ ଭାବେ ଶୁସିଲ ମିଶ୍ର, ରବି ମିଶ୍ର, ମନସ୍ୱିନୀ ଟାକ୍ରି, ଐଶ୍ୱର୍ଯ୍ୟା ବେହେରାଙ୍କୁ ଯଥାକ୍ରମେ ପ୍ରତୀକ୍ଷା, ତୃଷ୍ଣା, ଦମନ ଏବଂ ମିଷ୍ଟର କହ୍ନେୟା ଚଳଚ୍ଚିତ୍ର ପାଇଁ ପୁରସ୍କୃତ କରାଯାଇଛି। ଶ୍ରେଷ୍ଠ ସଂଳାପକାର ଭାବେ ଶରଣାରବିନ୍ଦ ଓଝା (ମହାବାହୁ), ଶ୍ରେଷ୍ଠ ଅଭିନେତା ଜୀବନ ପଣ୍ଡା (ମାୟାଦର୍ପଣ), ଶ୍ରେଷ୍ଠ ଚରିତ୍ର ଅଭିନେତ୍ରୀ ସ୍ମିତା ମହାନ୍ତି (ବାଳୀ), ଶ୍ରେଷ୍ଠ ଚିତ୍ରୋତ୍ତୋଳନକାରୀ ଧ୍ରୁବାନନ୍ଦ ପଣ୍ଡା(ମାୟାବୀ) ସ୍ୱତନ୍ତ୍ର ଜୁରୀ ପୁରସ୍କାର ପ୍ରତିଭା ପଣ୍ଡା (ମାୟାଦର୍ପଣ), ଶ୍ରେଷ୍ଠ ଚଳଚ୍ଚିତ୍ର (ପପୁରାଲ) ଦମନ ପାଇଁ ଦୀପେନ୍ଦ୍ର ସାମଲ, ଶ୍ରେଷ୍ଠ ଚଳଚ୍ଚିତ୍ର (କ୍ରିଟିକ୍) 'ଶେଷ ରାତି' ପାଇଁ ପ୍ରୀତମ ସାହୁ, ଶ୍ରେଷ୍ଠ ନାୟକ ଭାବେ ଆକାଶ ଦାସ ନାୟକ (ମହାବାହୁ), ଶ୍ରେଷ୍ଠ ନାୟିକା ଭାବେ ରିୟା ଦେ (ଶେଷ ରାତି)ଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ହାସ୍ୟାଭିନେତା ଭାବେ ସ୍ୱାଗନ ସୁମନ ନାୟକ (ରୁଦ୍ରାଣୀ), ଶ୍ରେଷ୍ଠ ନିର୍ଦ୍ଦେଶକ (ପପୁଲାର) ବିଶାଲ ମୌର୍ଯ୍ୟ (ଦମନ), ଦେବୀ ପ୍ରସାଦ ଲେଙ୍କା (ଶେଷ ରାତି), ଅମରେଶ ପତି ଶ୍ରେଷ୍ଠ ନିର୍ଦ୍ଦେଶକ (କ୍ରିଟିକ୍), ଶ୍ରେଷ୍ଠ ଗୀତିକାର ପୁଷ୍ପକ ପରିଡା (ଶେଷ ରାତି), ସ୍ୱତନ୍ତ୍ର ଜୁରି ପୁରସ୍କାର ଦେବାଶିଷ ପାତ୍ର (ଶେଷ ରାତି), ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର (ତୃଷ୍ଣା), ଶ୍ରେଷ୍ଠ ଖଳନାୟକ ସମ୍ମାନ ବୀରେନ୍ ମିଶ୍ର (ଶେଷ ରାତି), ଶ୍ରେଷ୍ଠ ଗାୟକ ଶ୍ରୀଚରଣ ମହାନ୍ତି ଓ ଶ୍ରେୟା ମିଶ୍ର, ଶ୍ରେଷ୍ଠ କଳା ନିର୍ଦ୍ଦେଶକ ନବଘନ ଦଳାଇଙ୍କୁ ପୁରସ୍କୃତ କରାଯାଇଥିଲା। ଦୁରଦର୍ଶନ ପୁରସ୍କାର ୫ଜଣଙ୍କୁ ପ୍ରଦାନ କରାଯାଇଥିଲା। ବିଜୟ ରାଉତରାୟ, ବନସ୍ମିତା ରାଉତରାୟ, ମନ୍ଦାକିନୀ ରାଉତ ଓ ରବୀନ୍ଦ୍ରନାଥ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନ୍ମଥ ମିଶ୍ର, ଅଭିଜିତ୍ ମଜୁମଦାର, କୁମାର ଜାନୁ, ସନ୍ତୋଷ ଗୁପ୍ତା, ସ୍ୱାହାଶ୍ରୀ ପତି, ସଞ୍ଜନା ରାଉତ, ପାୟଲ ପ୍ରୀୟଦର୍ଶିନୀ ଭୋଳ, ଚାମେଲି ପ୍ରୀୟଦର୍ଶିନୀ ଓ ନିତୁ ପ୍ରିୟଦର୍ଶିନୀ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ପ୍ରଯୋଜକ ବାପୁ ଲେଙ୍କା ଯାଦୁ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କ ମନ ମୁଗ୍ଧ କରିଥିଲେ। ଶେଷରେ ସହସମ୍ପାଦକ ଇଂ. ସ୍ଥିତପ୍ରଜ୍ଞ ରାଉତ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଅଟୋ-ବୋଲେରୋ ଧକ୍କା, ଜଣେ ମୃତ

କୋଣାର୍କ,୮।୧(ଡି.ଏନ୍.ଏ.): କୋଣାର୍କ - ପୁରୀ ମେରାଇନ ଡ୍ରାଇଭ ରାସ୍ତାର ଚନ୍ଦ୍ରଭାଗା ବତିଘର ନିକଟରେ ରବିବାର ଏକ ଅଟୋ ସହ ବୋଲେରୋ ମୁହାଁମୁହିଁ ଧକ୍କା ହେବା ଯୋଗୁ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମଗିରି ବ୍ଲକ ଅରଖକୁଦା ଗ୍ରାମର ବିକାଶ ବେହେରା। ଖବରପାଇ କୋଣାର୍କ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିବା ସହ ଏକ ମାମଲା(ନଂ.୯/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବିକାଶ ନଂ.ଓଆର ୧୩ଏଚ୍ ୪୫୫୨ ବିଶିଷ୍ଟ ଅଟୋ ରିକ୍ସା ଧରି ଚନ୍ଦ୍ରଭାଗାଠାରୁ କୋଣାର୍କ ଅଭିମୁଖେ ଯାଉଥିଲେ। ଏହି ସମୟରେ କୋଣାର୍କଠାରୁ ପୁରୀ ଅଭିମୁଖେ ଯାଉଥିବା ବୋଲେରୋ ନଂ.ଓଡି ୦୧ଏଫ ୩୨୭୯ ସହ ଚନ୍ଦ୍ରଭାଗା ବତିଘର ରାସ୍ତା ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବିକାଶ ଗୁରୁତର ହୋଇଥିବା ବେଳେ ବୋଲେରୋରେ ଥିବା ଧାମରା ଅଞ୍ଚଳର ୨ଜଣ ଆହତ ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଗୁରୁତର ବିକାଶ ସହ ଅନ୍ୟ ୨ ଜଣଙ୍କୁ ଚିକିତ୍ସା ପାଇଁ ପୁରୀ ସଦର ମହକୁମା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ବିକାଶଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

### ୨୭ରୁ ଚିନ୍ତାମଣୀ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ନିମାପଡ଼ା,୮।୧(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅନ୍ତର୍ଗତ ରେଞ୍ଚଶାସନ (ଖେଲାର)ସ୍ଥିତ ଚିନ୍ତାମଣୀ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ୨୭ରୁ ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବିଦ୍ୟାଳୟ ଓ ବିଦ୍ୟାଳୟର ପୁରାତନ ସଂସଦ ପକ୍ଷରୁ ଏହି ସମାରୋହ ପାଳିତ ହେବ। ଏହି ଅବସରରେ ବିଦ୍ୟାଳୟର ଏକ ସ୍ମରଣିକା 'ଉଦୟଶ୍ରୀ' ପ୍ରକାଶିତ ହେବ। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିବା ସହ ସ୍ମରଣୀକା ଉନ୍ମୋଚନ କରିବେ। ରବିବାର ବିଦ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ସାହୁ, ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ୍ ରବୀନ୍ଦ୍ରନାଥ ସ୍ୱାଇଁ, ଛାତ୍ର ସଂସଦର ସଭାପତି ପ୍ରବୋଧ ମହାନ୍ତି, ସମ୍ପାଦକ ବସନ୍ତ ଜେନା, କୋଷାଧ୍ୟକ୍ଷ ଅବନୀନ୍ଦ୍ର ମହାନ୍ତି, ପୁଣ୍ୟଶ୍ଲୋକ ଦାସ ପ୍ରମୁଖ ଏହି ସୂଚନା ଦେଇଛନ୍ତି। ସମାରୋହରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ, ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ, କ୍ରୀଡ଼ା, ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ୍, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, କିଟ୍ କଲେଜ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସମେତ ବହୁ ଶିକ୍ଷାବିତ୍, ପ୍ରତିଷ୍ଠିତ ବ୍ୟକ୍ତିମାନେ ଯୋଗ ଦେବେ। ପୁରୀ ଓ ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋରୁ ଏକ ଜ୍ୟୋତି ଆସି ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିବା ସହ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ବାର୍ତ୍ତା ବାଣ୍ଟିବ। ଗଣଶିକ୍ଷା ମନ୍ତ୍ରୀ ଦାଶ ଏହି ସମାରୋହରେ ମୁଖ୍ୟ ପୃଷ୍ଠପୋଷକ ରହିଛନ୍ତି।

### ଚିକିତ୍ସିତ ହେଲେ ୨୩୦୦ରୁ ଅଧିକ ରୋଗୀ

ପୁରୀ ଅଫିସ୮।୧ : ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୦୧ତମ ଉତ୍କଳ ଆଗମନୀର ସ୍ମୃତି ମହୋତ୍ସବ ପୁରୀ ଠାରେ ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆଚାର୍ଯ୍ୟ ଦେବଙ୍କ ଇଚ୍ଛାନୁକ୍ରମେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ତାଳବଣିଆ ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଆୟୋଜନ କରାଯାଇଥିଲା। ଶିବିରରେ ବିଭିନ୍ନ ବିଭାଗର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଡାକ୍ତର ଏବଂ ୧୦୦ ଫାର୍ମାସିଷ୍ଟ ମିଶି ରୋଗୀଙ୍କ ଚିକିତ୍ସା କରିଥିଲେ। ପ୍ରାୟ ୨୩୦୦ରୁ ଅଧିକ ଗରିବ ରୋଗୀ ଚିକିତ୍ସା ପାଇଁ ଏଠାକୁ ଆସିଥିଲେ। ସେହିପରି ସିପିଆର ଏବଂ ଅନ୍ୟ ରୋଗୀଙ୍କ ପାଇଁ ଏକ ଅଡିଓ ଭିଜୁଆଲ ପ୍ରୋଗାମ ଆୟୋଜନ କରାଯାଇଥିଲା। ମାଗଣାରେ ଏକ୍ସ-ରେ, ଇସିଜି, ରକ୍ତ ପରୀକ୍ଷା ଏବଂ ବୋନ ସ୍କାନ ମଧ କରାଯାଇଥିଲା। ନ୍ୟୁରୋଲୋଜି ଡା. ଲୋଲୁପ କୁମାର ସାହୁ, ନ୍ୟୁରୋ ସର୍ଜନ ଡା. ସୁଶାନ୍ତ ଦାସ, ଅର୍ଥପେଡିକ ଡା. ଜଗତଜିତ, ନ୍ୟୁରୋ ସର୍ଜନ ବିଶ୍ୱରଞ୍ଜନ ନାୟକ, ପୁଲମୋନାରୀ ମେଡିଶିନ ଡା. ଗୁରୁଦତ୍ତ ଦାଶ, ଶିଶୁ ରୋଗ ବିଶେଷଜ୍ଞ ଡା. ହେମନ୍ତ ନାୟକ, ମେଡିସିନ୍ ସ୍ପେଶାଲିଷ୍ଟ. ବେଣୁଧର ମୁଦୁଲି, ପ୍ଲାଷ୍ଟିକ ସର୍ଜରୀ ବିଶେଷଜ୍ଞ ଡା. ଶ୍ୟାମସୁନ୍ଦର ବେହେରା, ଡା. ତୀର୍ଥ ସାରଥୀ ମହାନ୍ତି, ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଭାତ ଦାସ ପ୍ରମୁଖ ରୋଗୀଙ୍କ ଚିକିତ୍ସା କରିଥିଲେ।

## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

### ହତ୍ୟା ଅଭିଯୋଗ ଆଣିଲେ ବଡ଼ ଭଉଣୀ

**ଗୋପ,୮।୧(ଡି.ଏନ୍.ଏ.)**

ଗୋପ ଥାନା ଅନ୍ତର୍ଗତ ବିଜିପୁର ଗ୍ରାମରେ ଶନିବାର ରାତିରେ ଜଣେ ୧୯ବର୍ଷୀୟ ଯୁବତୀଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ହେଲେ ଯୁବତୀଙ୍କ ତାଙ୍କ ସାବତ ମା, ବାପାଙ୍କ ସମେତ ୪ ଜଣ ମିଶି ମାରି ପୋଡ଼ି ଦେଇଥିବା ନେଇ ବଡ଼ ଭଉଣୀ ରବିବାର ରାତିରେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଯୁବତୀ ଜଣକ ପରିବାର ସହ ଗ୍ରାମରେ ରହୁଥିବା ବେଳେ ବଡ଼ଭଉଣୀ କୋଲାକାତାରେ ରହି କାର୍ଯ୍ୟ କରୁଥିଲେ। ତେବେ ଶନିବାର ରାତିରେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ନେଇ ଗ୍ରାମବାସୀଙ୍କଠାରୁ ବଡ଼ ଭଉଣୀ ଖବରପାଇଥିଲେ। ରବିବାର ଗ୍ରାମକୁ ଆସିବାବେଳେ ସାନ ଭଉଣୀଙ୍କୁ ନ ପାଇ ପରିବାର ଲୋକଙ୍କୁ ପଚାରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଫଳରେ ସାନ ଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଗୋପ ଥାନାର ଦ୍ୱାରସ୍ଥ ହୋଇଥିଲେ।

ଘଟଣା ସମ୍ପର୍କରେ ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନଙ୍କୁ ପଚାରିବାରେ ରାତିରେ ଅଭିଯୋଗ ଆସିବା ପରେ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ସହ ଜିଲା ସାଇଣ୍ଟିଫିକ ଟିମ୍‌କୁ ଡକାଯାଇଛି। ସୋମବାର ସାଇଣ୍ଟିଫିକ ଟିମ୍ ଆସିଲେ ଅଧିକ ତଦନ୍ତ କରାଯିବ। ଖବର ଲେଖାହେବା ପର୍ଯ୍ୟନ୍ତ ଏ ନେଇ କୌଣସି ଥାନାରେ ମାମଲା ରୁଜୁ ହୋଇନାହିଁ।

## ଶ୍ରୀରାଧାରମଣ ଫାଉଣ୍ଡେଶନର ପ୍ରତିଷ୍ଠା ଦିବସ



ଧ୍ୟାନ ମନ୍ଦିର ଆଶ୍ରମ ପରିସରରେ ଶ୍ରୀରାଧାରମଣ ଫାଉଣ୍ଡେଶନର ପ୍ରତିଷ୍ଠା ଦିବସରେE ମଞ୍ଚାସୀନ ଅତିଥି।

**ପୁରୀ ଅଫିସ, ୮।୧:**

ଶ୍ରୀରାଧାରମଣ ଫାଉଣ୍ଡେଶନର ୩୩ତମ ପ୍ରତିଷ୍ଠା ଦିବସ ଧ୍ୟାନ ମନ୍ଦିର ଆଶ୍ରମ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେଶନର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଗୁରୁଚରଣ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବକୁ ଭାରତର ପୂର୍ବତନ ରାଷ୍ଟ୍ରଦୂତ ଡ. ମଳୟ ମିଶ୍ର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥ ଭାବେ ପୂର୍ବତନ ମନ୍ତ୍ରୀ ଡ. ଦେବେନ୍ଦ୍ର ମାନସିଂହ, କୋଲକାତାର ବିଶିଷ୍ଟ ସଙ୍ଗୀତଜ୍ଞ ଦେବାଶିଷ ଚକ୍ରବର୍ତ୍ତୀ, ଭରତିଆ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. କିଷନଲାଲ ଅଗ୍ରୱାଲ, ଆୟୁର୍ବେଦ ଶିରୋମଣି ଡାକ୍ତର ଏ. ନାରାୟଣ ଆଚାରୀ, ବରିଷ୍ଠ ବୈଜ୍ଞାନିକ ଡ. ପ୍ରଦୀପ୍ତ ମିଶ୍ର, ନିର୍ମଳାକୃତି ବିକାଶ ଟ୍ରଷ୍ଟର ଅଧ୍ୟକ୍ଷ ଇଂ. ଦିଲ୍ଲୀପ କୁମାର ପଟ୍ଟନାୟକ, ଗ୍ରନ୍ଥକାର ହରିଶଙ୍କର ମିଶ୍ର ,ଗବେଷକ ଶ୍ରୀନିବାସ ଆଚାର୍ଯ୍ୟ, ଡ. ଉମେଶଚନ୍ଦ୍ର ଚିନରା ଏବଂ ଏ. ଜଗନ୍ନାଥ ଆଚାରୀ ଯୋଗଦେଇଥିଲେ। ଟାଟା ମୁଖ୍ୟ ହସପିଟାଲର କ୍ରିଟିକାଲ କେୟାର ୟୁନିଟର ଅଧ୍ୟକ୍ଷ ତଥା ଫାଉଣ୍ଡେଶନର ସଭାପତି ଜଗନ୍ନାଥ ଆଚାର୍ଯ୍ୟ ସଭାରେ ସଭାପତିତ୍ୱ କରିଥିଲେ। ଶେଷରେ ୧୦୦ ଜଣ ସ୍କୁଲ ଛାତ୍ରୀଛାତ୍ରଙ୍କୁ ପଠନ ସାମଗ୍ରୀ ସହ ୪୦ ଜଣ ମହିଳା ଓ ପୁରୁଷ ଗରିବ ଲୋକଙ୍କୁ ବସ୍ତ୍ର ଓ କମ୍ବଳ ବଣ୍ଟନ କରାଯାଇଥିଲା। ଏଥିସହିତ ୪୦ଜଣ ବିଭିନ୍ନ ବର୍ଗର ପ୍ରତିଭାଙ୍କୁ ଅତିଥିମାନଙ୍କ ଦ୍ୱାରା ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଫାଉଣ୍ଡେଶନର ସଦସ୍ୟ ନୀଳମଣି ଗୁରୁ ଧନ୍ୟବାଦ ଦେଇଥିଲେ।

## କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ ଗଠିତ

**ପିପିଲି,୮।୧(ଡି.ଏନ୍.ଏ.)**

ରାଜ୍ୟରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ କଳିଙ୍ଗ ୟୁନିୟନ ଅଫ୍ ୱାର୍କିଂ ଜର୍ନାଲିଷ୍ଟ (କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ) ନାମରେ ରବିବାର ଏକ ନୂତନ ରାଜ୍ୟସ୍ତରୀୟ ସାମ୍ବାଦିକ ସଂଘ ଗଠନ ହୋଇଛି। କନ୍ଧମାଳ ସାମ୍ବାଦିକ ସଂଘର ସଭାପତି ଡ. ଅରୂପ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ରାଜ୍ୟର ୨୦ଟି ଜିଲାର ଖବରଦାତା ଏଥିରେ ଅଂଶଗ୍ରହଣ କରି ସଂଘ ଓ ଖବରଦାତାଙ୍କ ସମସ୍ୟା ସମ୍ପର୍କିତ ନିଜ ନିଜର ମତ ପ୍ରକାଶ କରିଥିଲେ। ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ବହୁବିଧ ସମସ୍ୟା ଓ ସୁରକ୍ଷାକୁ ନେଇ ସଂଘ ସମସ୍ତଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଉପସ୍ଥିତ ସଭ୍ୟମାନେ ସଂକଳ୍ପ ନେଇଥିଲେ। ପ୍ରଥମେ ଉକ୍ତ ସଂଘର ଏକ ଅସ୍ଥାୟୀ କମିଟି ଗଠନ କରାଯାଇଥିଲା। ବରିଷ୍ଠ ଖବରଦାତା ମନୋଜ ଦାସଙ୍କୁ ସର୍ବସମ୍ମତିକ୍ରମେ ସଭାପତି ଭାବେ ମନୋନୀତ କରାଯାଇଥିବାବେଳେ ପରମେଶ୍ୱର ଦାଶଙ୍କୁ କାର୍ଯ୍ୟକାରୀ ସଭାପତି ଓ ରାଜକିଶୋର ସ୍ୱାଇଁଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଆଗାମୀ ପୁରୀ ବୈଠକରେ ସଂଘର ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ରାଜ୍ୟର ୨୦ଟି ଜିଲାର ଶତାଧିକ ଖବରଦାତା ଯୋଗଦେଇଥିଲେ।

## ୭୧୮ ୱାର୍ଡକୁ ନେଇ ନିର୍ବାଚନ ହେବ



ସମାବେଶରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ବୋଧନ ଦେଉଛନ୍ତି।

**ଗୋପ,୮।୧(ଡି.ଏନ୍.ଏ.)**

ବିଜେଡି ଏକ ସାମୂହିକ ଆନ୍ଦୋଳନ ଭାବେ ଓଡ଼ିଶାବାସୀଙ୍କ ସେବାରେ ଦୀର୍ଘ ୨୫ ବର୍ଷ ଧରି ରହିଛି। ତେବେ ଚଳିତ ବିଧାନସଭା ନିର୍ବାଚନରେ ୭୧୮ ଗୋଟି ୱାର୍ଡକୁ ଆଧାର କରି ନିର୍ବାଚନ ଲଢ଼ିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ରବିବାର ଅପରାହ୍ଣରେ ଆଖଣ୍ଡଳେଶ୍ୱର ପରିସରରେ ଆୟୋଜିତ ନିମାପଡ଼ା-ଗୋପ ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡି ସମାବେଶ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ୟୁନିଟ୍‌ସ୍ତରୀୟ, ଜୋନ୍‌ସ୍ତରୀୟ ଓ ବୁଥ୍‌ସ୍ତରୀୟ ଆଧାରରେ ନିର୍ବାଚନ ଲଢ଼ା ଯାଇଥିଲା। କିନ୍ତୁ ଚଳିତ ବିଧାନସଭା ନିର୍ବାଚନ ରଣନୀତି ବଦଳାଇ ଦିଆଯିବ। ନିମାପଡ଼ା-ଗୋପ ନିର୍ବାଚନମଣ୍ଡଳୀ ମଧ୍ୟରେ ଥିବା ୪୬ ଗୋଟି ପଞ୍ଚାୟତରେ ରହିଥିବା ୬ ଗୋଟି ଜୋନ୍‌କୁ ୧୯ ଗୋଟି ଜୋନ୍‌ରେ ବିଭକ୍ତ କରାଯାଇ ୭୧୮ ୱାର୍ଡ ଗଠନ ହେବ। ନଭେମ୍ବର ୧୫ ଭିତରେ ବୈଠକ କରାଯାଇ ସବୁ କିଛି ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ଦାଶ ସୂଚନା ଦେଇଛନ୍ତି। ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନିମାପଡ଼ା ବ୍ଲକ ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ଯୁବନେତା ଅଶୋକ ସାହୁ, ସନାତନ ପ୍ରଧାନ, ନାରୀନେତ୍ରୀ ପୁଷ୍ପାରାଣୀ ସ୍ୱାଇଁ, ସୁକାନ୍ତ ମହାନ୍ତି, ସୁଧୀର ରଞ୍ଜନ ଦାଶ, ପୁନେଶ ସେନାପତି, ମୋହିନୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଦଳର ସାଙ୍ଗଠନିକ, ସରକାରଙ୍କ ବିକାଶ, ନବୀନ ସରକାରଙ୍କ ସମୟରେ ମହିଳାଙ୍କ ଅର୍ଥନୈତିକ ଓ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି ଏବଂ ଆଗାମୀ ନିର୍ବାଚନର ରଣନୀତି ସମ୍ପର୍କରେ ଅତିଥିମାନେ ମତ ରଖିଥିଲେ। ସମାବେଶରେ ଗୋପ, ନିମାପଡ଼ା ବ୍ଲକର ସମସ୍ତ ପଞ୍ଚାୟତ ସ୍ତରୀୟ ନେତୃବୃନ୍ଦ, ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କ ସହିତ ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଆଧାତ୍ମିକ ପୁସ୍ତକ ହିଁ ଜୀବନର ମାର୍ଗଦର୍ଶକ

**ପୁରୀ ଅଫିସ ୮।୧**

ଶରଧାବାଲିରେ ଚାଲିଥିବା ଶ୍ରୀକ୍ଷେତ୍ର ମେଳାର ଷଷ୍ଠ ଦିବସରେ ରବିବାର ଶ୍ରୀବିଶ୍ୱନୟନ ଐଶ୍ୱରୀୟ ଟ୍ରଷ୍ଟ ପକ୍ଷରୁ ଜୀବନ ଚର୍ଯ୍ୟାରେ ଆଧାତ୍ମିତ ପୁସ୍ତକର ଉପାଦେୟତା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟ ଅଧ୍ୟକ୍ଷ ଡା. ସୌମ୍ୟକାନ୍ତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଅଲାରନାଥ ମନ୍ଦିର ମୁଖ୍ୟ ସେବକ ନୀଳମଣି ସୁଆର ଯୋଗଦେଇ ଆଧାତ୍ମିକ ପୁସ୍ତକ ହିଁ ଜୀବନର ମାର୍ଗଦର୍ଶକ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପ୍ରାବନ୍ଧିକ ସତ୍ୟନାରାୟଣ ମିଶ୍ର ଯୋଗଦେଇ କହିଥିଲେ, ଭାରତୀୟ ଧର୍ମ ସଂସ୍କୃତି ପରମ୍ପରା ଭଳି ଆଧାତ୍ମିକ ପୁସ୍ତକ ପ୍ରତି ସମସ୍ତଙ୍କ ମନରେ ଏକ ଆଲୋଡନ ସୃଷ୍ଟି ହେଉଛି। ଅନ୍ୟତମ ଅତିଥି ଭାବେ ଗୀତିକାର ବଦ୍ରି ମିଶ୍ର, ଶିକ୍ଷାବିତ୍ ପ୍ରମୋଦା ଦେବୀ, ନାରାୟଣ ନନ୍ଦ, ବିଶେଶ୍ୱରୀ ପତ୍ରିକାର ମୁଖ୍ୟସମ୍ପାଦିକା ବିଜୟଲକ୍ଷ୍ମୀ ଦାଶ ଯୋଗଦେଇଥିଲେ। ଟ୍ରଷ୍ଟ ସମ୍ପାଦିକା ତୃପ୍ତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ସୁରେଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ଗୁରୁ ସାଗରିକା ମହାପାତ୍ରଙ୍କ ସଂଯୋଜନାରେ ପ୍ରଶାନ୍ତି ସଂଗୀତ ମହାବିଦ୍ୟାଳୟ ପକ୍ଷରୁ ଭକ୍ତି ସଂଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା।

## ୫ ଦାବି ନେଇ କ୍ରୀଡ଼ା ମନ୍ତ୍ରୀଙ୍କୁ ସ୍ମାରକପତ୍ର

**କୋଣାର୍କ,୮।୧(ଡି.ଏନ୍.ଏ.)**

କୋଣାର୍କ ଏନ୍‌ଏସି ଅଧୀନ ୧୦ନଂ. ୱାର୍ଡ ମାଧିପୁର ସମେତ ବସ୍ତିବାସିନ୍ଦାଙ୍କୁ ଜାଗା ମିଶନ ମାଧ୍ୟମରେ ପଟ୍ଟା ଓ ଆବାସ ଯୋଜନା ଗୃହ ପ୍ରଦାନ କରିବା ସହ ୱାର୍ଡର ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ୫ଦଫା ସମ୍ବଳିତ ଦାବିପତ୍ର ୱାର୍ଡ କମିଟି ପକ୍ଷରୁ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ୮ ଓ ୯ ୱାର୍ଡର ବସ୍ତି ଅଞ୍ଚଳରେ ବାସ କରୁଥିବା ବାସିନ୍ଦାଙ୍କୁ ଜାଗା ମିଶନ ମାଧ୍ୟମରେ ପଟ୍ଟା ପ୍ରଦାନ ସହ ଆବାସ ଯୋଜନାରେ ଗୃହ ପ୍ରଦାନ କରାଯାଇଛି। ମାତ୍ର ୧୦ନଂ ୱାର୍ଡ ବସ୍ତିବାସିନ୍ଦାଙ୍କୁ ଜାଗା ମିଶନ ମାଧ୍ୟମରେ ପଟ୍ଟା ଓ ଆବାସ ଗୃହ ପ୍ରଦାନ ଦିଗରେ ଅହେତୁକ ବିଳମ୍ବ ହେଉଛି। ଏ ନେଇ ଉକ୍ତ ୱାର୍ଡ କମିଟି ପକ୍ଷରୁ ମନ୍ତ୍ରୀ ବେହେରାଙ୍କୁ ଜଣାଇବା ସହ ୧୦ନଂ ୱାର୍ଡ ପରିଦର୍ଶନରେ ଆସି ବସ୍ତିବାସିନ୍ଦାଙ୍କ ସହ ବୈଠକ କରି ସମସ୍ୟା ବୁଝିବା ସହ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରାଯାଇଛି। ଏଥିସହ ୱାର୍ଡର ଉନ୍ନୟନ ପ୍ରକଳ୍ପ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ଏକ କମିଟି ଗଠନ କରି କାର୍ଯ୍ୟ ତଦାରଖ କରିବା ଏପରିକି ୫ ଦାବି ବିଷୟରେ ଜଣାଇ ଦିଆଯାଇଛି। ଏହି ସମାସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ମନ୍ତ୍ରୀ ବେହେରା ବସ୍ତିବାସିନ୍ଦାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଏନ୍‌ଏସି ନଗର ବିଜେଡି ସଭାପତି ଗୋପାଳଚନ୍ଦ୍ର ବେହେରା, ୧୦ନଂ. ୱାର୍ଡର ପୂର୍ବତନ କାଉନସିଲର ପ୍ରତାପ ଗୋଚ୍ଛାୟତ, ୧୦ନଂ ୱାର୍ଡ କାଉନସିଲର ସ୍ୱପ୍ନା ଗୋଚ୍ଛାୟତ, ୧୦ନଂ ୱାର୍ଡ ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ଗୋଚ୍ଛାୟତ, ବସ୍ତିବାସିନ୍ଦା ଉନ୍ନୟନ କମିଟି ସଭାପତି ପ୍ରବୋଧ ସାମନ୍ତରାୟ ଓ ଗନ୍ଧର୍ବ ସେନାପତିଙ୍କ ସମେତ ୱାର୍ଡର ପୁରୁଖା କର୍ମୀମାନେ ଉପସ୍ଥିତ ଥିଲେ।

## ଏମ୍‌ସିସିକୁ ହରାଇ କ୍ରାଉନ୍ ସ୍ପୋର୍ଟିଂ ଚାମ୍ପିୟନ

**୩୩ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍**

**କାକଟପୁର,୮।୧(ଡି.ଏନ୍.ଏ.)**

କାକଟପୁର ହାଇସ୍କୁଲ ପଛପଡ଼ିଆ ମିନି ଷ୍ଟାଡିୟମଠାରେ ୩୩ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ସିସି ସ୍ପୋର୍ଟିଂ କାକଟପୁରକୁ ହରାଇ କ୍ରାଉନ ସ୍ପୋର୍ଟିଂ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ଟସ୍ ଜିତି କ୍ରାଉନ ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୧୮୨ ରନ୍ ସଂଗ୍ରହ କରିଥିଲା। ଦଳର ଚକ୍ରଧର ଦ୍ୱିବେଦୀ ୫୬ ରନ୍, ନାୟକ ଜନ୍ମଜେୟ ୫୫ ରନ୍ ସଂଗ୍ରହ କରିଥିଲେ। ଜବାବରେ ଏମ୍‌ସିସି କାକଟପୁର ୧୮.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୪୩ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା,




ଚାମ୍ପିୟନ ଦଳକୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ମୁଖ୍ୟବକ୍ତା ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ସମ୍ମାନିତ ଅତିଥି ଜ୍ଞାନ ରଞ୍ଜନ ସାହୁ, ହିମାଂଶୁ ଭୂଷଣ ଦୀକ୍ଷିତ, କବିରାଜ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଉପସ୍ଥିତ ଥିଲେ। ପଡ଼ିଆର ଉନ୍ନତି ନିମନ୍ତେ କ୍ରୀଡ଼ାମନ୍ତ୍ରୀ ୧୦ ଲକ୍ଷ ଟଙ୍କା ଘୋଷଣା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ବ୍ଲକସ୍ତରୀୟ ମିନି ଷ୍ଟାଡିୟମ୍‌ରେ କାକଟପୁରକୁ ସାମିଲ କରାଯାଇଛି ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଚାମ୍ପିୟନ ଟିମ୍ କ୍ରାଉନ ସ୍ପୋର୍ଟିଂ ଭୁବନେଶ୍ୱରକୁ ୩୦ହଜାର ଟଙ୍କା ଓ ଚାମ୍ପିୟନ ଟ୍ରଫି, ରନର୍ସ ଅପ୍ ଦଳ ଏମ୍‌ସିସି କାକଟପୁରକୁ ୨୦ହଜାର ଟଙ୍କା ଓ ରନର୍ସ ଅପ୍ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ନାୟକ ଜନ୍ମଜେୟଙ୍କୁ ମ୍ୟାନ୍ ଅଫ୍ ସିରିଜ, ଚକ୍ରବର୍ତ୍ତୀ ଦ୍ୱିବେଦୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ କପ୍ ପ୍ରଦାନ କରାଯାଇଥିଲା। ନିର୍ମଳ ମିଶ୍ର ଓ ଅୟସ କାନ୍ତ ମିଶ୍ର ଅମ୍ପାୟରିଂ କରୁଥିବାବେଳେ ଭାଗବତ ସ୍ୱାଇଁ, କୁମାର ଭବାନୀ, ସଭାପତି ପ୍ରଦୀପ୍ତ ଦୀକ୍ଷିତ, ଉପ ସଭାପତି ପ୍ରଦୀପ୍ତ ପଣ୍ଡା, ଇଂ.ସୂର୍ଯ୍ୟକାନ୍ତ ଦୀକ୍ଷିତ, ପ୍ରଦ୍ୟୁମ୍ନ ସେନାପତି, ମିହିର ରଞ୍ଜନ ଦୀକ୍ଷିତ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ଲିକୁନ୍ ଓ ସଚିନ୍ ଦାୟିତ୍ୱ ତୁଲାଉଥିଲେ। ଧୀରେନ ଚାନ୍ଦ, ଉପଦେଷ୍ଟା ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଦ୍ୟୁମ୍ନ ସେନାପତି, ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ଦୀକ୍ଷିତ, ଶ୍ୟାମ ସୁନ୍ଦର ରଣା, ସଞ୍ଜୟ ସାମଲ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

**ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କଲା ଆପଲ୍**

**ନୂଆଦିଲ୍ଲୀ:** ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଯୋଗୁ ଅନ୍ତଃରାଷ୍ଟ୍ରୀୟ କମ୍ପାନୀଗୁଡିକ ହଜାର ହଜାର କର୍ମଚାରୀଙ୍କୁ ଛଟେଇ କରୁଥିବା ଜଣାପଡିଛି। ଭାରତ ବଜାରରେ ବିଭିନ୍ନ କମ୍ପାନୀ ଛଟେଇ କରୁଥିବା ବେଳେ ଆପଲ ଭଳି ବହୁ ରାଷ୍ଟ୍ରୀୟ କମ୍ପାନୀ କିନ୍ତୁ ନୂଆ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି। କମ୍ପାନୀ ବର୍ତ୍ତମାନ ଭାରତ ବଜାରରେ ନିଜର ବ୍ୟବସାୟ ସମ୍ପ୍ରସାରଣ କରୁଥିବାରୁ ନୂଆ ନିଯୁକ୍ତି ପ୍ରକ୍ରିୟାକୁ ଗତିଶୀଳ କରାଇଛନ୍ତି। ସେହିଭଳି ଆପଲ ପକ୍ଷରୁ ଭାରତ ବଜାରରେ ରିଟେଲ ଷ୍ଟୋର ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଯାଉଛି। ସେଥିପାଇଁ କମ୍ପାନୀ ନୂଆ ନିଯୁକ୍ତି ସହ ପେସାଦାରଙ୍କୁ ମଧ ନିଯୁକ୍ତି ଦେବାର ଯୋଜନା କରୁଛି ବୋଲି ଜାତୀୟ ଗଣମାଧମରେ ଚର୍ଚ୍ଚା ହେଉଛି।

# ମୋନେଟ ପାୱାରକୁ କାର୍ଯ୍ୟକ୍ଷମ କରାଇବ ଜେଏସ୍‌ପିଏଲ୍

- ଭିତ୍ତିଭୂମିର ବିକାଶରେ ୧,୫୦୦ କୋଟି ଟଙ୍କା ବିନିଯୋଗ
- ୨୦୨୨ ଡିସେମ୍ବରରେ ପ୍ରାୟ ୪୧୦କୋଟି ଟଙ୍କାରେ ଅଧିଗ୍ରହଣ କରିଥିଲା
- ୧,୦୫୦ ମେଗାୱାଟ କୋଇଲା ଭିତ୍ତିକ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ

**ଭୁବନେଶ୍ୱର,୮।୧**

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍)ର ନୂତନ ଅଧିଗ୍ରହଣ କମ୍ପାନୀ ମୋନେଟ ପାୱାରର ଭିତ୍ତିଭୂମି ବିକାଶ କାର୍ଯ୍ୟରେ ଜେଏସପିଏଲ ପ୍ରାୟ ୧୫୦୦ କୋଟି ଟଙ୍କା ବିନିଯୋଗ କରିବ ବୋଲି ଜେଏସ୍‌ପିଏଲ୍‌ର ଏମ୍‌ଡି ବିମଳେନ୍ଦ୍ର ଝା ମତପ୍ରକାଶ କରିଛନ୍ତି। ଏପରିକି ମୋନେଟ ପାୱାର ପ୍ରୋଜେକ୍ଟକୁ କାର୍ଯ୍ୟକ୍ଷମ କରାଇବା ଦିଗରେ ଜେଏସପିଏଲ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଥିବା ବିଷୟରେ ସେ ବିସ୍ତୃତ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ନିକଟରେ ମୋନେଟ ପାୱାରକୁ ଅଧିଗ୍ରହଣ କରିଥିବା ଜେଏସ୍‌ପିଏଲ୍ ଆଗାମୀ ଦିନରେ ଏହାକୁ କାର୍ଯ୍ୟକ୍ଷମ କରାଇବା ପାଇଁ ବ୍ୟାପକ ପ୍ରସ୍ତୁତି କରୁଥିବା ଜଣାପଡିଛି। ଏପରିକି ଆସନ୍ତା ୧୨ ରୁ ୧୮ ମାସ ମଧ୍ୟରେ ଜେଏସ୍‌ପିଏଲ୍ ଉକ୍ତ ପରିମାଣ ପୁଞ୍ଜି ବିନିଯୋଗ କରି ତା'ର ବିକାଶ କରିବ। ସେହିଭଳି ୨୦୨୨ ଡିସେମ୍ବରରେ ଜେଏସ୍‌ପିଏଲ୍ ପ୍ରାୟ ୪୧୦ କୋଟି ଟଙ୍କାରେ ମୋନେଟ ପାୱାରକୁ ହାସଲ କରିଥିଲା। ବିଶେଷକରି ମୋନେଟ ପାୱାରର ୧,୦୫୦ ମେଗାୱାଟ (ମେଗାୱାଟ) ନିର୍ମାଣାଧୀନ କୋଇଲାଭିତ୍ତିକ ବିଦ୍ୟୁତ ପ୍ରକଳ୍ପ ଓଡ଼ିଶାର ଅନୁଗୋଳଠାରେ ଥିବା ଜେଏସ୍‌ପିଏଲ୍‌ର ଇସ୍ପାତ କାରଖାନା ନିକଟରେ ଅବସ୍ଥିତ। ଉକ୍ତ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରାଇବା ପାଇଁ ଜେଏସ୍‌ପିଏଲ ୧,୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ନୂତନ ପୁଞ୍ଜି ବିନିଯୋଗ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ଉପରୋକ୍ତ ପରିମାଣର ପୁଞ୍ଜି ଆସନ୍ତା ୧୨ରୁ୧୮ ମାସ ମଧ୍ୟରେ ବିନିଯୋଗ ହେବ ବୋଲି ଜଣାପଡିଛି। ସେହିପରି ବିକାଶ କାର୍ଯ୍ୟ ଶେଷ ହେବା ପରେ ଏହା ଅନୁଗୋଳସ୍ଥିତ ଜେଏସପିଏଲର ଇସ୍ପାତ କାରଖାନାକୁ ଶକ୍ତି ଯୋଗାଇବ ବୋଲି ଝା କହିଛନ୍ତି। ଅପରପକ୍ଷରେ ମୋନେଟ ପାୱାର ପାଇଁ ଆବଶ୍ୟକ କୋଇଲା ଜେଏସପିଏଲର ଉତ୍କଳ ବି-୧ ଏବଂ୧-୨ ଖଣିରୁ ଯୋଗାଇ ଦିଆଯିବ ବୋଲି ଯୋଜନା ରହିଛି। ଉଲ୍ଲେଖଯୋଗ୍ୟ ଗତ ବର୍ଷ ଜେଏସପିଏଲ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଓଡିଶାର ଅନୁଗୋଳ ନିକଟରେ ଥିବା କୋଇଲା ଖଣିରୁ ପ୍ରାୟ ୩୪୭ ନିୟୁତ ଟନ୍ ସଂରକ୍ଷିତ ୨ଟି କୋଇଲା ବ୍ଲକ ଜିତିଥିଲା। ସୂଚନାଯୋଗ୍ୟ ଯେ ଓପିଜିନ୍ଦଲ ଗ୍ରୁପର ଏକ ଅଂଶ ହେଉଛି ଜେଏସ୍‌ପିଏଲ୍। କମ୍ପାନୀ ବିଶେଷ କରି ଇସ୍ପାତ, ଶକ୍ତି ଏବଂ ଖଣି କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ଉପସ୍ଥିତି ସହ ସମଗ୍ର ବିଶ୍ୱରେ ପ୍ରାୟ ୯୦,୦୦୦ କୋଟି ଟଙ୍କା ବିନିଯୋଗ କରିଥିବା ସୂଚନା ମିଳିଛି।




## ମହଙ୍ଗା ହେବ ସିଲିଂ ଫ୍ୟାନ

**ନୂଆଦିଲ୍ଲୀ,୮।୧**

ଗ୍ରୀଷ୍ମ ପ୍ରଭାବ ପୂର୍ବରୁ ସିଲିଂ ଫ୍ୟାନ୍‌ଗୁଡିକର ମୂଲ୍ୟ ବୃଦ୍ଧି ଘଟିପାରେ ବୋଲି ଏହାର ନିର୍ମାଣକାରୀ ସଂସ୍ଥାଗୁଡିକ ପକ୍ଷରୁ ଆକଳନ କରାଯାଇଛି। ବିଶେଷ କରି ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବିଇଇ)ର ସଂଶୋଧିତ ନିର୍ଦ୍ଦେଶ ଅନୁଯାୟୀ ଜାନୁୟାରୀ ପହିଲାରୁ ସିଲିଂ ଫ୍ୟାନ୍‌ରେ ଏନର୍ଜି ଷ୍ଟାର ଲେବଲିଂକୁ ବାଧ୍ୟତାମୂଳକ କରାଯାଇଛି। ଏପରିକି ବିଇଇର ଆଦେଶ ଅନୁଯାୟୀ ବର୍ତ୍ତମାନଠାରୁ ନିର୍ମାଣ କରାଯାଉଥିବା ସିଲିଂ ଫ୍ୟାନ୍‌ରେ ଏନର୍ଜି ରେଟିଂ ଷ୍ଟାର ରହିବ ବୋଲି ଜଣାପଡିଛି। ଫଳରେ ଏହାର ନିର୍ମାତାମାନେ ସିଲିଂ ଫ୍ୟାନରେ ୧ରୁ ୫ ଷ୍ଟାରର ରେଟିଂ ଦର୍ଶାଇବେ ବୋଲି ବିଇଇ ପକ୍ଷରୁ କୁହାଯାଇଛି। ସେହିଭଳି ୧ ଷ୍ଟାର ଥିବା ଫ୍ୟାନ ସର୍ବନିମ୍ନ ୩୦% ବିଜୁଳି ବଞ୍ଚାଉଥିବାବେଳେ ୫ ଷ୍ଟାର ଥିବା ଫ୍ୟାନ ପ୍ରାୟ ୫୦% ବିଜୁଳି ବଞ୍ଚାଇବ ବୋଲି ଆକଳନ କରାଯାଇଛି। ତେବେ ଏହି ଷ୍ଟାର ଲେବଲିଂ ବାଧ୍ୟତାମୂଳକ ହେବା ଫଳରେ ଫ୍ୟାନ ଦାମରେ ମଧ ୮ ରୁ ୨୦% ବୃଦ୍ଧି ହେବା ନେଇ ଆଶଙ୍କା କରାଯାଉଛି।

## ୟେସ୍ ୱାର୍ଲ୍ଡର ନୂତନ ଉତ୍ପାଦ ଉନ୍ମୋଚିତ




**ଭୁବନେଶ୍ୱର,୮।୧**

ଅନ୍ତଃରାଷ୍ଟ୍ରୀୟ କ୍ଲାଇମେଟ୍ ଟେକ୍ କମ୍ପାନୀ ୟେସ୍ ୱାର୍ଲ୍ଡ କ୍ଲାଇମେଟ୍ ଟେକ୍ ପିଟିଇ ଲି.ର ନୂତନ ଉତ୍ପାଦ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷ କରି ଘରର ଝରକାଗୁଡିକ ପାଇଁ ବିଶ୍ୱର ପ୍ରଥମ ଶକ୍ତି ଦକ୍ଷ ଗ୍ଲାସ୍ ସଲ୍ୟୁଶନର ଶୁଭାରମ୍ଭ କରାଯାଇଛି। ୟେସ୍ ୱାର୍ଲଡ ଆମ ପୃଥିବୀକୁ ଗ୍ଲୋବାଲ ୱାର୍ମିଙ୍ଗର ସବୁଠାରୁ ବଡ ସମସ୍ୟାରୁ ସୁରକ୍ଷିତ ରଖିବା ପାଇଁ କ୍ଲାଇମେଟ୍ ଟେକ୍ନୋଲୋଜି କ୍ଷେତ୍ରରେ କାର୍ଯ୍ୟ କରୁଛି। ବୈଜ୍ଞାନିକଙ୍କ ମତରେ ଏହି ବୈପ୍ଳବିକ ଉତ୍ପାଦ ସୂର୍ଯ୍ୟଠାରୁ ଆସୁଥିବା ଉତ୍ତାପକୁ ୮୫% ଯାଏ ହ୍ରାସ କରିଥାଏ। ଏ ସମ୍ପର୍କରେ ୟେସ୍ ୱାର୍ଲ୍ଡର ସିଇଓ ଏବଂ ସେଭ୍ ଆର୍ଥ ଆକ୍ଟିଭିଷ୍ଟ ଡ. ସନ୍ଦୀପ ଚୌଧୁରୀ କହିଛନ୍ତି, ୟେସ୍ ୱାର୍ଲଡର ୱିଣ୍ଡୋଜ୍ ସଲ୍ୟୁଶନର ଫଳାଫଳ ଚମତ୍କାର ଅଟେ। ଏହା ସୂର୍ଯ୍ୟର ଉତ୍ତାପକୁ ୮୫% ଯାଏ ବ୍ଲକ୍ କରିବା ସହ ସୂର୍ଯ୍ୟଠାରୁ ଆସୁଥିବା କ୍ଷତିକାରକ ଅତିବାଇଗଣୀ ରଶ୍ମିକୁ ମଧ ୯୨% ଯାଏ ହ୍ରାସ କରୁଛି। ଫଳରେ ୟେସ୍ ୱାର୍ଲ୍ଡର ୱିଣ୍ଡୋଜ୍ ସଲ୍ୟୁଶନ ଇନ୍‌ଷ୍ଟଲ ହୋଇଥିବା ସ୍ଥାନଗୁଡିକରେ ବିଦ୍ୟୁତ୍ ବିଲ୍ ଉପରେ ୫୦% ଯାଏ ସଞ୍ଚୟ କରାଯାଇପାରୁଛି। ଅପରପକ୍ଷରେ କମ୍ପାନୀ ଖୁବଶୀଘ୍ର ବିଶ୍ୱବ୍ୟାପୀ ଏହି ୱିଣ୍ଡୋଜ୍ ସଲ୍ୟୁଶନର ଇନ୍‌ଷ୍ଟଲେଶନ ଆରମ୍ଭ କରିବାକୁ ଯାଉଛି।

## ରୁଙ୍ଗ୍‌ଟା ଷ୍ଟିଲ୍ ଓ୍ୟାର ରଡ୍‌ର ନୂଆ ଟିଭିସି




**ଭୁବନେଶ୍ୱର,୮।୧**

ରୁଙ୍ଗ୍‌ଟା ମାଇନ୍‌ସ ଲିମିଟେଡ୍ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ନୂଆ ଟିଭିସି ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବଲିଉଡ୍ ତାରକା ଆଲିଆ ଭଟ୍ଟ ଓ ରଣବୀର କପୁରଙ୍କୁ ନେଇ କମ୍ପାନୀ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ନୂଆ ଟିଭି ବିଜ୍ଞାପନକୁ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷକରି ଏହାର ସମସ୍ତ ଅଂଶୀଦାରଙ୍କ ଲାଗି ମୂଲ୍ୟ ସୃଷ୍ଟି କରିବାର ପ୍ରତିବଦ୍ଧତାକୁ ପରିପ୍ରକାଶ କରାଯାଇଛି। ସେହିଭଳି କମ୍ପାନୀର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏକଦମ ସଲିଡ୍' ଅଭିଯାନ ସମ୍ପର୍କରେ ପ୍ରସାର ଓ ପ୍ରଚାର କରାଯାଉଛି। ଏପରିକି କମ୍ପାନୀର ବର୍ଦ୍ଧିତ ଉତ୍ପାଦ ବର୍ଗମାଳା ଜରିଆରେ ଗ୍ରାହକମାନଙ୍କୁ ଆବଶ୍ୟକ ସେବା ପ୍ରଦାନ କରିବାର ବାର୍ତ୍ତାକୁ ଉକ୍ତ ଟିଭିସି ଜରିଆରେ କମ୍ପାନୀ ପ୍ରଚାର ପ୍ରସାର କରାଉଛି। ଉକ୍ତ ଅଭିଯାନରେ ଆଲିଆ ଭଟ୍ଟ ଓ ରଣବୀର କପୁରଙ୍କ ଆମୋଦଦାୟକ ବାର୍ତ୍ତାଳାପକୁ ଉପଭୋଗ କରୁଥିବା ଦେଖିବାକୁ ମିଳୁଛି, ଯେଉଁଥିରେ ସମ୍ପର୍କ ଓ ଘରର ଦୃଢ଼ ମୂଳଦୁଆରେ କୌଣସି ପ୍ରକାର ସାଲିସ ନ କରିବାର ପ୍ରତିଶ୍ରୁତି ରହିଛି। ଭାରତର ଅଭିବୃଦ୍ଧି କାହାଣୀକୁ ତ୍ୱରାନ୍ୱିତ କରିବାରେ ଦଶନ୍ଧି ଧରି ପ୍ରତିବଦ୍ଧତାକୁ ଜାରି ରଖି ରୁଙ୍ଗ୍‌ଟା ଷ୍ଟିଲ୍‌ର ଓ୍ୟାର ରଡ୍ ଅତ୍ୟାଧୁନିକ ଉପକରଣ ଏବଂ କଠୋର ଉତ୍ପାଦନ (ମାନୁଫାକ୍ଚରିଂ) ପ୍ରକ୍ରିୟା ଦେଇ ଗତି କରୁଛି, ଯାହା ଏହି ଓ୍ୟାର ରଡ୍‌ଗୁଡ଼ିକର ଉଚ୍ଚ ମାନକୁ ନିଶ୍ଚିତ କରୁଛି।

## 'ଉତ୍ପାଦ ବର୍ଗର ବିସ୍ତାରକୁ ଗୁରୁତ୍ୱାରୋପ'

**ଭୁବନେଶ୍ୱର,୮।୧**

ଦେଶର ପ୍ରମୁଖ ଗୃହୋପକରଣ ନିର୍ମାତା କମ୍ପାନୀ ସୋମାନି ସେରାମିକ୍ସ ଲିମିଟେଡ ପକ୍ଷରୁ ନିକଟରେ ଏକ ରାଜ୍ୟସ୍ତରୀୟ ଡିଲର ମିଟ୍‌ର ଆୟୋଜନ କରାଯାଇଥିଲା। ବିଶେଷକରି ପୁରୀ ଜଗନ୍ନାଥଧାମରେ ବ୍ରାଣ୍ଡର ଏକ୍ସକ୍ଲୁସିଭ ସୋମାନି ଇଜି ଫିକ୍ସ ଡିଲର ମିଟ୍ ସମ୍ପର୍କରେ ଘୋଷଣା କରାଯାଇଥିଲା। ଅପରପକ୍ଷରେ ଏହି ଏକ୍ସକ୍ଲୁସିଭ ଡିଲର ମିଟ୍‌ର ଲକ୍ଷ୍ୟ ହେଉଛି, ଓଡ଼ିଶା ବଜାରରେ ବ୍ରାଣ୍ଡର ବିସ୍ତାର ଓ ସଫଳତାକୁ ପାଳନ କରିବା ଏବଂ ଉତ୍ପାଦକୁ ଏକ ନୂଆ ଶିଖରକୁ ନେବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ସହ ଆବଶ୍ୟକ ସହଯୋଗ ଓ ସହମତି ସମ୍ପର୍କରେ ବିସ୍ତୃତ ଆଲୋକପାତ କରାଯାଇ ସେ ସବୁ ସମସ୍ୟାର ସମାଧାନ କରାଯିବ ବୋଲି ଉଭୟ କମ୍ପାନୀ ଓ ଡିଲରମାନେ ସହମତି ପ୍ରକାଶ କରିଥିବା ଜଣାପଡିଛି। ଏ ସମ୍ପର୍କରେ ସୋମାନି ସେରାମିକ୍ସ ଲିମିଟେଡର ଉପସଭାପତି (ସେଲ୍‌ସ ଆଣ୍ଡ ମାର୍କେଟିଂ) ସୁଜିତ ମହାନ୍ତି କହିଛନ୍ତି, ଆମର ସୋମାନି ଇଜି ଫିକ୍ସକୁ ଓଡ଼ିଶାର ସ୍ଥାନୀୟ ବଜାରରେ ଉପସ୍ଥାପନ କରି ଆମ ଗ୍ରାହକମାନଙ୍କ ଘର ସଜାଇବା ଆବଶ୍ୟକତା ପୂରଣ କରିପାରିଥିବାରୁ ଆମେ ବେଶ୍ ଆନନ୍ଦିତ, ଆମର ପ୍ରିମିୟମ ଗୁଣବତ୍ତା ଆଡେସିଭ ଶ୍ରେଣୀରେ ସର୍ବୋତମ ଓ ଚଟାଣ ପୃଷ୍ଠରେ ବିଭିନ୍ନ ଟାଇଲ ଯୋଡ଼େଇ ପାଇଁ ଏକ ଉତ୍କୃଷ୍ଟ ସମାଧାନ। ବିଶେଷକରି ଗ୍ରାହକ ଆଧାରିତ ସଂସ୍କୃତିକୁ ନେଇ ଉତ୍ପାଦ ବର୍ଗରେ କ୍ରମାଗତ ବିସ୍ତାର ସହ ନେଟୱର୍କକୁ ବୃଦ୍ଧି କରି ଟାଇଲ ସମାଧାନରେ ଅଗ୍ରଣୀ ହେବାକୁ ଆମେ ଲକ୍ଷ୍ୟ ରଖିଛୁ।




## ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବ ସ୍କୋଡା

**ନୂଆଦିଲ୍ଲୀ,୮।୧**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆ ୨୦୨୩-୨୪ ଆର୍ଥିକ ବର୍ଷରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବ ବୋଲି ଆକଳନ କରାଯାଇଛି। ଏପରିକି କମ୍ପାନୀ ତ୍ୱରାନ୍ୱିତ ଅଭିବୃଦ୍ଧିର ଏକ ଏଜେଣ୍ଡା ସହ ୨୦୨୩ ପାଇଁ ତା'ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସ୍ପଷ୍ଟ କରିଥିଲା। ବିଶେଷକରି କମ୍ପାନୀର କାରବାର ୨୦୨୧ ତୁଳନାରେ ୨୦୨୨ରେ ଭଲ ରହିଥିଲା। ଏପରିକି କମ୍ପାନୀ ତା'ର ବାର୍ଷିକ ବିକ୍ରିକୁ ଦ୍ୱିଗୁଣିତ କରିସାରିଛି। ସେହିଭଳି କମ୍ପାନୀ ବିବିଧ ଉତ୍ପାଦ କାର୍ଯ୍ୟାନୁଷ୍ଠାନ, ନେଟୱର୍କ ବିସ୍ତାର ଯୋଜନା ଏବଂ ଆନୁମାନିକ ତ୍ୱରାନ୍ୱିତ ଅଭିବୃଦ୍ଧି ଆଦିରେ ପରିବର୍ତ୍ତନ ସହ କମ୍ପାନୀ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବାର କାର୍ଯ୍ୟକୁ ଆଗକୁ ବଢ଼ାଇଛି। ଏହାର ନେଟୱର୍କକୁ ସମଗ୍ର ଭାରତରେ ବିସ୍ତାର କରିବ ଏବଂ ସମଗ୍ର ଭାରତର ନୂତନ ସହରରେ ପ୍ରବେଶ କରିବ। ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ପିଟର ସ୍ଲୋକ କହିଛନ୍ତି, ୨୦୨୨ରେ କମ୍ପାନୀ ୫୩,୭୨୧ ୟୁନିଟ କାର୍ ବିକ୍ରି ସହ ଭାରତରେ ପ୍ରଥମ ଥର ପାଇଁ ୫୦,୦୦୦ବିକ୍ରୟ ମାଇଲଖୁଣ୍ଟ ଅତିକ୍ରମ କରିଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ ଅଛୁ।

ŠKODA

**ଫୁରସତ୍**



ଅର୍ଜୁନ ବିଜ୍ଲାନି

## ପୁଅ ପାଇଁ ସିଗାରେଟ୍ ଛାଡ଼ିଲେ

**ମୁମ୍ବାଇ:** ଟିଭି ଅଭିନେତା ଅର୍ଜୁନ ବିଜ୍ଲାନି ତାଙ୍କ ପ୍ରଫେସନାଲ ସହ ପର୍ସନାଲ ଲାଇଫ୍‌କୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ଏହି ଅଭିନେତା ଏକ ସାକ୍ଷାତ୍‌କାରରେ ନିଜ ପର୍ସନାଲ ଲାଇଫ୍ ବାବଦରେ କିଛି କହିଛନ୍ତି। ନୂଆବର୍ଷରୁ ଅର୍ଜୁନ ସ୍ମୋକିଂ କରିବା ଛାଡ଼ି ଦେଇଛନ୍ତି, ଯାହା ସେ ଦୀର୍ଘଦିନ ହେବ କରିବାକୁ ଚାହୁଁଥିଲେ। ହେଲେ ଛାଡ଼ିପାରୁ ନ ଥିଲେ। ତେବେ ସପ୍ତାହେ ହେଲାଣି ସେ ସ୍ମୋକିଂ କରିନାହାନ୍ତି। ଏହା କେବଳ ପୁଅ ଆୟାନ୍ ପାଇଁ ସମ୍ଭବ ହୋଇଛି ବୋଲି ସେ କହିଛନ୍ତି। କାରଣ ସେ ତାଙ୍କ ପୁଅ ସାମ୍ନାରେ ଏକ ଭଲ ଉଦାହରଣ ସୃଷ୍ଟି କରିବାକୁ ଚାହାନ୍ତି। ଏ ବର୍ଷ ସେ ସ୍ମୋକିଂ ଛାଡ଼ିଦେବେ ବୋଲି ନିଷ୍ପତ୍ତି ନେଇଥିଲେ। କିନ୍ତୁ ତାଙ୍କ ପାଇଁ ସହଜ ନ ଥିଲା। ସେ ସର୍ବଦା ଚେଷ୍ଟା କରୁଥିବା କହିଛନ୍ତି। ସେ ଏବେ ଭଲ ଅନୁଭବ କରୁଛନ୍ତି। ତେବେ ଅର୍ଜୁନ ଦୀର୍ଘ ୧୫ ବର୍ଷ ଧରି କରୁଥିବା ଧୂମପାନ ଏବେ ଛାଡ଼ିଛନ୍ତି। ଏଥିସହ ମଦ୍ୟପାନ ମଧ ଛାଡ଼ିଥିବା ସାକ୍ଷାତ୍‌କାରରେ କହିଛନ୍ତି। ସେ 'ନାଗିନ୍, ଇସ୍କ ମେ ମର୍‌ଜାୱା, ପରଦେଶ ମେଁ ହେ ମେରା ଦିନ୍, ରୁହାନିୟନିତ୍' ଆଦି ଅନେକ ଟିଭି ଶୋ'ରେ ଅଭିନୟ କରିଛନ୍ତି। ସୂଚନା ଯେ, ଅଭିନେତା ଅର୍ଜୁନ ଗତ ୨୦୦୪ରୁ ତାଙ୍କ ଟିଭି କ୍ୟାରିୟରର ଶୁଭାରମ୍ଭ କରିଥିଲେ।

## ୧୩,୫୭୫ କି.ମି. ଉଡ଼ି ବିଶ୍ୱ ରେକର୍ଡ

**କାନ୍‌ବେରା**

ଅବିରତ ୧୩,୫୭୫ କି.ମି. ଦୂର ପର୍ଯ୍ୟନ୍ତ ଉଡ଼ି ବାର୍-ଟେଲ୍ଡ ଗଡ୍‌ୱିଟ୍ ପକ୍ଷୀ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛି। ସାଟେଲାଇଟ୍ ଟ୍ୟାଗ୍ ଲାଗିଥିବା ଏହି ପକ୍ଷୀକୁ କାଲାସ୍କାରୁ ଅଷ୍ଟ୍ରେଲିଆରେ ପହଞ୍ଚିବାକୁ ୧୧ ଦିନ ଲାଗିଥିଲା। ଅକ୍ଟୋବର ୧୩ରେ ବାର୍-ଟେଲ୍ଡ ଗଡ୍‌ୱିଟ୍ କାଲାସ୍କାରୁ ନିଜ ଉଡ଼ାଣ ଆରମ୍ଭ କରିଥିବାବେଳେ ଅକ୍ଟୋବର ୨୪ରେ ଏହା ଅଷ୍ଟ୍ରେଲିଆର ତାସମାନିଆ ଦ୍ୱୀପରେ ପହଞ୍ଚିଥିଲା। ବାର୍-ଟେଲ୍ଡ ଗଡ୍‌ୱିଟ୍ ପ୍ରଜାତିର ପକ୍ଷୀ ୨୦୨୦ରେ ୱାର୍ଲ୍ଡ ରେକର୍ଡ କରିଥିଲା। ସେ ନ୍ୟୁୟର୍କରୁ ଲଣ୍ଡନ ଅବିରତ ୩୪୯ କି.ମି ଦୂର ପର୍ଯ୍ୟନ୍ତ ଉଡ଼ିଥିଲା। ବାର୍-ଟେଲ୍ଡ ଗଡ୍‌ୱିଟ୍ ପକ୍ଷୀ ଅନ୍ୟ ପ୍ରବାସୀ ପକ୍ଷୀଙ୍କ ଭଳି କୌଣସିଠାରେ ବିଶ୍ରାମ କରେ ନାହିଁ। ଏ ପ୍ରଜାତି ଚଢ଼େଇର ଲାଞ୍ଜ ଖୁବ୍ ଛୋଟ। ପାଣିରେ ସେମାନେ ଅତି ସହଜରେ ଅବତରଣ କରିପାରନ୍ତି।



## ବିଲେଇ ନାଁରେ ୮୦୦ କୋଟିର ସମ୍ପତ୍ତି

**ୱାଶିଂଟନ୍**

ଆମେରିକୀୟ ପପ୍‌ଷ୍ଟାର୍ ଟେଲର ସ୍ୱିଫ୍‌ଟଙ୍କ ପୋଷା ବିଲେଇ ଓଲିଭିଆ ବିଶ୍ୱର ତିନି ନମ୍ବର ଧନୀ ବିଲେଇ। ଅଲ୍ ଏବାଉଟ୍ କ୍ୟାଟ୍‌ସ ୱେବ୍ ସାଇଟ୍ ପକ୍ଷରୁ କରାଯାଇଥିବା ସର୍ଭେ ରିପୋର୍ଟ ଅନୁସାରେ ଓଲିଭିଆ ନାଁରେ ୯୭ ନିୟୁତ ଡଲାର (୮୦୦ କୋଟି) ସମ୍ପତ୍ତି ରହିଛି। ଇନ୍‌ଷ୍ଟାଗ୍ରମ୍‌ରୁ ତଥ୍ୟ ସଂଗ୍ରହ କରି ଏହି ୱେବ୍‌ସାଇଟ୍ ଧନୀ ପୋଷା ବିଲେଇ ଓ କୁକୁର ଏକ ତାଲିକା ପ୍ରସ୍ତୁତ କରିଛି। ଟେଲରଙ୍କ ବହୁ ମ୍ୟୁଜିକ୍ ଭିଡିଓରେ ଓଲିଭିଆ ନଜର ଆସିଥାଏ। ପ୍ରକାଶ ପାଇଥିବା ତାଲିକାର ଶୀର୍ଷରେ ଡଗ୍ ଗୁନ୍ଥର ଷଷ୍ଠ (୫୦୦ ନିୟୁତ ଡଲାର) ଥିବାବେଳେ ଦ୍ୱିତୀୟ ସ୍ଥାନରେ ନାଲା କ୍ୟାଟ୍ (୧୦୦ ନିୟୁତ ଡଲାର) ରହିଛି।

## ପଗଡ଼ି ହେଲ୍‌ମେଟ୍



**ଅଟାୱା:** ବାଇକ୍‌ରେ ଯାତ୍ରା ବେଳେ ହେଲମେଟ୍ ପିନ୍ଧିବା ଜରୁରୀ। କାରଣ ଏହା ଅନେକ ଦୁର୍ଘଟଣାରୁ ସୁରକ୍ଷିତ ରଖିଥାଏ। ଏଥିସହ ସାଇକେଲିଂ(ସ୍ପୋର୍ଟ୍ସ)ରେ ମଧ ହେଲମେଟ୍‌ର ଆବଶ୍ୟକ ପଡ଼ିଥାଏ। କିନ୍ତୁ ଶିଖ୍ ସମୁଦାୟଙ୍କ ଲାଗି ହେଲମେଟ୍ ପିନ୍ଧିବା ଅଡୁଆ। ସେଥିପାଇଁ ଜଣେ ମା' ସାଇକେଲିଂ ଶିଖୁଥିବା ତାଙ୍କ ୫ ବର୍ଷର ପୁଅ ଲାଗି ଏକ ହେଲମେଟ୍ ତିଆରି କରି ପ୍ରଶଂସା ସାଉଁଟିଛନ୍ତି। କାନାଡ଼ାରେ ରହୁଥିବା ଟିନା ସିଂ ନାମ୍ନୀ ମହିଳାଙ୍କ ପୁଅ ଜୋରାଙ୍କୁ ନିଜ ଚୁଟି ପାଇଁ ମାର୍କେଟ୍‌ରେ ମିଳୁଥିବା ହେଲମେଟ୍ ପିନ୍ଧିବାରେ ଅସୁବିଧା ଉପୁଜୁଥିଲା। ତେଣୁ ଟିନା ନିଜ ପୁଅ ପାଇଁ ହେଲମେଟ୍ ଡିଜାଇନ କରିବା ଆରମ୍ଭ କଲେ ଏବଂ ଏହା ତିଆରି କରିବାକୁ ୨ ବର୍ଷ ସମୟ ଲାଗିଥିଲା। ମାତ୍ର ସେ ଏଥିରେ ସଫଳ ହୋଇଥିଲେ। ଏପରି ଏକ ହେଲମେଟ୍‌ର ଲଞ୍ଚ୍ ପରେ ସେ ଏହାକୁ ଶିଖ୍ ହେଲମେଟ୍ ବୋଲି କହିଛନ୍ତି।

## ୧.୭୮ ଲକ୍ଷଙ୍କ ପାଖରେ ବିଲିଙ୍କ ଠିକଣା

**ୱାଶିଂଟନ୍**

ଆମେରିକୀୟ ସିଙ୍ଗର ବିଲି ଇଲିଶଙ୍କ ଘର ଠିକଣା ଭୁଲ୍‌ବଶତଃ ପହଞ୍ଚିଯାଇଛି ୧.୭୮ ଲକ୍ଷ ଲୋକଙ୍କ ପାଖରେ। ରିୟଲ୍ ଟାଇମ୍ ସେଫ୍ଟି ଆଲର୍ଟ ପାଇଁ ଆମେରିକାରେ ବ୍ୟବହାର କରାଯାଉଥିବା ଆପ୍ ସିଟିଜେନ୍ ଟୁ ଆରାଉଣ୍ଡ ଜରିଆରେ ଏହି ବ୍ୟତିକ୍ରମ ହୋଇ ଥିବା ଜଣାପଡ଼ିଛି। ବଡ଼ ବଡ଼ ସହର ନ୍ୟୁୟର୍କ, ଲସ୍ ଏଞ୍ଜେଲ୍‌ସ, ଫିଲାଡେଲଫିଆ ଆଦି ସ୍ଥାନଗୁଡ଼ିକରେ ଯାତ୍ରା କରୁଥିବା ସମୟରେ ଏହି ଆପ୍ ରିୟଲ୍ ଟାଇମ୍ ସେଫ୍‌ଟି ଆଲର୍ଡ ଦେଇଥାଏ। ପରବର୍ତ୍ତୀ ସମୟରେ ଏହି ଆପ୍ ତ୍ରୁଟି ଜାଣିପାରି ନିଜ ଭୁଲ୍‌କୁ ସଂଶୋଧନ କରିଥିଲା।



ବିଲି ଇଲିଶ

## ସଂକ୍ଷେପରେ

### ବାଇକ୍ ଚାଳକଙ୍କୁ ଘୋଷାରି ନେଲା କାର୍

■ ସ୍ୱାମୀ ମୃତ, ସ୍ତ୍ରୀ, ପୁଅ ଗୁରୁତର

କଳିଙ୍ଗନଗର,୮।୧(ଡି.ଏନ୍.ଏ.): ଯାଜପୁର ଜିଲା କଳିଙ୍ଗନଗର ଥାନା ଅନ୍ତର୍ଗତ ମିରିଗିଚରା ଛକରେ ରବିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଚାଳକଙ୍କୁ କାର୍ ଧକ୍କା ଦେବା ସହ ଘୋଷାରି ନେବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ତାଙ୍କ ସ୍ତ୍ରୀ ଓ ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଅଙ୍କୁରାପାଳର ଗୋଲେଖି ଲାମାଏ(୩୦)। ଗୁରୁତର ମା’ପୁଅଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇଥିବା କାର୍‌ଟିକୁ ଉତ୍ୟକ୍ତ ଲୋକେ ନିଆଁ ଲଗାଇ ଜାଳିଦେଇଛନ୍ତି। ସୂଚନା ମୁତାବକ, ଗୋଲେଖି ଏକ ବାଇକ୍‌ରେ ସ୍ତ୍ରୀ ଓ ପୁଅଙ୍କୁ ଧରି ଡୁବୁରୀ ପଟରୁ ଯାଉଥିଲେ। ଏହି ସମୟରେ ମିରିଗିଚରା ଛକ ନିକଟରେ ଏକ କାର୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଗୋଲେଖିଙ୍କ ସ୍ତ୍ରୀ ଓ ପୁଅ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଗୋଲେଖଙ୍କୁ କାର କିଛି ବାଟ ଘୋଷାରି ନେଇଥିଲା। ଫଳରେ ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଘଟଣାସ୍ଥଳରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଲୋକଙ୍କ ମାଡ଼ରେ କାର୍‌ରେ ବସିଥିବା ଜେନାପୁର ଅଞ୍ଚଳର ଦୁଇଜଣ ଆହତ ହୋଇଥିବା ଜଣାପଡିଛି। ପରେ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। କଳିଙ୍ଗନଗର ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା।

### ଶିଶୁକନ୍ୟାଙ୍କୁ ହତ୍ୟା ଅଭିଯୋଗ

ବାଲେଶ୍ୱର ଅଫିସ,୮।୧: ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ଭୂଇଁପଡ଼ା ଗ୍ରାମର ଅନାଦି ଦାଶଙ୍କ ଘରେ କାମ କରୁଥିବା ଜଣେ ମହିଳାଙ୍କ ୨ ବର୍ଷର ଶିଶୁକନ୍ୟାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅନାଦିଙ୍କ ପୁଅ ମନୋଜ ତାଙ୍କୁ ହତ୍ୟା କରିଥିବା ମହିଳା ଜଣକ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ରବିବାର ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ବିଦ୍ୟୁତ୍ ବିଚ୍ଛିନ୍ନ, ଅକ୍ସିଜେନ ନ ପାଇ ରୋଗୀ ମୃତ୍ୟୁ ଅଭିଯୋଗ

■ ଟର୍ଚ୍ଚ ଲାଇଟରେ ଚିକିତ୍ସା

ନବରଙ୍ଗପୁର,୮।୧(ବି.ପ୍ର.): ଉପାନ୍ତ ନବରଙ୍ଗପୁର ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ଏହାର ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ରାଇଘର ବ୍ଲକ ହେଡକ୍ୱାର୍ଟର ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଗୁରୁତର ରୋଗୀଙ୍କୁ ଶନିବାର ରାତିରେ ଟର୍ଚ୍ଚ ଲାଇଟ ଆଲୁଅରେ ଚିକିତ୍ସା କରିବା ସମୟରେ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକ ହେଲେ ନାକଟିସିମୋଡା ଡିଏନକେ ଗ୍ରାମର ମନୋଜ ଗାଇନଙ୍କ ପୁଅ ମିଳନ(୧୭)। ମିଳନ ପାଖାରବେଲା-୧ ସ୍ଥିତ ମାମୁ ଗୌତମ ସରକାରଙ୍କ ଘରକୁ ଯାଇଥିଲେ। ଏଠାରେ ମାମୁଙ୍କ ପୁଅ ରାଜେନ ସରକାର ଏବଂ ଅନ୍ୟ ଜଣେ ବନ୍ଧୁ ରଜତ ମଣ୍ଡଳଙ୍କ ସହ ମିଶି ନାମଯଜ୍ଞ ଦେଖିବାକୁ ବାଇକ୍‌ରେ ନିକଟସ୍ଥ ବୀରପୁର ଗ୍ରାମକୁ ବାଇକ୍‌ରେ ଯାଇଥିଲେ। ଫଟକିପାରା ଛକ ନିକଟରେ ଦୁର୍ଘଟଣା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ରାଇଘର ବ୍ଲକ ହେଡ୍‌କ୍ୱାର୍ଟର ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ମିଳନଙ୍କୁ ଡାକ୍ତରଖାନାରେ ଟର୍ଚ୍ଚ ଲାଇଟ ସାହାଯ୍ୟରେ ଚିକିତ୍ସା କରାଯାଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ମିଳନଙ୍କୁ ଅକ୍ସିଜେନର ଆବଶ୍ୟକତା ଥିବା ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ବ୍ଲକ ହେଡକ୍ୱାର୍ଟର ମେଡିକାଲରେ ସ୍ୱତନ୍ତ୍ର ଜେନେରେଟର ବ୍ୟବସ୍ଥା ନ ଥିବାରୁ ମିଳନକୁ ଅକ୍ସିଜେନ ଦିଆଯାଇ ପାରି ନ ଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

### ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଭିଜିଲାନ୍ସ ଦ୍ୱାରା ଅଟକ

ରାୟଗଡ଼ା,୮।୧(ସ୍ୱ.ପ୍ର.): ରାୟଗଡ଼ା ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ କିଶୋର ଚନ୍ଦ୍ର ନାୟକ ନିଜ ବୁଲେଟରେ ୬ ଲକ୍ଷ ଟଙ୍କା ନେଇ ଯାଉଥିବାବେଳେ ରବିବାର ରାତିରେ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି।

**ବୁଲେଟରେ ୬ ଲକ୍ଷ ନେଇ ଯାଉଥିଲେ**

ରାୟଗଡ଼ା ଭିଜିଲାନ୍ସ ଡିଏସ୍‌ପି ସୁରେନ୍ଦ୍ରନାଥ ରାୟଗୁରୁ ବିଶେଷ ସୂତ୍ରରୁ ସୂଚନା ପାଇ ଟିମ୍ ସହ ଛକି ରହିଥିବାବେଳେ ନାୟକଙ୍କୁ ଅରବିନ୍ଦ ନଗର ଠାରେ ଧରିଛି। ଏତେ ଟଙ୍କା କେଉଁଠାରୁ ଆଣିଲେ ଏବଂ କୁଆଡ଼େ ନେଇ ଯାଉଥିଲେ ତାହାର ହିସାବ ଦେଇପାରି ନ ଥିଲେ। ଫଳରେ ଭିଜିଲାନ୍ସ ଟିମ୍ ତାଙ୍କୁ ଜିଲା ଭିଜିଲାନ୍ସ କାର୍ଯ୍ୟାଳୟରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

# ଢେଙ୍କାନାଳ ସୀମାରେ ନରହନ୍ତା ହାତୀ

■ ବନ ବିଭାଗ ସତର୍କ
■ ପାଟ୍ରୋଲିଂ କଡ଼ାକଡ଼ି

ଢେଙ୍କାନାଳ ଅଫିସ/ଅନୁଗୋଳ ଅଫିସ, ୮।୧

ଅନୁଗୋଳ ଜିଲା ଛେଳିଆପଡ଼ା, ଅଙ୍ଗାରବନ୍ଧ, ବାରସିଙ୍ଗା, ବଣ୍ଟରପାଳର ଗଡ଼ସନ୍ତ୍ରୀ ଅଞ୍ଚଳରେ ଆତଙ୍କ ସୃଷ୍ଟି କରି ୪ ଜୀବନ ନେଇଥିବା ନରହନ୍ତା ହାତୀ ଢେଙ୍କାନାଳମୁହାଁ ହୋଇଛି। ଶନିବାର ସନ୍ଧ୍ୟାରେ ଉକ୍ତ ହାତୀ ହିନ୍ଦୋଳ ରେଞ୍ଜ୍ ସଞ୍ଜପଡ଼ା ଅଞ୍ଚଳରେ ପ୍ରବେଶ କରିଥିବାବେଳେ ରବିବାର ଏହାକୁ ତର୍କାବେଡା ଜଙ୍ଗଲରେ ଠାବ କରାଯାଇଛି। ଅନୁଗୋଳ ଘଟଣାର ପୁନରାବୃତ୍ତି ଯେପରି ଢେଙ୍କାନାଳରେ ନ ହୁଏ, ସେଥିଲାଗି ବନ ବିଭାଗ ସତର୍କ ହୋଇଉଠିଛି। ହାତୀ ବୁଲୁଥିବା ସ୍ଥାନରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି।

୪ ମଣିଷ ମାରିବା ପରେ ଉକ୍ତ ହାତୀ ଦୀର୍ଘପଥ ଅତିକ୍ରମ କରି ଢେଙ୍କାନାଳ ସୀମାରେ ନିଜର ଉପସ୍ଥିତି ଜାହିର କରିଛି। ଯୁଆଡ଼େ ମୁହାଁଉଛି, ସେଠାରେ ବ୍ୟାପକ ଫସଲ କ୍ଷୟକ୍ଷତି କରୁଛି। ଉକ୍ତ ମଣିଷମରା ହାତୀକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି।


ଢେଙ୍କାନାଳ ସୀମାନ୍ତ ଜଙ୍ଗଲରେ ହାତୀ।

କାରଖାନାରେ କାମ କରିବାକୁ ସାଇକେଲରେ ଯାଉଥିବା ଏବଂ ରାତ୍ରି ଡ୍ୟୁଟିରୁ ଫେରୁଥିବା ଶ୍ରମିକ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରାଯାଉଛି। ଅନ୍ୟପଟେ ହିନ୍ଦୋଳ ଅଞ୍ଚଳରେ ଥିବା କଳକାରଖାନାର ବିଦ୍ୟୁତ୍ ତାର ଉକ୍ତ ହାତୀ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଅପରପକ୍ଷେ ନରହନ୍ତା ହାତୀ ଥିବା ପଲର ଅନ୍ୟ ୨୪ ହାତୀ ଅନୁଗୋଳ ବନାଞ୍ଚଳର କୁଲାସିଂହା ଓ ଚନ୍ଦନପୁରରେ ଡେରା ପକାଇଛନ୍ତି। ତେବେ ହଠାତ୍ ଉକ୍ତ ହାତୀ କାହିଁକି ଏମିତି ହିଂସ୍ର ହୋଇଉଠିଲା, ତାହାର କାରଣ ଜାଣିବା ଲାଗି ବନ କର୍ମଚାରୀମାନେ ଉଦ୍ୟମ ଆରମ୍ଭ କରିଛନ୍ତି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଉକ୍ତ ହାତୀ କେତେବେଳେ ଢେଙ୍କାନାଳ ସୀମାରେ ପ୍ରବେଶ କରୁଛି ତ ପୁଣି କେତେବେଳେ ଅନୁଗୋଳ ସୀମାକୁ ପଳାଉଛି। ତର୍କାବେଡା ଗ୍ରାମ୍ୟ ଜଙ୍ଗଲରେ ଥିବା ହାତୀ ଅପେକ୍ଷାକୃତ ଶାନ୍ତ ପଡ଼ିଥିବା ଲକ୍ଷ୍ୟ କରାଯାଉଛି। ଶାନ୍ତ ଭାବେ ଛିଡ଼ା ହୋଇ ରହୁଛି। ୧୦ ମିଟର ଦୂରରୁ ବ୍ୟକ୍ତିଗତ ନିରୀକ୍ଷଣ କରିବା ପରେ ଏହା ଶାନ୍ତ ପଡ଼ିଥିବା ଭାବୁଛୁ। ତଥାପି ହାତୀ ଗତିବିଧି ଉପରେ କଡ଼ା ନଜର ରଖାଯାଇଛି। ଠିକ୍ ଫଟୋଚିତ୍ର ମିଳି ନ ଥିବାରୁ ଉକ୍ତ ହାତୀ ମାଖନା କି ମାଈ ତାହା ଅସ୍ପଷ୍ଟ ରହିଛି। ତେବେ ଏହା ମାଖନା ବୋଲି ଅନୁମାନ କରାଯାଉଛି। ହାତୀଟି ଯେଉଁଠି ରହିଛି, ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବଡ଼ବଡ଼ ଶିଳ୍ପାନୁଷ୍ଠାନ ଅଛି। ବହୁ କର୍ମଚାରୀ ସାଇକେଲରେ କାରଖାନାକୁ କାମ କରିବାକୁ ଯାଉଛନ୍ତି। ସେଠାରେ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

# ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଦନ୍ତା ମୃତ


ସମ୍ବଲପୁର ବନଖଣ୍ଡରେ ମୃତ ଦନ୍ତା ହାତୀ।

■ ବାର୍‌ହା ଶିକାର କରି ପୁଷ୍ପପୁନି ପାଳନ ଯୋଜନା
■ ଏସ୍‌ଟିଏଫ୍ ତଦନ୍ତ, ୩ ଅଟକ
■ ନେତାଙ୍କ ପୁତୁରାଙ୍କୁ ଉଠାଇ ନେଇ ଛାଡ଼ି ଦିଆଗଲା

ସମ୍ବଲପୁର,୮।୧(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ହାତିବାରି-ବନ୍ଦେର ସଂରକ୍ଷିତ ଜଙ୍ଗଲରୁ ରବିବାର ସକାଳେ ଏକ ଦନ୍ତା ହାତୀର ମୃତହେଦ ଠାବ ହୋଇଥିଲା। ବନ ବିଭାଗ ହାତୀର ମୃତଦେହ ଜବତ କରିଥିଲା। ଖବରପାଇ ଘଟଣାସ୍ଥଳରେ ଭୁବନେଶ୍ୱରରୁ ଏସ୍‌ଟିଏଫ୍ ସହ ସମ୍ବଲପୁର ଆରସିସିଏଫ ଅରୁଣ ମିଶ୍ର, ଡିଏଫଓ ବିଶ୍ୱନାଥ ନୀଳାମ୍ବରନ ପହଞ୍ଚିଥିଲେ। ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦନ୍ତାହାତୀର ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଛି। ହାତୀର ମୃତଦେହ ବ୍ୟବଚ୍ଛେଦ ପରେ ସନ୍ଧ୍ୟା ସମୟରେ ଏହାକୁ ଜଙ୍ଗଲରେ ପୋତି ଦିଆଯାଇଛି। ଏସ୍‌ଟିଏଫ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ। ଏହି ଘଟଣାରେ ସଂପୃକ୍ତି ଥିବା ଅଭିଯୋଗରେ ବନ ବିଭାଗ ୫ ଜଣଙ୍କୁ ଉଠାଇ ନେଇଥିଲା। ପଚରାଉଚରା କରିବା ପରେ ୩ ଜଣଙ୍କ ସଂପୃକ୍ତି ଥିବା ଜାଣି ଅଟକ ରଖିଛି। ଘଟଣାସ୍ଥଳରୁ ଶିକାର ପାଇଁ ବ୍ୟବହୃତ କେତେକ ସାମଗ୍ରୀ ଜବତ କରାଯାଇଛି । ଏହି ଘଟଣାରେ ଅଧିକ ଲୋକଙ୍କ ସଂପୃକ୍ତି ରହିଥିବା ନେଇ ବନ ବିଭାଗ ସନ୍ଦେହ କରି ତଦନ୍ତ କରୁଛି। ହେଲେ ଛାଡି ଦେଇଥିବା ଯୁବକମାନଙ୍କ ମଧ୍ୟରେ ଜଣେ ଯୁବ ରାଜନେତାଙ୍କ ପୁତୁରା ରହିଛନ୍ତି। ଉକ୍ତ ନେତାଙ୍କ ସହ ତାଙ୍କ ସମର୍ଥକମାନେ ସଦର ରେଞ୍ଜ ଅଫିସକୁ ଯାଇ ଅଟକ ରଖିଥିବା ପୁତୁରାଙ୍କୁ ଛାଡିବାକୁ କହିଥିଲେ। ପରେ ନେତାଙ୍କ ପୁତୁରା ଓ ଅନ୍ୟ ଜଣେ ଯୁବକଙ୍କୁ ବନ ବିଭାଗ ଛାଡି ଦେଇଥିଲା। ମିଳିଥିବା ସୂଚନା ମୁତାବକ, ମୃତ ଦନ୍ତା ହାତୀର ବୟସ ପ୍ରାୟ ୧୨ ବର୍ଷ ହେବ। ଦନ୍ତାର ମୃତ୍ୟୁ ହେବା ପରେ ଦାନ୍ତ ନେବାକୁ ଦୁର୍ବୃତ୍ତମାନେ ଚେଷ୍ଟା କରି ବିଫଳ ହୋଇଥିଲେ। ତେବେ ଦୁଇଦାନ୍ତ ସୁରକ୍ଷିତ ଭାବେ ରହିଛି। ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯିବାରୁ ହାତୀର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ଆଇଟିଆଇର ବୃହତ୍ତମ ସ୍କ୍ରାପ୍ ହକି ଷ୍ଟିକ୍


ଆଇଟିଆଇ ପକ୍ଷରୁ ନିର୍ମାଣ ହେଉଥିବା ସ୍କ୍ରାପ୍ ହକି ଷ୍ଟିକ୍।

**ବିଶ୍ୱକପ୍ ହକିକୁ ସ୍ୱାଗତ**

ବ୍ରହ୍ମପୁର ଅଫିସ,୮।୧

ଓଡ଼ିଶାରେ ଦ୍ୱିତୀୟଥର ପାଇଁ ବିଶ୍ୱକପ୍ ହକି ଅନୁଷ୍ଠିତ ହେବାକୁ ଯାଉଛି। ଚଳିତଥର ପୁରୁଷ ବିଶ୍ୱକପ୍ ହକିକୁ ନେଇ ସମଗ୍ର ରାଜ୍ୟରେ ପ୍ରଚାର ପ୍ରସାର ଆରମ୍ଭ କରାଯାଇଛି। ଏ ନେଇ ବ୍ରହ୍ମପୁରରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେଉଛି। ତେବେ ବ୍ରହ୍ମପୁର ଆଇଟିଆଇ ଏକ ନିଆରା ଢଙ୍ଗରେ ହକିକୁ ସ୍ୱାଗତ ଜଣାଇବା ଲାଗି ସ୍କ୍ରାପ୍ ମାଧ୍ୟମରେ ୪୩ ଫୁଟ ଉଚ୍ଚତାର ଏକ ବୃହତ୍ତମ ହକି ଷ୍ଟିକ୍ ନିର୍ମାଣ କରିଛି। ଫିଟର, ଇଲେକ୍ଟ୍ରିସିଆନ, ପେଣ୍ଟର, ୱେଲ୍‌ଡର ଛାତ୍ରୀଛାତ୍ରମାନେ ୧୦ରୁ ୧୨ ଦିନ ମଧ୍ୟରେ ଏହି ବୃହତ୍ତମ ସ୍କ୍ରାପ୍‌ନିର୍ମିତ ହକି ଷ୍ଟିକ୍ ନିର୍ମାଣ କରିଛନ୍ତି। ଏହି ଷ୍ଟିକ୍‌ର ଓଜନ ୨ ଟନ୍‌ରୁ ଊର୍ଦ୍ଧ୍ୱ ବୋଲି ଜଣାପଡ଼ିଛି। ବର୍ତ୍ତମାନ ଏହାର ରଙ୍ଗ କାର୍ଯ୍ୟ ଜାରି ରହିଛି, ଯାହା ଆସନ୍ତା ୨ ଦିନ ମଧ୍ୟରେ ସଂପୂର୍ଣ୍ଣ ହେବା ପରେ ଏହାକୁ ଆଇଟିଆଇ ମୁକ୍ତାକାଶ ସ୍କ୍ରାପ୍ ପାର୍କରେ ରଖାଯିବ ବୋଲି ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ କହିଛନ୍ତି। ଏହା ବିଶ୍ୱର ସବୁଠାରୁ ବୃହତ୍ତମ ହକି ଷ୍ଟିକ୍ ହୋଇଥିବାରୁ ଏହା ଗିନିଜ୍ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇବ ବୋଲି ଆଇଟିଆଇ ପକ୍ଷରୁ ଆଶା କରାଯାଇଛି। ଏଥିରେ ସ୍କ୍ରାପ୍ ବ୍ୟତୀତ ଲୁହା ଆଙ୍ଗେଲ, ଜିଆଇ ଶିଟ୍, ଗାଡ଼ିର ଚେନ୍, ବେରିଙ୍ଗ ସମେତ ଯାନବାହନର ଛୋଟ ଛୋଟ ଗିୟର ବକ୍ସ, କ୍ଲଚ୍ ପ୍ଲେଟ୍ ଓ ସ୍ପକେଟ୍ ଆଦି ବିଭିନ୍ନ ଗ୍ୟାରେଜରୁ ସଂଗ୍ରହ କରାଯାଇଥିଲା। ଏହାକୁ ଉପଯୋଗ କରାଯାଇ ଏହି ବୃହତ୍ତମ ହକି ଷ୍ଟିକ୍ ନିର୍ମାଣ କରାଯାଇଥିବା ଆଇଟିଆଇ ପକ୍ଷରୁ ସୂଚନା ମିଳିଛି।

# କଣ୍ଟେନର ପଛରେ ପିଟିଲା ବସ୍, ୫ ଗୁରୁତର

କେନ୍ଦୁଝର,୮।୧(ସ୍ୱ.ପ୍ର.)

ଜାତୀୟ ରାଜପଥ ୪୯ ଅନ୍ତର୍ଗତ ଜୁଡ଼ିଆ ଘାଟିରେ ଶନିବାର ମଧ୍ୟରାତ୍ରରେ ଦୁର୍ଘଟଣା ଘଟିଛି। ରାଜପଥରେ ପାର୍କିଂ ହୋଇଥିବା ଏକ କଣ୍ଟେନର ପଛକୁ ଯାତ୍ରୀବାହୀ ବସ୍ ଧକ୍କା ଦେଇଛି। ଏଥିରେ ଡ୍ରାଇଭର ସମେତ ୫ ବସ୍ ଯାତ୍ରୀ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ବେଆଇନ ପାର୍କିଂ ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଥିବା ବେଳେ ସଦର ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ କରୁଛି।

ସୂଚନା ମୁତାବକ, ରାଜପଥ ୪୯ର ଜୁଡିଆ ଘାଟି ରାସ୍ତାରେ ଶନିବାର ରାତିରେ ଏକ କଣ୍ଟେନର ଛିଡ଼ା ହୋଇଥିଲା। ସେ ସମୟରେ ଅନୁଗୋଳରୁ ଟାଟା ଯାଉଥିବା ସାଇବାବା ନାମକ ଯାତ୍ରୀବାହୀ ବସ ଡ୍ରାଇଭର ଜାଣି ନ ପାରି କଣ୍ଟେନର ପଛରେ ନେଇ ପିଟିଥିଲେ। ଫଳରେ ଡ୍ରାଇଭର ସମେତ ୫ ଜଣ ଗୁରୁତର ହୋଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ସମସ୍ତଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲା। ୨ ଜଣ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ୩ ଗୁରୁତର ବିଜୟ ପାତ୍ର(୪୩), ଗୋମା କଣ୍ଡାଲକେଲ(୨୩), ମନୁ ନାୟକ(୩୫) କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଡ୍ରାଇଭର ବିଜୟଙ୍କ କହିବା ଅନୁଯାୟୀ, ରାଜପଥର ଡାହାଣ ପାର୍ଶ୍ୱରେ ବ୍ରେକ୍ ଡାଉନ ହୋଇ ଉକ୍ତ କଣ୍ଟେନର ଛିଡ଼ା ହୋଇଥିଲା। ଛିଡ଼ା ହୋଇଥିବା ସ୍ଥାନରେ କୌଣସି ସତର୍କ ସୂଚନା ଦିଆଯାଇ ନ ଥିଲା। ଫଳରେ ସେ ଜାଣି ନ ପାରି କଣ୍ଟେନର ପଛରେ ଧକ୍କା ଦେଇଥିଲେ ବୋଲି କହିଛନ୍ତି।

# ଟ୍ରକ୍ ଧକ୍କାରେ ୨ ଭାଣିଜୀ ମୃତ, ମାମୁ ଗୁରୁତର

ଅନୁଗୋଳ ଅଫିସ/ବଣ୍ଟରପାଳ (ଡି.ଏନ୍.ଏ.), ୮।୧

ବାଇକ୍‌ରେ ଯାଉଥିବା ବେଳେ ଭାଣିଜୀଙ୍କୁ ବାନ୍ତି ଲାଗିଲା। ଏଥିଲାଗି ମାମୁ ରାସ୍ତାପାର୍ଶ୍ୱରେ ଗାଡ଼ି ଅଟକାଉଥିବାବେଳେ ମୃତ୍ୟୁ ଦୂତ ଭଳି ମାଡ଼ିଆସିଲା ଟ୍ରକ୍ ଏବଂ ଅକାଳରେ ଲିଭିଗଲା ଦୁଇ ଭାଣିଜୀଙ୍କ ଜୀବନ ଦୀପ। ଅନୁଗୋଳ ଜିଲା ବଣ୍ଟରପାଳ ଥାନା ଗୋତମରା ନିକଟ ୧୪୯ନଂ. ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଘଟିଛି ଏଭଳି ଏକ ଦୁଃଖଦ ଦୁର୍ଘଟଣା।



ଦୁର୍ଘଟଣା ଘଟାଇଥିବା ଟ୍ରକ୍।

ମୃତକ ହେଲେ କଟକ ଗୋବିନ୍ଦପୁର ରାଣୀପଡ଼ା ଅଞ୍ଚଳର ଲକ୍ଷ୍ମୀପ୍ରିୟା ଓଝା (୨୯), ଯାଜ୍ଞସେନୀ ମହାରଣା (୧୧)। ଉଭୟେ ସମ୍ପର୍କୀୟା ଭଉଣୀ ବୋଲି ଜଣାପଡ଼ିଛି। ଏଥିରେ ମାମୁ ଦୁର୍ଯ୍ୟୋଧନ ମହାରଣା ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ସମ୍ପୃକ୍ତ ୩ଜଣ ଏକ ବାଇକ୍ (ନଂ. ଓଡ଼ି ୦୫ ଡିଏଫ୍ ୨୬୦୬)ରେ ତାଳଚେର ଡେରା ଅଞ୍ଚଳକୁ ଯାଉଥିଲେ। ଯାଜ୍ଞସେନୀଙ୍କୁ ବାନ୍ତି ଲାଗିବାରୁ ସେ ଗାଡ଼ି ଅଟକାଇବାକୁ କହିଥିଲେ। ଦୁର୍ଯ୍ୟୋଧନ ରାସ୍ତା ପାର୍ଶ୍ୱକୁ ଗାଡ଼ି ନେଉଥିବାବେଳେ ତାଳଚେର ଆଡ଼କୁ ଯାଉଥିବା ଟ୍ରକ୍ (ନଂ. ଓଡ଼ି ୧୯ ଇ ୩୭୩୭) ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଲକ୍ଷ୍ମୀପ୍ରିୟା ଓ ଯାଜ୍ଞସେନୀଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଯ୍ୟୋଧନ ଚିକିତ୍ସାଧୀନ ଅଛନ୍ତି। ବଣ୍ଟରପାଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଏବଂ ବାଇକ୍ ଜବତ କରାଯାଇଛି। ଟ୍ରକ୍ ଚାଳକ ଫେରାର ହୋଇଯାଇଛନ୍ତି। ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# କ୍ଷୁଦ୍ରତମ ହକି ଷ୍ଟିକ୍ ନିର୍ମାଣ କରି ବିଶ୍ୱକପ୍‌କୁ ସ୍ୱାଗତ



ବ୍ରହ୍ମପୁର ଅଫିସ୍,୮।୧

ବ୍ରହ୍ମପୁରର ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା କ୍ଷୁଦ୍ର କଳାକୃତି ମାଧ୍ୟମରେ ବିଶ୍ୱକପ୍ ହକିକୁ ସ୍ୱାଗତ ଜଣାଇଛନ୍ତି। ସତ୍ୟ ଗମ୍ଭାରୀ କାଠରେ ୫ ମିଲିମିଟର ଲମ୍ବ ଓ ୧ ମିଲିମିଟର ଓସାର ବିଶିଷ୍ଟ କ୍ଷୁଦ୍ରତମ ହକି ଷ୍ଟିକ୍ ନିର୍ମାଣ କରିଛନ୍ତି, ଯାହା ଦେଖିବାକୁ ବହୁତ କ୍ଷୁଦ୍ର ଓ ଆକର୍ଷଣୀୟ ମଧ୍ୟ ହୋଇଛି। ସତ୍ୟ ଏହାକୁ ବିଶ୍ୱର ସବୁଠାରୁ କ୍ଷୁଦ୍ରତମ ହକି ଷ୍ଟିକ୍ ବୋଲି କହିଛନ୍ତି। ଆଗାମୀ ଦିନରେ ସେ ଏହାକୁ ଏସିଆ ବୁକ୍ ଅଫ୍ ରେକର୍ଡ୍ସ ସମେତ ଅନ୍ୟାନ୍ୟ ରେକର୍ଡ ନିମନ୍ତେ ଆବେଦନ କରିବେ। ଏହା ରେକର୍ଡ ହାସଲ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

# ସର୍ବଭାରତୀୟ ମଠଖାଇ ମହୋତ୍ସବ ଉଦ୍‌ଘାଟିତ



ବଲାଙ୍ଗୀର ଅଫିସ, ୮।୧

ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଛି। ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥିଭାବେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଯୋଗଦେଇଥିଲେ। ମୁଖ୍ୟ ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି, ଭୂମିକା ସଭାପତି ବ୍ୟସଦେବ ନନ୍ଦ ଏବଂ ସମ୍ପାଦକ ଅଖିଳ ଚନ୍ଦ୍ର ହୋତା ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ଏମ୍‌ପି ସିଂଦେଓ ତାଙ୍କ ବକ୍ତବ୍ୟରେ ଲୋକକଳା ଓ ନାଟକ ସମାଜର ଦର୍ପଣ ବୋଲି କହିଥିଲେ। ଏହି ମହୋତ୍ସବ ଦ୍ୱାରା ସାଂସ୍କୃତିକ ଜାଗରଣ ସୃଷ୍ଟି ହେଉଛି। ଆଜିକାର ଇ-ଟେକ୍ନୋଲଜି ଯୁଗରେ ଯଦିଓ ମଞ୍ଚନାଟକ କମିଛି, ତେବେ ମଠଖାଇ ମହୋତ୍ସବ ଭଳି ମଞ୍ଚରେ ଆଜି ଲୋକନାଟକ ଦେଖିବାର ସୁଯୋଗ ମିଳୁଛି ବୋଲି କହିଥିଲେ। ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ମଠଖାଇ ମହୋତ୍ସବ ଜରିଆରେ ବଲାଙ୍ଗୀରବାସୀ ଯେଉଁ ସାଂସ୍କୃତିକ ଏକତାର ବାର୍ତ୍ତା ଦେଉଛନ୍ତି ତାହା ସବୁଠୁ ବେଶୀ ମହତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅଧ୍ୟକ୍ଷ ମିଶ୍ର ତାଙ୍କ ବକ୍ତବ୍ୟରେ ମଠଖାଇ ମହୋତ୍ସବ ଜରିଆରେ ସାମାଜିକ ସଚେତନତା ସୃଷ୍ଟି ଏକମାତ୍ର ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଯୁବ ଲେଖକ ଡ. ଚନ୍ଦ୍ରଶେଖର ହୋତାଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଇଥିଲା। ଅତିଥିମାନେ ମଠଖାଇ ମହୋତ୍ସବର ମୁଖପତ୍ର ନାଟମଣ୍ଡପକୁ ଉନ୍ମୋଚନ କରିଥିଲେ।

# ପଥରପ୍ୟାକିଂ ବେଳେ ଧସିଲା ସାଳନ୍ଦୀ ନଦୀବନ୍ଧ

■ ନଦୀକୂଳିଆବାସୀ ଭୟଭୀତ
■ ନିୟମିତ କାମ ହେଉ ନ ଥିବା ଅଭିଯୋଗ
■ ତୁରନ୍ତ ପଥରପ୍ୟାକିଂ ସାରିବାକୁ ଦାବି

ଆରଡ଼ି,୮।୧(ଡି.ଏନ.ଏ.

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ି ପଞ୍ଚାୟତ ଶୀତଳପୁର ଗାଁ ନିକଟରେ ପୁଣି ସାଳନ୍ଦୀ ନଦୀବନ୍ଧ ଧସିଛି। ନଦୀକୂଳରେ ପଥରପ୍ୟାକିଂ କାର୍ଯ୍ୟ ଚାଲିଥିବା ବେଳେ ରବିବାର ପୂର୍ବାହ୍ନରେ ୪୦ଫୁଟ୍‌ର ବନ୍ଧ ନଦୀଗର୍ଭକୁ ଧସିଯାଇଛି। ନଦୀ ଜୁଆରିଆ ଥିବାରୁ ପୁଣି ବନ୍ଧ ଧସିବା ସହ ନଦୀ ଗାଁ ଆଡ଼କୁ ମାଡ଼ି ଆସିବାର ଆଶଙ୍କା ରହିଛି। ଫଳରେ ନଦୀକୂଳିଆବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗ୍ରାମବାସୀଙ୍କ ମଧ୍ୟରେ କୁମ୍ଭୀର ଭୟ ମଧ୍ୟ ସୃଷ୍ଟି ହୋଇଛି। ନିୟମିତ ନଦୀବନ୍ଧରେ ପଥରପ୍ୟାକିଂ କାମ ଚାଲୁ ରହିଲେ ଏଭଳି ସମସ୍ୟା ଉପୁଜନ୍ତା ନାହିଁ। ଠିକାଦାର ନଦୀବନ୍ଧରେ ପଥର ପକାଇ କିଛିଦିନ କାମ ବନ୍ଦ କରୁଥିବାରୁ ଏଭଳି ସମସ୍ୟା ଦେଖାଦେଉଥିବା ସେମାନେ କହିଛନ୍ତି।

ପ୍ରକାଶ ଯେ, ୮ ବର୍ଷରୁ ଊର୍ଦ୍ଧ୍ୱ ହେଲା ବିଭିନ୍ନ ସମୟରେ ଏଠାରେ ନଦୀବନ୍ଧ ଧସୁଥିଲେ ବି ଜଳସେଚନ ବିଭାଗ ପକ୍ଷରୁ କେବଳ ବାଲିବସ୍ତା ପକାଯାଇ କାମ ଚଳା ଯାଉଥିଲା। ପ୍ରାୟ ୧ ବର୍ଷ ତଳେ ପଥରପ୍ୟାକିଂ କାମ ଆରମ୍ଭ କରାଯାଇଥିଲା। ହେଲେ କିଛିମାସ ପରେ କାମ ବନ୍ଦ ରହିଥିଲା। ୪ ମାସ ହେଲା ପୁଣି ପଥରପ୍ୟାକିଂ କାର୍ଯ୍ୟ ଚାଲୁ ରହିଛି। ଅଧାପନ୍ତରିଆ କାର୍ଯ୍ୟ ଚାଲିଲେ ପୁନର୍ବାର ନଦୀବନ୍ଧ ଧସିପାରେ। ଏଣୁ ପଥରପ୍ୟାକିଂ ତୁରନ୍ତ ସାରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ରିପୋର୍ଟ ଲେଖାହେବା ସୁଦ୍ଧା କେହି ଅଧିକାରୀ ଏଠାକୁ ପରିଦର୍ଶନରେ ଆସିନାହାନ୍ତି। ନଦୀବନ୍ଧ ଧସିବା ସମ୍ପର୍କରେ ଧାମନଗର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ କିଶୋର ଦାସ କହିଛନ୍ତି, ନଦୀବନ୍ଧ ପଥରପ୍ୟାକିଂ କାର୍ଯ୍ୟ ଚାଲୁଥିବା ବେଳେ ଧସିଲେ ସେମିତି କିଛି ସମସ୍ୟା ନାହିଁ। ଯେଉଁ ସ୍ଥାନରେ ପଥର ଧସିଛି, ଉକ୍ତ ସ୍ଥାନରେ ୩୦ ମିଟର ତଳୁ ଅର୍ଥାତ୍ ନଦୀଶଯ୍ୟାରୁ ପଥର ପଡ଼ି କୂଳ ପର୍ଯ୍ୟନ୍ତ ଆସିବ। ତେବେ ପଥର ପ୍ୟାକିଂ କାର୍ଯ୍ୟ ଚାଲୁ ରହିଛି। ଏହାକୁ ସ୍ଥାୟୀ ଭାବେ ନିର୍ମାଣ କରି ସମସ୍ୟାର ସମାଧାନ କରାଯିବ। ଭଦ୍ରକ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ କହିଛନ୍ତି, ଶୀତଳପୁରରେ ନଦୀବନ୍ଧ ଧସିବା କଥା ସେ ଅବଗତ ନାହାନ୍ତି। ତେବେ ବିଭାଗୀୟ ଅଧିକାରୀଙ୍କୁ ସେଠାକୁ ପଠାଇ ନଦୀବନ୍ଧ ଧସିବା ସ୍ଥାନ ମରାମତି କରିବା ସହ ପଥରପ୍ୟାକିଂ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ।


ଆରଡ଼ି ପଞ୍ଚାୟତ ଶୀତଳପୁର ଗାଁ ନିକଟରେ ପଥରପ୍ୟାକିଂ ସହ ନଦୀବନ୍ଧ ଧସିପଡ଼ିଛି।





ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ପରିସରରକୁ ବିଭିନ୍ନ କଳାକୃତି, ଡିଜାଇନ୍ ସହ ରଙ୍ଗିନ ଆଲୋକରେ ସଜାଯାଉଛି। (ଫଟୋ: ବିକାଶ)

# ସଜେଇ ହେଉଛି କଳିଙ୍ଗ, ବାରବାଟୀ




କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ହକି ବିଶ୍ୱକପ୍ ମଡେଲ।




ହକି ବିଶ୍ୱକପ୍ ଅପେକ୍ଷାରେ କଳିଙ୍ଗ ଷ୍ଟାଡିୟମ।



ଲିଚୁ ଓ ବିଭିନ୍ନ ଲାଇଟ୍‌ରେ ଗଛଗୁଡ଼ିକୁ ସଜାଯାଇଥିବାବେଳେ ଲୋକେ ସେଲ୍‌ଫିର ମଜା ନେଉଛନ୍ତି।




କଳିଙ୍ଗ ଷ୍ଟାଡିୟମ୍ ପ୍ରବେଶ ପଥରେ ତିଆରି ହୋଇଥିବା ଏକାଧିକ ତୋରଣ।








ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ପାଇଁ ପ୍ରସ୍ତୁତ କଟକର ବାରବାଟୀ ଷ୍ଟାଡିୟମ ଓ ଏହା ପରିସରରେ ସ୍ଥାପନ କରାଯାଇଥିବା କଳାକୃତି।



ବାରବାଟୀ ଷ୍ଟାଡିୟମ  ନିକଟରେ ହକି ଖେଳାଳିଙ୍କ ପ୍ରତିକୃତି।



ବାରବାଟୀ ଷ୍ଟାଡିୟମ ଅଞ୍ଚଳକୁ ଆଲୋକରେ ସଜା ଯାଇଛି। (ଫଟୋ: ରାଜକିଶୋର)

**ଶୀତରେ ଥରୁଛି ଉତ୍ତର ଭାରତ**

ଦିଲ୍ଲୀ ସମେତ ଉତ୍ତର ଭାରତ ଶୀତରେ ଥରୁଛି। ଦିଲ୍ଲୀରେ ରବିବାର ସର୍ବନିମ୍ନ ତାପମାତ୍ରା ୧.୯ ଡିଗ୍ରୀ ସେଲ୍‌ସିୟସ୍‌କୁ ଖସିଛି। ଘନ କୁହୁଡ଼ି ଆସ୍ତରଣ ଯୋଗୁ ଦୃଶ୍ୟମାନତା କମିଯାଇଛି। ଏଥିଲାଗି ୪୮୦ରୁ ଅଧିକ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ସେହିପରି ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ମଧ ପ୍ରବଳ ଶୀତ ଅନୁଭୂତ ହୋଇଛି। ହରିୟାଣାର ହିସାରରେ ତାପମାତ୍ରା ୧.୪ ଡିଗ୍ରୀ ସେଲ୍‌ସିୟସ୍‌କୁ ଖସିଥିବାବେଳେ ରାଜସ୍ଥାନର ଚୁରୁରେ ଏହା ବିୟୁକ୍ତ ୦.୫ ଡିଗ୍ରୀରେ ସୀମିତ ରହିଛି।



## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ୧୯ ମୃତ

ବେଜିଂ, ୮।୧: ଚାଇନାର ଜିଆଶି ପ୍ରଦେଶରେ ରବିବାର ଏକ ଟ୍ରକ୍ ଧକ୍କାରେ ୧୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଗଣମାଧମ ରିପୋର୍ଟ ଅନୁସାରେ ଅନ୍ତିମ ସଂସ୍କାର ପ୍ରଶେସନରେ ଯାଉଥିବା ଲୋକଙ୍କ ଉପରେ ଟ୍ରକ୍‌ଟି ନିୟନ୍ତ୍ରଣ ହରାଇ ମାଡ଼ି ଯାଇଥିଲା। ଦେଶରେ ଜିରୋ କୋଭିଡ୍ ନୀତି ଉଠିବା ପରେ ଶୋଭାଯାତ୍ରା ଓ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଲୋକ ସାମିଲ ହେବାରେ ଲାଗିଛନ୍ତି।

### କେଶରୀ ନାଥ ତ୍ରିପାଠୀଙ୍କ ପରଲୋକ

**କୋଲକାତା, ୮।୧:** ବିହାର ଓ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ କେଶରୀ



ନାଥ ତ୍ରିପାଠୀଙ୍କ ରବିବାର ପରଲୋକ ଘଟିଛି। ଉତ୍ତର ପ୍ରଦେଶ ପ୍ରୟାଗରାଜରେ ଥିବା ତାଙ୍କ ଘରେ କେଶରୀ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟ କାରଣରୁ ସେ ବହୁବିଧ ରୋଗରେ ଆକ୍ରାନ୍ତ ଥିଲେ। ଉତ୍ତର ପ୍ରଦେଶ ବିଧାନସଭାରେ ସେ ୩ ଥର ବାଚସ୍ପତି ଦାୟିତ୍ୱରେ ରହିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷରେ ବୟସ ହୋଇଥିଲା। କେଶରୀଙ୍କ ମୃତ୍ୟୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରିଛନ୍ତି।

### କେରଳର ସ୍କୁଲ ଡ୍ରପ୍‌ଆଉଟ୍ ଆମେରିକାରେ ଜଜ୍

**ୱାଶିଂଟନ୍, ୮।୧:** ଭାରତୀୟ ବଂଶୋଦ୍ଭବ ସୁରେନ୍ଦ୍ରନ୍ କେ. ପଟେଲ ନିକଟରେ



ଆମେରିକା ଟେକ୍ସାସର ଡିଷ୍ଟ୍ରିକ୍ଟ ଜଜ୍ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୫୧ ବର୍ଷୀୟ ସୁରେନ୍ଦ୍ରନ୍‌ଙ୍କ ଘର କେରଳର କାସାରଗୋଡ଼ରେ। କେରଳର ସ୍କୁଲରୁ ଡ୍ରପ୍‌ଆଉଟ୍ ହେବାପରେ ସୁରେନ୍ଦ୍ରନ୍ ପରିବାର ଚଳାଇବା ପାଇଁ କିଛିଦିନ ଦିନ ମଜୁରିଆ ଭାବେ କାର୍ଯ୍ୟ କରିଥିଲେ। ସାଙ୍ଗସାଥୀଙ୍କଠାରୁ ଆର୍ଥିକ ସହାୟତା ନେଇ ସେ ଶେଷରେ ନିଜର ଏଲଏଲବି ପାଠ୍ୟକ୍ରମ ଶେଷ କରିଥିଲେ। ଭାରତରେ ରହି ଲ' ପ୍ରାକ୍ଟିସ୍ କରିବା ପରେ ସେ ଆମେରିକା ଚାଲିଯାଇଥିଲେ। ଏହାପରେ ପରିବାର ସହ ସୁରେନ୍ଦ୍ରନ୍ ଆମେରିକାରେ ରହିଥିଲେ। ଆମେରିକାରେ ରହି ତାଙ୍କୁ ଅଧିକ ସଫଳତା ମିଳିଥିବା ସେ କହିଛନ୍ତି।

### ୨ ଅନୁପ୍ରବେଶକାରୀ ନିହତ

**ଜମ୍ମୁ, ୮।୧:** ଜମ୍ମୁ-କଶ୍ମୀର ପୁଞ୍ଚ୍ ଜିଲା ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ୨ ଅନୁପ୍ରବେଶକାରୀ ସେନା ଗୁଳିରେ ନିହତ ହୋଇଛନ୍ତି। ସେମାନଙ୍କ ପାଖରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ପୋଲିସର ହସ୍ତଗତ ହୋଇଛି। ଗୋଇନ୍ଦା ସୂଚନାକ୍ରମେ ସେନା ପକ୍ଷରୁ ଏହି ଅପରେଶନ୍ ଆରମ୍ଭ କରାଯାଇଥିବା କୁହାଯାଇଛି। ଘଟଣାସ୍ଥଳରେ ସେନାର ସର୍ଚ୍ଚ ଅପରେଶନ୍ ଜାରି ଥିବାବେଳେ ମୃତ ଆତଙ୍କବାଦୀଙ୍କ ପରିଚୟ ମିଳିପାରି ନାହିଁ।



ନୂଆଦିଲ୍ଲୀ: ରବିବାର ସକାଳେ ରାଜଧାନୀକୁ କୁହୁଡ଼ି ଆଚ୍ଛାଦିତ କରିଥିବାବେଳେ ବିଦ୍ୟୁତ୍ ତାର ଉପରେ ବସିଛନ୍ତି ପାରା।

# ଦରମା ବୃଦ୍ଧି ଦାବିରେ ନର୍ସଙ୍କ ଆନ୍ଦୋଳନ

## ଆଲୋଚନା ପାଇଁ ପ୍ରସ୍ତୁତ: ଋଷି ସୁନକ

**ଲଣ୍ଡନ୍, ୮।୧**

ଗତ ଡିସେମ୍ବର ୧୫ରେ ବ୍ରିଟେନ୍‌ର ଜାତୀୟ ସ୍ୱାସ୍ଥ୍ୟ ସେବା (ଏନ୍‌ଏଚ୍‌ଏସ୍) କର୍ମଚାରୀମାନେ ୧୦୬ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ରାସ୍ତାକୁ ଓହ୍ଲାଇଥିଲେ। ଏହାର ୫ ଦିନ ପରେ ଦରମା ବୃଦ୍ଧି ଦାବିରେ ନର୍ସ ସମେତ ଅନ୍ୟ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଦ୍ୱିତୀୟ କାର୍ଯ୍ୟ ବନ୍ଦ ଆନ୍ଦୋଳନ ହୋଇଥିଲା। କିନ୍ତୁ ସରକାର ସେମାନଙ୍କ ଦାବିକୁ ଅଣଦେଖା କରିଥିଲେ। ୭୬ ହସ୍ପିଟାଲର ଲକ୍ଷାଧିକ ନର୍ସ କାର୍ଯ୍ୟରେ ଯୋଗ ନ ଦେବାରୁ ସ୍ୱାସ୍ଥ୍ୟ ସେବା ବ୍ୟାହତ ହୋଇଥିଲା। ଏହି ଆନ୍ଦୋଳନ ଜାରି ରହିଥିବାବେଳେ ଚାପରେ ଥିବା ପ୍ରଧାନମନ୍ତ୍ରୀ ଋଷି ସୁନକ ରବିବାର ନର୍ସମାନଙ୍କ ଟ୍ରେଡ୍ ୟୁନିୟନ୍ ନେତାଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ ଥିବା କହିଛନ୍ତି। ଦରମା ବୃଦ୍ଧି ସଂକ୍ରାନ୍ତରେ ଆମେ ଏକ ଯଥାର୍ଥ, ସଚୋଟ ତଥା ଦ୍ୱିପାକ୍ଷିକ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ସୁନକ ସୂଚନା ଦେଇଛନ୍ତି।




# କାହିଁକି ଧସୁଛି ଜୋଷୀମଠ



**ନୂଆଦିଲ୍ଲୀ,୮।୧**

ଭୂସ୍ଖଳନ ପ୍ରବଣ ଜୋନ୍ ଜୋଷୀମଠରେ ଅବାଧ ନିର୍ମାଣ ସମ୍ପୃକ୍ତ ଅଞ୍ଚଳକୁ ବିପଦ ମୁହଁକୁ ଠେଲିଦେଇଛି। ଏହାର ପ୍ରତିବାଦରେ ହିଲ୍ ଟାଉନ୍ ବାସିନ୍ଦା ଗୁରୁବାର ବନ୍ଦ ପାଳନ କରିଥିଲେ। ସେମାନେ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ଦୋକାନବଜାର ବନ୍ଦ ସହ ଚକା ଜାମ୍ କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି ନିର୍ଦ୍ଦିଷ୍ଟ ଭାବେ କେବଳ ଜୋଷୀମଠରେ ୫୦୦ରୁ ଊର୍ଦ୍ଧ୍ୱ ଘର କାନ୍ଥ ଓ ଅନେକ ରାସ୍ତା ଫାଟି କାହିଁକି ଆଁ କରିଛି ?

ଏହି ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ୫୦ ବର୍ଷ ତଳକୁ ଫେରିବାକୁ ପଡ଼ିବ। ଏହି ଆଧ୍ୟାତ୍ମିକ ସହରର ଭୌଗୋଳିକ ଅବସ୍ଥିତି ଏହାକୁ ବିପଦପୂର୍ଣ୍ଣ କରିଦେଇଛି। ଜୋଷୀମଠ ଏକ ପ୍ରାଚୀନ ଭୂସ୍ଖଳନ ଅଞ୍ଚଳ ଉପରେ ଗଢ଼ିଉଠିଛି। ଏହାସତ୍ତ୍ୱେ ଏଠାରେ ଏକାଧିକ ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ଋଷିକେଶ-ବଦ୍ରୀନାଥ ଜାତୀୟ ରାଜପଥ(ଏନ୍‌ଏଚ୍-୭) ନିର୍ମାଣ କରାଯାଇଛି। ବିଷ୍ଣୁପ୍ରୟାଗରୁ ପ୍ରବାହିତ ଅନେକ ଝରଣା ଉପରେ ନଦୀବନ୍ଧ ଯୋଜନା କରାଯାଇଛି। ଏଥିଯୋଗୁ ଜୋଷୀମଠର ମୃତ୍ତିକା କ୍ଷୟ ହେବାରେ ଲାଗିଛି। ଅବାଧ ନିର୍ମାଣ ଏହି ଅଞ୍ଚଳରେ ଧନଜୀବନ ପାଇଁ ବିପଜ୍ଜନକ ହେବ ବୋଲି ପ୍ରାୟ ୫ ଦଶନ୍ଧି ପୂର୍ବେ ବିଶେଷଜ୍ଞମାନେ ସତର୍କ କରାଇଥିଲେ।

➩୧୯୭୬ରେ ଜୋଷୀମଠକୁ ନେଇ ପ୍ରଥମ ସତର୍କତାମୂଳକ ରିପୋର୍ଟ ପ୍ରକାଶ ପାଇଥିଲା। ସରକାରଙ୍କ ଦ୍ୱାରା ଗଠିତ ଏମ୍.ସି. ମିଶ୍ରା କମିଶନ ନିଜ ରିପୋର୍ଟରେ ଦର୍ଶାଇଥିଲେ ଯେ ଜୋଷୀମଠ ଏକ ପ୍ରାଚୀନ ଭୂସ୍ଖଳନ ଅଞ୍ଚଳରେ ରହିଛି। ଏଠାରେ ନିର୍ମାଣ କାର୍ଯ୍ୟ କରାଗଲେ ସ୍ଥାନୀୟ ଅଧିବାସୀ ଓ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ। କାରଣ ଏହା ହାଇ-ରିସ୍କ ସେସ୍‌ମିକ୍ 'ଜୋନ୍-ଭି' ଅଧୀନରେ ଆସୁଛି। ଅର୍ଥାତ୍ ଏହି ଅଞ୍ଚଳ ଅତ୍ୟଧିକ ଭୂକମ୍ପ ଓ ଭୂସ୍ଖଳନ ପ୍ରବଣ ବୋଲି ମିଶ୍ରା କମିଶନ ରିପୋର୍ଟରେ ଉଲ୍ଲେଖ କରିଥିଲେ।

➩ଝରଣାଗୁଡ଼ିକ ମୃତ୍ତିକା କ୍ଷୟର କାରଣ। ଜୋଷୀମଠ ସହରରେ ନାଳଗୁଡ଼ିକ ଅବରୋଧ ହୋଇଯାଇଥିବାରୁ ଭୂସ୍ଖଳନ ହୋଇପାରେ ବୋଲି ୨୦୦୬ରେ ୱାଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହିମାଲୟାନ୍ ଜିଓଲୋଜି ବୈଜ୍ଞାନିକ ଡ. ସ୍ୱପ୍ନମିତ୍ର ବୈଦେଶ୍ୱରନ୍ ପ୍ରଘଟ କରିଥିଲେ। ୨୦୧୩ରେ ଏହାର ପ୍ରଥମ ପ୍ରଭାବ ଦେଖିବାକୁ ମିଳିଥିଲା।

➩ଜୋଷୀମଠ ଉପତ୍ୟକା ହିମାଳୟ ପାଦଦେଶରେ ଥିବାରୁ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଅନେକ ସମୟରେ ହିମବାହ ତରଳି ଓ ଖସି ପ୍ରଳୟଙ୍କରୀ ବନ୍ୟାର ରୂପ ନେଇଥାଏ। ୨୦୨୧ ଫେବୃୟାରୀ ୭ରେ ନନ୍ଦାଦେବୀ ହିମବାହ ତରଳିଯିବାରୁ ଏହି ଅଞ୍ଚଳରେ ବଡ଼ ବନ୍ୟା ଦେଖିବାକୁ ମିଳିଥିଲା। ୧୯୭୮ରେ ଭାଗୀରଥି ନଦୀରେ ବନ୍ୟା ଜୋଷୀମଠ ପାଇଁ ବିପଦ ସାଜିଥିଲା। ଏଠାରେ ଜମୁଥିବା ପଟୁମାଟି ମଧ୍ୟ ଅତ୍ୟନ୍ତ ଭଙ୍ଗୁର ହୋଇଥିବାରୁ ଘର ଓ ରାସ୍ତାଗୁଡ଼ିକ ପ୍ରତି ବିପଦ ବଢ଼ିବାରେ ଲାଗିଛି।

➩ବର୍ତ୍ତମାନ ମଧ୍ୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ୍ (ଏନ୍‌ଟିପିସି) ପକ୍ଷରୁ ଜୋଷୀମଠରେ ଏକାଧିକ ପାୱାର ପ୍ରୋଜେକ୍ଟ ପାଇଁ ଟନେଲ୍ ନିର୍ମାଣ ଜାରି ରହିଛି। ବିଶେଷଜ୍ଞଙ୍କ ମତରେ ତୁରନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରି ସମ୍ପୃକ୍ତ ଅଞ୍ଚଳରେ ସାମାଜିକ ବନୀକରଣ କରାଯିବା ଜରୁରୀ। କିନ୍ତୁ ସରକାର ଏ ଦିଗରେ ଯତ୍ନବାନ ନ ହୋଇ କେବଳ ଅନୁଧ୍ୟାନ ପାଇଁ କମିଟି ଗଠନ କରୁଛନ୍ତି। ଏହା ଦୁର୍ଭାଗ୍ୟଜନକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ୭୫ ବର୍ଷ ପରେ ଗାଁକୁ ଆସିଲା ବିଜୁଳି

**ଅନନ୍ତନାଗ, ୮।୧**

ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲା ତେଥାନ୍ ଦାରୁ ବ୍ଲକ୍‌କୁ ୭୫ ବର୍ଷ ପରେ ବିଜୁଳି ସଂଯୋଗ ହୋଇଛି। ପିଏମ୍ ଡେଭେଲପ୍‌ମେଣ୍ଟ ପ୍ୟାକେଜ୍ ସ୍କିମ୍ ପାଣ୍ଠିରେ ଏହି ସୁବିଧା କରାଯାଇଛି। ଏହି ଆଦିବାସୀ ଇଲାକାର ଜନସଂଖ୍ୟା ୨୦୦।

### ଲାପ୍ରୋସ୍କୋପିକ୍ ସର୍ଜରି ଜନକ ଡା. ଟେହେମ୍‌ଟନଙ୍କ ବିୟୋଗ

**ମୁମ୍ବାଇ, ୮।୧:** ଲାପ୍ରୋସ୍କୋପିକ୍ ସର୍ଜରିର ଜନକ ଭାବେ ଜଣାଯାଉଥିବା



ଡା. ଟେହେମଟୋନ ଇ. ଉଦଗାଡିୟାଙ୍କ ଶନିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଅସୁସ୍ଥତା କାରଣରୁ ଟେହେମ୍‌ଟନ ମୁମ୍ବାଇସ୍ଥିତ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ୨୦୧୭ରେ ଟେହେମ୍‌ଟନଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ଟେହେମ୍‌ଟନଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରିଛନ୍ତି। ଲାପ୍ରୋସ୍କୋପି ପାଇଁ ସେ ଚାରିଆଡେ ପରିଚିତି ହାସଲ କରିଥିଲେ। ତେବେ ରବିବାର ଡୁଙ୍ଗରୱାଡ଼ିରେ ଟେହେମ୍‌ଟନଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ନେତନ୍ୟାହୁଙ୍କ ବିରୋଧରେ ବିଶାଳ ବିକ୍ଷୋଭ

**ତେଲ୍‌ଭି, ୮।୧**

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ନୂଆ ସରକାର ବିରୋଧରେ ଆନ୍ଦୋଳନ ମୁଣ୍ଡ ଟେକିଛି। ନଭେମ୍ବର ୧ ନିର୍ବାଚନରେ ନେତନ୍ୟାହୁ କ୍ଷମତାକୁ ଫେରିଥିବାବେଳେ ଅତିରକ୍ଷଣଶୀଳ ଇହୁଦି ଦଳଗୁଡ଼ିକର ସମର୍ଥନ କ୍ରମେ ଗତମାସରେ ମେଣ୍ଟ ସରକାର ଗଢ଼ିଛନ୍ତି। ସେହି ଦଳଗୁଡ଼ିକର କେତେଜଣ ନେତା ତାଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ସରକାରଙ୍କ ଦକ୍ଷିଣପନ୍ଥୀ ରକ୍ଷଣଶୀଳ ଆଭିମୁଖ୍ୟକୁ ବିରୋଧ କରି ତେଲ୍ ଆଭିଭ୍‌ରେ ଅନେକ ହଜାର ଇସ୍ରାଏଲ ନାଗରିକ ନେତନ୍ୟାହୁଙ୍କ ବିରୋଧରେ ସ୍ଲୋଗାନ୍ ଦେଇଛନ୍ତି। ଫାସିବାଦୀ ସରକାର ଗଣତନ୍ତ୍ରକୁ ବିପଦରେ ପକାଇ ଦେଇଛନ୍ତି। ଆପରାଧିକ ପୃଷ୍ଠଭୂମିର



ମନ୍ତ୍ରୀମାନଙ୍କୁ ତୁରନ୍ତ ବରଖାସ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ପ୍ରକାଶ ଯେ, ୭୩ ବର୍ଷୀୟ ନେତନ୍ୟାହୁ ୧୯୯୬-୯୯ ଓ ୨୦୦୯-୨୧ ପର୍ଯ୍ୟନ୍ତ ୨ଥର ପ୍ରଧାନମନ୍ତ୍ରୀ ହେବାସହ ଇସ୍ରାଏଲ୍‌କୁ ସର୍ବାଧିକ ସମୟ ଧରି ଶାସନ କରିଥିଲେ। ତାଙ୍କ ବିରୋଧରେ ଅନେକ ଦୁର୍ନୀତି ମାମଲା କୋର୍ଟରେ ବିଚାରାଧୀନ ରହିଛି।

# ପୋଲିସ-ଆନ୍ଦୋଳନକାରୀ ମୁହାଁମୁହିଁ

## ଚାଇନାରେ ଦରମା କାଟ୍: ରାସ୍ତାରେ କର୍ମଚାରୀ

**ସାଂଘାଇ, ୮।୧**

ଚାଇନାରେ ଆଉଥରେ ସାଧାରଣ ନାଗରିକ ଓ ପୋଲିସଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି। ସେଣ୍ଟ୍ରାଲ ଚାଇନାରେ ଥିବା କୋଭିଡ୍-୧୯ ଆଣ୍ଟିଜେନ୍ କିଟ୍ ନିର୍ମାଣକାରୀ କମ୍ପାନୀ ଜାଇବିଓ ବିନା ନୋଟିସ୍‌ରେ ଅନେକ ଲୋକଙ୍କୁ ଚାକିରିରୁ ବାହାର କରିଥିବାବେଳେ ଏହାକୁ ବିରୋଧ କରି ଶନିବାର କର୍ମଚାରୀମାନେ କମ୍ପାନୀ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ଆନ୍ଦୋଳନ ସ୍ଥଳରେ ପୋଲିସ ପହଞ୍ଚିଥିବାବେଳେ ଉତ୍ତେଜିତ ଲୋକେ ପୋଲିସ ଉପରକୁ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ରାସ୍ତାରେ ଥିବା ଟ୍ରାଫିକ୍ କୋନ୍, ବାକ୍ସ ଆଦି ସେମାନେ ପୋଲିସ ଉପରକୁ ଫୋପାଡ଼ିବା ଆରମ୍ଭ କରିଥିଲେ। ଘଟଣା ନେଇ ଅନେକ ଭିଡିଓ ଏବେ ସୋସିଆଲ



ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ବିକ୍ଷୋଭର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ କେତେଜଣଙ୍କ ମତରେ କମ୍ପାନୀ ମନଇଚ୍ଛା କର୍ମଚାରୀଙ୍କ ଦରମା କାଟି ଦେଇଥିବାରୁ ଅସନ୍ତୁଷ୍ଟ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ରିପୋର୍ଟ ମୁତାବକ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଲୋକେ 'ଆମ ଟଙ୍କା ଫେରାଅ' କହି ନାରାବାଜି କରୁଥିଲେ। କଡ଼ା ସଂଘର୍ଷ ପରେ ପୋଲିସ ଆନ୍ଦୋଳନକାରୀଙ୍କୁ ଶାନ୍ତ କରିଥିଲା।

# ମହିଳା ଅଶିକ୍ଷିତ, ପୁରୁଷ ଦାୟିତ୍ୱହୀନ: ନୀତୀଶ

**ପାଟନା, ୮।୧**

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପୁଣିଥରେ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ନୀତୀଶଙ୍କ ମତରେ ରାଜ୍ୟରେ ବଢୁଥିବା ଜନସଂଖ୍ୟା ବୃଦ୍ଧିର ମୁଖ୍ୟ କାରଣ ଅଶିକ୍ଷିତ ମହିଳା ଏବଂ ଦାୟିତ୍ୱହୀନ ପୁରୁଷ। ବିହାରର ବୈଶାଳୀରେ ସମାଧାନ ଯାତ୍ରାକୁ ନେଇ ଆୟୋଜିତ ବୈଠକରେ ଯୋଗ ଦେବା ଅବସରରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ନୀତୀଶ କହିଛନ୍ତି ଯେ, ଯଦି ମହିଳାମାନେ ଶିକ୍ଷିତ ହୋଇଥାନ୍ତେ, ତେବେ ରାଜ୍ୟରେ ଜନ୍ମ ହାର କମିଥାନ୍ତା। ମହିଳାମାନଙ୍କ ମଧ୍ୟରେ ଶିକ୍ଷାର ଅଭାବ ଏବଂ ପୁରୁଷମାନଙ୍କ ଦାୟିତ୍ୱହୀନ ଗୁଣ ପାଇଁ ରାଜ୍ୟରେ ଜନସଂଖ୍ୟା ବଢ଼ିବାରେ ଲାଗିଛି। ପରିବାର ନିୟୋଜନ ବିଷୟରେ



ସେମାନଙ୍କର ଜ୍ଞାନ ନାହିଁ। ଏ ନେଇ ନୀତୀଶ ଖରାପ ଭାଷା ପ୍ରୟୋଗ କରିବା ନେଇ ବିରୋଧୀ ଭାଜପା ପକ୍ଷରୁ କୁହାଯାଇଛି। ପୂର୍ବରୁ ବିହାର ମଦ ମୃତ୍ୟୁ ସମୟରେ ନୀତୀଶ କହିଥିଲେ ଯେ, ଯିଏ ମଦ ପିଇବ ସେ ମରିବ, ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଥିଲା।

# ବିମାନରେ ବନ୍ଦହେଉ ମଦ୍ୟପାନ: ୪୮%ଙ୍କ ମତ

**ନୂଆଦିଲ୍ଲୀ, ୮।୧**

ଏୟାର ଇଣ୍ଡିଆ ବିମାନରେ ନିଶାସକ୍ତ ଅବସ୍ଥାରେ ନିୟନ୍ତ୍ରଣ ହରାଇ ପୁରୁଷ ଯାତ୍ରୀ ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରିବାର ୨ଟି ଘଟଣାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ଜୋର୍ ଧରିଛି। ବିମାନରେ ଯାତ୍ରୀଙ୍କ ହିତକୁ ଦୃଷ୍ଟିରେ ରଖି ଯାତ୍ରା ସମୟରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ସେମାନଙ୍କୁ ଯୋଗାଇ ଦିଆଯାଏ। ଯେଉଁଥିରେ ଖାଦ୍ୟ ସାଙ୍ଗକୁ ଲିକର ମଧ୍ୟ ରହିଥାଏ। ତେବେ ସହଯାତ୍ରୀଙ୍କ ଉପରେ ପରିସ୍ରା ଘଟଣା ପରଠାରୁ ଅନେକ ଲୋକ ବିମାନରେ ଉପଲବ୍ଧ ହେଉଥିବା ଲିକର ବା ମଦ୍ୟପାନ ସୁବିଧାକୁ ହଟାଇବା ଲାଗି ମତ ପ୍ରକାଶ କରିଛନ୍ତି।

ଏକ କମ୍ୟୁନିଟି ପ୍ଲାଟଫର୍ମ ଲୋକାଲସର୍କଲ୍ସ ଏ ନେଇ କରିଥିବା ସର୍ଭେ ଅନୁସାରେ ୪୮% ବିମାନଯାତ୍ରୀ ବର୍ତ୍ତମାନ ସମୟରେ ଫ୍ଲାଇଟ୍‌ରେ ଲିକର ସର୍ଭ ବିରୋଧର ମତ ଦେଇଛନ୍ତି। ସେହିପରି ୮୯% ଲୋକ କହିଛନ୍ତି ଯେ, ବିମାନରେ ଲିକର ସର୍ଭ ସେବା ଦ୍ୱାରା ଫ୍ଲାଇଟ୍‌ରେ ଯେପରି ବିଶୃଙ୍ଖଳା ବାତାବରଣ ସୃଷ୍ଟି ନ ହେବ ସେ ଲାଗି ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବା ଉଚିତ। ୫୦%ଙ୍କ ମତ ବିମାନରେ ଯାତ୍ରା କରିବା ପୂର୍ବରୁ ନିଶାସକ୍ତ ଅବସ୍ଥାରେ ବିମାନକୁ ନ ଯିବା ଲାଗି ଏକ ବଣ୍ଡ ସାଇନ୍ କରିବା ଜରୁରୀ। ସେହିପରି ଯାତ୍ରୀମାନଙ୍କ ବ୍ରେଥ୍ ଆନାଲିସିସ୍ ଟେଷ୍ଟ କରିବାକୁ ୪୦% ଯାତ୍ରୀ କହିଥିବାବେଳେ ୨୧% ନିୟମରେ ପରିବର୍ତ୍ତନ ଚାହୁଁଛନ୍ତି।

ଉଭୟ ବିଜ୍‌ନେସ୍ କ୍ଲାସ ଓ ଇକୋନୋମିକ୍ ଶ୍ରେଣୀରେ ଏଭଳି ଘଟଣା ଘଟିବାର ଆଶଙ୍କା ରହିଛି। କାରଣ ଯାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ବହୁ ଏୟାର ଲାଇନ୍ସ ବିମାନରେ ବାର୍‌ର ସୁବିଧା କରିଥିବାବେଳେ ଯାତ୍ରୀଙ୍କୁ ବିଭିନ୍ନ ବ୍ରାଣ୍ଡର ମଦ ଯୋଗାଉଥିବା ଲୋକାଲ ସର୍କଲ୍‌ସ ପକ୍ଷରୁ କୁହାଯାଇଛି। ବିଶେଷ ଭାବେ ଦୂର



ଯାତ୍ରା କରୁଥିବା ଯାତ୍ରୀମାନେ ବିମାନରେ ମଦ ପିଉଥିବାର ଦେଖିବାକୁ ମିଳିଛି। ଏହାଦ୍ୱାରା ଯାତ୍ରା ସମୟରେ ସେମାନଙ୍କୁ ବୋର୍ କିମ୍ବା ଥକାପଣ ଜଣାପଡ଼ି ନ ଥାଏ। କିନ୍ତୁ ଏ ନେଇ ଅନ୍ୟ ଯାତ୍ରୀମାନଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସହଯାତ୍ରୀଙ୍କ ଉପରେ ପରିସ୍ରା କରିବା ହୁଏତ ପ୍ରଥମ ଘଟଣା ହୋଇଥିବ କିନ୍ତୁ ନିଶାସକ୍ତ ଅବସ୍ଥାରେ ଯାତ୍ରୀ ଅନ୍ୟ ସହଯାତ୍ରୀଙ୍କୁ ଦୁର୍ବ୍ୟବହାର କରୁଥିବା ଅନେକ ସମୟରେ ଦେଖାଯାଇଛି।

ଗତ ନଭେମ୍ବର ୨୬ରେ ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ଏୟାର୍ ଇଣ୍ଡିଆ ବିମାନରେ ଶଙ୍କର ମିଶ୍ରା ନାମକ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ଜଣେ ବୟସ୍କା ମହିଳାଙ୍କ ଉପରେ ପରିସ୍ରା କରିଥିଲେ। ଏ ନେଇ ବିମାନ କର୍ମଚାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ମହିଳାଜଣକ ଏୟାର ଇଣ୍ଡିଆ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଶନିବାର ପୋଲିସ ବିଭାଗୀୟ ଟିମ୍ ଶଙ୍କରଙ୍କୁ ଗିରଫ କରି ଦିଲ୍ଲୀର ଏକ କୋର୍ଟରେ ହାଜର କରିବା ପରେ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ଘଟଣାର ୧୦ ଦିନ ପରେ ଅର୍ଥାତ୍ ଡିସେମ୍ବର ୭ରେ ପ୍ୟାରିସରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନରେ ଜଣେ ଯୁବକ ନିଶାରେ ଥାଇ ଆଉଜଣେ ମହିଳା ସହଯାତ୍ରୀଙ୍କ ବ୍ଲାଙ୍କେଟ୍‌ରେ ପରିସ୍ରା କରିଥିଲେ। ଏ ନେଇ ତାଙ୍କୁ ବିମାନବନ୍ଦର କର୍ତ୍ତୃପକ୍ଷ ଅଟକ ରଖିଥିବାବେଳେ ସେ ଲିଖିତ ଭାବେ କ୍ଷମା ମାଗିବା ପରେ ତାଙ୍କୁ ଛାଡ଼ିଦିଆଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜୋକୋଭିଚ୍‌ଙ୍କୁ ଆଡିଲେଡ୍ ଇଣ୍ଟରନ୍ୟାଶନାଲ ଟାଇଟଲ୍

**ଆଡିଲେଡ୍, ୮।୧(ପି.ଟି.):** ସର୍ବିଆର ନୋଭାକ୍ ଜୋକୋଭିଚ୍ ରବିବାର ଆଡିଲେଡ୍ ଇଣ୍ଟରନ୍ୟାଶନାଲ ଟେନିସ ଟାଇଟଲ ବିଜୟୀ ହୋଇଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍ ପ୍ରସ୍ତୁତି ପାଇଁ ଏହି ଟୁର୍ନାମେଣ୍ଟ ଖେଳିଥିବା ଜୋକୋଭିଚ୍ ଆମେରିକାର ଅଣସିଡେଡ୍ ଖେଳାଳି ସେବାଷ୍ଟିଆନ୍ କୋର୍ଡାଙ୍କୁ ୬-୭(୮), ୭-୬(୩) ଓ ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଡାନିଲ ମେଡ୍‌ଭେଡେଭ୍‌ଙ୍କ ବିପକ୍ଷ ସେମିଫାଇନାଲ ମ୍ୟାଚ୍ ସମୟରେ ଜୋକୋଭିଚ୍‌ଙ୍କ ହାର୍ମଷ୍ଟ୍ରିଙ୍ଗ୍‌ରେ ସମସ୍ୟା ଦେଖାଦେଇଥିଲା। ତେବେ ଫାଇନାଲରେ ଆହତର କୌଣସି ଲକ୍ଷଣ ଦେଖିବାକୁ ମିଳି ନ ଥିଲା। ଦୀର୍ଘ ୧୬ ବର୍ଷ ପରେ ଜୋକୋଭିଚ୍ ଆଡିଲେଡ୍ ଇଣ୍ଟରନ୍ୟାଶନାଲ ଟାଇଟଲ୍ ବିଜୟୀ ହୋଇଛନ୍ତି। ୧୯ ବର୍ଷ ବୟସରେ ୨୦୦୭ ମସିହାରେ ସେ ଶେଷଥର ପାଇଁ ଏହି ଟାଇଟଲ ବିଜୟୀ ହୋଇଥିଲେ। ଏହାସହିତ ନିଜ କ୍ୟାରିୟରର ୯୨ ତମ ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ ଜୋକୋଭିଚ୍।


ଟ୍ରଫି ସହ ନୋଭାକ ଜୋକୋଭିଚ୍।

# ଡ୍ର'ରେ ଶେଷ ସିଡ୍‌ନୀ ଟେଷ୍ଟ

ସିଡ୍‌ନୀ,୮।୧(ପି.ଟି.)

ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ଅନ୍ତିମ ଟେଷ୍ଟ ଅମୀମାଂସିତ ଭାବରେ ଶେଷ ହୋଇଛି। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚର ଅର୍ଦ୍ଧାଧିକ ସମୟ ଖରାପ ଆଲୋକ ଓ ବର୍ଷା କାରଣରୁ ବାଧାପ୍ରାପ୍ତ ହୋଇଥିଲା। ପ୍ରଥମ ଇନିଂସରେ ଫଲୋଅନ୍ ପରେ ଦକ୍ଷିଣ ଆଫ୍ରିକା ୨ ଉଇକେଟରେ ୧୦୬ ରନ୍ କରିଥିବା ବେଳେ ଖେଳ ବନ୍ଦ ରଖାଯାଇଥିଲା। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୭୫/୪ରେ ଇନିଂସ ଘୋଷଣା କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୨୫୫ ରନରେ ଅଲଆଉଟ ହେବା ସହିତ ଫଲୋଅନ୍ ହୋଇଥିଲା। ଚତୁର୍ଥ ଦିନର ଅସମାପ୍ତ ସ୍କୋର ୧୪୯/୬ରୁ ଖେଳ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ଆଉ ୧୦୬ ରନ୍ କରି ବାକି ୪ ଉଇକେଟ ହରାଇଥିଲା। ସାଇମନ ହାର୍ମର ୪୭ ଓ କେଶବ ମହାରାଜ ୫୩ ରନର ଇନିଂସ ଖେଳି ସଙ୍କଟରୁ ଉଦ୍ଧାର କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ ହାଜେଲଉଡ୍ ୪ ଓ ପ୍ୟାଟ କୁମିନ୍ସ ୩ ଉଇକେଟ ନେଇଥିଲେ। ୨୨୦ ରନ୍ ପଛରେ ରହିଥିବା ଦକ୍ଷିଣ ଆଫ୍ରିକାକୁ ଘରୋଇ ଦଳ ଫଲୋଅନ୍ ଡାକରା ଦେଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୨/୧୦୬ ରନ୍ କରିଥିଲା। ସାରିଲ୍ ଏରୱି ୪୨ ରନରେ ଅପରାଜିତ ରହିଥିବା ବେଳେ ହେନ୍‌ରିଚ୍ କ୍ଲାସେନ ୩୫ ରନ୍ କରିଥିଲେ।

## ଅଷ୍ଟ୍ରେଲିଆ ସିରିଜ ବିଜୟୀ

ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ ହାଜେଲଉଡ୍ ଓ ପ୍ୟାଟ କୁମିନ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୂର୍ବରୁ ପ୍ରଥମ ଦୁଇ ଟେଷ୍ଟକୁ ଜିତିଥିବା ଅଷ୍ଟ୍ରେଲିଆ ୨-୦ରେ ସିରିଜ୍ ଜିତି ନେଇଥିଲା। ୧୯୫ ରନ୍‌ର ଇନିଂସ ପାଇଁ ଉସ୍‌ମାନ ଖ୍ୱାଜାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଏବଂ ଡେଭିଡ୍ ୱାର୍ନରଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୪୭୫/୪ରେ ଘୋଷଣା (ଉସ୍‌ମାନ ଖ୍ୱାଜା-୧୯୫*, ଷ୍ଟିଭେନ ସ୍ମିଥ୍-୧୦୪, ମାର୍ନସ ଲାବୁସେନ୍- ୭୯, ଟ୍ରାଭିସ୍ ହେଡ୍-୭୦ ; ଏନ୍‌ରିଚ୍ ନୋର୍ଜେ-୨/୫୫, କେଶବ ମହାରାଜ-୧/୧୦୮, କାଗିସୋ ରାବାଡା-୧/୧୧୯)।

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:** ୧୦୮ ଓଭରରେ ୨୫୫/୧୦ (କେଶବ ମହାରାଜ-୫୩, ସାଇମନ୍ ହାର୍ମର-୪୭ ; ପ୍ୟାଟ କୁମିନ୍ସ-୩/୬୦, ଜୋସ୍ ହାଜ୍‌ଲେଉଡ୍-୪/୪୮)।

**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ:** ୪୧.୫ ଓଭରରେ ୧୦୬/୨ (ସାରିଲ ଏରୱି-୪୨*, ହେନ୍‌ରିଚ୍ କ୍ଲାସେନ୍-୩୫, ପ୍ୟାଟ କୁମିନ୍ସ-୧/୧୬, ଜୋସ୍ ହାଜ୍‌ଲେଉଡ୍-୧/୯)।

# ଇଣ୍ଡିଆନ ଓପନ୍ ଗେଟ୍‌ବଲ ଉଦ୍‌ଘାଟିତ

ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ଓପନ ଗେଟ୍‌ବଲ (ଆଇଜିୟୁ) ଟୁର୍ନାମେଣ୍ଟର ନବମ ସଂସ୍କରଣ ରବିବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ସୋଆ ବିଶ୍ୱବିଦ୍ୟାଳୟ କୁଳପତି ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ସମାରୋହରେ ଏସିଆ-ପାସିଫିକ୍ ଗେଟ୍‌ବଲ ୟୁନିୟନ ସମ୍ପାଦକ ପେଇ ଚୁନ୍ ଲିନ୍, ଆଇଜିୟୁ ସଭାପତି ପ୍ରକାଶ ବେତାଲା, ସମ୍ପାଦକ ଦିଲୀପ କୁମାର ଦାସ, କାର୍ଯ୍ୟକାରୀ କମିଟି ସଭାପତି ଦ୍ୱୀପାୟନ ପଟ୍ଟନାୟକ, ସମ୍ପାଦକ ସର୍ବେଶ୍ୱର ବ୍ରହ୍ମାନନ୍ଦ ମହାପାତ୍ର ଓ କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷର ଟୁର୍ନାମେଣ୍ଟରେ ଭାରତର ବିଭିନ୍ନ ରାଜ୍ୟର ୧୨ଟି ଏବଂ ଡବଲ୍ସରେ ୨୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଗ୍ରୁପ୍ ଓ ଡବଲ୍ସ ଇଭେଣ୍ଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସୋମବାର କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହେବ।



ଇଣ୍ଡିଆନ ଓପନ ଗେଟ୍‌ବଲ ଉଦ୍‌ଘାଟନ ଅବସରରେ ଖେଳାଳି ଓ କର୍ମକର୍ତ୍ତାଙ୍କ ଗହଣରେ ଅତିଥିମାନେ।

ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ

# ହରିୟାଣାକୁ ଆଜି ଭେଟିବ ଓଡ଼ିଶା

ଭୁବନେଶ୍ୱର, ୮।୧(ସ୍ପୋର୍ଟ୍ସ ବ୍ୟୁରୋ)

ତୃତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଫୁଲ ସୋରେନ୍‌ଙ୍କ ନେତୃତ୍ୱରେ ଘୋଷିତ ହୋଇଛି ଓଡ଼ିଶା ଦଳ। ବେଙ୍ଗାଲୁରୁରେ ୯ରୁ ୧୩ ଜାନୁୟାରୀ ଯାଏ ଏହି ଟୁର୍ନାମେଣ୍ଟ ଖେଳାଯିବ। ଏହି ଟୁର୍ନାମେଣ୍ଟ ପ୍ରଦର୍ଶନ ଆଧାରରେ ପ୍ରଥମଥର ଖେଳାଯିବାକୁ ଥିବା ମହିଳା ଦୃଷ୍ଟିବାଧିତ ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷଣା କରାଯିବ। ଜାତୀୟ ଟୁର୍ନାମେଣ୍ଟର ପ୍ରଥମ ଦୁଇ ସଂସ୍କରଣରେ ଓଡ଼ିଶା ଯଥାକ୍ରମେ ଚାମ୍ପିୟନ୍ ଓ ରନର୍ସ ଅପ୍ ରହିଥିବା ବେଳେ ଚଳିତ ସଂସ୍କରଣରେ ମଧ୍ୟ ଦଳ ଉପରେ ସଭିଙ୍କ ନଜର ରହିବ। ଗ୍ରୁପ୍ ବି'ରେ ହରିୟାଣା, ରାଜସ୍ଥାନ ଓ ଝାଡ଼ଖଣ୍ଡ ସହିତ ସ୍ଥାନ ପାଇଛି ଓଡ଼ିଶା। ସୋମବାର ଓଡ଼ିଶା ଏହାର ପ୍ରଥମ ଲିଗ୍ ମ୍ୟାଚ୍‌ରେ ହରିୟାଣାକୁ ଭେଟିବ। ଦେବାଶିଷ ଜେନା ଓ ସୁଖରାମ ମାଝୀ ଏହି ଦଳର କୋଚ୍ ରହିଛନ୍ତି। ଟୁର୍ନାମେଣ୍ଟ ପାଇଁ ଦଳକୁ ଶୁଭକାମନା ଜଣାଇଛନ୍ତି କାଭି ଓଡ଼ିଶା ସଭାପତି ଜାଫର ଇକ୍‌ବାଲ।


ଓଡ଼ିଶା ଓପନ୍ ଟ୍ରାପ୍ ଶୁଟିଂ ପ୍ରତିଯୋଗିତାର ପଦକ ବିଜୟୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ଓଡ଼ିଶା ଓପନ୍ ଟ୍ରାପ୍ ଶୁଟିଂ

# ରଶ୍ମି, ଅବିନାଶଙ୍କୁ ପ୍ରଥମ ସ୍ଥାନ

ଭୁବନେଶ୍ୱର,୮।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଚନ୍ଦକା ସ୍ଥିତ ମନୋରମା ପ୍ରପର୍ଟିଜ୍‌ରେ ପ୍ରଥମ ଓଡ଼ିଶା ଓପନ୍ ଟ୍ରାପ୍ ଶୁଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନବନିର୍ମିତ ଟ୍ରାପ୍ ଶୁଟିଂ ରେଞ୍ଜକୁ ସଂଘର ଉପସଭାପତି କଳିକେଶ ନାରାୟଣ ସିଂଦେଓ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ପୁରୁଷ ବିଭାଗରେ ଅବିନାଶ ପଟ୍ଟନାୟକ ଓ ମହିଳା ବିଭାଗରେ ରଶ୍ମି ଭଞ୍ଜ ପ୍ରଥମ ସ୍ଥାନ ହାସଲ କରିଥିଲେ। ପୁରୁଷ ମାଷ୍ଟର୍ସ ବିଭାଗରେ ଦୀପ୍ତିମୟ ପଟ୍ଟନାୟକ ଓ ସିନିୟର ମାଷ୍ଟର୍ସ ବିଭାଗରେ ପ୍ରମୋଦ ଚନ୍ଦ୍ର ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଗ୍ରୁପ ଇଭେଣ୍ଟରେ ଦିଗନ୍ତଜ୍ୟୋତି ପଟ୍ଟନାୟକ, ଦୀପ୍ତିମୟ ପଟ୍ଟନାୟକ ଓ ପ୍ରିୟରଞ୍ଜନ ମହାନ୍ତିଙ୍କ ଯୋଡି ପ୍ରଥମ ସ୍ଥାନ ହାସଲ କରିଥିଲେ।

ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ରାଇଫଲ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ସହସମ୍ପାଦକ ବଳଭଦ୍ର ଦାସ, ରାକେଶ ମହାନ୍ତି, ଅବିନାଶ ପଟ୍ଟନାୟକ, ପ୍ରମୋଦ ଚନ୍ଦ୍ର ସାହୁ, ଅନୁପମା ସ୍ୱାଇଁ, ଅବିନାଶ ପୁହିର, ଗୌରୀ ମହାନ୍ତି, ହିମାଂଶୁ ଦାସ, ମିର୍ ଅହମଦ୍ ଅଲୀ, ଆନନ୍ଦ ଜେନା, ସୁଜଳ, ଲଳିତ ସାହୁ, ବିରୁହା ବିହାରୀ ପ୍ରଧାନ ପ୍ରମୁଖ ପୁରସ୍କୃତ କରିଥିଲେ। ମନୋରମା ପ୍ରପର୍ଟିଜ୍‌ରେ ଟ୍ରାପ୍ ଶୁଟିଂ ରେଞ୍ଜ ପାଇଁ ଅନୁମତି ଦେଇଥିବାରୁ ଏହାର ନିର୍ଦ୍ଦେଶକ ସମ୍ବିତ କରଙ୍କୁ ଓଡ଼ିଶା ରାଇଫଲ ସଂଘ ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ଆୟୋଜନରେ ସହଯୋଗ ପାଇଁ ରୋମିଓକାନ୍ତ ବଳ ଓ ଲିଟୁ ପଣ୍ଡାଙ୍କୁ ମଧ୍ୟ ସଂଘ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା।

# ଡବ୍ଲ୍ୟୁବିଏ ଟାଇଟଲ ବଜାୟ ରଖିଲେ ଡେଭିସ୍

ୱାଶିଂଟନ, ୮।୧ (ଏପି)

ଗର୍ଭୋଣ୍ଟା ଡେଭିସ୍ ତାଙ୍କ ଡବ୍ଲ୍ୟୁବିଏ ୱାର୍ଲ୍ଡ ଲାଇଟ୍‌ୱେଟ୍ ଟାଇଟଲ ବଜାୟ ରଖିଛନ୍ତି। ରବିବାର ସକାଳେ ୮ ରାଉଣ୍ଡ ଲଢେଇ ପରେ ଟେକ୍‌ନିକାଲ ନକ୍‌ଆଉଟ୍‌ରେ ସେ ହେକ୍ଟର ଲୁଇସ୍ ଗାର୍ସିଆଙ୍କୁ ପରାସ୍ତ କରିଥିଲେ। ଗାର୍ସିଆଙ୍କର ୧୭ତମ ମୁକାବିଲାରେ ଏହା ପ୍ରଥମ ପରାଜୟ। ଆରମ୍ଭରେ ଗାର୍ସିଆ କଡ଼ା ଟକ୍କର ଦେଇଥିଲେ ହେଁ ୯ ରାଉଣ୍ଡ ବିଶିଷ୍ଟ ଲଢେଇ ଜିତିପାରି ନ ଥିଲେ। ମୁକାବିଲାର ପ୍ରଥମ କେତୋଟି ରାଉଣ୍ଡରେ ଡେଭିସଙ୍କ ପ୍ରଦର୍ଶନ ମନ୍ଥର ରହିଥିଲା। ଏହି ସମୟରେ ସେ ଅଳ୍ପ କେତୋଟି ପଞ୍ଚ ମାରିଥିଲେ। ମାତ୍ର ଚତୁର୍ଥ ରାଉଣ୍ଡରେ ସେ ତାଙ୍କ ଆକ୍ରମଣକୁ ତୀବ୍ରତର କରିଥିଲେ। ଏହା ଦେଖିବା ଲାଗି ସମର୍ଥକମାନେ ଛିଡ଼ା ହୋଇ ପଡ଼ିଥିଲେ। ୮ମ ରାଉଣ୍ଡ ଲଢେଇ ମଧ୍ୟଭାଗରେ ରିଙ୍ଗ୍ ସାଇଡ୍ ଷ୍ଟାଣ୍ଡରେ ବିଶୃଙ୍ଖଳା ଦେଖାଯାଇଥିଲା। ଏହାଦ୍ୱାରା ଡେଭିସ୍ ଓ ଗାର୍ସିଆ ବିଚଳିତ ହୋଇପଡ଼ିଥିଲେ। ଫଳରେ ଲଢ଼େଇକୁ କିଛି ସମୟ ସ୍ଥଗିତ ରଖିବାକୁ ହୋଇଥିଲା। ମ୍ୟାଚ ଶେଷ ବେଲ୍ ବାଜିବା ପର୍ଯ୍ୟନ୍ତ ଡେଭିସ୍ ଯଥେଷ୍ଟ ପଞ୍ଚ ମାରିସାରିଥିଲେ। ତାଙ୍କର ବିଜୟ ଓ ପରାଜୟ ରେକର୍ଡ ବର୍ତ୍ତମାନ ୨୮-୦ରେ ପହଞ୍ଚିଛି। ତନ୍ମଧ୍ୟରେ ତାଙ୍କର ୨୬ଟି ନକ୍‌ଆଉଟ । ବାଲଟିମୋର୍‌ରେ ଜନ୍ମ ଗ୍ରହଣ କରିଥିବା ଏହି ବକ୍ସର ସହରରେ ଦ୍ୱିତୀୟ ଲଢେଇ ଏପ୍ରିଲରେ ର୍‍ୟାନ ଗାର୍ସିଆଙ୍କ ସହ ହେବ। ବର୍ଷର ଏହା ଅନ୍ୟତମ ଶ୍ରେଷ୍ଠ ଲଢେଇ ହେବ ବୋଲି ଆଶା କରାଯାଉଛି।




ଭୁବନେଶ୍ୱର ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଟ୍ରଫି ଓ ପ୍ରମାଣପତ୍ର ପ୍ରଦର୍ଶନ କରୁଛନ୍ତି।

# ଭୁବନେଶ୍ୱର ଓପନ୍ ଚେସ୍: ହର୍ଷିତ ଚାମ୍ପିୟନ

ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୩୬ତମ ଓପନ୍ ଚେସ୍ ଟୁର୍ନାମେଣ୍ଟ ରବିବାର ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ୬ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ୫.୫ ପଏଣ୍ଟ ପାଇ କଟକର ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ହୋଇଛନ୍ତି। ମାନସ ରଞ୍ଜନ ପରିଡ଼ା, ସଞ୍ଜୀବନ ନାୟକ, ରବୀନ୍ଦ୍ର କୁମାର ଓଝା (ସମସ୍ତେ ୫ ପଏଣ୍ଟ), ରାଜେନ୍ଦ୍ର କୁମାର ସାହୁ (୪.୫), ଦେବୀ ପ୍ରସାଦ ନାୟକ, ଆଦିତ୍ୟ ଜେନା, ଅବିନାଶ ବଲିୟାରସିଂ, ଅର୍ନବ ମହାନ୍ତି ଓ ସେକ୍ ସୟଦ (ସମସ୍ତେ ୪ ପଏଣ୍ଟ) ଯଥାକ୍ରମେ ଦ୍ୱିତୀୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯେଗୀଙ୍କୁ ଏଜ୍-ଗ୍ରୁପ୍ ଏବଂ ୫ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ୬୧ ବର୍ଷୀୟ ଗଙ୍ଗାଧର ପଣ୍ଡା ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଛନ୍ତି। ସିନିୟର ଅନ୍‌କୋଲୋଜିଷ୍ଟ ଅମିତାଭ ଜେନା, ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଏମ୍‌ସିଏ ବିଭାଗ ମୁଖ୍ୟ ଅମରେଶ ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଚେସ୍ ଆସୋସିଏଶନ ସମ୍ପାଦକ ଦେବାଶିଷ ପାଣିଗ୍ରାହୀ, ସାଇ ବୀଣାପାଣି ଜ୍ଞାନମନ୍ଦିର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସି.କେ. ନାୟିଡୁ ଟ୍ରଫି

# ସନ୍ଦୀପ ପଟ୍ଟନାୟକଙ୍କ ଶତକ

**ଭୁବନେଶ୍ୱର, ୮।୧(ସ୍ପୋର୍ଟ୍ସ ବ୍ୟୁରୋ):** ୨୫ ବର୍ଷରୁ କମ୍ କର୍ନେଲ ସି.କେ. ନାୟିଡୁ ଟ୍ରଫିରେ ବିଦର୍ଭ ବିପକ୍ଷ ମ୍ୟାଚ୍‌ରେ ଶତକ ହାସଲ କରିଛନ୍ତି ଓଡ଼ିଶାର ସନ୍ଦୀପ ପଟ୍ଟନାୟକ। ପ୍ରଥମ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ୮୯.୩ ଓଭରରେ ୪ ଉଇକେଟରେ ୨୮୧ ରନ୍ କରିଛି। ଭିସିଏ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ବିଦର୍ଭ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଓଡ଼ିଶା ପକ୍ଷରୁ ସନ୍ଦୀପ ପଟ୍ଟନାୟକ ଅପରାଜିତ ୧୧୦ ରନ୍ କରିଥିବା ବେଳେ ଓମ୍ ଟି. ମୁଣ୍ଡେ ଗୁରୁତ୍ୱପୂର୍ଣ୍ଣ ୮୫ ରନ୍ କରିଛନ୍ତି। ସନ୍ଦୀପ ୧୯୦ ବଲ୍‌ର ସମ୍ମୁଖୀନ ହୋଇ ୧୪ ଚୌକା ମାରିଥିଲେ। ଅନ୍ୟପକ୍ଷରେ ଓମ୍ ୧୭୩ ବଲ୍ ଖେଳି ୧୧ ଚୌକା ସହ ୮୫ ରନ୍ କରିଥିଲେ। ବିଦର୍ଭ ପକ୍ଷରୁ ଏ.ଏସ୍. ଠାକରେ ଓ ପ୍ରଫୁଲ୍ଲ ହିଙ୍ଗେ ପ୍ରତ୍ୟେକେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


Classified Everyday 0674-2580101, 2549949


REAL ESTATE

SALE

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

ଝିଅ ବିଭାଘର ପାଇଁ ଦୁଇପଟେ 30' ଫୁଟ ରୋଡ୍ ଥାଇ ରେଟଂଗରେ ୧୦ ଗୁଣ୍ଠ ଜମି ବିକ୍ରିହେବ- (ଗୁଣ୍ଠ- 5,25,000/-). 9938016295. D-74180

କଟକ-ଭୁବନେଶ୍ୱର ରୋଡ୍‌ରୁ 2.5.K.M., ନଖରା ଓ ପାହାଳରୁ 2.5.K.M. ଘରବାରି 25' ରୋଡ୍, ବାଉଣ୍ଡରୀ, ଇଲେକ୍ଟ୍ରିସିଟି ସୁବିଧା ଥାଇ ପ୍ଲଟ୍ ମିଳୁଛି। 9348152874, 9337317665. D-74179

4 Bhk luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. 2421

ଭୁବନେଶ୍ୱର ନଖରା ଘରବାରି SC plot Sqft - 150/-, General - 350/-. 9439660381. D-74178

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

30ft. road, boundary, gharabari plot sale in Shreekhetra Vihar Phase-3 Pipili Chhaka NH side gated society with electricity, Park, Temple, Drange sqft. 980/-. 8117084862. D-74177

3BHK Flat Sale At Satya Sai Lewis Road Bhubaneswar. Contact - 9114494004, 9040044440. D-2385

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166




Newly open Spa positively health benefit with expert. Contact: 7749976301. D-74505

Relax, Refresh your body, Mind at Saikrupa Spa with best therapies. 8984068077. D-2374

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74623

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

CLASSIFIED DISPLAY
ALL EDITION - B/W (Everyday)
MORE SPACE SAME PRICE

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗ୍ରହ ବିନାଶକାରୀ ଆଇନ୍‌ଷ୍ଟାଇନ୍



ଡ. ନିଖିଳାନନ୍ଦ ପାଣିଗ୍ରାହୀ



ଆମେ କିଛି ବର୍ଷ ପୂର୍ବେ ବୈଜ୍ଞାନିକ ମତାନୁସାରେ ଜାଣିଥିଲେ ଯେ, ସୌରମଣ୍ଡଳରେ ନଅଟି ଗ୍ରହ ଅଛି। ତେଣୁ କେହି କେହି ମତପୋଷଣ କଲେ ଯେ, ଏହା ଆମର ପୁରାଣ-ଶାସ୍ତ୍ରମାନଙ୍କରେ ଉଲ୍ଲେଖ ହୋଇଥିବା ନବ-ଗ୍ରହ ଧାରଣାକୁ ପୁଷ୍ଟ କରେ। କିନ୍ତୁ ୨୦୦୬ରେ ଆନ୍ତର୍ଜାତିକ ଜ୍ୟୋତିର୍ବିଜ୍ଞାନୀ ସଂଗଠନ (ଇଣ୍ଟରନ୍ୟାଶନାଲ ଆଷ୍ଟ୍ରୋନୋମିକାଲ ୟୁନିୟନ ଅର୍ଥାତ୍ ଆଇଏୟୁ) ପୂର୍ବରୁ ସ୍ୱୀକୃତ ହୋଇଥିବା ନବମ ଗ୍ରହ ପ୍ଲୁଟୋର ମାନ୍ୟତା ହଟାଇ ଦେଲା। ପୁଣି ଘୋଷଣା କଲା ଯେ, ପ୍ଲୁଟୋ ଗ୍ରହ ପାଇଁ ଉଦ୍ଦିଷ୍ଟ ମାନଦଣ୍ଡ ପୂର୍ଣ୍ଣ କରୁ ନ ଥିବାରୁ ତାକୁ ତଳ ସ୍ତରକୁ ଖସାଇ 'ବାମନ ଗ୍ରହ' ଭାବରେ ପରିଗଣିତ କରାଗଲା। ଫଳରେ ଇରିସ, ସେରେସ, ମାକେମାକେ, ହାଇମିଆ ଭାବେ ନାମିତ ଅନ୍ୟ ଚାରୋଟି ବାମନ ଗ୍ରହ ସହ ଏହାର ନାମ ଯୋଡ଼ି ହୋଇଗଲା।

ତେବେ ଏହା ପ୍ଲୁଟୋ ସୌରପିଣ୍ଡରେ ବାସ୍ତବରେ କିଛି ପରିବର୍ତ୍ତନ କରୁନାହିଁ, ଯଥା- ତାହାର ବସ୍ତୁତ୍ୱ, ଗତିପଥ ଇତ୍ୟାଦି। ତେଣୁ ଏହାକୁ ଗ୍ରହର ବିନାଶ ବା ଧ୍ୱଂସ ଭାବରେ ଧରାଯାଇପାରିବ ନାହିଁ। ବାସ୍ତବରେ ଏହା ପୂର୍ବବତ୍ ସୁରକ୍ଷିତ, ଯଦିଚ ଏହା ଉଚ୍ଚ ପଦବୀ ହରାଇଲା।

ସୌରମଣ୍ଡଳର ଗ୍ରହଗୁଡ଼ିକ ସମ୍ବନ୍ଧରେ ବର୍ତ୍ତମାନର ସ୍ଥିତି ଆମେ ଯେପରି ଜାଣିଛେ ଏହା ପଛରେ ରହିଛି ଅତୀତରେ କେମିତି ଗୋଟିଏ ପରେ ଗୋଟିଏ ଗ୍ରହ ଜ୍ୟୋତିର୍ବିଜ୍ଞାନୀମାନେ ପରୀକ୍ଷାନିରୀକ୍ଷା କରି ଆବିଷ୍କାର କରିଥିଲେ। କଥିତ ଅଛି ଯେ, ସାର୍ ଆଇଜାକ୍ ନିଉଟନ୍(୧୬୪୩-୧୭୨୭)ଙ୍କ ମୁଣ୍ଡ ଉପରେ ଦୈବାତ୍ ଗୋଟିଏ ଆପଲ ପଡ଼ିବା ପରେ ପଦାର୍ଥ ବିଜ୍ଞାନର ଅତ୍ୟନ୍ତ ଉପାଦେୟ 'ମହାକର୍ଷଣ ବଳ' ବିଷୟରେ ସୂତ୍ର ସେ ନିଷ୍ପନ୍ନ କରିଥିଲେ। ଏହି ସୂତ୍ରକୁ ପ୍ରୟୋଗ କରି ସୌରମଣ୍ଡଳର ଗ୍ରହଗୁଡ଼ିକର ଅବସ୍ଥିତି ଓ ସୂର୍ଯ୍ୟ ଚାରିପଟେ ପରିକ୍ରମଣ ସମ୍ବନ୍ଧରେ ତଥ୍ୟ ମିଳିପାରିଥିଲା। ଅବଶ୍ୟ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଏହାର ସତ୍ୟାସତ୍ୟ ପରୀକ୍ଷା କରାଯାଉଥାଏ। ପ୍ରକାଶ ଥାଉ କି, ବିନା ବୈଜ୍ଞାନିକ ଉପକରଣରେ ସୌରମଣ୍ଡଳର ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି ଓ ଶନି ଗ୍ରହ ସମ୍ପର୍କରେ ଲୋକେ ଜାଣିଥିଲେ। ତେବେ ସପ୍ତମ ଗ୍ରହ ୟୁରାନସ୍ ଜର୍ମାନୀରେ ଜନ୍ମିତ ବ୍ରିଟିଶ ଜ୍ୟୋତିର୍ବିଜ୍ଞାନୀ ଉଇଲିୟମ ହେରସ୍କେଲ (୧୭୩୮-୧୮୨୨ ସର୍ବପ୍ରଥମେ ଠାବ କରିଥିଲେ ୧୩ ମାର୍ଚ୍ଚ ୧୭୮୧ରେ। ପ୍ରାୟତଃ ନିଷ୍ପ୍ରଭ ଓ କ୍ଷୁଦ୍ର ୟୁରାନସ ହେଉଛି ପ୍ରଥମ ଗ୍ରହ, ଯାହାର ଆବିଷ୍କାର ପାଇଁ ଦୂରବୀକ୍ଷଣ ଯନ୍ତ୍ର ବ୍ୟବହାର କରାଯାଉଥିଲା। ଅବଶ୍ୟ ନିଉଟନ୍‌ଙ୍କ ସୂତ୍ରରୁ ଏହାର ସ୍ଥିତି ଗାଣିତିକ ହିସାବରେ ପୂର୍ବରୁ ଜଣାପଡୁଥିଲା। ତଥାପି ନିର୍ଭୁଲ ଭାବେ ଏହାର କକ୍ଷରେ ଗତିପଥ ବୁଝାଇ ହେଉ ନ ଥିଲା। ଏପରି କି କେହିକେହି ସନ୍ଦେହ କରୁଥିଲେ ଯେ, ନିଉଟନ୍‌ଙ୍କ ସୂତ୍ର ଠିକ୍ ନୁହେଁ। କିନ୍ତୁ ଫରାସୀ ଗଣିତଜ୍ଞ ଓ ଜ୍ୟୋତିର୍ବିଜ୍ଞାନୀ ଜୋସେଫ ଲି ଭେରିଅର (୧୮୧୧-୧୮୭୭) ନିଉଟନ ଓ କେପଲରଙ୍କ ନିୟମ ପ୍ରୟୋଗ କରିବା ବେଳେ ଢେର ପରିବର୍ତ୍ତନଶୀଳ ପ୍ରାଚଳ (ଭେରିଏବଲ ପାରାମିଟର) ବ୍ୟବହାର କଲେ। ଏହା ଏକ ଅତ୍ୟନ୍ତ ଜଟିଳ ଗାଣିତିକ ହିସାବ। କିନ୍ତୁ ତାଙ୍କ କଠିନ ଅଧ୍ୟବସାୟ ଓ ଏକନିଷ୍ଠ ସାଧନା ଅପ୍ରତ୍ୟାଶିତ ସୁଫଳ ପ୍ରଦାନ କରିଥିଲା। ଭେରିଅର ଜାଣିପାରିଲେ ଯେ, ୟୁରାନ୍‌ସର କକ୍ଷରେ ଯେଉଁ ବିଚ୍ୟୁତି ଦେଖାଯାଇଛି, ତାହା ଏକ ଅନ୍ୟ ବିସ୍ମୃତି ନିକଟସ୍ଥ ଗ୍ରହର ପ୍ରଭାବ। ତେଣୁ ଏହାକୁ ଭିତ୍ତିକରି ସେ ୟୁରାନ୍‌ସ ସମସ୍ୟା ସମାଧାନ କରିବା ସହ ଅଷ୍ଟମ ଗ୍ରହ ନେପଚୁନ୍‌କୁ ସର୍ବ ପ୍ରଥମେ ଚିହ୍ନଟ (୨୩ ସେପ୍ଟେମ୍ବର ୧୮୪୬) କଲେ। ଗାଣିତିକ ହିସାବରେ ଲି ଭେରିଅର ନେପଚୁନର ଆକାଶରେ ସ୍ଥିତି ସମ୍ପର୍କରେ ସ୍ଥାନ ନିରୂପଣ କରି ଏହି ଖବର ଜୋର୍ତିର୍ବିଜ୍ଞାନୀ ଦୋହାନ୍ ଗୋଟଫ୍ରାଏଡ୍ ଗାଲେଙ୍କୁ ଜଣାଇଲେ। ଗାଲେ ବର୍ଲିନ ପର୍ଯ୍ୟବେକ୍ଷଣାଗାରରେ ଫ୍ରାନ୍‌ହୋପର ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ନେପଚୁନ୍‌କୁ ତୁରନ୍ତ ଦେଖିପାରିଲେ। ଯଦିଚ ଏହା ସୂର୍ଯ୍ୟଠାରୁ ବହୁତ ଦୂରରେ ଥିବାରୁ ସହଜେ ଦେଖାଯାଉ ନ ଥିଲା। ପ୍ରକାଶ ଥାଉ କି, ଲିଭେରିଅରଙ୍କ ଗଣନାଠାରୁ ମାତ୍ର ଏକ ଡିଗ୍ରୀ ଅନ୍ତରରେ ନେପଚୁନ୍ ସେତେବେଳେ ରହିଥିଲା।

ଏହି ପରୀକ୍ଷଣରୁ ସିଦ୍ଧ ହେଲା ଯେ, ନିଉଟନ୍‌ଙ୍କ ମାଧ୍ୟାକର୍ଷଣ ନିୟମ ଠିକ୍। ତେବେ ଦୂରବର୍ତ୍ତୀ ୟୁରାନସ, ନେପଚୁନ୍ ପାଇଁ ଏହା ପ୍ରଯୁଜ୍ୟ ହୋଇଥିଲେ ମଧ୍ୟ ବୁଧ ଗ୍ରହ କ୍ଷେତ୍ରରେ ଏକ ଜଟିଳ ସମସ୍ୟା ଦେଖାଦେଲା। କକ୍ଷପଥରେ ଏହାର ଅଗ୍ରଗମନ (ପ୍ରୋସିଜନ୍) ନିଉଟନ୍ ନିୟମ ପାଇଁ ଏକ ବ୍ୟତିକ୍ରମ। ସେତେବେଳେ ପୂର୍ବ ଦୃଷ୍ଟାନ୍ତର ବୈଜ୍ଞାନିକମାନେ ଧରିନେଲେ ଯେ, ୟୁରାନସର କକ୍ଷରେ ଅନିୟମିତତାକୁ ଯେମିତି ନେପଚୁନ ପରି ଏକ ନୂତନ ଗ୍ରହ ଦ୍ୱାରା ବୁଝାଇ ହେଲା, ସେହି ପ୍ରକାରେ ବୁଧର କକ୍ଷରେ ଦେଖାଦେଉଥିବା ଅଗ୍ରଗମନ ସମସ୍ୟା ଏକ ନୂତନ ଗ୍ରହ ଦ୍ୱାରା ସମାହିତ ହୋଇପାରିବ। ଏମିତି ଏକ ଗ୍ରହ ଉପରେ ସେମାନେ କେବଳ ଦୃଢ଼ ଆସ୍ଥା ରଖି ନ ଥିଲେ, ଏହାର ଆଗତୁରା ନାମକରଣ ମଧ୍ୟ କରିଦେଲେ। ଫରାସୀ ପଦାର୍ଥ ବିଜ୍ଞାନୀ, ଗଣିତଜ୍ଞ ଓ ଜ୍ୟୋତିର୍ବିଦ ଜାକସ ବାବିନେଟ (୧୭୯୪-୧୮୭୨) ୧୮୬୪ ମସିହାରେ ଏହାର ନାମ ରଖିଲେ ଭଲକାନ୍। ପ୍ରାଚୀନ ବରାମାନ ସାହିତ୍ୟରେ ଭଲକାନ୍ ହେଉଛି ଆଗ୍ନେୟଗିରି ଓ ଅଗ୍ନି ଦେବତାଙ୍କ ନାମ। ବାବିନେଟଙ୍କ ଅନୁସାରେ ଏହା ଗ୍ରହଶ୍ରେଣୀୟ ତାପଦୀପ୍ତ ମେଘ, ଯାହାକି ସୂର୍ଯ୍ୟର ଅତି ନିକଟରେ ଘୂରୁଛି। ଏହାର ଅସ୍ତିତ୍ୱ ନିର୍ଣ୍ଣୟ କରିବାକୁ ବୈଜ୍ଞାନିକମାନେ ବର୍ଷ ବର୍ଷ ଧରି ପ୍ରଚେଷ୍ଟା କଲେ। ଏପରିକି ୨୯ ଜୁଲାଇ ୧୮୭୮ରେ ପୂର୍ଣ୍ଣ ସୂର୍ଯ୍ୟୋପରାଗ ବେଳେ ଦେଖିବାକୁ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ନିୟୋଜନ କଲେ। କିନ୍ତୁ ନିରାଶ ହେବା ହିଁ ସାର ହେଲା। ସେମାନେ ଚିନ୍ତା କରିଥିଲେ ଯେ ଏହି ଦିନ ସୂର୍ଯ୍ୟାଲୋକ କିଛି ସମୟ ପାଇଁ ଅନୁପସ୍ଥିତ ଥିବା ବେଳେ ଗ୍ରହଟି ଧରା ପଡ଼ିବ।

ଦୀର୍ଘ ଦୁଇ ଶତାବ୍ଦୀ ଧରି ନାନା ଚେଷ୍ଟା ସତ୍ତ୍ୱେ ଭଲକାନ୍ ଦୃଷ୍ଟିଗୋଚର ହୋଇପାରିଲା ନାହିଁ। ଫଳରେ ନିଉଟନ୍‌ଙ୍କ ନିୟମର ସଠିକତା ପ୍ରଶ୍ନବାଚୀ ହେଲା। ୧୯୧୫ରେ ଏକ ଯୁଗାନ୍ତକାରୀ ଘଟଣା ଘଟିଲା, ଯେତେବେଳେ ଆଇନଷ୍ଟାଇନ୍ (୧୮୭୯-୧୯୫୫) ବର୍ଲିନସ୍ଥିତ ପ୍ରୁଷିଆନ୍ ଏକାଡେମୀ ଅଫ ସାଇନ୍‌ସେସଠାରେ ଏକ ବକ୍ତୃତାମାଳା ପ୍ରଦାନ କଲେ। ସେତେବେଳେ ସେ ସାଧାରଣ ଆପେକ୍ଷିକ ତତ୍ତ୍ୱ ପ୍ରଥମ କରି ଉପସ୍ଥାପନ କଲେ। ସେ ନିଉଟନଙ୍କ ମାଧ୍ୟାକର୍ଷଣ ବଳର ଧାରଣାକୁ ସମ୍ପୂର୍ଣ୍ଣ ବଦଳାଇ ଦେଲେ। ଏହି ବଳକୁ ସ୍ଥାନ-କାଳ ବକ୍ରତା (ସ୍ପେସ୍ ଟାଇମ୍ କର୍ଭେଚର) ମାଧମରେ ବୁଝାଇଲେ। ବୁଧର କକ୍ଷରେ ପରିଲକ୍ଷିତ ବ୍ୟତିକ୍ରମ ସୂର୍ଯ୍ୟ ଦ୍ୱାରା ସୃଷ୍ଟ ସ୍ଥାନ-କାଳ ବକ୍ରତାର ଫଳ ବୋଲି ସେ ସିଦ୍ଧ କଲେ। ଫଳରେ ଯେଉଁ ଭଲକାନ୍ ଗ୍ରହ ବୈଜ୍ଞାନିକମାନଙ୍କୁ ବର୍ଷ ବର୍ଷ ଧରି ବ୍ୟସ୍ତ ବିବ୍ରତ କରୁଥିଲା, ତାହା ଅବିଳମ୍ବେ ଅପସରିଗଲା। ଭଲକାନ୍ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଗଲା। ଲୋକେ ବୁଝିପାରିଲେ ଯେ, ଏହା ଏକ କଳ୍ପନାପ୍ରସୂତ ଗୋଟିଏ ଆକାଶ କୁସୁମ ମାତ୍ର।

-ବଡଖେମୁଣ୍ଡି ବଙ୍ଗଳା
ଉତ୍କଳ ଆଶ୍ରମ ରୋଡ୍, ବ୍ରହ୍ମପୁର
ମୋ: ୯୦୭୮୭୪୩୮୪୩



"ଦୀର୍ଘ ଦୁଇ ଶତାବ୍ଦୀ ଧରି ନାନା ଚେଷ୍ଟା ସତ୍ତ୍ୱେ ଭଲକାନ୍ ଦୃଷ୍ଟିଗୋଚର ହୋଇପାରିଲା ନାହିଁ ଫଳରେ ନିଉଟନ୍‌ଙ୍କ ନିୟମର ସଠିକତା ପ୍ରଶ୍ନବାଚୀ ହେଲା। ୧୯୧୫ରେ ଏକ ଯୁଗାନ୍ତକାରୀ ଘଟଣା ଘଟିଲା, ଯେତେବେଳେ ଆଇନଷ୍ଟାଇନ୍ (୧୮୭୯-୧୯୫୫) ବର୍ଲିନସ୍ଥିତ ପ୍ରୁଷିଆନ୍ ଏକାଡେମୀ ଅଫ ସାଇନ୍‌ସେସଠାରେ ବକ୍ତୃତା ପ୍ରଦାନ କଲେ। ସେତେବେଳେ ସେ ସାଧାରଣ ଆପେକ୍ଷିକ ତତ୍ତ୍ୱ ପ୍ରଥମ କରି ଉପସ୍ଥାପନ କଲେ। ସେ ନିଉଟନ୍‌ଙ୍କ ମାଧ୍ୟାକର୍ଷଣ ବଳର ଧାରଣାକୁ ସମ୍ପୂର୍ଣ୍ଣ ବଦଳାଇ ଦେଲେ। ଏହି ବଳକୁ ସ୍ଥାନ-କାଳ ବକ୍ରତା (ସ୍ପେସ୍ ଟାଇମ୍ କର୍ଭେଚର) ମାଧମରେ ବୁଝାଇଲେ।"



## ହୃଦ୍‌ରୋଗ ଆଶଙ୍କା କମାଏ ଭିଟାମିନ୍ 'ସି'



ଆମ୍ବ, ଅମୃତଭଣ୍ଡା, ସପୁରି, ଷ୍ଟ୍ରବେରି, ତରଭୁଜ, ପୋଇ, କୋବି ଏବଂ ଆଳୁ ଆଦିରେ ଭିଟାମିନ୍ 'ସି' ଭରିରହିଛି। ଏଥିରୁ ପ୍ରସ୍ତୁତ ଖାଦ୍ୟ ହୃଦ୍‌ରୋଗ ଆଶଙ୍କା କେତେକାଂଶରେ ଦୂର କରିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। 'ଭିଟାମିନ୍-ସି ହୃଦ୍‌ରୋଗ ଆଶଙ୍କାକୁ କେତେ ଦୂର କରିପାରୁଛି ସେ ସମ୍ପର୍କରେ ଅଧିକ ଜାଣିବା ପାଇଁ ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏହି ସମୟରେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟରେ ଥିବା ଉପକାରୀ ତତ୍ତ୍ୱଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା କରାଯାଇଥିଲା। ଏଥିରୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଜାଣିପାରିଥିଲେ ଯେ, ଭିଟାମିନ୍ 'ସି'ରେ ଏଭଳି ସ୍ୱାସ୍ଥ୍ୟୋପକାରୀ ଗୁଣ ରହିଛି, ଯାହାଦ୍ୱାରା ହୃଦ୍‌ରୋଗ ଆଶଙ୍କାକୁ କେତେକାଂଶରେ ଦୂର କରିହେବ। ତା'ସହ ଏହି ଭିଟାମିନ୍ ଏକ ଆଣ୍ଟିଅକ୍ସିଡାଣ୍ଟ ପରି କାମ କରିଥାଏ। ଏଥିରୁ ପ୍ରସ୍ତୁତ ଖାଦ୍ୟ ନିୟମିତ ଖାଇବା ଦ୍ୱାରା ଶରୀର ଭିତରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ।

## ଜାଣି ରଖନ୍ତୁ



ସକାଳ ଜଳଖିଆ ବା ବ୍ରେକଫାଷ୍ଟରେ ଅନେକ ପ୍ରକାର ଉପକାରୀ ଗୁଣ ଭରିରହିଛି। ତେଣୁ ସକାଳୁ ଏହାକୁ ଖାଇବାକୁ ଭୁଲନ୍ତୁ ନାହିଁ। ପ୍ରତିଦିନ କେତେବେଳେ ବ୍ରେକଫାଷ୍ଟ ଖାଇବେ ତାହା ନିର୍ଦ୍ଧାରଣ କରନ୍ତୁ। ଏହି ତାଲିକାରେ ଜୁସ୍ ସାମିଲ କରନ୍ତୁ। କାରଣ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ଶରୀରରେ କ୍ୟାଲୋରି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ତା'ସହ ତଟକା ଫଳମୂଳ ମଧ୍ୟ ଖାଆନ୍ତୁ। ସବୁଠାରୁ ଖାସ୍ କଥା ହେଲା, ବ୍ରେକଫାଷ୍ଟରେ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ। ଏହି ଖାଦ୍ୟ ତାଲିକାରେ ଫଳମୂଳ, ଜୁସ୍ ବ୍ୟତୀତ ବ୍ରେଡ୍, ବିସ୍କୁଟ ସାମିଲ କରନ୍ତୁ। ସବୁବେଳେ ବ୍ରେକଫାଷ୍ଟରେ ହାଲୁକା ଖାଦ୍ୟ ଖାଆନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ନାହିଁ ଯାହାଦ୍ୱାରା ଆଳସ୍ୟ ଲାଗିବ। ଏହା ହେଉଛି ଦିନର ପ୍ରଥମ ଖାଦ୍ୟ। ତେଣୁ ଏପରି ଖାଦ୍ୟ ଖାଆନ୍ତୁ, ଯହାଦ୍ୱାରା ମନ ପ୍ରଫୁଲ୍ଲ ରହିବ। ଯଦି ପ୍ରତିଦିନ ବ୍ୟାୟାମ କରୁଛନ୍ତି ତେବେ ଏହା ଶେଷ ହେବାର କିଛି ସମୟ ପରେ ବ୍ରେକଫାଷ୍ଟ କରନ୍ତୁ।

## ରୋଗ ଚିହ୍ନଟର ନୂଆ ଉପାୟ



ଆଜିକାଲି ଚିକିତ୍ସା ବିଜ୍ଞାନ ଅନେକ ଉନ୍ନତି କଲାଣି। କେତେକ ଗୁରୁତର ରୋଗର ସହଜରେ ଚିକିତ୍ସା କରାଯାଇପାରୁଛି। ହେଲେ ମହୁମାଛି ଦ୍ୱାରା ରୋଗ ବିଷୟରେ କ'ଣ ଜାଣିହେବ ? ଏଭଳି କଥା ଉପରେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ପର୍ତ୍ତୁଗାଲର ବିଶେଷଜ୍ଞମାନେ। ସେମାନେ ନିକଟରେ କରିଥିବା ଏକ ଗବେଷଣାରୁ ଏକଥା ଜାଣିପାରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ମହୁମାଛିମାନଙ୍କର ଘ୍ରାଣ ଶକ୍ତି ବେଶ୍ ପ୍ରଖର। ଏହାଦ୍ୱାରା ସେମାନେ କେତେକ ରୋଗ ବିଷୟରେ ସୂଚନା ଦେଇପାରିବେ। ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ଉଚ୍ଚ ଶକ୍ତିସମ୍ପନ୍ନ ଡିଭାଇସ୍‌କୁ ମହୁମାଛି ଶରୀରରେ ସଂଯୋଗ କରାଯାଇଥାଏ। ମନୁଷ୍ୟର ଶ୍ୱାସକ୍ରିୟାକୁ ଶୁଙ୍ଘିବା ପରେ ସେଥିରେ ଥିବା ତତ୍ତ୍ୱ ଡିଭାଇସ୍‌ରେ ରେକର୍ଡ ହୋଇଥାଏ। ତା'ପରେ ଉକ୍ତ ଡିଭାଇସ୍‌କୁ ତର୍ଜମା କରି ରୋଗ ବିଷୟରେ ସୂଚନା ଦେଇହେବ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

- ଯଦି ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି ଏବଂ ଏଥିପାଇଁ ଚଷମା ବ୍ୟବହାର କରୁଛନ୍ତି, ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ନିକଟରେ ଦୃଷ୍ଟି ଶକ୍ତି ପରୀକ୍ଷା କରାଇ ନିଅନ୍ତୁ।
- କୌଣସି ରୋଗ ବିଷୟରେ ଡାକ୍ତରଙ୍କ ସହ ଆଲୋଚନା କରିବା ସମୟରେ ତାଙ୍କୁ ସବିଶେଷ ତଥ୍ୟ ଦିଅନ୍ତୁ। କାରଣ ସେହି ତଥ୍ୟଗୁଡ଼ିକୁ ଆଧାର କରି ସେ ରୋଗର ଉପଚାର ବିଷୟରେ ପରାମର୍ଶ ଦେବା ସହ ଔଷଧ ଲେଖିଥାଆନ୍ତି।
- ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ଆପଣଙ୍କ ପାଚନ କ୍ରିୟାକୁ ପ୍ରଭାବିତ କରିବ।
- କୌଣସି କାମ କରିବା ସମୟରେ ନିଜକୁ ଚାପମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ସେହି କାମଟିକୁ ସହଜରେ ସମ୍ପାଦନ କରିପାରିବେ।
- ରାତିରେ ଗରିଷ୍ଠ ଖାଦ୍ୟ ନ ଖାଇବା ଭଲ। କାରଣ ଏହା ହଜମ ହେବାରେ ବିଳମ୍ବ ହୋଇଥାଏ। ତା'ସହ ଏଥିଯୋଗୁ ନିଦ୍ରା ପ୍ରଭାବିତ ହେବାର ଆଶଙ୍କା ରହିଛି।
- ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ। କାରଣ ଏହା ହେଉଛି ଭିଟାମିନ୍ 'ଡି'ର ଅନ୍ୟତମ ଉତ୍ସ।
- ଖାଦ୍ୟ ଖାଉଥିବା ସମୟରେ ପାଣି ନ ପିଇବା ଭଲ। କାରଣ ଏହାଦ୍ୱାରା ହଜମ କ୍ରିୟା ପ୍ରଭାବିତ ହୋଇଥାଏ।



# ପୁରୁଷ ଶୁକ୍ରାଣୁ ହ୍ରାସର କାରଣ, ଉପଚାର



ଡା. ସୁଜାତା କର

ଆଜିକାଲି ଅନେକ ଦମ୍ପତି ସନ୍ତାନ ଲାଭ ପାଇଁ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ବନ୍ଧ୍ୟାକରଣ ଏକ ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟାରେ ପରିଣତ ହୋଇଛି। ଲକ୍ଷ ଲକ୍ଷ ଦମ୍ପତି ବନ୍ଧ୍ୟାତ୍ୱର ଶିକାର ହେଉଛନ୍ତି। ଦାମ୍ପତ୍ୟ ଜୀବନରେ କେବଳ ମହିଳା ନୁହନ୍ତି ଲକ୍ଷ ଲକ୍ଷ ପୁରୁଷ ମଧ୍ୟ ଏହି ବନ୍ଧ୍ୟାତ୍ୱର ଶିକାର ହୋଇଥାନ୍ତି ବୋଲି ଜଣାପଡ଼ିଛି।

ହ୍ୟୁମାନ ରିପ୍ରଡକ୍ସନ ଅପ୍‌ଡେଟ୍ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ବିଶ୍ୱରେ ପୁରୁଷଙ୍କ ଶୁକ୍ରାଣୁ ସଂଖ୍ୟାରେ ୫୦ ପ୍ରତିଶତ ହ୍ରାସ ଘଟିଛି, ଯେଉଁଥିରେ ଭାରତୀୟ ପୁରୁଷମାନଙ୍କ ମଧ୍ୟରେ ଅଧିକ ବନ୍ଧ୍ୟାତ୍ୱ ରହିଛି। ଶୁକ୍ରାଣୁ ସଂଖ୍ୟା ହ୍ରାସ ହେବା କିଛି ନୂଆ ନୁହେଁ। ଆମେ ଦୀର୍ଘ ଦଶନ୍ଧି ଧରି ଏହି ହ୍ରାସର ସାକ୍ଷୀ ରହିଛୁ ଏବଂ ବର୍ତ୍ତମାନର ତଥ୍ୟ ଅନୁଯାୟୀ ପୁରୁଷ ପ୍ରଜନନ ସମସ୍ୟା ପ୍ରସଙ୍ଗକୁ ମଧ୍ୟ ସମାନ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି।

ଏହି ଶୁକ୍ରାଣୁ ସଂଖ୍ୟା ହ୍ରାସ ପାଇବା ପଛରେ କିଛି କାରଣ ମଧ୍ୟ ରହିଛି, ଯଥା- ନିଜ ପସନ୍ଦର ଜୀବନଶୈଳୀ ଏବଂ ପରିବେଶରେ ଥିବା ରାସାୟନିକ ପଦାର୍ଥ। ନିଜ ପସନ୍ଦର ଜୀବନଶୈଳୀ- ଅନୁପଯୁକ୍ତ ଖାଦ୍ୟ, ଠିକ୍ ସମୟରେ ନ ଶୋଇବା, ଧୂମପାନ, ମଦ୍ୟପାନ କିମ୍ବା ଡ୍ରଗ୍ସ ସେବନ, ବାୟୁରେ ଥିବା ବିଷାକ୍ତ ଗ୍ୟାସ୍, ମୋବାଇଲ୍ ଓ ଲାପ୍‌ଟପ୍‌ର ରଶ୍ମି, ପ୍ଲାଷ୍ଟିକ୍ ପଦାର୍ଥ କିମ୍ବା ଆମ ଖାଦ୍ୟରେ ଥିବା କୀଟନାଶକ ବ୍ୟତୀତ ପରିବେଶରେ ଥିବା ରାସାୟନିକ ପଦାର୍ଥର ଏହି ପରିସର ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ବର୍ତ୍ତମାନ ସମୟରେ କୃତ୍ରିମ ଭାବରେ ମାଂସପେଶୀକୁ ବଢ଼ାଇବା ପାଇଁ ନିଆଯାଉଥିବା ଆନାବୋଲିକ୍ ଷ୍ଟେରଏଡ୍ ଦ୍ୱାରା ମଧ୍ୟ ଶୁକ୍ରାଣୁ ସଂଖ୍ୟାରେ ହ୍ରାସ ଘଟିଥାଏ।

ବର୍ତ୍ତମାନ ସମୟରେ ଯୁବକମାନେ ଶରୀରର ମାଂସପେଶୀକୁ ବଢ଼ାଇବା ପାଇଁ ଆନାବୋଲିକ୍ ଷ୍ଟେରଏଡ୍ ପରି ପରିପୂରକ ପନ୍ଥା ଗ୍ରହଣ କରୁଛନ୍ତି। ଆନାବୋଲିକ୍ ଷ୍ଟେରଏଡ୍‌ଗୁଡ଼ିକ ହେଉଛି କୃତ୍ରିମ ଭାବରେ ପ୍ରସ୍ତୁତ ହରମୋନ୍, ଯାହା ଶରୀରରେ ପ୍ରାକୃତିକ ପୁରୁଷ ହରମୋନ୍ ଟେଷ୍ଟୋଷ୍ଟେରନ୍ (ଶୁକ୍ରାଣୁ ଉତ୍ପାଦନ ପାଇଁ ଆବଶ୍ୟକ) ପରି କାର୍ଯ୍ୟ କରିଥାଏ। ସିନ୍ଥେଟିକ୍ ଟେଷ୍ଟୋଷ୍ଟେରନ୍ (ଆନାବୋଲିକ୍ ଷ୍ଟେରଏଡ୍) ନେବା ଦ୍ୱାରା ମସ୍ତିଷ୍କ ଶରୀରରେ ଯଥେଷ୍ଟ ପରିମାଣର ଟେଷ୍ଟୋଷ୍ଟେରନ୍ ତଥା ଶୁକ୍ରାଣୁର ପ୍ରାକୃତିକ ଉତ୍ପାଦନ ପାଇଁ ଆବଶ୍ୟକ ହେଉଥିବା ସଙ୍କେତକୁ ବନ୍ଦ କରିଦିଏ। ତେଣୁ ଏହା କମ୍ ଏବଂ କେତେକଙ୍କ କ୍ଷେତ୍ରରେ ଶୁକ୍ରାଣୁ ସଂଖ୍ୟା ଶୂନ୍ୟ ମଧ୍ୟ କରାଇଥାଏ। ଯଦିଓ ଅନେକ କ୍ଷେତ୍ରରେ ଷ୍ଟେରଏଡ୍ ନେବା ବନ୍ଦ କରିବା ପରେ ୭ ରୁ ୧୨ ମାସ ମଧ୍ୟରେ ପୁଣି ଶୁକ୍ରାଣୁ ଉତ୍ପାଦନ ହୋଇଥାଏ, କିନ୍ତୁ ବେଳେବେଳେ ଏହାର ଅଧିକ ପ୍ରଭାବ ଯୋଗୁ ଶୁକ୍ରାଣୁ ଉତ୍ପାଦନ କ୍ଷମତା ହରାଇବା ସହ ବନ୍ଧ୍ୟାତ୍ୱ ମଧ୍ୟ ହୋଇଥାଏ। ସେହିଭଳି ବର୍ତ୍ତମାନ ଜୀବନଶୈଳୀରେ ବ୍ୟବହୃତ ପ୍ଲାଷ୍ଟିକ୍ ପାଣିବୋତଲ ଓ ଖାଦ୍ୟ ପାତ୍ରରେ ଥିବା ପ୍ଲାଷ୍ଟିସାଇଜର୍ ଟେଷ୍ଟୋଷ୍ଟେରନ୍ ଏବଂ ଶୁକ୍ରାଣୁ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ହର୍ବିସାଇଡ୍ ଏବଂ ପେଷ୍ଟିସାଇଡ୍‌ରେ ଜୈବ ସିନ୍ଥେଟିକ୍ ଅଧିକ ମାତ୍ରାରେ ଥାଏ ଏବଂ ଏଥିରେ ଥିବା ଫସ୍‌ଫରସ୍ ପୁରୁଷମାନଙ୍କ ଶୁକ୍ରାଣୁ ସଂଖ୍ୟାକୁ କମାଇଥାଏ। ବାୟୁ ପ୍ରଦୂଷଣ, ସଲ୍‌ଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍, ଅନ୍ୟାନ୍ୟ ଯୌଗିକ ପଦାର୍ଥ ଶୁକ୍ରାଣୁର ଗୁଣବତ୍ତା କମାଇଥାଏ। ଖାଦ୍ୟ, ଜଳ ଏବଂ କସ୍‌ମେଟିକ୍‌ରେ ଥିବା କାଡ୍‌ମିୟମ, ସୀସା ଏବଂ ଆର୍ସେନିକ୍ ଭଳି ଧାତୁ ମଧ୍ୟ ଶରୀରର ଶୁକ୍ରାଣୁକୁ କ୍ଷତି ପହଞ୍ଚାଇଥାଏ।



ଠିକ୍ ଜୀବନଶୈଳୀ ଆପଣେଇବା ଦ୍ୱାରା ଶରୀରରେ ସୁସ୍ଥ ଶୁକ୍ରାଣୁ ହୋଇପାରିବ। ଜୀବନଶୈଳୀରେ ଟିକିଏ ପରିବର୍ତ୍ତନ ଯେପରିକି ଜଙ୍କ୍‌ଫୁଡ୍, ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା, ଠିକ୍ ସମୟରେ ବିଶ୍ରାମ ନେବା, କମ୍ ଚିନ୍ତା କରିବା ଏବଂ ନିୟମିତ ବ୍ୟାୟାମ କରିବା ଦ୍ୱାରା ଜଣଙ୍କ ଶୁକ୍ରାଣୁର ସଂଖ୍ୟା ତଥା ଗୁଣରେ ଉନ୍ନତି ହୋଇଥାଏ। ଆହୁରି ମଧ୍ୟ ପ୍ଲାଷ୍ଟିକ୍ ବ୍ୟବହାରକୁ କମ୍ କରିବା, ଜୈବିକ ଖାଦ୍ୟ ପଦାର୍ଥ ଖାଇବା, ଫୋନ୍ ଏବଂ ଲାପ୍‌ଟପ୍ ବ୍ୟବହାର କମ୍ କରିବା, ବାହାରକୁ ଯିବା ସମୟରେ ମାସ୍କ ବ୍ୟବହାର କରିବା ଦ୍ୱାରା ପୁରୁଷମାନଙ୍କ ବନ୍ଧ୍ୟାତ୍ୱକୁ ରୋକାଯାଇପାରିବ। ଶୁକ୍ରାଣୁ ସଂଖ୍ୟା ହ୍ରାସ ଲକ୍ଷଣକୁ ଏଡ଼ାଇବା ଉଚିତ୍ ନୁହେଁ। ଯଦି ଯୌନ କାର୍ଯ୍ୟରେ ସମସ୍ୟା ଭଳି ଲକ୍ଷଣ ଯେପରିକି ଯୌନ କାର୍ଯ୍ୟରେ ଇଚ୍ଛା କମିଯିବା, ଯୌନ ଅକ୍ଷମତା, ଯୌନାଙ୍ଗରେ ଯନ୍ତ୍ରଣା ହେବା କିମ୍ବା ଫୁଲିବା, ମୁହଁ କିମ୍ବା ଶରୀରରେ କେଶ ହ୍ରାସ ପାଇବା ଏବଂ କ୍ରୋମୋଜୋମ୍ କିମ୍ବା ହରମୋନ୍‌ର ଅନ୍ୟାନ୍ୟ ଅସ୍ୱାଭାବିକ ଲକ୍ଷଣ ଦେଖାଯାଉଛି ତେବେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଉଚିତ।

-ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞା,
କର କ୍ଲିନିକ ଆଇଭିଏଫ ସେଣ୍ଟର,
ଏ-୩୨, ୟୁନିଟ୍-୪, ଭୁବନେଶ୍ୱର
ମୋ: ୯୪୩୮୪୮୮୧୧୧

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜାନୁୟାରୀ ୯/୨୦୨୩ Bhubaneswar, Monday, January 9/ 2023






ହକି ବିଶ୍ୱକପ୍ ଖେଳିବା ପାଇଁ ରବିବାର ରାଉରକେଲାରେ ପହଞ୍ଚିଥିବା ସ୍ପେନ୍ ଓ ୱେଲ୍ସ ଦଳ।

# ଭାରତୀୟ ଦର୍ଶକଙ୍କ ସମ୍ମୁଖରେ ଖେଳିବାରେ ରୋମାଞ୍ଚ ରହିଥାଏ

**ଭୁବନେଶ୍ୱର, ୮।୧ (କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପ ଖେଳିବା ପାଇଁ ରବିବାର ଭୁବନେଶ୍ୱରରେ ପହଞ୍ଚିଥିବା ଦକ୍ଷିଣ କୋରିଆ ଦଳ ସକାରାତ୍ମକ ଫଳାଫଳକୁ ନେଇ ବେଶ୍ ଆଶାବାଦୀ ଅଛି। ପୁଲ୍ 'ବି'ରେ ଏହି ଦଳ ବେଲଜିୟମ, ଜାପାନ ଓ ଜର୍ମାନୀ ସହିତ ସ୍ଥାନ ପାଇଛି। ଗତଥରର ଚାମ୍ପିୟନ ବେଲଜିୟମ ବିପକ୍ଷରେ ୧୪ ତାରିଖରେ ମ୍ୟାଚ ଖେଳି ଏହି ଦଳ ଅଭିଯାନ ଆରମ୍ଭ କରିବ। ଏହାପରେ ୧୭ରେ ଜାପାନକୁ ଭେଟିବ। ଏହି ଦୁଇଟି ମ୍ୟାଚ ଭୁବନେଶ୍ୱରରେ ଖେଳିବାପରେ ଦଳ ରାଉରକେଲା ଯାଇ ୨୦ ତାରିଖରେ ଜର୍ମାନୀ ବିପକ୍ଷରେ ମ୍ୟାଚ ଖେଳିବ। କୋରିଆ ଦଳ ସମ୍ପ୍ରତି ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୦ମ ସ୍ଥାନରେ ରହିଛି। ''ଆମେ ଭାରତରେ ଅନେକ ମ୍ୟାଚ ଖେଳି ସାରିଛୁ। ଆଗାମୀ ବିଶ୍ୱକପରେ ଅଭିଯାନ ଆରମ୍ଭ କରିବାକୁ ବ୍ୟଗ୍ରତାର ସହ ଅପେକ୍ଷା କରି ରହିଛୁ। ଆମେ ଏଠାକୁ ଆସି ବହୁତ ଖୁସି ଅଛୁ। କାରଣ ଏଠରେ ବହୁ ଦର୍ଶକଙ୍କ ସମ୍ମୁଖରେ ଖେଳିବାରେ ରୋମାଞ୍ଚ ରହିଥାଏ। ଟୁର୍ନାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ଦଳ ଗୁଡ଼ିକ ଅଂଶଗ୍ରହଣ କରୁଛନ୍ତି। ଆମେ ସେମାନଙ୍କ ବିପକ୍ଷରେ ଖେଳି ଭଲ ଫଳାଫଳ ପାଇବାକୁ ଆଶା ରଖିଛୁ'' ବୋଲି ମୁଖ୍ୟ କୋଚ୍ ଶିନ୍ ସିଓକ କ୍ୟୋ ପ୍ରକାଶ କରିଛନ୍ତି। ଆମ ଗ୍ରୁପ୍‌ରେ ବେଲଜିୟମ ଓ ଜର୍ମାନୀ ପରି ଦଳ ରହିଥିବାରୁ ମୁକାବିଲା ନିଶ୍ଚିତ କଷ୍ଟସାଧ୍ୟ ହେବ। ତେବେ ଆମେ ନିଜ ଉପରେ ଭରସା ରଖୁ ଏବଂ ଆଗାମୀ ଟୁର୍ନାମେଣ୍ଟରେ ଶତପ୍ରତିଶତ ଦେଇ ମ୍ୟାଚ ଜିତିବାକୁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି। କୋରିଆ ଅଧିନାୟକ ଲୀ ନାମ୍‌ୟଙ୍ଗ୍ ମଧ୍ୟ କୋଚ୍‌ଙ୍କ ସହ ଏକମତ ହୋଇଛନ୍ତି। ଆମ ଦଳରେ ଅନେକ ଅଭିଜ୍ଞ ଖେଳାଳି ଅଛନ୍ତି। ନିଜ ଦକ୍ଷତା ଅନୁସାରେ ଆମେ ଖେଳିବୁ। ଖେଳାଳିମାନେ ଟୁର୍ନାମେଣ୍ଟ ଆରମ୍ଭକୁ ଆଗ୍ରହର ସହ ଅପେକ୍ଷା କରିଛନ୍ତି। ବେଲଜିୟମ ବିପକ୍ଷ ପ୍ରଥମ ମ୍ୟାଚ କୋରିଆ ପାଇଁ ପରୀକ୍ଷା ସଦୃଶ ହେବ ବୋଲି ସେ ପ୍ରକାଶ କରିଛନ୍ତି।



ଦକ୍ଷିଣ କୋରିଆ କୋଚ୍ ଶିନ୍ ସିଓକ କ୍ୟୋ ଓ ଲୀ ନାମ୍‌ୟଙ୍ଗ୍।

# 'ଭାରତ ବିପକ୍ଷ ମ୍ୟାଚ୍ ଚ୍ୟାଲେଞ୍ଜିପୂର୍ଣ୍ଣ'

## ସ୍ପେନ୍, ୱେଲ୍ସ, କୋରିଆ ପହଞ୍ଚିଲା

**ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି)/ ରାଉରକେଲା ଅଫିସ, ୮।୧**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ହେବାକୁଥିବା ହକି ବିଶ୍ୱକପ୍ ପାଇଁ ଦଳଗୁଡ଼ିକର ଆସିବା ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ରବିବାର ସ୍ପେନ୍ ଓ ୱେଲ୍ସ ଦଳ ଭୁବନେଶ୍ୱର ବାଟଦେଇ ଚାର୍ଟର ବିମାନରେ ରାଉରକେଲାରେ ପହଞ୍ଚିଛନ୍ତି। ଦକ୍ଷିଣ କୋରିଆ ଦଳ ମଧ୍ୟ ଭୁବନେଶ୍ୱରରେ ପହଞ୍ଚିଛି। ଉଭୟ ସ୍ପେନ୍ ଓ ୱେଲ୍ସ ଭାରତ ସାମିଲ ଥିବା ଗ୍ରୁପ୍ 'ଡି'ରେ ରହିଛନ୍ତି। ଭାରତ ଏହାର ପ୍ରଥମ ମ୍ୟାଚ୍ ୧୩ ତାରିଖରେ ସ୍ପେନ୍ ବିପକ୍ଷରେ ଖେଳିବ। ସ୍ପେନ୍ ଅଧିନାୟକ ଆଲ୍‌ଭାରୋ ଇଗ୍‌ଲେସିଆସ ଏହାକୁ ବିଶ୍ୱର ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀ ଦଳ ପାଇଁ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍ ବୋଲି ବର୍ଣ୍ଣନା କରିଛନ୍ତି। ''ଆମେ ଭଲଭାବେ ପ୍ରସ୍ତୁତି କରି ଏଠାକୁ ଆସିଛୁ। ସାଥିହୋଇ ଆମେ ଦୀର୍ଘଦିନ ଅଭ୍ୟାସ କରିଥିବାରୁ ମ୍ୟାଚ୍ ଆରମ୍ଭର ମୁହୂର୍ତ୍ତକୁ ଅପେକ୍ଷା କରିଛୁ। ଭାରତ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବା ନିଶ୍ଚିତ ଚ୍ୟାଲେଞ୍ଜିପୂର୍ଣ୍ଣ'' ବୋଲି ଇଗ୍‌ଲେସିଆସ କହିଛନ୍ତି। ରାଉରକେଲାର ଷ୍ଟାଡିୟମ ବଡ଼। ସେଠାରେ ଷ୍ଟାଡିୟମଭରା ଦର୍ଶକ ଉପସ୍ଥିତ ଥିବେ। ଏଭଳି ସ୍ଥିତିରେ ସାଥୀ ଖେଳାଳି ଏବଂ ରେଫରିଙ୍କ କଥା ଶୁଣିବାରେ ଅସୁବିଧା ହୋଇପାରେ। ମାତ୍ର ଏଭଳି ପରିବେଶରେ ଖେଳିବାକୁ ଆଗ୍ରହର ସହ ଅପେକ୍ଷା କରିଛୁ ବୋଲି ସେ କହିଛନ୍ତି। ସ୍ପେନ୍ କୋଚ୍ ମ୍ୟାକ୍ସ କାଲଡାସ ମଧ୍ୟ ଦଳର ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ। ସ୍ପେନ୍ ଦଳ ନିକଟରେ ଭାରତ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଫ୍‌ଆଇଏଚ୍ ପ୍ରୋ–ଲିଗ୍ ମ୍ୟାଚ୍ ଭୁବନେଶ୍ୱରରେ ଖେଳିଥିଲା। ପ୍ରୋ–ଲିଗ୍‌ରେ ଖେଳିବା ଦ୍ୱାରା ଦଳର ପ୍ରଦର୍ଶନରେ ଉନ୍ନତି ଆସିଥିବା କାଲଡାସ ସ୍ୱୀକାର କରିଛନ୍ତି। ''ଭାରତକୁ ପୁନର୍ବାର ପ୍ରତ୍ୟାବର୍ତ୍ତନ କରିବା ଆମ ପାଇଁ ସମ୍ମାନ ସଦୃଶ। ଏବେ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଆମେ ପ୍ରସ୍ତୁତ ହେଉଛୁ। କୌଣସି ସ୍ଥାନରେ ଅଧିକ ମ୍ୟାଚ ଖେଳିଲେ ସହଜ ଅନୁଭବ ହୋଇଥାଏ। ଆମେ ଭାରତକୁ ଆସି ସେଭଳି ଅନୁଭବ କରୁଛୁ। କରୋନା ମହାମାରୀ ପାଇଁ ଖେଳାଳିମାନେ ବହୁ ଦର୍ଶକଙ୍କ ସମାଗମରେ ଖେଳିପାରି ନ ଥିଲେ। ତେଣୁ ରାଉରକେଲାରେ ମ୍ୟାଚ୍ ଚ୍ୟାଲେଞ୍ଜିପୂର୍ଣ୍ଣ ରହିବ'' ବୋଲି ସେ କହିଛନ୍ତି।




## ବିପର୍ଯ୍ୟୟ ସୃଷ୍ଟି ଲକ୍ଷ୍ୟରେ ୱେଲ୍ସ

ୱେଲ୍ସ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ନିମ୍ନରେ ଥିଲେ ହେଁ କୋଚ୍ ନ୍ୟୁକମ୍ବ ପ୍ରତିପକ୍ଷ ଦଳଗୁଡ଼ିକୁ ଚେତାବନୀ ଦେଇଛନ୍ତି। ଏପରି କି ଦଳ ବିପର୍ଯ୍ୟୟ ସୃଷ୍ଟି କରିବାକୁ ପ୍ରସ୍ତୁତ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ''ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୫ତମ ସ୍ଥାନରେ ଥିଲେ ମଧ୍ୟ କେହି ଆମକୁ ହେୟ ମନେ କରିବା ଉଚିତ ନୁହେଁ। ଆମେ ଭାରତ, ଇଂଲଣ୍ଡ ଓ ସ୍ପେନ୍ ଆଦି ୩ ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିବାକୁ ଯାଉଛୁ। ମାତ୍ର ମନେରଖିବାକୁ ହେବ ଯେ ଆମେ ଏଠାକୁ ବିପର୍ଯ୍ୟୟ ସୃଷ୍ଟି କରିବାକୁ ଆସିଛୁ। ଏଠାରେ ମ୍ୟାଚ୍ ଜିତିବା ଲକ୍ଷ୍ୟରେ ରହିଛୁ। କେହି ଆମକୁ ହେୟ ମନେକରୁଥିବେ ବୋଲି ଭାବିପାରୁନି'' ବୋଲି ନ୍ୟୁକମ୍ବ ପ୍ରକାଶ କରିଛନ୍ତି। ରାଉରକେଲା ପରିବେଶରେ ଖେଳିବାରେ ତାଙ୍କର କିଛି ଅସୁବିଧା ହେବନାହିଁ ବୋଲି ସେ ଅନୁଭବ କରୁଛନ୍ତି। ''ଏବେ ଏଠାରେ ଗରମ ପରିବେଶ ନାହିଁ। ଆମେ ମାଲେସିଆରେ ଖେଳିଛୁ। ସେଠାକାର ପରିବେଶ ଉଷ୍ମ। ଆମେ ଭାରତରେ ମଧ୍ୟ ଗ୍ରୀଷ୍ମଋତୁରେ ଖେଳିଛୁ। ତେଣୁ କିଛି ଅସୁବିଧା ହେବନାହିଁ। ଏବେ ୱେଲ୍ସ ପରି ଏଠାରେ ଥଣ୍ଡା ପରିବେଶ ରହିଛି। ତେଣୁ ଆମେ ଖେଳିବାକୁ ପ୍ରସ୍ତୁତ'' ବୋଲି ସେ କହିଛନ୍ତି। ରାଉରକେଲାରେ ୨୦,୦୦୦ ଦର୍ଶକଙ୍କ ସମ୍ମୁଖରେ ଖେଳିବା ନିଶ୍ଚିତ ଚ୍ୟାଲେଞ୍ଜିପୂର୍ଣ୍ଣ ରହିବ। ତେବେ ପ୍ରଦର୍ଶନ ଦ୍ୱାରା ସେମାନେ ଦର୍ଶକଙ୍କ ମନୋରଞ୍ଜନ କରିପାରିବେ ବୋଲି ୱେଲ୍ସ ଅଧିନାୟକ ରୁପେର୍ଟ ଶିପେର୍ଲି ପ୍ରକାଶ କରିଛନ୍ତି। ଭାରତ ବିପକ୍ଷରେ ୱେଲ୍ସ ଏହାର ଗ୍ରୁପ୍ ମ୍ୟାଚ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଖେଳିବ। ତେଣୁ ରାଉରକେଲାରେ ଅନ୍ୟ ଦଳ ବିପକ୍ଷରେ ଖେଳିବାବେଳେ ଆମ ଦଳକୁ କିଛି ଦର୍ଶକଙ୍କ ସମର୍ଥନ ମିଳିବ ବୋଲି ଶିପେର୍ଲି ଆଶା ପ୍ରକାଶ କରିଛନ୍ତି।

# ଅନୁଗୋଳକୁ ହରାଇ ମୁକ୍ତେଶ୍ୱର ସେମିରେ



ମୁଖ୍ୟ ଅତିଥି ତଥାଗତ ସତପଥୀ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

## ସୁବାସ ମେମୋରିଆଲ କ୍ରିକେଟ୍ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ,୮।୧**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବେଡ଼ାପଡ଼ା ଗ୍ରାମସ୍ଥିତ ମା' ଅନ୍ଧାରି କ୍ରିକେଟ୍ କ୍ଲବ ପକ୍ଷରୁ ୧୨ତମ ସୁବାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷା ରୀନା ବେହେରା, ସାମାଜିକ କର୍ମୀ ତପନ ପରିଡ଼ା, ପ୍ରଶାନ୍ତ କୁମାର ସର, ରସାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଅନୁଗୋଳର ମା' ବୁଢ଼ୀ କ୍ଲବକୁ ୨୯ ରନ୍‌ରେ ହରାଇ ଭୁବନେଶ୍ୱର ମୁକ୍ତେଶ୍ୱର କ୍ଲବ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ମୁକ୍ତେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୪୫ ରନ୍ ସଂଗ୍ରହ କରିଥିଲା। ପ୍ରତୀକ ଦାସ ୨୯ ବଲ୍‌ରେ ୩୧ ରନ୍ କରିଥିଲେ। ଜବାବରେ ଅନୁଗୋଳ ୧୨ ଓଭରରେ ୧୧୬ ରନ୍ କରି ପରାସ୍ତ ହୋଇଥିଲା। ଚିନ୍ମୟ ସାହୁ ୨୫ଟି ବଲ୍‌ରୁ ୫୯ ରନ୍ କରିଥିଲେ ମଧ୍ୟ ତାହା ଯଥେଷ୍ଟ ହୋଇ ନ ଥିଲା। ବିଜୟୀ ମୁକ୍ତେଶ୍ୱର ଦଳର ଶୁଭମଶ୍ରୀ ବେହେରା 'ଅଫ୍ ଦି ମ୍ୟାଚ' ବିବେଚିତ ହୋଇଥିଲେ। ଅମ୍ପାୟର ସୋମନାଥ ସେଠୀ, ସଞ୍ଜୟ ସାମଲ ମ୍ୟାଚ୍ ପରିଚାଳନା କରିଥିଲେ। ନିଶିକାନ୍ତ ବେହେରା, ପ୍ରିୟରଞ୍ଜନ ସାମଲ, ଶୁଭମ୍ ସାମଲ ସ୍କୋରର ରହିଥିବାବେଳେ ସନ୍ଦୀପ ପଣ୍ଡା, ମନୋଜ ଗଡନାୟକ, ସିଲୁ ସ୍ୱାଇଁ ଧାରାବିବରଣୀ ପ୍ରଦାନ କରିଥିଲେ। ସୋମବାର ୟୁନିୟନ୍ ସ୍ପୋର୍ଟିଂ କଟକ ଓ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ଲୋଏବ ଜିତିଲେ ୮ମ ଷ୍ଟେଜ୍

**ରିୟାଦ, ସାଉଦି ଆରବ, ୮।୧ (ଏପି)**

**ଡାକାର ରାଲି**

ଡାକାର ରାଲିରେ ରବିବାର ସ୍ପିଡ୍ ପାଇଁ କାର୍ଲୋସ ସେଞ୍ଜ୍ ଦଣ୍ଡିତ ହେବାରୁ ଗୋଟିଏ ସପ୍ତାହରେ ବାହାରିନ୍ ରେଡ୍ ଏକ୍ସଟ୍ରିମ୍ ଡ୍ରାଇଭର ସେବାଷ୍ଟିଆନ୍ ଲୋଏବ୍ ତାଙ୍କର ଦ୍ୱିତୀୟ ଷ୍ଟେଜ୍ ବିଜୟ ହାସଲ କରିଛନ୍ତି। ସାଉଦି ଆରବର ଅଲ୍ ଦୁୱାଦିମି ଇଷ୍ଟ ଓ ରାଜଧାନୀ ରିୟାଦ ମଧ୍ୟରେ ୩୪୬ କିଲୋମିଟର ବିଶିଷ୍ଟ ରାଲିର ଏହି ୮ମ ଷ୍ଟେଜ୍‌ରେ ନାସେର ଆଡିୟା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ୧ ଘଣ୍ଟାରୁ ଅଧିକ ସମୟ ବ୍ୟବଧାନରେ ଓଭରଅଲ୍ କଣ୍ଟ୍ରୋଲ ବଜାୟ ରଖିପାରିଛନ୍ତି। ସ୍ପିଡ୍ ପାଇଁ ଦଣ୍ଡିତ ହେବା ଦ୍ୱାରା ମୋଟର ବାଇକ୍ ବିଭାଗରେ ଅଗ୍ରଣୀ ରହିଥିବା ଆମେରିକାର ମାସନ କ୍ଲିନ୍ ତଳକୁ ଖସିଆସିଛନ୍ତି। ତାଙ୍କ ଦେଶର ସ୍କାଇଲର ହାଓଜ୍ ପୁଣିଥରେ ଅଗ୍ରଣୀ ହୋଇଛନ୍ତି। ମାତ୍ର ଗୋଟିଏ ମିନିଟ୍ ପଛରେ ରହି କେଭିନ୍ ବେନାଭାଇଡ୍ସଙ୍କ ସହ କ୍ଲିନ୍ ମିଳିତ ଦ୍ୱିତୀୟ ସ୍ଥାନରେ ରହିଥିଲେ।

# ଅନାହତଙ୍କୁ ବ୍ରିଟିଶ୍ ଓପନ୍ ସ୍କ୍ୱାଶ୍ ଟାଇଟଲ

**ବର୍ମିଂହାମ୍, ୮।୧(ପି.ଟି.):** ଭାରତର ଉଦୀୟମାନ ସ୍କ୍ୱାଶ୍ ଖେଳାଳି ଅନାହତ ସିଂ ରବିବାର ସମ୍ମାନଜନକ ବ୍ରିଟିଶ ଜୁନିୟର ଓପନ୍ ୧୫ ବର୍ଷରୁ କମ୍ ବାଳିକା ଟାଇଟଲ ହାସଲ କରିଛନ୍ତି। ୧୪ ବର୍ଷୀୟା ଅନାହତ ଗତବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ସର୍ବକନିଷ୍ଠ ଆଥ୍‌ଲେଟ ଥିଲେ। ଫାଇନାଲରେ ସେ ଇଜିପ୍ଟର ସେହେଲେ ହାଜେମ୍‌ଙ୍କୁ ୩–୧ରେ ପରାସ୍ତ କରିଥିଲେ। ବ୍ରିଟିଶ ଜୁନିୟର ଓପନ ସାଧାରଣତଃ ଜାନୁୟାରୀ ମାସରେ ଆୟୋଜିତ ହୋଇଥାଏ। କୋଭିଡ୍ ଯୋଗୁ ଦୁଇ ବର୍ଷ ବ୍ୟବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଅନାହତ କ୍ୱାର୍ଟର ଫାଇନାଲରେ ମାଲେସିଆର ହାର୍ଲିନ ଟାନ୍‌ଙ୍କୁ ୩–୦ରେ ଏବଂ ସେମିଫାଇନାଲରେ ଇଜିପ୍ଟର ମାଲାକ ସମୀରଙ୍କୁ ୩–୦ରେ ପରାସ୍ତ କରିଥିଲେ। ଏହା ଥିଲା ତାଙ୍କର ତୃତୀୟ ବ୍ରିଟିଶ ଜୁନିୟର ଓପନ୍ ଫାଇନାଲ। ୨୦୧୯ରେ ଅନାହତ ୧୧ ବର୍ଷରୁ କମ୍ ଟାଇଟଲ ଜିତିଥିଲେ ଏବଂ ୧୩ ବର୍ଷରୁ କମ୍ ବିଭାଗରେ ରନର୍ସଅପ୍ ହୋଇଥିଲେ। ବର୍ତ୍ତମାନ ଭାରତୀୟ ଖେଳାଳି ଫେବୃୟାରୀରେ ହେବାକୁଥିବା ଏସିଆନ ଜୁନିୟର ଟିମ୍ ଚାମ୍ପିୟନଶିପ୍ ଲାଗି ପ୍ରସ୍ତୁତ ହେଉଛନ୍ତି।






# ଦୁର୍ଘଟଣାରେ ରେସର କୁମାରଙ୍କ ମୃତ୍ୟୁ



କେ.ଇ. କୁମାର

## ନ୍ୟାଶନାଲ କାର୍ ରେସିଂ ଚାମ୍ପିୟନଶିପ୍

**ଚେନ୍ନାଇ,୮।୧(ପି.ଟି.)**

ସ୍ଥାନୀୟ ମାଡ୍ରାସ ଇଣ୍ଟରନ୍ୟାଶନାଲ ସର୍କିଟରେ ରବିବାର ଅନୁଷ୍ଠିତ ଏମ୍‌ଆର୍‌ଏଫ୍ ଏମ୍‌ଏମ୍‌ଏସ୍‌ସି ଏଫ୍‌ଏମ୍‌ଏସ୍‌ସିଆଇ ଇଣ୍ଡିଆନ ନ୍ୟାଶନାଲ କାର୍ ରେସିଂ ଚାମ୍ପିୟନଶିପ୍‌ର ଦ୍ୱିତୀୟ ରାଉଣ୍ଡରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ରେସ୍‌ର କେ.ଇ. କୁମାରଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ୫୭ବର୍ଷ ବୟସ ହୋଇଥିଲା। ସକାଳେ ସାଲୁନ୍ କାର୍ ରେସ୍ ବେଳେ କୁମାରଙ୍କ କାର୍ ଜଣେ ପ୍ରତିଯୋଗୀଙ୍କ କାର୍ ସହ ଧକ୍କା ହୋଇଥିଲା। କାର୍‌ଟି ଟ୍ରାକ୍ ବାହାରକୁ ଖସିଯାଇ ବାଡରେ ଧକ୍କା ଦେବାପରେ ଓଲଟିପଡ଼ିଥିଲା। ରେସ୍‌କୁ ତୁରନ୍ତ ବନ୍ଦ (ରେଡ୍ ଫ୍ଲାଗ୍) ରଖାଯାଇଥିଲା। କୁମାରଙ୍କୁ ପ୍ରଥମେ ଦୁର୍ଘଟଣାଗ୍ରସ୍ତ କାର୍‌ରୁ ବାହାର କରାଯାଇ ଟ୍ରାକ୍‌ର ମେଡିକାଲ ସେଣ୍ଟରରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତରମାନଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ କୁମାରଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇପାରି ନ ଥିଲେ। ମିଟ୍ ଚେୟାରମ୍ୟାନ ଭିକି ଚାଣ୍ଡୋକ୍ ଏହାକୁ ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି ବର୍ଣ୍ଣନା କରିଛନ୍ତି। କୁମାର ଜଣେ ଅଭିଜ୍ଞ ରେସର। ଜଣେ ପ୍ରତିଯୋଗୀ ଓ ବନ୍ଧୁ ହିସାବରେ ତାଙ୍କୁ ବହୁଦିନ ହେଲା ସେ ଜାଣନ୍ତି। ତାଙ୍କ ବିୟୋଗରେ ସମଗ୍ର ରେସିଂ ସମୁଦାୟ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରୁଛି। ଚାଣ୍ଡୋକ୍ କହିଛନ୍ତି, କ୍ରୀଡ଼ାର ଜାତୀୟ ପରିଚାଳନା ପରିଷଦ ଏଫ୍‌ଏମ୍‌ଏସ୍‌ସିଆଇ ଏବଂ ଆୟୋଜକଗଣ ଏମ୍‌ଏମ୍‌ଏସ୍‌ସି ତରଫରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ଅନ୍ୟପକ୍ଷରେ କୁମାରଙ୍କୁ ସମ୍ମାନ ଜଣାଇ ଏମ୍‌ଏମ୍‌ଏସ୍‌ସି ଦିନର ଅବଶିଷ୍ଟ କାର୍ଯ୍ୟସୂଚୀକୁ ବାତିଲ କରିଥିଲା।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ